ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୪/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 24/2023 Page 16 ₹ 7.00
୪୯ଶ ଭାଗ ୩୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 300 ମୂଲ୍ୟ₹୭/-

# ଆହୁରି ବିଗିଡ଼ିବ ସ୍କୁଲ ପଢ଼ା

## ୨୫ରୁ ଆନ୍ଦୋଳନକୁ ଓହ୍ଲାଇବେ ମାଧ୍ୟମିକ ଶିକ୍ଷକ

**୨ ସପ୍ତାହରୁ ଅଧିକ ସମୟ ଧରି ପ୍ରାଥମିକ ଶିକ୍ଷକ ମହାସଂଘର ଆନ୍ଦୋଳନ ଯୋଗୁ ସ୍କୁଲଗୁଡ଼ିକରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ତେବେ ମହାସଂଘରେ ଫାଟ ହୋଇ ୯ଟି ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିବା କହୁଥିବାବେଳେ ଆଉ ୬ ସଂଘ ବିକ୍ଷୋଭ ଜାରି ରଖିଛନ୍ତି। ଏଭଳିସ୍ଥଳେ ମାଧ୍ୟମିକ ସ୍କୁଲଗୁଡ଼ିକରେ ପାଠପଢ଼ା ବିଗିଡ଼ିବାକୁ ବସିଛି। କାରଣ ଆସନ୍ତା ୨୫ ତାରିଖ ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇବେ ୩୦ ହଜାରରୁ ଊର୍ଦ୍ଧ୍ୱ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ। ଏହାକୁ ନେଇ ଚିନ୍ତା ବଢ଼ିଛି।**

**ଭୁବନେଶ୍ୱର, ୨୩।୯**
**(ଅସମାପିକା ସାହୁ)**

ରାଜ୍ୟର ଶିକ୍ଷା କ୍ଷେତ୍ରରେ ଶିକ୍ଷକ ସଙ୍କଟ ଲାଗି ରହିଥିବାବେଳେ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ପିଲାଙ୍କ ପାଠପଢ଼ା ଗୁରୁତର ପ୍ରଭାବିତ ହୋଇଛି। ପ୍ରାଥମିକ ଶିକ୍ଷକମାନେ କାର୍ଯ୍ୟ ବନ୍ଦ କରି ବିଇଓଙ୍କ ଅଫିସ୍ ଆଗରେ ଧାରଣାରେ ବସିଥିବାରୁ ୧୬ଦିନ ହେବ ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲୁଛି। ଏପରି ସ୍ଥିତିରେ ମାଧ୍ୟମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଥିବାରୁ ସ୍ଥିତି ଆହୁରି ବିଗିଡ଼ିଯିବା ଆଶଙ୍କା ସୃଷ୍ଟି ହୋଇଛି। ୨୧ ଦଫା ଦାବି ନେଇ ରାଜ୍ୟର ପ୍ରାୟ ସାଢ଼େ ୩ ହଜାର ମାଧ୍ୟମିକ ସ୍କୁଲର ୩୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଆସନ୍ତା ୨୫ ତାରିଖରୁ ଅହୋରାତ୍ର ଆନ୍ଦୋଳନ କରିବେ ବୋଲି ଶନିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ସୂଚନା ଦେଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ବିଭିନ୍ନ ସମସ୍ୟା ନେଇ ହଜାର ହଜାର ଶିକ୍ଷକ, ଅଭିଭାବକ, ପୁରାତନ ଛାତ୍ର ଓ ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ଭୁବନେଶ୍ୱରଠାରେ ଏକ ମହାସମାବେଶ କରାଯିବ ଓ ଶିକ୍ଷକମାନେ ଅହୋରାତ୍ର ଧାରଣାରେ ବସିବେ। ଗତ ଅଗଷ୍ଟ ୧୬ ଶିକ୍ଷକ ଦାବି ଦିବସରେ ୩ ଦିନ ଧରି ଓ ସେପ୍ଟେମ୍ବର ୫ ପବିତ୍ର ଗୁରୁଦିବସରେ ଦୁଇଟି ପର୍ଯ୍ୟାୟରେ ଭୁବନେଶ୍ୱର ରାଜରାସ୍ତାରେ ଓଷ୍ଟାର ଆହ୍ୱାନରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଅହୋରାତ୍ର ଧାରଣାରେ ବସି ରହିଥିଲେ। ଶିକ୍ଷକଙ୍କ ସମସ୍ୟା ସମାଧାନ ପାଇଁ ସନ୍ଧ୍ୟାରେ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ ବସିଥିଲା। ବୈଠକ ଶେଷ ହେବା ପରେ ଅର୍ଥମନ୍ତ୍ରୀ ଗଣମାଧ୍ୟମ ସମ୍ମୁଖରେ କହିଥିଲେ, ଶିକ୍ଷକଙ୍କ ସମସ୍ତ ଦାବିର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଭିନ୍ନ ସଙ୍ଗଠନର ନେତୃବୃନ୍ଦଙ୍କୁ ଡାକି ନିଜ ନିଜର ବିଭାଗର ସଚିବ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ହେଲେ ଦୁଃଖ ଓ ପରିତାପର ବିଷୟ ଯେ, ଅଦ୍ୟାବଧି ଏଯାଏ କୌଣସି ଆଲୋଚନା କରାଗଲା ନାହିଁ। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଏହାକୁ ପାଳନ କରୁନାହାନ୍ତି। ନୂତନ ଅନୁଦାନପ୍ରାପ୍ତ ଓ ଅନ୍ୟାନ୍ୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ନ କରିବା, ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ନ ଦେଇ ଶିକ୍ଷକଙ୍କୁ ବାରମ୍ବାର ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ କରୁଛନ୍ତି। ଅବସର ପରେ ପେନ୍‌ସନ ପାଉ ନ ଥିବା ଶିକ୍ଷକଙ୍କୁ ପେନ୍‌ସନ ପ୍ରଦାନ, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନୋସନାଲ ଇନ୍‌କ୍ରିମେଣ୍ଟ ଦେଇ ବରିଷ୍ଠତା ପ୍ରଦାନ, ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂରୀକରଣ ଭଳି ୨୧ ଦଫା ଦାବି ନେଇ ଆମେ ଆନ୍ଦୋଳନରେ ରହିବୁ। ତେବେ ଆନ୍ଦୋଳନ ସମୟରେ ସ୍କୁଲ ଖୋଲା ରହିବ। ଜଣେ ଲେଖାଏ ଶିକ୍ଷକ ସ୍କୁଲରେ ରହିବେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଓଷ୍ଟା ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

# ପ୍ରଭାତ, ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀଙ୍କ ନାଁରେ ଚାର୍ଜଫ୍ରେମ୍

**ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲା**

**■ ନଭେମ୍ବରରୁ ଶୁଣାଣି ଚାଲିବ**

**ଭୁବନେଶ୍ୱର,୨୩।୯**
**(ସୂର୍ଯ୍ୟକାନ୍ତ ବେହେରା)**

ବହୁଚର୍ଚ୍ଚିତ ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାର ୯ବର୍ଷ ପରେ ଭୁବନେଶ୍ୱର ସିବିଆଇ-୧ କୋର୍ଟରେ ଚାର୍ଜଫ୍ରେମ ହୋଇଛି। କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଏବଂ



ପ୍ରଭାତ ବିଶ୍ୱାଳ



ଲକ୍ଷ୍ମୀ ବିଳାସିନୀ

ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀଙ୍କ ନାଁରେ ବେଆଇନ ଅର୍ଥ କାରବାର ଅଭିଯୋଗରେ ଚାର୍ଜଫ୍ରେମ ହୋଇଛି। ଉଭୟଙ୍କ ନାଁରେ ଆଇପିସି ଦଫା ୪୨୦, ୧୨୦ (ବି), ୪୦୯, ୪୬୭, ୪୬୮ ଏବଂ ୪୭୧ରେ ମାମଲା ଶୁଣାଣି ହେବ। ସିଶୋର ଚିଟଫଣ୍ଡ ଗ୍ରୁପ୍ ସହ ଏକ ଜମି କିଣାବିକାକୁ ନେଇ ପୂର୍ବତନ ବିଧାୟକ ବିଶ୍ୱାଳ ☞ପୃଷ୍ଠା-୪




# ପୋଲିସ ବସ୍ ପୋଡ଼ିଲେ ଗ୍ରାମବାସୀ

**କନ୍ୟାଶ୍ରମରେ ନାବାଳିକାଙ୍କୁ ବଳାତ୍କାର**

**ରାୟଗଡ଼ା/ଟିକିରି,୨୩।୯**
**(ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ଗ୍ରାମରେ ଥିବା ଏକ କନ୍ୟାଶ୍ରମରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଶନିବାର ପୋଲିସ ଅଭିଯୁକ୍ତ ପିଅନ ଶିବପ୍ରସାଦ ମିଶ୍ରଙ୍କୁ ଗିରଫ କରିଛି। ପରେ ଅଭିଯୁକ୍ତ ପିଅନଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଖବର ମିଳିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି ଆମକୁ ହସ୍ତାନ୍ତର କରୁ ଏବଂ ଆମେ ତାଙ୍କୁ ଦଣ୍ଡଦେବୁ ବୋଲି ଗ୍ରାମବାସୀ ଓ ପୀଡ଼ିତାଙ୍କ ପରିବାର ଜିଦ୍ ଧରିଛନ୍ତି। ଉତ୍ତ୍ୟକ୍ତ ଲୋକେ ପୋଲିସର ୨ଟି ବୋଲେରୋ ଓ ଗୋଟିଏ ବସ୍‌କୁ ଭଙ୍ଗାରୁଜା କରିବା ସହ ଅନ୍ୟ ଏକ ବସ୍‌ରେ ନିଆଁ ଲଗାଇ ପୋଡିଦେଇଛନ୍ତି। ଏହି ଘଟଣାରେ ପୋଲିସ ବହୁ ଗ୍ରାମବାସୀଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ତଦନ୍ତ ସରିବା ପରେ ହିଂସାରେ ଜଡ଼ିତ ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି। ନାବାଳିକା ବଳାତ୍କାର ଘଟଣାରେ ଏସ୍‌ଡିପିଓ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଘଟିଥିବା ଏବଂ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଏନ୍‌କାଉଣ୍ଟର କାହିଁକି

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବିଧାନର ପୁନର୍ଲିଖନ ନ କରି ମଧ୍ୟ ଗଣତନ୍ତ୍ରକୁ ହତ୍ୟା କରିସାରିଲେଣି। ନୂଆ ସଂସଦ ଭବନକୁ 'ମୋଦି କମ୍ପ୍ଲେକ୍ସ' କୁହାଯିବା ଉଚିତ।

—ଜୟରାମ ରମେଶ, କଂଗ୍ରେସ ନେତା



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୪ ସେପ୍ଟେମ୍ବର, ୨୦୨୩



କାନାଡା ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁଙ୍କର ପଞ୍ଜାବର ଅମୃତସର ଏବଂ ଚଣ୍ଡିଗଡ଼ରେ ଥିବା ଘର ଓ ଜମିକୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଜବତ କରିଛି। ପନ୍ନୁ ନିଜକୁ ବେଆଇନ ସଂଗଠନ ଶିଖ୍ସ ଫର୍ ଜଷ୍ଟିସ୍ (ଏସ୍ଏଫ୍ଜେ)ର ଜେନେରାଲ କାଉନ୍ସେଲ ଭାବେ ପରିଚିତ କରାଇଥିଲେ। ମୋହାଲିର ସ୍ୱତନ୍ତ୍ର ଏନ୍ଆଇଏ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।



# ନିଜ୍ଜର ହତ୍ୟା ପ୍ରମାଣ ଭାରତକୁ ଦିଆଯାଇଛି: ଟ୍ରୁଡୋ

**ଟରଣ୍ଟୋ,୨୩।୯ (ପି.ଟି.)**

ବିଚ୍ଛିନ୍ନତାବାଦୀ ନେତା ହରଦୀପ ସିଂ ନିଜ୍ଜର ହତ୍ୟା ସହ ଭାରତୀୟ ଏଜେଣ୍ଟ ସମ୍ପୃକ୍ତ ଥିବା ନେଇ ନିର୍ଭରଯୋଗ୍ୟ ଅଭିଯୋଗର ପ୍ରମାଣ ବହୁ ସପ୍ତାହ ପୂର୍ବରୁ ଭାରତକୁ ଦିଆଯାଇଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି। ଏହି ସାଂଘାତିକ ଘଟଣାର ସତ୍ୟତା ବାହାର କରିବାରେ ନୂଆଦିଲ୍ଲୀ ଓଟାୱା ସହ ଗଠନମୂଳକ ଭାବେ କାର୍ଯ୍ୟ କରିବା ଆମେ ଚାହୁଁ ବୋଲି ଟ୍ରୁଡୋ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କିଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଖଲିସ୍ତାନୀ ଆତଙ୍କବାଦୀ ନିଜ୍ଜରଙ୍କୁ ଗତ ଜୁନ୍ ୧୮ରେ ବ୍ରିଟିଶ କଲମ୍ବିଆରେ ହତ୍ୟା କରାଯାଇଥିଲା। ଏଥିରେ ଭାରତର ଗୋଇନ୍ଦା ସଂସ୍ଥାର ସମ୍ଭାବ୍ୟ ସମ୍ପୃକ୍ତି ଥିବାନେଇ ଟ୍ରୁଡୋ ବିସ୍ଫୋରକ

## ଫାଇଭ୍ ଆଇଜ୍ ଗୋଇନ୍ଦା ତଥ୍ୟ ଦେଇଥିଲା: ଆମେରିକା



ଜଷ୍ଟିନ୍ ଟ୍ରୁଡୋ

ଅଭିଯୋଗ ଆଣିବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିଛି। କାନାଡ଼ା ଭାରତର କୂଟନୈତିକ ଅଧିକାରୀଙ୍କୁ ବହିଷ୍କାର କରିବା ପରେ ଯେସାକୁ ତେସା ନୀତିରେ ନୂଆଦିଲ୍ଲୀ ମଧ୍ୟ ସେମାନଙ୍କ କୂଟନୈତିକ ଅଧିକାରୀଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଷ୍ଟ୍ରେଲିଆ, କାନାଡା, ନ୍ୟୁଜିଲାଣ୍ଡ, ବ୍ରିଟେନ୍ ଏବଂ ଆମେରିକାକୁ ନେଇ ଗଠିତ ଗୋଇନ୍ଦା ସଂସ୍ଥା ଫାଇଭ ଆଇଜ୍ ଏହାର ସହଯୋଗୀ ଦେଶଗୁଡ଼ିକୁ ନିଜ୍ଜର ହତ୍ୟା ସମ୍ପର୍କରେ ଗୋଇନ୍ଦା ରିପୋର୍ଟ ଦେଇଥିଲା ବୋଲି ଆମେରିକା କୂଟନୀତିଜ୍ଞ ପ୍ରଥମ ଥର ପାଇଁ ସ୍ୱୀକାର କରିଛନ୍ତି। ଗୋଇନ୍ଦା ରିପୋର୍ଟ ପାଇବା ପରେ ହତ୍ୟାକାଣ୍ଡରେ ଭାରତୀୟ ଗୋଇନ୍ଦା ସଂସ୍ଥା ସମ୍ପୃକ୍ତ ଥିବା ଟ୍ରୁଡୋ ଅଭିଯୋଗ ଆଣିଥିଲେ ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ହତ୍ୟାକାଣ୍ଡରେ ଭାରତର ସମ୍ପୃକ୍ତି ଅଭିଯୋଗକୁ ନେଇ ଆମେରିକା ଗଭୀର ଚିନ୍ତା ପ୍ରକଟ କରିଥିବା ଏହାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ତଦନ୍ତରେ ନୂଆଦିଲ୍ଲୀ ଓଟାୱା ସହ ଏକାଠି କାମ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ବିକାଶ ସ୍ୱରୂପ କାନାଡା ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱହୀନ ଅଭିଯୋଗକୁ ନିନ୍ଦା କରିଛନ୍ତି। ବିବାଦ ହ୍ରାସ କରିବା ସହ ସତ୍ୟ ପଦାକୁ ଆଣିବାରେ ଓଟାୱା କାର୍ଯ୍ୟ କରୁ ବୋଲି ସେ କହିଛନ୍ତି। ଦୋଷ ପ୍ରମାଣ ନ ହେବା ପର୍ଯ୍ୟନ୍ତ ଜଣେ ନିର୍ଦ୍ଦୋଷ। ଆଇନକୁ ତା' ବାଟରେ ଯିବାକୁ ଦିଆଯାଉ ବୋଲି ସ୍ୱରୂପ କାନାଡା ସରକାରଙ୍କୁ ଚେତାଇ ଦେଇଛନ୍ତି। ସ୍ୱରୂପ ୨୦୧୭ରୁ ୨୦୧୯ କାନାଡାରେ ଭାରତର ଉଚ୍ଚାୟୁକ୍ତ ଭାବେ କାର୍ଯ୍ୟ କରିଥିଲେ।

## ଆତଙ୍କବାଦୀ ତାଲିମ ଶିବିର ଚଳାଇଥିଲେ ନିଜ୍ଜର

**ନୂଆଦିଲ୍ଲୀ,୨୩।୯ (ପି.ଟି.)**



ହରଦୀପ ସିଂ ନିଜ୍ଜର

ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ହରଦୀପ ସିଂ ନିଜ୍ଜରଙ୍କ ହତ୍ୟାକୁ ନେଇ ଭାରତ ଓ କାନାଡା ମଧ୍ୟରେ ବିବାଦ ତୀବ୍ର ହୋଇଛି। ତେବେ ନିଜ୍ଜର ଧର୍ମୀୟ କିମ୍ବା ସାମାଜିକ ବ୍ୟକ୍ତିତ୍ୱ ନୁହନ୍ତି, ସେ ଆତଙ୍କବାଦୀମାନଙ୍କ ପାଇଁ ତାଲିମ ଶିବିର ଚଳାଇବା ସହ ଆତଙ୍କବାଦ କାର୍ଯ୍ୟ ପାଇଁ ପାଣ୍ଠି ଯୋଗାଉଥିଲେ ବୋଲି ଏକ ସୂତ୍ରରୁ କୁହାଯାଇଛି। ବେଆଇନ ଖଲିସ୍ତାନୀ କମାଣ୍ଡୋ ଫୋର୍ସର ଗୁରଦୀପ ସିଂ ଓରଫ ଦୀପା ହେରାନ୍ୱାଲାଙ୍କ ଘନିଷ୍ଠ ସହଯୋଗୀ ଥିଲେ ନିଜ୍ଜର। ନିଶା ଚୋରା କାରବାର ଏବଂ ବଟି ଆଦାୟ ଆଦି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ନିଜ୍ଜର ଗିରଫ ଭୟରେ ୧୯୯୬ରେ କାନାଡ଼ା ପଳାଇଥିଲେ। କାନାଡାରେ ସେ ଆତଙ୍କବାଦୀ କାର୍ଯ୍ୟ ପାଇଁ ପାଣ୍ଠି ଯୋଗାଡ଼ କରୁଥିଲେ ଓ ଭାରତରେ ଆକ୍ରମଣ ପାଇଁ ବ୍ରିଟିଶ କଲମ୍ବିଆରେ ଏକ ଆତଙ୍କବାଦ ତାଲିମ ଶିବିର ଚଳାଇଥିଲେ। ସେ ଆତଙ୍କବାଦୀ ସଂଗଠନ ଖଲିସ୍ତାନ ଟାଇଗର ଫୋର୍ସର ଅପରେଶନ ମୁଖ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ୨୦୧୨ରେ ସେ ପାକିସ୍ତାନରେ ବାବର ଖାଲ୍ସା ଇଣ୍ଟରନ୍ୟାଶନାଲ୍‌ର ମୁଖ୍ୟ ଜଗତରସିଂ ତାରାଙ୍କୁ ଭେଟିଥିଲେ। ତାରା ତାଙ୍କୁ ଅସ୍ତ୍ର ଯୋଗାଇବା ସହ ଆଇଇଡି ପ୍ରସ୍ତୁତିର ତାଲିମ ଦେଇଥିଲେ। ତାରାଙ୍କ ନିର୍ଦ୍ଦେଶରେ ୨୦୧୪ରେ ନିଜ୍ଜର ହରିୟାଣାର ସିର୍ସାସ୍ଥିତ ଡେରା ସଚା ସୌଦା ମୁଖ୍ୟାଳୟ ଉପରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା କରିଥିଲେ। ତେବେ ଭିଜା ନ ମିଳିବାରୁ ଯୋଜନା ସଫଳ ହୋଇ ନ ଥିଲା। ଏନ୍ଆଇଏ ତାଙ୍କ ବିରୋଧରେ ଅନେକ ମାମଲା ରୁଜୁ କରିବା ସହ ଇଣ୍ଟରପୋଲ୍ ରେଡ୍ କର୍ନର ନୋଟିସ୍ ଜାରି କରିଥିଲା। ନିଜ୍ଜର କାନାଡ଼ାରେ ଭାରତ ବିରୋଧୀ ବିକ୍ଷୋଭ ଚଳାଇବା ସହ ଭାରତୀୟ କୂଟନୀତିଜ୍ଞମାନଙ୍କୁ ଧମକ ଦେଇଥିଲେ।

### ସଂକ୍ଷେପରେ

## ମଣିପୁରକୁ ଫେରିଲା ମୋବାଇଲ୍ ଇଣ୍ଟରନେଟ୍ ସେବା

**ଗୁଆହାଟୀ,୨୩।୯ (ପି.ଟି.)**

ଦୀର୍ଘ ୧୪୦ ଦିନ ପରେ ହିଂସାପ୍ରଭାବିତ ମଣିପୁରକୁ ଶନିବାର ମୋବାଇଲ ଇଣ୍ଟରନେଟ୍ ସେବା ଫେରିଛି। ମେ ୩ରେ ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ମେଇତି ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଦେଖାଦେବା ପରେ ଇଣ୍ଟରନେଟ ସେବାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ହିଂସା ସମ୍ପର୍କିତ ଗୁଜବ ପ୍ରଚାର, ଅନ୍ୟମାନଙ୍କୁ ଉସୁକାଇବା ଆଦି ରୋକିବା ନିମନ୍ତେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପ୍ରଶାସନକୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଥିଲା। ସ୍ଥିତିରେ ସାମାନ୍ୟ ସୁଧାର ଆସିବା ପରେ ଜୁଲାଇ ୨୫ରେ ବ୍ରଡ୍‌ବ୍ୟାଣ୍ଡ ଇଣ୍ଟରନେଟ୍ ସେବା ଉପରେ କଟକଣା ପ୍ରତ୍ୟାହାର କରିନିଆଯାଇଥିଲା। ଶନିବାରଠାରୁ ମୋବାଇଲ ଇଣ୍ଟରନେଟ୍ ସେବା କାର୍ଯ୍ୟକ୍ଷମ ହେଲା ବୋଲି ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଘୋଷଣା କରିଛନ୍ତି।

## ମଣିପୁରରୁ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ,୨୩।୯ (ପି.ଟି.)**

ହିଂସାପ୍ରବଣ ମଣିପୁରରୁ ଜଣେ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଗିରଫ କରିଛି। ସେ ମ୍ୟାନ୍ମାରର ବିଦ୍ରୋହୀ ଗୋଷ୍ଠୀ ସହ ସମ୍ପୃକ୍ତ ଏବଂ ମଣିପୁର ହିଂସାର ଫାଇଦା ଉଠାଇ ସେ ଭାରତ ବିରୋଧରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରୁଥିଲେ ବୋଲି ଏନ୍ଆଇଏର ଜଣେ ଅଧିକାରୀ କହିଛନ୍ତି। ଗିରଫ ମୈରାଙ୍ଗଥେମ୍ ଆନନ୍ଦ ସିଂଙ୍କୁ ଜେରା ପାଇଁ ନୂଆଦିଲ୍ଲୀ ଅଣାଯାଇଛି। ପୋଲିସ ଅସ୍ତ୍ରାଗାରରୁ ଅସ୍ତ୍ରଶସ୍ତ୍ର ଲୁଟ୍ କରିବା ପ୍ରକ୍ରିୟାରେ ଗିରଫ ୫ ଜଣଙ୍କ ମଧ୍ୟରେ ମୈରାଙ୍ଗଥେମ୍ ଅନ୍ୟତମ।

## ଡିୟୁ ନିର୍ବାଚନ: ୩ ଆସନରେ ଏବିଭିପି ବିଜୟୀ



ଏବିଭିପି ସଭାପତି ପ୍ରାର୍ଥୀ ତୁଷାର ଦେଢ଼ା, ସମ୍ପାଦକ ପ୍ରାର୍ଥୀ ଅପରାଜିତା ଏବଂ ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ସଚିନ ବୈସଲା ବିଜୟୀ ହେବା ପରେ ଖୁସି ମନାଉଛନ୍ତି।

**ନୂଆଦିଲ୍ଲୀ,୨୩।୯**

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ (ଡିୟୁଏସ୍ୟୁ) ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ୩ ଆସନରେ ବିଜୟୀ ହୋଇଛି। ସଭାପତି ପଦରେ ଏବିଭିପିର ତୁଷାର ଦେଢ଼ା ବିଜୟୀ ହୋଇଛନ୍ତି। ଏହି ପଦବୀ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ ଅଫ୍ ଇଣ୍ଡିଆ(ଏନ୍ଏସ୍ୟୁଆଇ) ପ୍ରାର୍ଥୀ ହିତେଶ ଗୁଲିଆ ହାରିଯାଇଛନ୍ତି। ସେହିପରି ସମ୍ପାଦକ ଭାବେ ଏବିଭିପିର ଅପରାଜିତା ବିଜୟୀ ହୋଇଥିବାବେଳେ ସଚିନ ବୈସଲା ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଉପସଭାପତି ପଦରେ ଏନ୍ଏସ୍ୟୁଆଇ ପ୍ରାର୍ଥୀ ଅଭି ଡାହିୟା ବିଜୟୀ ହୋଇଛନ୍ତି। ଶୁକ୍ରବାର ଛାତ୍ର ସଂସଦ ନିର୍ବାଚନ ହୋଇଥିବାବେଳେ ଶନିବାର ସନ୍ଧ୍ୟାରେ ଭୋଟ ଗଣତି ହୋଇଥିଲା। ୪ ପଦବୀ ଲାଗି ନିର୍ବାଚନରେ ୨୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ।

## ସୋମାଲିଆରେ ବିସ୍ଫୋରଣ: ୧୮ ମୃତ

**ମୋଗାଡିଶୁ,୨୩।୯**

ସୋମାଲିଆର ବେଲେଡ୍ୱେନ୍ ସହରରେ ଶନିବାର ବିସ୍ଫୋରଣ ଘଟି ୧୮ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୪୦ ଜଣ ଆହତ ହୋଇଛନ୍ତି। ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ିକୁ ସୁରକ୍ଷା ଚେକ୍‌ପୋଷ୍ଟରେ ବିସ୍ଫୋରଣରେ ଉଡ଼ାଇ ଦେଇଥିଲା ବୋଲି ହିର୍ଶାବେଲେ ରାଜ୍ୟର ଆଭ୍ୟନ୍ତରୀଣ ମନ୍ତ୍ରୀ ସୂଚନା ଦେଇଛନ୍ତି। ଗୁରୁତର ଆହତ ୨୦ ଜଣଙ୍କୁ ଚିକିତ୍ସା ପାଇଁ ବିମାନ ଯୋଗେ ମୋଗାଡିଶୁ ନିଆଯାଇଛି।

## ଏକସଙ୍ଗେ ନିର୍ବାଚନ କମିଟିର ପ୍ରଥମ ବୈଠକ

**ନୂଆଦିଲ୍ଲୀ,୨୩।୯ (ପି.ଟି.)**

### ରାଜନୈତିକ ଦଳଗୁଡ଼ିକର ମତାମତ ନେବେ

ଦେଶରେ ଏକସଙ୍ଗେ ସମସ୍ତ ନିର୍ବାଚନ କରାଇବା ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜନୈତିକ ଦଳଗୁଡ଼ିକୁ ଆମନ୍ତ୍ରଣ କରି ଏକସଙ୍ଗେ ନିର୍ବାଚନ ନେଇ ନ୍ୟାୟିକ ଆୟୋଗ ସେମାନଙ୍କ ମତାମତ ସଂଗ୍ରହ କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ରାଜ୍ୟ ସଭାର ପୂର୍ବତନ ପୂର୍ବତନ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ, ପୂର୍ବତନ ଅର୍ଥ କମିଶନ ଅଧ୍ୟକ୍ଷ ଏନ୍.କେ. ସିଂ, ଲୋକ ସଭାର ପୂର୍ବତନ ମହାସଚିବ ସୁଭାଷ ସି. କଶ୍ୟପ ଏବଂ ପୂର୍ବତନ ମୁଖ୍ୟ ଭିଜିଲାନ୍ସ କମିଶନର ସଞ୍ଜୟ କୋଠାରି ବୈଠକରେ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଭର୍ଚ୍ଚୁଆଲି ବୈଠକରେ ସାମିଲ ହୋଇଥିଲେ। ତେବେ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ବୈଠକକୁ ଆସି ନ ଥିଲେ। ସ୍ୱୀକୃତିପ୍ରାପ୍ତ ଜାତୀୟ ଦଳ, ବିଭିନ୍ନ ରାଜ୍ୟରେ ସରକାରରେ ଥିବା ଦଳ, ପାର୍ଲାମେଣ୍ଟକୁ ସଦସ୍ୟ ପଠାଇଥିବା ଦଳ ଏବଂ ଅନ୍ୟ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଦଳଗୁଡ଼ିକୁ ଆମନ୍ତ୍ରଣ କରାଯାଇ ଏକକାଳୀନ ନିର୍ବାଚନ ନେଇ ସେମାନଙ୍କ ପ୍ରସ୍ତାବ ଓ ମତାମତ ଲୋଡ଼ାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ଏକ ବିବୃତିରେ କୁହାଯାଇଛି। ଏଥିସହିତ ନ୍ୟାୟିକ ଆୟୋଗରୁ ମଧ୍ୟ ପ୍ରସ୍ତାବ ଓ ମତାମତ ନିଆଯିବ ବୋଲି ଆଇନ ମନ୍ତ୍ରଣାଳୟ କହିଛି।

## ପ୍ରବଳ ବର୍ଷାରେ ନାଗପୁର ଜଳାର୍ଣ୍ଣବ

**ନାଗପୁର,୨୩।୯**

ମୁଷଳଧାରାରେ ବର୍ଷା ଯୋଗୁ ମହାରାଷ୍ଟ୍ରର ନାଗପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସହର ମଧ୍ୟରେ ୩ ଫୁଟରୁ ଅଧିକ ପାଣି ଭରି ରହିଛି। ଶୁକ୍ରବାର ରାତିରୁ ଆରମ୍ଭ ହୋଇଥିବା ମୁଷଳଧାରା ବର୍ଷା ନାଗପୁରବାସୀଙ୍କ ନିଦ ହଜାଇ ଦେଇଛି। ବର୍ଷା ଯୋଗୁ ରାସ୍ତା ଉପରେ ପାଣି ବହିବା ସହ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସେହିପରି ନାଗ ଓ ପିଲି ନଦୀ ସଂଲଗ୍ନ ଅଞ୍ଚଳରେ ଥିବା ଘରଗୁଡ଼ିକରେ ପାଣି ପଶିଯାଇଛି। ନାଗପୁର ମ୍ୟୁନିସିପାଲିଟିର ଅଗ୍ନିଶମ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ କର୍ମଚାରୀଙ୍କ ସହ ଏସ୍‌ଡିଆର୍‌ଏଫ୍ ଯବାନମାନେ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପାଣିପାଗ ବିଭାଗର



ନାଗପୁର ସହରର ଏକ ରାସ୍ତାରେ ଆଣ୍ଠୁଏ ପାଣିରେ ଲୋକେ ଯାତାୟାତ କରୁଛନ୍ତି।

ସୂଚନାନୁସାରେ ନାଗପୁର ବିମାନବନ୍ଦରରେ ଶନିବାର ସକାଳ ୫.୩୦ ସୁଦ୍ଧା ୧୦୬.୭ ମିଲିମିଟର ବର୍ଷା ହୋଇଛି। ସକାଳୁ ବର୍ଷା ଲାଗି ରହିଥିବାରୁ ଟ୍ରାଫିକ୍ ସେବା ପ୍ରଭାବିତ ହୋଇଥିଲା। ସେହିପରି ବର୍ଷା ଯୋଗୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଟ୍ରେନ୍, ବସ୍ ଓ ବିମାନ ସେବା ପ୍ରଭାବିତ ହୋଇଛି। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭିସ୍ ବନ୍ୟା ପ୍ରଭାବିତ ପରିବାରକୁ ୧୦ ହଜାର ଲେଖାଏ ଓ ରାସ୍ତାକଡ଼ ଦୋକାନୀଙ୍କୁ ସର୍ବାଧିକ ୫ ଲକ୍ଷ ଲେଖାଏ କ୍ଷତିପୂରଣ ଦେବାକୁ ଘୋଷଣା କରିଛନ୍ତି।

## ହମ୍‌ସଫର ଏକ୍ସପ୍ରେସ୍‌ରେ ନିଆଁ




**ଅହମଦାବାଦ,୨୩।୯**

ଗୁଜରାଟର ଭାଲସାଦ ଷ୍ଟେଶନ ନିକଟରେ ତିରୁଚିରାପଲ୍ଲୀ–ଶ୍ରୀଗଙ୍ଗାନଗର ହମ୍‌ସଫର ଏକ୍ସପ୍ରେସ୍ ଟ୍ରେନ୍‌ରେ ନିଆଁ ଲାଗିଯାଇଥିଲା। ଶନିବାର ଅପରାହ୍ନରେ ଟ୍ରେନ୍‌ଟି ଭାଲସାଦ ଷ୍ଟେଶନ ଛାଡ଼ିବା ପରେ ଜେନେରେଟର କୋଚ୍‌ରୁ ନିଆଁ ବାହାରି ପାଖ ବଗିରେ ଲାଗିଯାଇଥିଲା। ଟ୍ରେନ୍‌କୁ ଅଟକାଯିବା ପରେ ସମସ୍ତ ଯାତ୍ରୀ ବାହାରିଯାଇଥିଲେ। କେହି ଆହତ ହୋଇନାହାନ୍ତି।

## ସ୍ତ୍ରୀଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ଅପରାଧ ନୁହେଁ

**ଭୋପାଳ,୨୩।୯**

### ଏମ୍‌ପି ହାଇକୋର୍ଟଙ୍କ ରାୟ

ସ୍ତ୍ରୀଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ପାଇଁ ସ୍ୱାମୀଙ୍କ ବିରୋଧରେ ଆଇପିସିର ଦଫା ୩୭୭ରେ ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ମଧ୍ୟପ୍ରଦେଶ ହାଇକୋର୍ଟ କହିଛନ୍ତି। କାରଣ ସ୍ୱାମୀ–ସ୍ତ୍ରୀ ପାରମ୍ପରିକ ଯୌନ ସମ୍ପର୍କର ସୀମା ବାହାରକୁ ଯିବାରେ କୌଣସି ପ୍ରତିବନ୍ଧକ ନ ଥିବା କହିବା ସହ କଂଗ୍ରେସ ବିଧାୟକ ଉମଙ୍ଗ ସିଂଘାରଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଦାଏର କରିଥିବା ମାମଲାକୁ ଖାରଜ କରିଦେଇଛନ୍ତି। ବିଧାୟକଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଅପ୍ରାକୃତ ଯୌନ ସମ୍ପର୍କ ଅଭିଯୋଗ ଆଣିଥିଲେ। ଆଇନ ଅନୁଯାୟୀ ବିବାହିତ ଦମ୍ପତିଙ୍କ ମଧ୍ୟରେ ଯୌନ ସମ୍ପର୍କ ପାଇଁ ସହମତିର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମଧ୍ୟପ୍ରଦେଶର ଧର୍ ଜିଲା ନାଓଗାଁ ପୋଲିସ ଆଇପିସିର ଧାରା ଅନୁଯାୟୀ ୨୦୨୨ ନଭେମ୍ବରରେ ସିଂଘାରଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ତାଙ୍କ ବିରୋଧରେ ସ୍ତ୍ରୀ ବଳାତ୍କାର, ଅପ୍ରାକୃତ ଯୌନ ସମ୍ପର୍କ, ଅଶ୍ଳୀଳ ଶବ୍ଦରେ ଗାଳିଦେବା, ଆଘାତ ଦେବା, ନିଷ୍ଠୁରତା ଆଦି ଅଭିଯୋଗ ଆଣିଥିଲେ। ବିଧାୟକ ଆଗୁଆ ଜାମିନ ପାଇଁ ଇନ୍ଦୋରର ଏମ୍‌ପି/ବିଧାୟକ କୋର୍ଟରେ ଆବେଦନ କରିଥିଲେ ହେଁ ତାହା ଖାରଜ ହୋଇଯାଇଥିଲା। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ମାର୍ଚ୍ଚରେ ହାଇକୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଏବେ ଏତଲା ଖାରଜ କରିଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଏବଂ ଅଭିଯୁକ୍ତ ସ୍ୱାମୀ–ସ୍ତ୍ରୀ ବୋଲି ମହିଳା ଜଣକ ସ୍ୱୀକାର କରିଥିବା ବିଚାରପତି ସଞ୍ଜୟ ଦ୍ୱିବେଦୀ କହିଛନ୍ତି। ଯୌନ ସନ୍ତୁଷ୍ଟୀ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କର ବନ୍ଧନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ମୋ ମତରେ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ଯୌନ ସମ୍ପର୍କରେ କୌଣସି ପ୍ରତିବନ୍ଧକ ରହିବା ଉଚିତ ନୁହେଁ ବୋଲି ବିଚାରପତି କହିଥିଲେ। ଧାରା ୩୭୫ର ସଂଶୋଧିତ ସଂଜ୍ଞା ଅନୁଯାୟୀ ଦମ୍ପତିଙ୍କ ମଧ୍ୟରେ ୩୭୭ ଦଫାରେ ଅପରାଧର ସ୍ଥାନ ନାହିଁ ଏବଂ ତାହା କରାଯିବା ଆବଶ୍ୟକ ନାହିଁ ବୋଲି ଜଷ୍ଟିସ୍ ଦ୍ୱିବେଦୀ ତାଙ୍କ ରାୟରେ କହିଥିଲେ।

## ହାଇକୋର୍ଟ ରାୟ ବିରୋଧରେ ସୁପ୍ରିମକୋର୍ଟ ଗଲେ ଚନ୍ଦ୍ରାବାବୁ

**ନୂଆଦିଲ୍ଲୀ,୨୩।୯**



ଏନ୍. ଚନ୍ଦ୍ରାବାବୁ ନାଇଡୁ

ଦକ୍ଷତା ବିକାଶ ନିଗମ ଦୁର୍ନୀତି ମାମଲାରେ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ନାଁରେ ଏତଲା ଦାଏର ହୋଇଥିବାବେଳେ ଏହାକୁ ଖାରଜ କରିବା ପାଇଁ ସେ କରିଥିବା ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଚନ୍ଦ୍ରାବାବୁ ଶନିବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଜୟୱାଡ଼ାର ଏକ ଅଦାଲତ ନାଇଡୁଙ୍କୁ ୨ ଦିନ ପାଇଁ ସିଆଇଡି ହାଜତକୁ ପଠାଇ ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୫ରେ ଚନ୍ଦ୍ରାବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ଦକ୍ଷତା ବିକାଶ ନିଗମ ପାଣ୍ଠିରେ ଅନିୟମିତତା ଦେଖାଦେଇଥିଲା। ଫଳରେ ରାଜ୍ୟ ରାଜକୋଷରୁ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ହୋଇଥିଲା। ଏହି ମାମଲାରେ ଗତ ୯ ତାରିଖରେ ଚନ୍ଦ୍ରାବାବୁଙ୍କୁ ଗିରଫ କରାଯାଇଥିଲା।

## ପିଓକେ ଛାଡୁ ପାକିସ୍ତାନ

**ନୂଆଦିଲ୍ଲୀ,୨୩।୯**

ଜାତିସଂଘରେ ପାକିସ୍ତାନ ପୁଣିଥରେ କଶ୍ମୀର ପ୍ରସଙ୍ଗ ଉଠାଇଥିବାବେଳେ ଭାରତ ଏଥିରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପେତଲ୍ ଗେହଲଟ୍ କହିଥିଲେ, ପାକିସ୍ତାନ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଆଦୌ ହସ୍ତକ୍ଷେପ କରିବା ଅନୁଚିତ। ପାକିସ୍ତାନ ପ୍ରଥମେ ସୀମା ପାର ଆତଙ୍କବାଦ ବନ୍ଦ କରୁ କାରଣ ଏହା ଦ୍ୱାରା ଦୁଇ ଦେଶର ସମ୍ପର୍କ ଖରାପ ହେବାରେ ଲାଗିଛି। ଦକ୍ଷିଣ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ପାକିସ୍ତାନ ଉଦ୍ୟମ କରିବା ସହ ଆତଙ୍କବାଦୀଙ୍କୁ ସହାୟତା ଯୋଗାଇବା ତୁରନ୍ତ ବନ୍ଦ କରୁ। ଦ୍ୱିତୀୟତଃ ପାକିସ୍ତାନ ବେଆଇନ ଭାବେ ଅକ୍ତିଆର କରି ରଖିଥିବା ପିଓକେକୁ ତୁରନ୍ତ ଛାଡୁ ଓ ସେଠାରେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବନ୍ଦ କରୁ ବୋଲି ଗେହଲଟ୍ କହିଛନ୍ତି। ଜମ୍ମୁ–କଶ୍ମୀର ଓ ଲଦାଖ ହେଉଛି ଭାରତର ଅବିଚ୍ଛେଦ ଅଙ୍ଗ। ତେଣୁ ପାକିସ୍ତାନ ଭାରତର ଘରୋଇ ପ୍ରସଙ୍ଗରେ ଆଲୋଚନା କରିବା ବଦଳରେ ନିଜ ଦେଶରେ ହେଉଥିବା ମାନବାଧିକାର ଉଲ୍ଲଂଘନ ଉପରେ ଦୃଷ୍ଟି ଦେଉ ବୋଲି ଗେହଲଟ୍ କଟାକ୍ଷ କରିଛନ୍ତି। ନିଜ ଦେଶରେ ମହିଳା ଓ ଅଳ୍ପସଂଖ୍ୟକଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଥିବାବେଳେ ପାକିସ୍ତାନ, ଭାରତ ଭଳି ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ର ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୨୬/୧୧ ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀମାନେ ମୁକ୍ତଭାବେ ବୁଲୁଥିବାବେଳେ ପାକିସ୍ତାନ ଆଦୌ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଗେହଲଟ କହିଛନ୍ତି।

## ଭାରତୀୟ ଭାଷାରେ ଆଇନ ପ୍ରଣୟନ ଉଦ୍ୟମ ହେଉଛି: ମୋଦି

**ନୂଆଦିଲ୍ଲୀ,୨୩।୯ (ପି.ଟି.)**

ସରଳ ଢଙ୍ଗରେ ଏବଂ ଯଥାସମ୍ଭବ ଭାରତୀୟ ଭାଷାରେ ଆଇନ ପ୍ରଣୟନ ଲାଗି କେନ୍ଦ୍ର ସରକାର ଉଦ୍ୟମ ଚଳାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ନୂଆଦିଲ୍ଲୀରେ ଅନ୍ତର୍ଜାତୀୟ ଆଇନଜୀବୀ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ସାଇବର ଆତଙ୍କବାଦ, ମନିଲଣ୍ଡରିଂ ଏବଂ ଧ୍ୱଂସକାରୀ ଉଦ୍ଦେଶ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହି ବିପଦଗୁଡ଼ିକ ସୀମା ସରହଦ ଚିହ୍ନେ ନାହିଁ। ଏଗୁଡ଼ିକର ପ୍ରତିକାର



ନରେନ୍ଦ୍ର ମୋଦି

ନିମନ୍ତେ ବିଭିନ୍ନ ଦେଶ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ନିରାପଦ ବିମାନ ଯାତ୍ରା ନିମନ୍ତେ ସବୁ ଦେଶର ଏୟାର ଟ୍ରାଫିକ କଣ୍ଟ୍ରୋଲ ବ୍ୟବସ୍ଥା ପରସ୍ପର ସହଯୋଗରେ କାର୍ଯ୍ୟ କଲା ଭଳି ଉପରୋକ୍ତ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ମିଳିତ ଭାବେ ଏକ ବୈଶ୍ୱିକ ରୂପରେଖ ପ୍ରସ୍ତୁତ କରିବାକୁ ହେବ ବୋଲି ସେ କହିଛନ୍ତି। ସମ୍ମିଳନୀରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼, କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ବ୍ରିଟେନର ଲର୍ଡ ଚାନ୍ସେଲର ଏବଂ ଷ୍ଟେଟ୍ ଅଫ୍ ଜଷ୍ଟିସ୍‌ର ସଚିବ ଆଲେକ୍ସ ଚଲ୍‌କ କେ.ସି. ଭାରତର ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ଭାରତର ବାର୍ କାଉନସିଲ୍ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ମାନନ କୁମାର ମିଶ୍ରା ଓ ଅନ୍ୟମାନେ ଯୋଗଦେଇଥିଲେ।

### ବୈଶ୍ୱିକ ଆହ୍ୱାନର ସମାଧାନରେ ଆଇନଜୀବୀଙ୍କ ଭୂମିକା ବଢ଼ିଛି: ସିଜେଆଇ

ଜଗତୀକରଣ ଯଥେଷ୍ଟ ବୃଦ୍ଧି ପାଇବା ସହ ଏହା ଦ୍ୱାରା ପ୍ରଭାବିତ ହୋଇ ଅସଂଖ୍ୟ ବୈଶ୍ୱିକ ଆଇନଗତ ଚ୍ୟାଲେଞ୍ଜର ସମାଧାନରେ ଆଇନଜୀବୀମାନଙ୍କ ଭୂମିକା ବିକଶିତ ହୋଇଥିବା ସିଜେଆଇ କହିଛନ୍ତି। ପ୍ରଯୁକ୍ତିରେ ଦ୍ରୁତ ଅଗ୍ରଗତି ଯୋଗୁ ଜଟିଳ ଆଇନଗତ ପ୍ରସଙ୍ଗ ସୃଷ୍ଟି ହୋଇଥିବାବେଳେ ନ୍ୟାୟପାଳିକା ପ୍ରଶାସନିକ ନ୍ୟାୟର ଦାୟିତ୍ୱ ନିଶ୍ଚିତ ଭାବେ ବହନକରି ଆଇନର ଶାସନକୁ ବଜାୟ ରଖିଛି। ଏଥିରେ ଆଇନଜୀବୀମାନେ ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ସିଜେଆଇ ମତ ଦେଇଛନ୍ତି। ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଭାରତ ହେଉଛି ବିଶ୍ୱର ବର୍ତ୍ତମାନ ଏବଂ ଭବିଷ୍ୟତ। ଭାରତର ଅଭିବୃଦ୍ଧିଶୀଳ ଅର୍ଥନୀତି ବିଦେଶୀ ପୁଞ୍ଜିକୁ ସର୍ବାଧିକ ଆକର୍ଷିତ କରିଛି, ଯାହା ପୂର୍ବରୁ କେବେ ଦେଖାଦେଇ ନ ଥିଲା। ଡିଜିଟାଲ ପେମେଣ୍ଟରେ ଭାରତ ବିଶ୍ୱର ନେତୃତ୍ୱ ନେଉଛି ଏବଂ ସରକାରଙ୍କ ଡିଜିଟାଇଜେଶନ ଇନିସିଏଟିଭ୍ ପାଇଁ ଲୋକଙ୍କ ଦ୍ୱାର ପାଖରେ ନ୍ୟାୟ ମିଳିପାରୁଛି ବୋଲି ମେହେଟ୍ଟା କହିଥିଲେ।

ସତ୍ୟମେଵ ଜୟତେ ଭାରତ ସରକାର | PM Gati Shakti National Master Plan for Multi-Modal Connectivity | आज़ादी का अमृत महोत्सव | G20 भारत 2023 INDIA | भारतीय रेल INDIAN RAILWAYS



# ରାଷ୍ଟ୍ରକୁ ଏକ ସଙ୍ଗେ
# ୨ ଟି ବନ୍ଦେ ଭାରତ ଟ୍ରେନର ଉପହାର

01 ବିଜୟୱାଡ଼ା - ଚେନ୍ନାଇ
02 ତିରୁନେଲଭେଲି - ମଦୁରାଇ - ଚେନ୍ନାଇ
03 କାସରଗୋଡ଼ - ତିରୁଅନନ୍ତପୁରମ୍
04 ଜାମନଗର - ଅହମଦାବାଦ
05 ରାଞ୍ଚି - ହାଓଡ଼ା
06 ହାଇଦ୍ରାବାଦ - ବେଙ୍ଗାଲୁରୁ
07 ପାଟନା - ହାଓଡ଼ା
08 ଉଦୟପୁର - ଜୟପୁର

# ଓଡ଼ିଶାକୁ ମଧ୍ୟ ମିଳିଲା ବନ୍ଦେ ଭାରତର ଉପହାର

## ରାଉରକେଲା-ଭୁବନେଶ୍ୱର-ପୁରୀ
### ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନର
ସବୁଜ ପତାକା ଦେଖାଇ ଶୁଭାରମ୍ଭ

**ଉପକାରିତା**

- ଏହି ମାର୍ଗରେ ଚାଲୁଥିବା ଦ୍ରୁତତମ ଟ୍ରେନ୍ ଠାରୁ ପ୍ରାୟ 180 ମିନିଟ୍ ଆଗୁଆ
- ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ପୁରୀ ଏବଂ ନିକଟବର୍ତ୍ତୀ ଜିଲ୍ଲାବାସୀଙ୍କ ପାଇଁ ଉତ୍ତମ ସଂଯୋଗ
- ପୁରୀ ଏବଂ ସମ୍ବଲପୁରରେ ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହନ ଏବଂ ବୃତ୍ତିଗତ, ବ୍ୟବସାୟୀ, ଛାତ୍ର ଏବଂ ବଣିକମାନଙ୍କ ପାଇଁ ଯଥେଷ୍ଟ ଲାଭପ୍ରଦ
- ହସ୍ତତନ୍ତ, ଆତିଥ୍ୟ, ହସ୍ତଶିଳ୍ପ ଏବଂ ଅନ୍ୟାନ୍ୟ କ୍ଷେତ୍ର ପାଇଁ ଉତ୍ତମ ବ୍ୟବସାୟର ସୁଯୋଗ



# ନରେନ୍ଦ୍ର ମୋଦି
## ପ୍ରଧାନମନ୍ତ୍ରୀ
ଙ୍କ କରକମଳରେ
(ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ)

**ରବିବାର, 24 ସେପ୍ଟେମ୍ବର, 2023 ଅପରାହ୍ଣ 12:30 ଘଟିକାରେ ଭୁବନେଶ୍ୱର ରେଳ ଷ୍ଟେସନଠାରୁ**

**ବନ୍ଦେ ଭାରତ ଏକ୍ସପ୍ରେସ୍‌ର ପ୍ରମୁଖ ବୈଶିଷ୍ଟ୍ୟ**

- ସ୍ୱଦେଶୀ କୌଶଳରେ ନିର୍ମିତ ବନ୍ଦେ ଭାରତ ଟ୍ରେନ୍‌ର ସର୍ବାଧିକ ବେଗ ଘଣ୍ଟା ପ୍ରତି 160 କି.ମି.
- ପ୍ରତି ସିଟ୍ ମଧ୍ୟରେ ଉନ୍ନତ ଚାର୍ଜିଙ୍ଗ୍ ପଏଣ୍ଟ ଏବଂ 360° ଘୂର୍ଣ୍ଣନକ୍ଷମତା ସହ ଝୁଙ୍କିବା କୋଣ
- ସିଟ୍‌ର ହ୍ୟାଣ୍ଡେଲ୍‌ରେ ବ୍ରେଲି ଲିପିରେ ସିଟ୍ ନମ୍ବର ସହିତ ଦିବ୍ୟାଙ୍ଗଙ୍କ ପାଇଁ ଶୌଚାଳୟ
- ବାୟୁକୁ ସ୍ୱଚ୍ଛ ଏବଂ ଉନ୍ନତ ବାୟୁ ଚଳାଚଳ ଏବଂ ବାତାନୁକୂଳ ହେବା ସହ ସ୍ୱତନ୍ତ୍ର ଜୀବାଣୁ ନିରୋଧୀ ୟୁଭି ଲ୍ୟାମ୍ପ ସଂଯୁକ୍ତ
- କବଚ (ରେଳ ଦୁର୍ଘଟଣା ନିରୋଧି ବ୍ୟବସ୍ଥା) ସଂଯୁକ୍ତ
- ପ୍ରତ୍ୟେକ କୋଚ୍ ସିସିଟିଭି ଏବଂ ଇନ୍‌ଫୋଟେନ୍‌ମେଣ୍ଟ ସୁବିଧା ସଂଯୁକ୍ତ
- ଏରୋସଲ୍ ଆଧାରିତ ଉନ୍ନତ ଅଗ୍ନି ନିର୍ବାପକ ସୁରକ୍ଷା ବ୍ୟବସ୍ଥାଯୁକ୍ତ

**ସମୟ ସାରଣୀ**

| ପୁରୀ-ରାଉରକେଲା ↓ | ଷ୍ଟେସନ | ↑ ରାଉରକେଲା-ପୁରୀ |
|---|---|---|
| ଛାଡ଼ିବ 0500 | ପୁରୀ | ପହଞ୍ଚିବ 2140 |
| 0535/0540 | ଖୋର୍ଦ୍ଧା ରୋଡ଼ | 2055/2057 |
| 0600/0605 | ଭୁବନେଶ୍ୱର | 2030/2035 |
| 0630/0632 | କଟକ | 2000/2002 |
| 0724/0726 | ଢେଙ୍କାନାଳ | 1845/1847 |
| 0804/0806 | ତାଳଚେର ରୋଡ଼ | 1813/1815 |
| 0814/0816 | ଅନୁଗୁଳ | 1800/1802 |
| 0925/0927 | ରେଢ଼ାଖୋଲ | 1650/1652 |
| 1005/1010 | ସମ୍ବଲପୁର ସିଟି | 1605/1610 |
| 1113/1115 | ଝାରସୁଗୁଡ଼ା | 1523/1525 |
| ପହଞ୍ଚିବ 1245 | ରାଉରକେଲା | ଛାଡ଼ିବ 1410 |

DD NEWS ରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖନ୍ତୁ

# ଭାରତୀୟ ରେଳ

ଆମକୁ ଅନୁସରଣ କରନ୍ତୁ /RailMinIndia

## ଡାକ୍ତର ସର୍ବାନନ୍ଦ ମିଶ୍ରଙ୍କ ପରଲୋକ



ତାଳଚେର,୨୩।୯(ମନୋଜ ନନ୍ଦ): ତାଳଚେରର ଜଣାଶୁଣା ଡାକ୍ତର ତଥା ଶିକ୍ଷାବିତ୍ ସର୍ବାନନ୍ଦ ମିଶ୍ର (୯୩)ଙ୍କ ଶନିବାର ପାଇକସାହିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ନଗରପାଳ ପବିତ୍ର ଭୂତିଆ ତାଙ୍କ ଶେଷ ଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩ ନମ୍ବର ୱାର୍ଡର କାଉନସିଲର ଲିପିକା ବେହେରା, ସ୍ୱର୍ଗତ ମିଶ୍ରଙ୍କ ପୁତୁରା ବରିଷ୍ଠ ଖବରଦାତା ରଶ୍ମିରଞ୍ଜନ ମିଶ୍ର, ଶିକ୍ଷାବିତ୍ ବିଭୂତି ମିଶ୍ର, କାଉନସିଲର ଆସିଫ ଖାଁ, ଯଶୋବନ୍ତ ମିଶ୍ର, ତପନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ବିଲେଇ କାହିଁକି ରୁଷ୍ଟୁ ?**
**ସେଇ ଭାଡ଼ି ତଳେ ପୁଣି ପଶୁ !**

ରାଗ, ରୁଷା ତଥା ଅଭିମାନର ମାତ୍ରା ଯେତେ କମ୍ ରହେ, ସମ୍ପର୍କର ସେତୁ ସେତେ ଦୃଢ଼ ଓ ମଧୁମୟ ହୋଇଥାଏ। ତେବେ ପରିସ୍ଥିତିରେ ପଡ଼ି ଯେଉଁଠି ଜଣେ ରୋଷ ଅଭିମାନରେ ପଳେଇ ଆସେ, ସେଇଠିକୁ ପୁଣି ପ୍ରତ୍ୟାବର୍ତ୍ତନ କରିବା ଉକ୍ତ ବ୍ୟକ୍ତି ପକ୍ଷେ ଗ୍ରହଣୀୟ ହୋଇ ନ ଥାଏ। ସେପରି ସ୍ଥଳେ ଅନ୍ୟମାନଙ୍କର ଚକ୍ଷୁଶୀଳ ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛନକା ପଶିଲା ଛାତିରେ**
**ମୁଁ ତ ଅନ୍ଧୁଣୀ, ପୁଅ ମୋ ବିଦେଶୀ**
**ବୋହୂ ବାହାରକୁ ଉଠେ ରାତିରେ।**

କେହି ପୁରୁଷ ସଦସ୍ୟ ଘରେ ନ ଥିଲେ ଘରଟା ନିରାପଦ ଲାଗି ନ ଥାଏ। ଏକ ଅଜଣା ଭୟ ମନକୁ ଶଙ୍କାଗ୍ରସ୍ତ କରିଦେଇଥାଏ। ବିଦେଶୀ ପୁଅର ଯୁବତୀ ସ୍ତ୍ରୀ ରାତିରେ ବାହାରକୁ ପାଦ କାଢ଼ିବା ଅନ୍ଧୁଣୀ ଶାଶୁ ପକ୍ଷେ ଦୁଶ୍ଚିନ୍ତାର କାରଣ ପାଲଟି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ୩ ଅଭିଯୋଗକାରୀଙ୍କ ବୟାନ ରେକର୍ଡ କଲା ଇଓଡବ୍ଲ୍ୟୁ

### ଇଷ୍ଟର୍ଣ୍ଣ ମିଡିଆ ଋଣ ଦୁର୍ନୀତି ମାମଲା

ଭୁବନେଶ୍ୱର,୨୩।୯ (ସୂର୍ଯ୍ୟକାନ୍ତ ବେହେରା)

ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଦୈନିକ ଖବରକାଗଜ ସମ୍ବାଦରେ କର୍ମଚାରୀଙ୍କ ନାମରେ ଜାଲିଆତି କରି ବ୍ୟାଙ୍କରୁ ଋଣ ଉଠାଣ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଶନିବାର ୩ ଅଭିଯୋଗକାରୀଙ୍କ ବୟାନ ରେକର୍ଡ କରିଛି। ସିଆର୍‌ପିସିର ୧୬୪ ଦଫା ଅନୁଯାୟୀ ଏହି ବୟାନ ରେକର୍ଡ ହୋଇଛି। ମାମଲାରେ ବର୍ତ୍ତମାନ ସୁଦ୍ଧା ୨୪ ଜଣ ଅଭିଯୋଗ କରିଛନ୍ତି। ତଦନ୍ତ ସମୟରେ ଜାଲିଆତିର ପ୍ରମାଣ ମିଳିଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଋଣ ପାଇବା ପାଇଁ ସମ୍ବାଦ କର୍ମଚାରୀଙ୍କ ଦରମା ପରିମାଣକୁ ଏପଟସେପଟ କରାଯିବା ସହ ଇଏସ୍‌ଆଇ ଏବଂ ଇପିଏଫ୍ ବାବଦ ଟଙ୍କା ଠିକ୍‌ରେ ଜମା ହେଉ ନ ଥିବା ଅଭିଯୋଗ ହୋଇଥିଲା। ଏନେଇ ଇଓଡବ୍ଲ୍ୟୁ ଅଧିକାରୀମାନେ ଶନିବାର ଇଏସ୍‌ଆଇ ଓ ଇପିଏଫ୍ କାର୍ଯ୍ୟାଳୟକୁ ଯାଇ ଖୋଳତାଡ଼ କରିଛନ୍ତି। ଅନ୍ୟପକ୍ଷରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମଧ୍ୟ ବିଭାଗୀୟ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଆର୍‌ପିଏଫ୍ କନ୍‌ଷ୍ଟେବଲ ସୁବ୍ରତଙ୍କୁ ଜୀବନ ରକ୍ଷା ପଦକ



ଖଣ୍ଡପଡ଼ା,୨୩।୯
(ଅଜୟ କୁମାର ମହାରଣା)

ଭାରତୀୟ ରେଳ ବିଭାଗର ପ୍ରତିଷ୍ଠା ଦିବସ ଅବସରରେ ଶନିବାର ରେଳ ମନ୍ତ୍ରଣାଳୟ ପକ୍ଷରୁ ୪୨ ଜଣଙ୍କୁ ସାହସିକତା ପାଇଁ ଜୀବନ ରକ୍ଷା ପଦକ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ହାଟମୁଣ୍ଡପାଟଣା ଗ୍ରାମର ରେଲୱେ ସୁରକ୍ଷା ବଳ(ପ୍ରୋଟେକ୍ସନ ଫୋର୍ସ)ର ଖୋର୍ଦ୍ଧା ପୂର୍ବତଟ ରେଳ ବିଭାଗରେ କାର୍ଯ୍ୟରତ ସୁବ୍ରତ କୁମାର ମହାରଣା ଅଛନ୍ତି। ସିକନ୍ଦରାବାଦ ମୌଲା ଅଲ୍ଲିଠାରେ ଆୟୋଜିତ ଏକ ସମାରୋହରେ ମୁଖ୍ୟଅତିଥି ଭାବେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ରାୟସାହେବ ପାଟିଲ ଦନଭେ ଯୋଗଦେଇ ମହାରଣାଙ୍କୁ ସମ୍ବର୍ଦ୍ଧିତ କରି ପୁରସ୍କାର ରାଶି ବାବଦକୁ ୧ଲକ୍ଷ ଟଙ୍କାର ଚେକ୍ ଦେଇଛନ୍ତି। ୨୦୨୦ ଫେବୃୟାରୀ ୧୫ରେ ଆଇଟି ଅଧ୍ୟାପିକା ନିବେଦିତା ସାହୁ(୨୭) ଓ ତାଙ୍କ ସାନଭାଇ ଢେଙ୍କାନାଳ ଜିଲା ମେରାମଣ୍ଡଳୀ ଯିବା ପାଇଁ ଭୁବନେଶ୍ୱର ରେଳ ଷ୍ଟେଶନରେ ଥିବାବେଳେ ପୁରୀ-ସମ୍ବଲପୁର ଏକ୍ସପ୍ରେସ୍ ଟ୍ରେନ୍ ପ୍ଲାଟଫର୍ମ ଛାଡୁଥିଲା। ନିବେଦିତା ଓ ତାଙ୍କ ଭାଇ ଚଳନ୍ତା ଟ୍ରେନରେ ଚଢ଼ି ଯାଇଥିଲେ। ହେଲେ ନିବେଦିତାଙ୍କ ଗୋଡ଼ ହଠାତ୍ ଖସି ଯିବାରୁ ଘୋଷାଡ଼ି ହୋଇଯାଇଥିଲେ। ଭୁବନେଶ୍ୱର ପ୍ଲାଟଫର୍ମରେ କାର୍ଯ୍ୟରତ କନ୍‌ଷ୍ଟେବଲ ସୁବ୍ରତ ଦୌଡ଼ିଯାଇ ଓହଳି ରହିଥିବା ନିବେଦିତାଙ୍କୁ ଟାଣି ଆଣିବାରୁ ସେ ବର୍ତ୍ତିଯାଇଥିଲେ।

# ଜଙ୍ଗଲରେ ମାଓବାଦୀ ମେଳି

### ■ ଛତିଶଗଡ଼ରେ ବଡ଼ ଆକ୍ରମଣ ନେଇ ତାଲିମ ଦେଉଥିଲେ ଚୈତନ୍ୟ

ମାଲକାନଗିରି, ୨୩।୯
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାର ଡିଆର୍‌ଜି ଏବଂ ବସ୍ତର ଫାଇଟର୍ସ ଫୋର୍ସ ଜିଲାର କାକାଡି ଜଙ୍ଗଲରେ ଗତ ୨ଦିନ ତଳେ ସର୍ଚ୍ଚ ଅପରେଶନ ବେଳେ ମାଓବାଦୀ-ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨ଜଣ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଗୁଳି ବିନିମୟ ପରେ ଯବାନମାନେ ଘଟଣାସ୍ଥଳ ସର୍ଚ୍ଚ ଅପରେଶନ କରୁଥିବା ବେଳେ ସେମାନେ ଏଠାରେ ମାଓବାଦୀମାନଙ୍କ ଏକ ତାଲିମ ଶିବିର ରହିଥିବା ଜାଣିବାକୁ ପାଇଥିଲେ। ଯେଉଁଥିରେ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାର ଅନେକ ଟପ୍ କ୍ୟାଡର ମାଓବାଦୀ ନେତା ସାମିଲହୋଇ ପ୍ରାୟ ୨ମାସ ଧରି କ୍ୟାମ୍ପ ପକାଇଥିବା ଜଣାପଡ଼ିଥିଲା। ବିଶେଷକରି ଦାନ୍ତେୱାଡା, ବିଜାପୁର ଏବଂ ସୁକ୍‌ମା ଜିଲାର ସୀମାନ୍ତ ଅଞ୍ଚଳରେ ନୂତନ ଯୁବକଙ୍କୁ ମାଓବାଦୀ ସଙ୍ଗଠନରେ ସାମିଲ କରାଇବା ସହ ବଡ଼ ଆକ୍ରମଣ ଘଟଣା ଘଟାଇବା ଲାଗି ଏଠାରେ ଯୋଜନା କରାଯାଉଥିଲା। ୪୦ ଲକ୍ଷ ଟଙ୍କା ପୁରସ୍କାର ଥିବା ମାଓବାଦୀ କମାଣ୍ଡର ଚୈତନ୍ୟଙ୍କ ନେତୃତ୍ୱରେ ଡିଭିସିଏମ୍‌ର ସଶସ୍ତ୍ର ମାଓବାଦୀ, ଏସିଏମ୍ କ୍ୟାଡରମାନେ ଏଥିରେ ସାମିଲ ହୋଇଥିଲେ। ଚୈତନ୍ୟଙ୍କ ନେତୃତ୍ୱରେ ସଙ୍ଗଠନରେ ଯୋଗଦେଇଥିବା ନୂତନ ଯୁବକମାନଙ୍କୁ ତାଲିମ ପ୍ରଦାନ କରିବା ସହ କିଛି ବଡ ଧରଣର ଘଟଣା ଓ ଆସନ୍ତା ନିର୍ବାଚନରେ ଅଘଟଣ ଘଟାଇବାକୁ ଯୋଜନା କରାଯାଉଥିବା ସର୍ଚ୍ଚ ଅପରେଶନ ବେଳେ ପୋଲିସ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଏତେ ସଂଖ୍ୟାରେ ମାଓବାଦୀ ଦୀର୍ଘଦିନ ଧରି ଜଙ୍ଗଲରେ ଉପସ୍ଥିତ ରହିବା ଓ ତାଲିମ ନେବା ଘଟଣା ସମସ୍ତଙ୍କୁ ଚକିତ କରିଛି।

# ପ୍ରାଥମିକ ଶିକ୍ଷକଙ୍କ ସହ ସରକାରଙ୍କ ଆଲୋଚନା

ଭୁବନେଶ୍ୱର, ୨୩।୯
(ଅସମାପିକା ସାହୁ)

ପ୍ରାଥମିକ ଶିକ୍ଷକଙ୍କ ସମସ୍ୟା ନେଇ ଶନିବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଲୋଚନା ହୋଇଥିଲା। ଏହାପରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଆଲୋଚନା ପରେ ପୂର୍ବରୁ ଆନ୍ଦୋଳନରୁ ଓହରି ଯାଇଥିବା ଶିକ୍ଷକ ସଂଘ ଆନ୍ଦୋଳନ ସ୍ଥଗିତ ରହିଲା ବୋଲି ସୂଚନା ଦେଇଥିବାବେଳେ ଏନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ଆନ୍ଦୋଳନରତ ଶିକ୍ଷକ ସଂଘଗୁଡିକ ପକ୍ଷରୁ କୁହାଯାଇଛି। ସରକାର ସେମାନଙ୍କ ସହ କୌଣସି ଆଲୋଚନା କରିନାହାନ୍ତି। ତେଣୁ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନରେ ଗତ ୮ ତାରିଖରୁ ଠିକା ନିଯୁକ୍ତି ଉଚ୍ଛେଦ, ପୁରୁଣା ପେନ୍‌ସନ ଓ କେନ୍ଦ୍ରୀୟ ହାରରେ ଦରମା ଅନୁସାରେ ୪୨୦୦ ଟଙ୍କା ଗ୍ରେଡ୍ ପେ' ଲାଗୁ ଆଦି ୩ ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିରେ ବିଭିନ୍ନ ସଂଘ ସାମିଲ ହୋଇଥିଲେ। କିନ୍ତୁ ଗତ ୧୮ତାରିଖରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ସହ ଆଲୋଚନା ପରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ଏଥିରେ ୯ଟି ସଂଘ ସହମତି ପ୍ରକାଶ କରି ଆନ୍ଦୋଳନରୁ ଓହରି ଯାଇଥିଲେ। କିନ୍ତୁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ନେତୃତ୍ୱରେ ୬ଟି ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏପରିସ୍ଥିତିରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଡକରାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶିକ୍ଷକଙ୍କ ୩ ଦଫା ଦାବି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଏହି ଆଲୋଚନାରେ ଉପସ୍ଥିତ ଥିଲେ। ଏଥିରେ ପୂର୍ବରୁ ଆନ୍ଦୋଳନରୁ ଓହରିଯାଇଥିବା ୯ଟି ସଂଘର ୮୦ଜଣ ଶିକ୍ଷକ ଭାଗ ନେଇଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ମହାସଚିବ ଚାରୁଲତା ମହାପାତ୍ର ଦାବିଗୁଡିକୁ ଉପସ୍ଥାପନ କରିଥିଲେ। ଦାବି ପୂରଣ ସହ ସମସ୍ୟାଗୁଡ଼ିକର ସମାଧାନ ଲାଗି ରାଜେଶ ମହାନ୍ତି ମତ ରଖିଥିଲେ। ୫-ଟି ସଚିବ ଶିକ୍ଷକଙ୍କ ଦାବିଗୁଡ଼ିକୁ ସକରାତ୍ମକ ଭାବେ ଗ୍ରହଣ କରିବା ସହ ଡିସେମ୍ବର ଶେଷ ସୁଦ୍ଧା ଶିକ୍ଷକମାନେ ନିଶ୍ଚିତ ସୁଫଳ ପାଇବେ ବୋଲି କହିଥିବା ଚାରୁଲତା ସୂଚନା ଦେଇଛନ୍ତି। ସେପଟେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ନେତୃତ୍ୱରେ ଚାଲୁଥିବା ଆନ୍ଦୋଳନ ସ୍ଥଗିତ କରିବାର କୌଣସି ନିଷ୍ପତ୍ତି ହୋଇ ନ ଥିବା ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି। ସେ କହିଛନ୍ତି, ସରକାର ଆମକୁ ଆଲୋଚନାକୁ ନେଲେ ନାହିଁ। ସେଥିପାଇଁ ଆନ୍ଦୋଳନ ଆମେ ସ୍ଥଗିତ ରଖିବା ପାଇଁ ଚିନ୍ତା କରିନାହୁଁ। ରବିବାର ଆମର ରାଜ୍ୟସ୍ତରୀୟ ସମ୍ମିଳନୀ ରହିଛି। ଏଥିରେ ଆମେ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନେବୁ ବୋଲି ବ୍ରହ୍ମାନନ୍ଦ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପୋଲିସ ବସ୍ ...

କଡ଼ା ସୁରକ୍ଷା ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା କରାଯାଉଥିବା ଏସ୍‌ପି କହିଛନ୍ତି। ଡଙ୍ଗାସିଲ ଗାଁରେ ଉତ୍ତେଜନା ସ୍ଥିତି ଦେଖାଦେଇଥିବାରୁ ପୋଲିସ ଛାଉଣୀ ପକାଇଛି। ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର ଏବଂ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତିଙ୍କ ନେତୃତ୍ୱରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନିଜ ଜିଲାରେ ଆଦିବାସୀ ଛାତ୍ରୀ ଅସୁରକ୍ଷିତ ଘଟଣାକୁ କଂଗ୍ରେସ ଓ ଭାଜପା ତୀବ୍ର ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ନ୍ୟାୟ ଲଢ଼େଇ ପରିବାର ସଭାପତି ସୁବ୍ରତ କୁମାର ଦାସ ଜାତୀୟ ମାନବଧିକାର କମିଶନଙ୍କ ନିକଟରେ ଶନିବାର ମାମଲା ରୁଜୁ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପିଡ଼ିତାଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ପ୍ର କ। ଶ



ଉତ୍ତ୍ୟକ୍ତ ଲୋକେ ପୋଡ଼ିଦେଇଥିବା ପୋଲିସ ବସ୍।

### ଅଭିଯୁକ୍ତ ପିଅନ ଗିରଫ: ଗାଁ ଲୋକ କହିଲେ ଆମେ ଦଣ୍ଡ ଦେବୁ

ଥାଉକି, ତୃତୀୟ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ ଶୁକ୍ରବାର ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଏହି ସମୟରେ ପିଅନ ତାଙ୍କୁ ଏକ ରୁମ୍‌କୁ ନେଇ ବଳାତ୍କାର କରିଥିଲେ। ଏହା ଜଣାପଡିବା ପରେ ନାବାଳିକାଙ୍କ ପରିବାର ଲୋକେ ଡଙ୍ଗାସିଲ ଫାଣ୍ଡିରେ ଅଭିଯୋଗ କରିବା ପାଇଁ ଯିବାରୁ ପୋଲିସ ଶୁଣି ନ ଥିବା ପୀଡ଼ିତାଙ୍କ ବାପା ଗ୍ରାମବାସୀଙ୍କୁ ଜଣାଇବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ସେହି ସମୟରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ବଚସା ହେବାରୁ ପୋଲିସ ପକ୍ଷରୁ ମୃଦୁ ଲାଠିଚାଳନା କରାଯାଇଥିଲା।

### ପ୍ରଭାତ, ସ୍ତ୍ରୀ ଲକ୍ଷ୍ମୀ ...

ଓ ତାଙ୍କ ସ୍ତ୍ରୀ ଟଙ୍କା କାରବାର କରିଥିବା ଅଭିଯୋଗ ହୋଇଥିଲା। ମାମଲାର ଶୁଣାଣି ଆରମ୍ଭ ଆସନ୍ତା ନଭେମ୍ବରରେ ହେବ ବୋଲି ଜଣାପଡ଼ିଛି। ଶନିବାର ସିବିଆଇ କୋର୍ଟରେ ଉଭୟ ପ୍ରଭାତ ବିଶ୍ୱାଳ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀ ଉପସ୍ଥିତ ଥିଲେ। ଉଭୟଙ୍କ ଉପସ୍ଥିତିରେ କୋର୍ଟ ଚାର୍ଜ ଫ୍ରେମ୍ କରିଥିଲେ। ପରେ କୋର୍ଟ ଉଭୟଙ୍କୁ ସେମାନଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ସ୍ୱୀକାର କରିବେ କି ଶୁଣାଣିର ସମ୍ମୁଖୀନ ହେବେ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବିଶ୍ୱାଳ ମାମଲା ଲଢ଼ିବାକୁ କହିବା ସହ ବିନା ବିଳମ୍ବରେ ଶୁଣାଣି କରିବାକୁ କହିଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ସିଶୋର ଚିଟ୍‌ଫଣ୍ଡ କମ୍ପାନୀ ବିଭିନ୍ନ ସ୍କିମ୍ ମାଧ୍ୟମରେ ଅଧିକ ଲାଭ ଦେବାର ପ୍ରଲୋଭନ ଦେଖାଇ ଲୋକଙ୍କଠୁ ପ୍ରାୟ ୫୦୦କୋଟି ଟଙ୍କା ସଂଗ୍ରହ କରିଥିଲା। ହେଲେ ପରବର୍ତ୍ତୀ ସମୟରେ ଜମାକାରୀମାନେ ଠକେଇର ଶିକାର ହୋଇଥିବା ଜଣାପଡ଼ିଥିଲା। ଅଭିଯୋଗ ପରେ ସିଶୋର ଚିଟ୍‌ଫଣ୍ଡ ସ୍କାମ୍‌ର ତଦନ୍ତ ପ୍ରଥମେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଆପରାଧିକ ଶାଖା କରୁଥିଲା। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ଏହି ମାମଲା ହସ୍ତାନ୍ତର ହୋଇଥିଲା। ୨୦୧୪ ଡିସେମ୍ବରରେ ଆଇପିଏସ୍ ଅଫିସର ରାଜେଶ କୁମାର, କେନ୍ଦ୍ରାପଡାର ତତ୍କାଳୀନ ଏସ୍‌ପି ସତିଶ ଗଜଭିୟେ ଓ ଆର.ପି. କୋଚେଙ୍କୁ ସିବିଆଇ ଜେରା କରିଥିଲା। ମଧ୍ୟସ୍ଥ କୁହାଯାଉଥିବା ଶୁଭଙ୍କର ନାୟକଙ୍କ ଡାଏରିରେ ଏମାନଙ୍କ ନାଁ ଥିବାରୁ ଏମାନଙ୍କୁ ଜେରା କରାଯାଇଥିଲା । ହେଲେ ସେମାନଙ୍କର ଏଥିରେ ସଂପୃକ୍ତ ଅଛି କି ନାହିଁ ତାହା ଏଯାବତ ମଧ୍ୟ କୌଣସି ଖୁଲାସ କରାଯାଇ ନାହିଁ। ପରବର୍ତ୍ତୀ ସମୟରେ ପ୍ରଭାତ ବିଶ୍ୱାଳଙ୍କୁ ୨୦୧୭ ସେପ୍ଟେମ୍ବର ୧୯ତାରିଖରେ ସିବିଆଇ ଗିରଫ କରିଥିଲା। ତାଙ୍କ ବିରୋଧରେ ମନି ଲଣ୍ଡରିଂ ଆକ୍ଟରେ ମାମଲା ରୁଜୁ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୨୦୨୨ ଜୁଲାଇରେ ତାଙ୍କର ପ୍ରାୟ ୩କୋଟି ୯୨ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରିଥିଲେ। ଏଥିରେ କଟକସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଥିବା ୨୫ଲକ୍ଷ ଟଙ୍କା ସାମିଲ ଅଛି। ବିଶ୍ୱାଳ ଏବେ ଜାମିନରେ ଅଛନ୍ତି। ଚିଟ୍‌ଫଣ୍ଡ ମାମଲାରେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିବା ସହ ତାଙ୍କ ନାଁ ଚାର୍ଜଶିଟରୁ ବାଦ୍ ଦେବା ଓ ଏଫ୍‌ଆଇଆର ଖାରଜ କରିବା ପାଇଁ ବିଧାୟକ ବିଶ୍ୱାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ଏପ୍ରିଲରେ ସିବିଆଇ କୋର୍ଟକୁ ୨ମାସ ମଧ୍ୟରେ ବିଶ୍ୱାଳଙ୍କ ବିରୋଧରେ ଚାର୍ଜ ଫ୍ରେମ କରିବା ସହ ବର୍ଷକ ମଧ୍ୟରେ ମାମଲାର ଶୁଣାଣି ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ମାମଲାରେ ଏକାଧିକ ରାଜନେତା ଏବଂ ବଡବଡ଼ିଆ ବ୍ୟକ୍ତିଙ୍କ ସମ୍ପୃକ୍ତ ରହିଥିବା ଅଭିଯୋଗ ହୋଇଥିଲା। ଇତିମଧ୍ୟରେ ଏହି ମାମଲାରେ ସିଶୋର ଚିଟଫଣ୍ଡର ମୁଖ୍ୟ ପ୍ରଶାନ୍ତ ଦାସଙ୍କ ସମେତ ଏକାଧିକ ବ୍ୟକ୍ତି ଗିରଫ ହୋଇଛନ୍ତି। ସାଧାରଣ ନିର୍ବାଚନକୁ କିଛି ମାସ ଥିବାବେଳେ ବିଶ୍ୱାଳଙ୍କ ବିରୋଧରେ ସିବିଆଇ କୋର୍ଟ ଚାର୍ଜଫ୍ରେମ କରିଛି। ପ୍ରିଭେନ୍‌ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ,୨୦୦୨ ଅଧୀନରେ ୨୦୧୪ ଡିସେମ୍ବର ୩ରେ ସିଶୋର ଚିଟ୍ ଫଣ୍ଡ କମ୍ପାନୀର ୧୫୭ କୋଟି ଓ ୨୦୧୫ ରେ ୮୪ କୋଟି ଟଙ୍କାର ସମ୍ପତ୍ତି ଆଟାଚମେଣ୍ଟ ହୋଇଥିଲା।

ପୂର୍ବତନ ବିଧାୟକ ବିଶ୍ୱାଳ ୫୦୦କୋଟି ଟଙ୍କା ଚିଟ୍ ଫଣ୍ଡ ସ୍କାମ୍‌ରେ ଅଭିଯୁକ୍ତଙ୍କ ସହ ସନ୍ଦେହଜନକ ଜମି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀ ଏବଂ ମୁଖ୍ୟ ଅଭିଯୁକ୍ତ ସିଶୋର ଗ୍ରୁପ ମୁଖ୍ୟ ପ୍ରଶାନ୍ତ ଦାସଙ୍କ ମଧ୍ୟରେ ଯାଜପୁର ଜିଲାରେ ୨୫ଲକ୍ଷ ଟଙ୍କାରେ ଏକ ଜମି କାରବାର ଚୁକ୍ତି ହୋଇଥିବାରୁ ସେ ସିବିଆଇ ସ୍କାନରରେ ରହିଥିଲେ। ୨୦୧୪ ନଭେମ୍ବର ୨୧ରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ବିଶ୍ୱାଳ ଏବଂ ତାଙ୍କ ସ୍ତ୍ରୀଙ୍କୁ ସିବିଆଇ ପଚରାଉଚରା କରିଥିଲା। ଏହାପୂର୍ବରୁ ଜାନୁୟାରୀ ମାସରେ ଭୁବନେଶ୍ୱର ଏବଂ କଟକସ୍ଥିତ ବିଶ୍ୱାଳଙ୍କ ବାସଭବନରେ ସିବିଆଇ ଏକକାଳୀନ ଚଢ଼ାଉ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ହସି ହସି କଥା କହି କାମ ହାସଲ କରିପାରିବେ। ଘରର କେତେକ ରହିଯାଇଥିବା କାମକୁ ଶେଷ କରିବା ସକାଶେ ଚିନ୍ତା କରି ପାରନ୍ତି। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ହୋଇଯିବ। ଅଫିସରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଦୂରବନ୍ଧୁ ଆଗମନ ସମ୍ଭାବନା।

**ବୃଷ** - ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ। ଯେ କୌଣସି କ୍ଷେତ୍ରରେ ବିନା ସମସ୍ୟାରେ କାର୍ଯ୍ୟ ହାସଲ କରିପାରିବେ। ବ୍ୟବସାୟରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ** - ଆଜି ପୂର୍ବାହ୍ନରେ ଘର କାମରେ କିମ୍ବା ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ। ଉଦ୍ୟମ ସଫଳ ଦିଗରେ ମଧ୍ୟ କେତେକ ସମସ୍ୟା ଦେଖାଦେଇପାରେ। କର୍ମକ୍ଷେତ୍ରରେ, ରାଜନୀତିରେ, ସଭାସମିତିରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତା ଦୁଶ୍ଚିନ୍ତାର କାରଣ ହେବ।

**କର୍କଟ** - କାମଗୁଡ଼ିକ ପୂର୍ଣ୍ଣାଙ୍ଗ ନ ହୋଇଥିବା କାରଣରୁ ଅଧିକାଂଶ ସମୟ କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବ। ସଭାସମିତିରେ କିମ୍ବା ଅଫିସରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ, କିନ୍ତୁ କୌଣସି କୁପ୍ରଭାବ ପଡ଼ିବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ।

**ସିଂହ** - ପରିସ୍ଥିତିରେ ପଡ଼ି ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ତଥା ନିର୍ମାଣ ପାଇଁ ମନ୍ଦ ନୁହେଁ। ଆଜି ମଧ୍ୟାହ୍ନ ପରେ ପରେ ଅଫିସରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** - ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବା କାରଣରୁ ମନରେ ଭାବପ୍ରବଣତା ସୃଷ୍ଟି ହେବ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା** - ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ, ଅତଏବ କେତେକାଂଶରେ ମନ ହାଲୁକା ରହିବ। ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** - ବନ୍ଧୁଙ୍କ ସାହାଯ୍ୟରୁ ଆର୍ଥିକ ସମସ୍ୟା ଦୂର ହୋଇଯିବା ସାଙ୍ଗକୁ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ। ସତର୍କରେ ଚଳନ୍ତୁ, ଅନ୍ୟଥା ନିଜର ପାଖ ଲୋକମାନେ ଅପପ୍ରଚାର କରିପାରନ୍ତି। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ନଚେତ୍ ସମାଲୋଚନାର ପାତ୍ର ହେବାକୁ ପଡ଼ିବ। ପ୍ରତିଦ୍ୱନ୍ଦ୍ୱିତା ଓ କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** - ସମସ୍ୟା ବିଜଡ଼ିତ ରହିବା ହେତୁ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ବିଚାର ନ କରି ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ। ସଭାସମିତି ଓ ସଙ୍ଗଠନ କ୍ଷେତ୍ରରେ ପ୍ରଭୂତ ସଫଳତା ହାସଲ କରିବେ।

**ମକର** - ଆଜି ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିବେ।

**କୁମ୍ଭ** - ପ୍ରଥମରୁ ଭଲ ସମ୍ପର୍କ ଥିବା ବନ୍ଧୁମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଦୂରେଇ ଯାଇପାରନ୍ତି। ସାଧାରଣ ପାଟିତୁଣ୍ଡ କରିବା ପରେ ଯାଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସମ୍ଭାବନା ରହିଛି। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** - ସଫଳତା ଅବଶ୍ୟ ପାଇବେ, କିନ୍ତୁ ଏଥିପାଇଁ ବହୁତ ମେହନତ କରିବାକୁ ପଡ଼ିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ଖୁସି ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ନବମୀଯୁକ୍ତ ଦଶମୀ ରବିବାର, ଶ୍ରୀମନ୍ଦିରରେ କୃଷ୍ଣଲୀଳା, କଂସବଧ ପ୍ରସ୍ତାବ, ଲବଣିଖିଆ ଓ ମଥୁରାହାଟ ଜୁର, ଖୁଦୁରୁକୁଣୀ ଓଷା ଶେଷପାଳି, ସେପ୍ଟେମ୍ବର ୨୪ ତାରିଖ, ବିଶ୍ୱ ମୂକବଧିର ଦିବସ ଏବଂ ବିଶ୍ୱ ନଦୀ ଦିବସ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ ଘ.୦୮।୫୧ ମଧ୍ୟେ, ଘ.୦୧।୦୮ ଗତେ ଘ.୦୩।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୩୮ ଗତେ ଘ.୦୧।୦୮ ମଧ୍ୟେ ରାହୁକାଳ।

# ହୋଟେଲରେ ଗଣବଳାତ୍କାର
# ବିଷ ପିଇଲେ ନାବାଳିକା

## ମ୍ୟାନେଜର, ପ୍ରେମିକଙ୍କ ସମେତ ୪ ଗିରଫ

**ବାଲେଶ୍ୱର, ୨୩।୯ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମିକୁ ପ୍ରେମିକଙ୍କ ସହ ବୁଲିଯାଇଥିବା ଜଣେ ନାବାଳିକା ହୋଟେଲରେ ଗଣବଳାତ୍କାର ଶିକାର ହୋଇଛନ୍ତି। ଏପରିକି ବଳାତ୍କାର ସମୟରେ ମୋବାଇଲରେ ଫଟୋ ସହ ଭିଡିଓ ଉତ୍ତୋଳନ ହୋଇଥିଲା। ଏସବୁ ଘଟଣା ପରେ ନାବାଳିକାଜଣକ ଘରକୁ ଆସି ମାନସିକ ସନ୍ତୁଳନ ହରାଇ ବିଷ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସମସ୍ତ ଘଟଣା ଜାଣିବା ପରେ ପରିବାର ଲୋକେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ପୋକ୍‌ସୋ ଆକ୍ଟରେ ମାମଲା (ନଂ. ୨୮୩/୨୩) ରୁଜୁ


ଗିରଫ ଅଭିଯୁକ୍ତ

କରାଯାଇଛି। ଏହାର ତଦନ୍ତ କରାଯାଇ ନାବାଳିକାଙ୍କ ପ୍ରେମିକ, ପ୍ରେମିକଙ୍କ ଦୁଇ ସାଙ୍ଗ ଓ ହୋଟେଲ ମ୍ୟାନେଜରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଶନିବାର ଅପରାହ୍ଣରେ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ଗତ ଶୁକ୍ରବାର ନାବାଳିକା ନିଜ ପ୍ରେମିକଙ୍କ ସହ ଚାନ୍ଦିପୁର ବେଳାଭୂମି ବୁଲିବା ପାଇଁ ଆସିଥିଲେ। ବେଳାଭୂମିରେ ଥିବା ହୋଟେଲ ଗୋଲ୍ଡେନ୍ ପ୍ଲାଜାରେ ଏକ ରୁମ୍ ବୁକ୍ କରି ରହିଥିଲେ। ପ୍ରେମିକ ଜଣକ ନାବାଳିକାଙ୍କୁ ବଳାତ୍କାର କରିବା ସହ ତାଙ୍କ ସାଙ୍ଗରେ ଆସିଥିବା ଦୁଇ ବନ୍ଧୁ ମଧ୍ୟ ବଳାତ୍କାର କରିଥିଲେ। ବଳାତ୍କାର ସମୟରେ ଫଟୋ ଓ ଭିଡିଓ ଉତ୍ତୋଳନ କରାଯାଇଥିଲା। ଏଥିରେ ସମ୍ପୃକ୍ତ ନାବାଳିକା ମାନସିକ ଭାରସାମ୍ୟ ହରାଇ ବିଷ ପିଇବା ପରେ ଘଟଣା ପଦାକୁ ଆସିଥିଲା। ସଦର ଥାନା ପୋଲିସ ପକ୍ଷରୁ ତଦନ୍ତ କରାଯାଇ ୪ଜଣଙ୍କୁ ଗିରଫ କରାଯିବା ପରେ ସେମାନେ ବ୍ୟବହାର କରିଥିବା ୨ଟି ମୋଟର ସାଇକେଲ ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। କେଉଁ ପରିସ୍ଥିତିରେ ହୋଟେଲର ମ୍ୟାନେଜର ଏମାନଙ୍କୁ ରୁମ୍ ଦେଇଥିଲେ ତାହାର ସବିଶେଷ ତଦନ୍ତ ପୂର୍ବକ ହୋଟେଲ ରେଜିଷ୍ଟରକୁ ମଧ୍ୟ ପୋଲିସ ଜବତ କରିଛି।

# ୧୪ରେ ଦୃଶ୍ୟମାନ ହେବ 'ଅଗ୍ନିଚକ୍ର'



ଆସନ୍ତା ମାସ ୧୪ ତାରିଖରେ ସୂର୍ଯ୍ୟୋପରାଗ ହେବ। ଚଳିତଥର ସୂର୍ଯ୍ୟୋପରାଗ ସମୟରେ ଆକାଶରେ ଏକ 'ଅଗ୍ନିଚକ୍ର' ଦୃଶ୍ୟମାନ ହେବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଭାରତରେ ଏହା ଦୃଶ୍ୟମାନ ହେବ ନାହିଁ। ଏହା ଆମେରିକା ସମେତ ୟୁରୋପର କିଛି ଦେଶରେ ଦୃଶ୍ୟମାନ ହେବ। ଅପରପକ୍ଷେ ସୂର୍ଯ୍ୟୋପରାଗ ସମୟରେ ଦୃଶ୍ୟମାନ ହେବାକୁ ଥିବା ଏହି 'ଅଗ୍ନିଚକ୍ର'କୁ ନେଇ ଏବେ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ବୈଜ୍ଞାନିକମାନଙ୍କ କହିବା ଅନୁସାରେ ସୂର୍ଯ୍ୟୋପରାଗବେଳେ ଚନ୍ଦ୍ର ଓ ସୂର୍ଯ୍ୟ ଏକ ସରଳରେଖାରେ ରହିବେ। କିନ୍ତୁ ସୂର୍ଯ୍ୟଙ୍କୁ ଚନ୍ଦ୍ର ସମ୍ପୂର୍ଣ୍ଣ ଭାବେ ଆଚ୍ଛାଦିତ କରିପାରିବେ ନାହିଁ। ଫଳରେ ସୂର୍ଯ୍ୟ ଉପରେ ଚନ୍ଦ୍ରର ଗୋଲାକାର ବଳୟ ସୃଷ୍ଟି କରିବ। ଏହା ଆକାଶରେ ଅଗ୍ନିଚକ୍ର ବା ମୁଦି ଆକାରରେ ଦୃଶ୍ୟମାନ ହେବ। ତେବେ ଅକ୍ଟୋବର ୧୪ ସକାଳ ୯.୧୩ରେ ଏହି ଦୃଶ୍ୟ ପ୍ରଥମେ ଓରେଗନ୍‌ବାସୀ ଦେଖିବାକୁ ପାଇବେ। ଏହାପରେ ଅପରାହ୍ଣ ୧୨.୦୩ ମିନିଟ୍‌ରେ ଏହାକୁ ଟେକ୍ସାସ୍ ଦେଶବାସୀ ଦେଖିବେ। ଏହି ଦୁଇ ଦେଶ ବ୍ୟତୀତ ମେକ୍ସିକୋ, କଲୋରାଡ଼ୋ, ନେଭଡା ଦେଶବାସୀ ମଧ୍ୟ ନିଜ ନିଜ ଦେଶର ସମୟ ଅନୁସାରେ ଏହାକୁ ଦେଖିପାରିବେ। ତେବେ ଏହି ଦୃଶ୍ୟକୁ ସ୍ୱତନ୍ତ୍ର ସରଞ୍ଜାମ ବ୍ୟତୀତ ଖାଲି ଆଖିରେ ନ ଦେଖିବା ପାଇଁ ନାସା ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିପାଇଁ ନାସା ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଇଛି। ଏହି ଦୃଶ୍ୟ କେତେ ସମୟ ଲାଗି ଆକାଶରେ ଦୃଶ୍ୟମାନ ହେବ ସେନେଇ ବୈଜ୍ଞାନିକମାନେ ଆକଳନ କରିଛନ୍ତି। ବୈଜ୍ଞାନିକମାନଙ୍କ କହିବା ହେଲା ଯେ ଦେଶର ସ୍ଥିତି ଅନୁଯାୟୀ 'ଅଗ୍ନଚକ୍ର' ଦେଖାଯିବ। ମେରୁ ଅଞ୍ଚଳରେ ବାସ କରୁଥିବାଲୋକେ ଏହି ଦୃଶ୍ୟକୁ ଦୀର୍ଘ ସମୟ ଧରି ଦେଖିବାପାରିବେ। ଆମେରିକାରେ ଏହି ଦୃଶ୍ୟ ୧ ମିନିଟ୍ ୨୪ ସେକେଣ୍ଡ, କୋରଭାଲିସ୍ ତଥା ଓରେଗନ୍‌ରେ ଏହା ୪ ମିନିଟ୍ ୫୨ ସେକେଣ୍ଡ ଲାଗି ଦୃଶ୍ୟମାନ ହେବ। ଅପରପକ୍ଷେ ନିକାରାଗୁଆରେ ଏହି ଦୃଶ୍ୟ ସବୁଠୁ ଅଧିକ ସମୟ ଅର୍ଥାତ୍ ୫ ମିନିଟ୍ ୧୭ ସେକେଣ୍ଡ ଲାଗି ଦୃଶ୍ୟମାନ ହେବ ବୋଲି କୁହାଯାଇଛି।

# ଅପହୃତ ଛାତ୍ର ତାଳସାରୀ ବେଳାଭୂମିରୁ ଉଦ୍ଧାର

## ଟିଆଇ ପରେଡ୍‌ରେ ୧୨ ଅପହରଣକାରୀ

**ଭୋଗରାଇ, ୨୩।୯ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ତାଳସାରୀ ବେଳାଭୂମିରେ ଶନିବାର ଓଡ଼ିଶା ଓ ପଶ୍ଚିମବଙ୍ଗ ପୋଲିସ ମିଳିତ ଭାବେ ଚଢ଼ାଉ କରି ଅପହରଣକାରୀଙ୍କଠାରୁ ମ୍ୟାନ୍‌ମାରର ଜଣେ ଛାତ୍ରଙ୍କୁ ଉଦ୍ଧାର କରିଛନ୍ତି। ଅପହୃତ ଛାତ୍ର ହେଲେ ପାନକୁରା (୩୧)। ପଶ୍ଚିମବଙ୍ଗ ପୋଲିସ ୧୨ ଅପହରଣକାରୀଙ୍କୁ କାବୁ କରିବା ସହିତ ଦୁଇଟି ସୌଖୀନ ଗାଡ଼ି ଜବତ କରିଛି। ଅପରାଧୀଙ୍କୁ ବୀରଭୂମି ବେଲପୁରା ଥାନାରେ ପୋଲିସ ପକ୍ଷରୁ ଟିଆଇ ପରେଡ୍ କରାଯାଇ ଅଧିକ ପଚରାଉଚରା କରାଯାଉଛି।

ମ୍ୟାନ୍‌ମାରର ପାନକୁରା ପଶ୍ଚିମବଙ୍ଗ ବୀରଭୂମି ଜିଲା ଶାନ୍ତି ନିକେତନ ବିଶ୍ୱବିଦ୍ୟାଳୟର ପିଜି ଛାତ୍ର। ସେଠାରେ ରହି ପଶ୍ଚିମବଙ୍ଗ ଛାତ୍ର ଓ ଯୁବକଙ୍କ ସହିତ ବନ୍ଧୁତା ସ୍ଥାପନ କରି ଚୁଟିକେଟା ବ୍ୟବସାୟ କରୁଥିଲେ। ଏ ବାବଦରେ ଯୁବକମାନେ ପାନକୁରାଙ୍କଠାରୁ ୫୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନ ପାଇବାରୁ ସେଠାରୁ ୧୨ଜଣ ଅପହରଣକାରୀ ଦୁଇଟି ସୌଖୀନ ଗାଡ଼ିରେ ଏହି ଛାତ୍ରଙ୍କୁ ଅପହରଣ କରି ଗତ ଗୁରୁବାରଠାରୁ ପ୍ରଥମେ ପୂର୍ବମେଦିନୀପୁର ଜିଲା ଚଣ୍ଡୀପୁର, ଭଗବାନପୁର ଓ ପରେ ତାଳସାରୀ ବେଳାଭୂମିର ଏକ ସ୍ଥାନରେ ମୁଣ୍ଡ ଜାମିନ ରଖିଥିଲେ। ଏହି ଘଟଣାରେ ମ୍ୟାନମାର ରାଷ୍ଟ୍ରଦୂତ ଭାରତ ସରକାରଙ୍କୁ ଜଣାଇବା ପରେ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ ସେଠାକାର ଥାନାରେ ଅଭିଯୋଗ କରିଥିଲେ। ପରେ ଅପହରଣକାରୀଙ୍କ ମୋବାଇଲ ଟ୍ରାକ୍ କରାଯାଇ ତାଳସାରୀ ବେଳାଭୂମିରେ ଅବସ୍ଥାନ କରୁଥିବା ସୁରାକ ପୋଲିସକୁ ମିଳିଥିଲା। ପୂର୍ବମେଦିନୀପୁର ଜିଲା ଏସ୍‌ପି ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କୁ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ ତାଳସାରୀ ମେରାଇନ୍ ଥାନାକୁ ସୂଚନା ଦେଇଥିଲେ। ପଶ୍ଚିମବଙ୍ଗ ପୋଲିସ, ଜଳେଶ୍ୱର ଥାନା ଆଇଆଇସି ଏବଂ ତାଳସାରୀ ମେରାଇନ୍ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ଦୁଇ ରାଜ୍ୟର ପୋଲିସ ମିଳିତ ଚଢ଼ାଉ କରି ମ୍ୟାନ୍‌ମାର୍ ଛାତ୍ରଙ୍କୁ ତାଳସାରୀ ବେଳାଭୂମିରୁ ଉଦ୍ଧାର କରିଛନ୍ତି। ବିଦେଶୀ ଛାତ୍ର ଅପହରଣ ଘଟଣାରେ ପଶ୍ଚିମବଙ୍ଗ ବୀରଭୂମି ଜିଲା ବେଲପୁରା ଥାନାରେ ମାମଲା (ନଂ.୩୩୫/୨୩) ରୁଜୁ ହୋଇଥିବା ସୂଚନା ମିଳିଛି।

# ପୋଖରୀ, କେନାଲରେ ବୁଡ଼ି ୨ ମୃତ

**ପୁରୁଷୋତ୍ତମପୁର, ୨୩।୯ (ସୀମାଞ୍ଚଳ ମିଶ୍ର)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ସମା ଓ ଆଙ୍ଗୁଠାରେ ଶନିବାର ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ଘଟିଛି। ସମା ଗ୍ରାମର ରୁଦ୍ର ପ୍ରସାଦ ବାରିକ (୧୫) ଖତାଡି ସାହି ପୁରୁଣା ବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ବୁଡି ଯାଇଥିଲେ। ପୋଖରୀରେ ସେ ଭାସୁଥିବା ଦେଖି ଲୋକେ ତାଙ୍କୁ ଉଦ୍ଧାର କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ନ ଥିବାରୁ ଆମ୍ବୁଲାନ୍ସରେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ରୁଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଆଙ୍ଗୁ ଗ୍ରାମର ସୁଷମା ନାହାକ (୫୦) ନିକଟସ୍ଥ କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ପୋଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଆମ୍ବୁଲାନ୍ସ ନ ଆସିବାରୁ ଅଟୋରେ ପ୍ରସବ

**ଘଣ୍ଟାପଡ଼ା, ୨୩।୯ (ପ୍ରଭାତ କୁମାର ସାହୁ)**

ଆମ୍ବୁଲାନ୍ସ ନ ଆସିବାରୁ ଜଣେ ଗର୍ଭବତୀ ମହିଳାଙ୍କୁ ଅଟୋରେ ଡାକ୍ତରଖାନା ନିଆଯିବା ବେଳେ ସେ ସେହି ଅଟୋରେ ସନ୍ତାନ ପ୍ରସବ କରିଛନ୍ତି। ଏଭଳି ଅଭାବନୀୟ ଘଟଣା ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଲିଆପାଲି ଗ୍ରାମରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ରାତିରେ ଖଲିଆପାଲି ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବା ମାତ୍ରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ଅହେତୁକ ବିଳମ୍ବ ହେବାରୁ ପରିବାର ଲୋକେ ବାଧ୍ୟ ହୋଇ ଏକ ଅଟୋରେ ମହିଳାଙ୍କୁ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଉଥିଲେ। କିନ୍ତୁ ବାଟରେ ଅଟୋ ମଧ୍ୟରେ ମହିଳା ଜଣକ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ। ପରେ ମହିଳା ଓ ଶିଶୁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ଜାଣିବାକୁ ମିଳିଛି। ସୂଚନାଯୋଗ୍ୟ, କଣ୍ଟାମାଳ ଏକ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଗତ ୧ବର୍ଷରୁ ଉର୍ଦ୍ଧ୍ୱ ହେବ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୧୦୮ ଆମ୍ବୁଲାନ୍ସ ଅଚଳ ହୋଇ ପଡ଼ି ରହିଛି। ଫୋନ କଲେ ଆଖପାଖ ଡାକ୍ତରଖାନାରୁ ଆମ୍ବୁଲାନ୍ସ ଠିକ ସମୟରେ ଆସି ପାରୁନାହିଁ। ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଏପରି ବାସ୍ତବ ଚିତ୍ର ସାମ୍ନାକୁ ଆସୁଛି। ବିଭିନ୍ନ ସମୟରେ ଏଭଳି ଘଟଣା ପାଇଁ ଲୋକେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଅପାରଗତାକୁ ଦାୟୀ କରିଛନ୍ତି। ୨-୩ଟି ଆମ୍ବୁଲାନ୍ସ ଦରକାର ପଡୁଥିବାରୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ଦାବି ହେଉଛି।



> ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା’ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। –ଶ୍ରୀଅରବିନ୍ଦ

# ଏନ୍‌କାଉଣ୍ଟର କାହିଁକି



**ଆକାର ପଟେଲ**

ନ୍ୟାୟିକ ବ୍ୟବସ୍ଥାର ଅନୁମତି ବିନା ହତ୍ୟା(ଏକ୍ସଟ୍ରା ଜୁଡିସିଆଲ କିଲିଂ) ବା ଏନ୍‌କାଉଣ୍ଟର ଭାରତରେ ଏକ ସାଧାରଣ ଘଟଣା। ବହୁ ସମୟରେ ଅଭିଯୁକ୍ତମାନେ ନ୍ୟାୟିକ ହେପାଜତରେ ଥିଲେ ବି ସେମାନଙ୍କୁ ହତ୍ୟା କରାଯାଏ। ଏମିତିକି ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଅଭିଯୁକ୍ତ ସୁରକ୍ଷା ଲାଗି ସୁପ୍ରିମ କୋର୍ଟରେ ପିଟିଶନ ଦାଏର କରିଥିଲେ ମଧ୍ୟ ତାଙ୍କୁ ହତ୍ୟା କରାଯାଉଛି। ଅଭିଯୁକ୍ତମାନଙ୍କୁ ସ୍ଥାନାନ୍ତର କରାଯାଉଥିବାବେଳେ ସେମାନଙ୍କ ହତ୍ୟା ଘଟଣାକୁ ଶୁଟିଂ କରାଯାଉଛି। ଏନ୍‌କାଉଣ୍ଟରକୁ ଯୁକ୍ତିଯୁକ୍ତ ମନେକରାଯାଉଥିବାରୁ ଏଭଳି କରାଯାଉଛି। ନ୍ୟାୟିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ଏବଂ ଦଣ୍ଡାଦେଶ ପାଇଁ ଅପେକ୍ଷା କରାଯାଇପାରିବ ନାହିଁ– ଏଭଳି ସିଦ୍ଧାନ୍ତ ଏନ୍‌କାଉଣ୍ଟର ପାଇଁ ପ୍ରୟୋଗ କରାଯାଉଛି। ଖରାପ ଦଣ୍ଡ ପାଇବା ପୂର୍ବରୁ ଦୋଷୀ ସାବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ଏବଂ ଆଇନ ବ୍ୟବସ୍ଥା ବାହାରୁ ସେମାନଙ୍କୁ ଗୁଳିକରି ହତ୍ୟା କରାଯିବା ବିଚାରରୁ ବି ଏନ୍‌କାଉଣ୍ଟର ଆସିଥାଇପାରେ। ୨୭ ଅଗଷ୍ଟ ୨୦୧୩ରେ ଲୋକ ସଭା ସଦସ୍ୟ ଗୁରୁଦାସ ଦାସଗୁପ୍ତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ କିଛି ପ୍ରଶ୍ନ ପଚାରିଥିଲେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ ଏନ୍. ସନ୍ତୋଷ ହେଗ୍‌ଡେଙ୍କ ନେତୃତ୍ୱରେ ଗଠିତ ଆୟୋଗର ନିଷ୍କର୍ଷରେ ମଣିପୁରର ୬ଟି ପୃଥକ୍ ଘଟଣାରେ ୭ଜଣଙ୍କ ଏନ୍‌କାଉଣ୍ଟର ନକଲି ଥିବା ବିଷୟ ଭାରତ ସରକାର ଅବଗତ ଅଛନ୍ତି କି ନାହିଁ ସେ ପ୍ରଶ୍ନ ଉତ୍‌ଥାପନ କରିଥିଲେ। ଆଉ ଏକ ପ୍ରଶ୍ନ ଥିଲା, ମଣିପୁରରେ ସମସ୍ତ ଏନ୍‌କାଉଣ୍ଟରର ତଦନ୍ତ ପାଇଁ ଜାତୀୟ ମାନବାଧିକାର କମିଶନ ଦାବି କରିଛନ୍ତି କି ନାହିଁ। ସରକାର ଉତ୍ତର ଦେଇଥିଲେ ଯେ, ହେଗ୍‌ଡେ କମିଶନଙ୍କ ନିଷ୍କର୍ଷ ବିଷୟରେ ସରକାର ଅବଗତ ଅଛନ୍ତି, କିନ୍ତୁ ଏନ୍‌ଏଚ୍‌ଆର୍‌ସି ତଦନ୍ତ ଦାବି କରି ନ ଥିବାରୁ ସରକାର ଏହା ଉପରେ କିଛି କରିପାରିଲେ ନାହିଁ। ୨୪ ନଭେମ୍ବର ୨୦୧୨ରେ ପୂର୍ବତନ ବିଚାରପତି ହେଗ୍‌ଡେ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଜେ.ଏମ୍. ଲିଙ୍ଗ୍‌ଡୋ ଏବଂ କର୍ନାଟକର ପୂର୍ବତନ ଡିଜିପି ଅଜୟ କୁମାର ସିଂଙ୍କୁ ନେଇ ସୁପ୍ରିମକୋର୍ଟ ଏକ ୩ ଜଣିଆ କମିଶନ ଗଠନ କରିଥିଲେ। ୧୯୭୯ ରୁ ୨୦୧୨ ମଧ୍ୟରେ ମଣିପୁରରେ ମଣିପୁର ପୋଲିସ ଓ ସୁରକ୍ଷା ବଳ ଦ୍ୱାରା କରାଯାଇଥିବା ୧୫୨୮ ଏନ୍‌କାଉଣ୍ଟର ଉପରେ ଅନୁଧ୍ୟାନ କରିବାର ଦାୟିତ୍ୱ ଏହି କମିଶନ ନେଇଥିଲେ। ଏନ୍‌କାଉଣ୍ଟରରେ ହତ୍ୟା କରାଯାଇଥିବା ପୀଡ଼ିତ ପରିବାର ସଂଘ (ଇଇଭିଏଫ୍‌ଏମ୍) ଏକ ପିଟିଶନ ଦାଏର କରିବା ପରେ ସମ୍ପୂର୍ଣ୍ଣ ବିଷୟ ସାମ୍ନାକୁ ଆସିଥିଲା। କମିଶନ ୧୫୨୮ଟି ହତ୍ୟାକାଣ୍ଡରୁ ପ୍ରଥମ ୬ଟିକୁ ତଦନ୍ତ ପରିସରକୁ ନେଇଥିଲା ଏବଂ ୨୦୧୩ ସୁଦ୍ଧା ସମସ୍ତ ଏନ୍‌କାଉଣ୍ଟର ନକଲି ବୋଲି ଜଣାପଡ଼ିଥିଲା। ହତ୍ୟାକାରୀମାନେ ଆର୍ମଡ ଫୋର୍ସେସ୍ ସ୍ପେଶିଆଲ ପାୱାର ଆକ୍ଟ (ଏଏଫ୍‌ଏସ୍‌ପିଏ) ଦ୍ୱାରା ସୁରକ୍ଷିତ ଥିବାରୁ ଅଭିଯୁକ୍ତଙ୍କୁ ହତ୍ୟା କରିଥିଲେ। କେବଳ ଉତ୍ତରପୂର୍ବାଞ୍ଚଳ ଏବଂ କଶ୍ମୀର ନୁହେଁ ଅନ୍ୟ ସ୍ଥାନରେ ବି ଏନ୍‌କାଉଣ୍ଟର ହେଉଛି।

ମଣିପୁର ଏବେ ଅନ୍ୟ କାରଣ ପାଇଁ ପୁଣିଥରେ ବିଶ୍ୱସ୍ତରରେ ଖବର ପାଲଟିଛି। ଏଠାରେ ଏନ୍‌କାଉଣ୍ଟର ହତ୍ୟା ଘଟଣା ଘଟୁଛି, ଯେଉଁଥିରୁ ଆମ ଭଳି ନାଗରିକମାନେ ଦୂରେଇ ରହିଛୁ। ବିଶେଷକରି ମଣିପୁରରେ ଏକ ଭୟଙ୍କର ଘଟଣା ସାମ୍ନାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ମୁହଁ ଖୋଲିବାକୁ ବାଧ୍ୟ ହୋଇଛନ୍ତି। ଏ ପ୍ରକାର ହତ୍ୟାର ବାସ୍ତବତା ରହିଛି ବୋଲି ସରକାର ଲୋକ ସଭାରେ ସ୍ୱୀକାର କରିବା ପରେ ଭାରତରେ ବ୍ୟବସ୍ଥାରେ କ’ଣ ଘଟୁଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଦୁର୍ଭାଗ୍ୟବଶତଃ, ଦେଶରେ ଏନ୍‌କାଉଣ୍ଟର ପୂର୍ବଭଳି ଚାଲିଛି। ସାମାଜିକ ସ୍ତରରେ ଏଭଳି ହତ୍ୟାକାଣ୍ଡ ବିରୋଧରେ ଅଧିକ ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ଦେଖାଯାଏ, ସାମାଜିକ ସ୍ତରରେ ‘ଭଲ’ ଏବଂ ‘ଖରାପ’ ଲୋକ ଧାରଣା ଥିବାରୁ ଓ ଏହା ଗ୍ରହଣୀୟ ହେଉଥିବାରୁ ଏପରି ପଦ୍ଧତିର ବ୍ୟବହାରକୁ ଅନୁମତି ମିଳୁଛି। ଏନ୍‌କାଉଣ୍ଟର ଘଟଣାଗୁଡ଼ିକ ବି ଗଣମାଧ୍ୟମରେ ପ୍ରକାଶ ପାଇଥାଏ, ଯେଉଁଠାରେ ହତ୍ୟା ପାଇଁ ବ୍ୟବସ୍ଥାକୁ ଦାୟୀ କରିବା ମୁଖ୍ୟ ପ୍ରସଙ୍ଗ ହୁଏ ନାହିଁ କି ଏ ବିଷୟରେ ଦୃଢ଼ ସ୍ୱର ଉଠେନାହିଁ। ନାଗରିକ ସମାଜ ପକ୍ଷରୁ ସେଭଳି ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ଏଣୁ ଏହିସବୁ କାରଣରୁ ସରକାର ଯାହା କରୁଛନ୍ତି ତାହା ଆଗକୁ ଜାରି ରଖିବେ। ଏହି ପ୍ରସଙ୍ଗରେ ନ୍ୟାୟପାଳିକା କିଛି ଆଗ୍ରହ ଦେଖାଇଥିଲେ ମଧ୍ୟ ଅତୀତ କିମ୍ବା ଏବକାର ଏନ୍‌କାଉଣ୍ଟର ଘଟଣା ଉପରେ ସରକାରଙ୍କୁ ଦାୟୀ କରିନାହିଁ। ଏଥିରୁ ବୁଝାପଡ଼ିଛି, ଭାରତରେ ଏନ୍‌କାଉଣ୍ଟର ଏକ ସାଧାରଣ ଘଟଣା ହୋଇଯାଇଛି। ଯେ ପର୍ଯ୍ୟନ୍ତ ଏହାକୁ ନେଇ ଅନ୍ୟମାନେ ଚିନ୍ତାପ୍ରକଟ କରିନାହାନ୍ତି, ସେଯାଏ ଏହା ଏକ ସମସ୍ୟା ଭାବେ ବିବେଚିତ ହୋଇପାରିବ ନାହିଁ। ତେବେ ଚଳିତ ମାସରେ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଏଭଳି ଘଟଣା କଥା ଉଠିଛି। ଅନ୍ୟ ଦେଶରେ ଏକ ଏନ୍‌କାଉଣ୍ଟର ଅଭିଯୋଗ ଭାରତ ସରକାରଙ୍କ ବିରୋଧରେ ଆସିଛି। ଏଯାବତ୍ ଏହା ଉପରେ କୌଣସି ପ୍ରମାଣ ସାମ୍ନାକୁ ଆସିନାହିଁ। ତେବେ ସବୁବେଳେ ଆମେ ଯେଭଳି ନିର୍ଦ୍ଦୋଷର ଆଭିମୁଖ୍ୟ ଗ୍ରହଣ କରୁ ଏବେ ସେଭଳି କରିବାକୁ ପଡ଼ିବ ଏବଂ ଆଶା କରିବା, ସବୁ ଅଭିଯୋଗ ଅସତ୍ୟ ହେଉ। କିନ୍ତୁ ଆମ ଦେଶ ଭିତରେ ସ୍ଥିତି କ’ଣ ତାହା ଉପରେ ବିଚାର କରିବା ଦରକାର। ଏହି ସମସ୍ୟା ଏବେ ଦେଶରେ ବୃଦ୍ଧିପାଇଛି ଓ ନିୟମିତ ଦେଖାଯାଉଛି। ଏକ ଔପଚାରିକ ବ୍ୟବସ୍ଥା ଥିବାବେଳେ ସମାନ୍ତରାଳ ଭାବେ ଏକ ଅନୌପଚାରିକ ତଥା ନିଷ୍ଠୁର ନ୍ୟାୟ ବ୍ୟବସ୍ଥା ଚାଲିଛି ଏବଂ ଔପଚାରିକ ଭାବେ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବା ତୁଳନାରେ ଏହା ଅଭିଯୁକ୍ତଙ୍କୁ ଅନେକ ଗୁଣ ଅଧିକ ମୃତ୍ୟୁଦଣ୍ଡ ଦେଉଛି। ଗତ ବର୍ଷ ଦି ହିନ୍ଦୁ ଫ୍ରଣ୍ଟଲାଇନ ପତ୍ରିକାର ଏକ ରିପୋର୍ଟରେ ପ୍ରକାଶ ପାଇଥିଲା ଯେ, ୨୦୧୬ରୁ ୨୦୨୨ ମଧ୍ୟରେ ୮୦୦ରୁ ଅଧିକ ଏନ୍‌କାଉଣ୍ଟର ହତ୍ୟା ରେକର୍ଡ କରାଯାଇଛି। ଏହି ସମାନ ଅବଧିରେ ଔପଚାରିକ ଭାବେ ଦୋଷୀ ସାବ୍ୟସ୍ତ ହେବା ପରେ ଫାଶୀ ପାଇଥିବା ଲୋକଙ୍କ ସଂଖ୍ୟା ୫ ଥିଲା।

ଆମକୁ ଆମ କଥା ବୁଝିବା ବା ପାଖରୁ ନିରୀକ୍ଷଣ କରିବା ଲାଗି ବାହ୍ୟ ଚାପକୁ ଗ୍ରହଣ କରାଯିବା ଉଚିତ ନୁହେଁ। କିନ୍ତୁ ଭାରତରେ ବିଷୟଗୁଡ଼ିକ ବହୁ ସମୟରେ ସେହିପରି ଚାଲିଥିବା ମନେହେଉଛି। ମଣିପୁରରେ ମୃତ୍ୟୁଦଣ୍ଡ ଦିଆଯାଇଥିବା ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରାଯାଇ ମାର୍ଚ୍ଚ ୨୦୧୨ରେ ଭାରତ ଗସ୍ତରେ ଆସିଥିବା ଜାତିସଂଘର ସ୍ୱତନ୍ତ୍ର ରିପୋର୍ଟର ଖ୍ରୀଷ୍ଟୋଫ ହେନ୍ସଙ୍କୁ ଦିଆଯାଇଥିଲା। ଆମକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଏହାର ଆବଶ୍ୟକତା ଥିଲା କି?

Email:aakar.patel@gmail.com

# ହିଲିୟମ-୩: ଚନ୍ଦ୍ରପୃଷ୍ଠର ସୁନା



**ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ଭାରତୀୟ ମହାକାଶଯାନ ଚନ୍ଦ୍ରୟାନ-୧ ଏବଂ ଚନ୍ଦ୍ରୟାନ-୩ ସଫଳତାର ସହ ଚନ୍ଦ୍ରପୃଷ୍ଠରେ ଲ୍ୟାଣ୍ଡର୍‌ମାନ ଅବତରଣ କରାଇ ସେଠାର ଭୌଗୋଳିକ ତଥା ଭୂତାତ୍ତ୍ୱିକ ଅନୁସନ୍ଧାନ କରିବା ଫଳରେ ଏହାର ଶିଳା ଏବଂ ମୃତ୍ତିକାରେ ବିବିଧ ଖଣିଜ ସମ୍ପଦ ତଥା ଜଳ ଓ ଅମ୍ଳଜାନ ଇତ୍ୟାଦିର ସନ୍ଧାନ ମିଳିପାରିଛି। ଏଥିପୂର୍ବରୁ ଚାଇନାର ଚିଂଗ୍‌ଇ-୪ (୨୦୧୮) ଏବଂ ଚିଂଗ୍‌ଇ-୫ (୨୦୨୦)ରୁ ଏବଂ ତା’ ଆଗରୁ ଆମେରିକାର ମାନବବାହୀ ଆପୋଲୋ ଯାନଗୁଡ଼ିକ (୧୯୬୯ରୁ ୧୯୭୨) ମଧ୍ୟ ତହିଁରୁ ଅନେକଙ୍କ ସମ୍ପର୍କରେ ସୂଚନାମାନ ପ୍ରଦାନ କରିଥିଲେ। ତେବେ ତନ୍ମଧ୍ୟରୁ ଏବେ ସର୍ବାଧିକ ଦୃଷ୍ଟି ଆକର୍ଷଣକାରୀ ପାଲଟିଛି ହିଲିୟମ-୩। ଆଗାମୀ ଭବିଷ୍ୟତ ପାଇଁ ଅସରନ୍ତି ଶକ୍ତିର ଉତ୍ସ ରୂପେ ପରିଗଣିତ ଏହି ଉପାଦାନଟିକୁ ‘ଚନ୍ଦ୍ରପୃଷ୍ଠର ସୁନା’ ରୂପେ ଅଭିହିତ କରାଗଲାଣି।

ହିଲିୟମ୍‌କୁ ମୌଳିକ ପଦାର୍ଥମାନଙ୍କ ତାଲିକା ବା ‘ପିରିୟଡିକ୍ ଟେବୁଲ୍’ର ଦ୍ୱିତୀୟ ସ୍ଥାନରେ ସ୍ଥାନିତ କରାଯାଏ, ଠିକ୍ ଉଦ୍‌ଜାନର ପରେ ପରେ। କାରଣ ଏହା ୨ଟି ନିଉଟ୍ରନ୍ ଓ ୨ଟି ପ୍ରୋଟନ୍‌ରେ ଗଢ଼ା ଏବଂ ସେଥିପାଇଁ ଏହାର ପାରମାଣବିକ ରାଶି ୨ ଏବଂ ପାରମାଣବିକ ବସ୍ତୁତ୍ୱ ୪ (ଉଦ୍‌ଜାନର ଏ ଉଭୟ ୧, ଯେହେତୁ ଏହା ଗୋଟିଏ ମାତ୍ର ପ୍ରୋଟନ୍‌ରେ ଗଢ଼ା)। ତେବେ ଏହାର ଅନ୍ୟ ଏକ ୩ ପରମାଣୁ ବସ୍ତୁତ୍ୱ ବିଶିଷ୍ଟ ସୁସ୍ଥିର ସମସ୍ଥାନିକ ରହିଛି। ଏହା ୨ଟି ପ୍ରୋଟନ୍ ଏବଂ ଗୋଟିଏ ନିଉଟ୍ରନ୍‌ରେ ଗଢ଼ା। ସେଥିପାଇଁ ଏହାକୁ ନାମିତ କରାଯାଏ ହିଲିୟମ-୩ ରୂପେ। ପ୍ରାକୃତିକ ନମୁନାରେ ଏହା ଅତି ସ୍ୱଳ୍ପମାତ୍ରାରେ ଥାଏ।

ଅଷ୍ଟ୍ରେଲିଆର ନାଭିକୀୟ ପଦାର୍ଥବିଜ୍ଞାନୀ ମାର୍କ ଓଲିଫଣ୍ଟ ୧୯୩୪ ରେ ଏହା (ହିଲିୟମ-୩) ଆବିଷ୍କାର କରିଥିଲେ। ଅଣ-ତେଜସ୍କ୍ରିୟ ହୋଇଥିବାରୁ ଏହାକୁ ଭାରିଉଦ୍‌ଜାନ ବା ଡିଉଟେରିୟମ୍ ସହିତ ସଂଯୋଜନ ରିଆକ୍ଟରରେ ଇନ୍ଧନ ରୂପେ ବ୍ୟବହାର କରିବା ଅଧିକ ନିରାପଦ ହେବ ବୋଲି ମନେକରାଯାଉଛି। ପୁନଶ୍ଚ ଏଥିରୁ ଡିଉଟେରିୟମ୍-ଟ୍ରିଟିୟମ୍ ଇନ୍ଧନ ଭଳି ଉଚ୍ଚଶକ୍ତି ସମ୍ପନ୍ନ ନିଉଟ୍ରନ୍ ମଧ୍ୟ ନିର୍ଗତ ହେବ ନାହିଁ।

ବର୍ତ୍ତମାନ ବ୍ୟବହୃତ ସମସ୍ତ ପରମାଣବିକ ଶକ୍ତି ଉତ୍ପାଦନ କେନ୍ଦ୍ର ନାଭିକୀୟ ବିଭାଜନ ପଦ୍ଧତି ଅନୁସରଣ କରୁଥିବା ରିଆକ୍ଟରମାନ ଉପଯୋଗ କରୁଛନ୍ତି। ଏଥିରୁ ସାଧାରଣତଃ ୟୁରାନିୟମ୍-୨୩୫ର ନାଭିକକୁ ଶକ୍ତିଶାଳୀ ନିଉଟ୍ରନ୍ ସଂଘାତ ଦ୍ୱାରା ବିଭାଜିତ କରି ଶକ୍ତି ଉତ୍ପନ୍ନ କରାଯାଏ। ତେବେ ତହିଁରୁ ନିର୍ଗତ ହୁଏ ତେଜସ୍କ୍ରିୟ ଆବର୍ଜନା, ଯାହାକି ପରିବେଶ ପାଇଁ ବିପଜ୍ଜନକ ଏବଂ ତାହାର ସୁପରିଚାଳନା ମଧ୍ୟ ଦୁଃସାଧ୍ୟ। ଅନ୍ୟପକ୍ଷରେ ଡିଉଟେରିୟମ୍ (ଭାରିଉଦ୍‌ଜାନ) ଏବଂ ଟ୍ରିଟିୟମ୍ (ଅତିଭାରି ଉଦ୍‌ଜାନ)କୁ ଇନ୍ଧନ ରୂପେ ବ୍ୟବହାର କରାଯାଉଥିବା ସଂଯୋଜନ ରିଆକ୍ଟରରେ ଏହି ପରମାଣୁମାନଙ୍କ ନାଭିକଗୁଡ଼ିକର ସଂଯୋଜନ ପାଇଁ ପ୍ରାୟ ୧୫୦ ନିୟୁତ କେଲଭିନ୍ ତାପମାତ୍ରା ଆବଶ୍ୟକ ହୁଏ ଏବଂ ଏଥିରୁ ହିଲିୟମ ସହିତ ଉଚ୍ଚ ଶକ୍ତିସମ୍ପନ୍ନ ନିଉଟ୍ରନ୍ ମଧ୍ୟ ନିର୍ଗତ ହୁଏ, ଯାହାକି ଏ ବ୍ୟବସ୍ଥାର ପ୍ରାଚୀରରେ ଆଘାତ ଦେଇ ତାହାକୁ କ୍ଷତି ପହଞ୍ଚାଏ। ତେବେ ଏ ପ୍ରକାର ରିଆକ୍ଟର ଆଜିସୁଦ୍ଧା ବ୍ୟବସାୟିକ ଭିତ୍ତିରେ ଶକ୍ତି ଉତ୍ପାଦନ ଲାଗି ବ୍ୟବହୃତ ହୋଇ ପାରିନାହିଁ। ଆଗାମୀ ୨୦୩୦ରୁ ୨୦୫୦ ମଧ୍ୟରେ ତାହା ସମ୍ଭବ ହୋଇପାରେ ବୋଲି ମନେକରାଯାଏ।

ଅନ୍ୟପକ୍ଷରେ ସଂଯୋଜନ ରିଆକ୍ଟରରେ ହିଲିୟମ-୩କୁ ଇନ୍ଧନ ରୂପେ ବ୍ୟବହାର କଲେ ତହିଁରୁ ଉଚ୍ଚଶକ୍ତି ସମ୍ପନ୍ନ ନିଉଟ୍ରନ ବଦଳରେ ପ୍ରୋଟନ ନିର୍ଗତ ହେବ। ଏଥିରେ ଯୁକ୍ତାତ୍ମକ ଚାର୍ଜ ଥିବାରୁ ଏହାକୁ ବୈଦ୍ୟୁତିକ ବା ଚୁମ୍ବକୀୟ କ୍ଷେତ୍ରରେ ଧରି ରଖିହେବ। ଅତଏବ ତାହା ରିଆକ୍ଟର ବ୍ୟବସ୍ଥାକୁ ଆଘାତ ଦେବ ନାହିଁ। ତେବେ ଏହି ସଂଯୋଜନ ପ୍ରକ୍ରିୟା ଆରମ୍ଭ ପାଇଁ ଆବଶ୍ୟକ ହେବ ଅନେକ ଗୁଣ ଅଧିକ ତାପ ଏବଂ ଅନେକ ଗୁଣ ବୃହତ୍ତର ରିଆକ୍ଟର, ଯାହାକି ଖର୍ଚ୍ଚବହୁଳ। ତଥାପି ଆଶା କରାଯାଏ, ନୂତନ ପ୍ରଯୁକ୍ତିବିଦ୍ୟାର ବିକାଶ ଏ ସମସ୍ୟାକୁ ଦୂର କରିପାରିବ। ପୁନଶ୍ଚ ହିଲିୟମ-୩ର ରହିଛି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟବହାର। ଏହାକୁ ବିବିଧ ବୈଜ୍ଞାନିକ ଅଧ୍ୟୟନ, ଗବେଷଣା ଓ ପ୍ରଯୁକ୍ତିବିଦ୍ୟାରେ ନିୟୋଜିତ କରାଯାଇପାରିବ।

ପୃଥିବୀପୃଷ୍ଠରେ ପ୍ରାକୃତିକ ଭାବେ ମିଳୁଥିବା ହିଲିୟମ-୩ର ମାତ୍ରା ମାତ୍ର ୦.୦୦୦୧୩ ଶତାଂଶ (ସମୁଦାୟ ୨୫ କିଲୋଗ୍ରାମରୁ କମ୍)। ଟ୍ରିଟିୟମ୍‌ର ବିଘଟନରୁ ତାହା କିଂଚିତ୍ ପରିମାଣରେ ମଧ୍ୟ ସୃଷ୍ଟି ହୁଏ, ଯାହାକି ଯଥେଷ୍ଟ ନୁହେଁ। ଅନ୍ୟପକ୍ଷରେ,



ଚନ୍ଦ୍ରପୃଷ୍ଠ ଏଥିରେ ବେଶ୍ ସମୃଦ୍ଧ। ଚନ୍ଦ୍ରରୁ ଏହାର ଖନନ କରିବାର ଚିନ୍ତାଧାରା ପ୍ରଥମେ ଏକ ନିର୍ଦ୍ଦିଷ୍ଟ ରୂପ ନେଇଥିଲା ୧୯୮୬ରେ; ଯେତେବେଳେ ମେଡିସନ୍‌ସ୍ଥିତ ଉଇଲକିନ୍‌ସନ୍ ବିଶ୍ୱବିଦ୍ୟାଳୟର ଜେରାଲଡ୍ କୁଲିସିନ୍‌ସ୍କି ତାହା ସେଠାରୁ ଆଣି ସଂଯୋଜକ ରିଆକ୍ଟରରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରିବାର ପ୍ରସ୍ତାବ ରଖିଥିଲେ। ତେବେ ଏଥିପାଇଁ ପ୍ରତିଯୋଗିତା ଆରମ୍ଭ ହେଲା ଚାଇନାର ୨୦୦୭ ମସିହା ଚନ୍ଦ୍ର ଅଭିଯାନ ପରେ। ସେଥିପୂର୍ବରୁ ଆମେରିକା, ରୁଷିଆ ଏବଂ ଭାରତ ଭଳି ଅନ୍ୟସବୁ ଚନ୍ଦ୍ର ବିଜୟୀ ଦେଶ ସେଠାରେ ଜଳ ଓ ଅମ୍ଳଜାନର ସନ୍ଧାନ ଏବଂ ସେଠାର ବାସୋପଯୋଗିତା ଉପରେ ଅଧ୍ୟୟନକୁ ଗୁରୁତ୍ୱ ଦେବାକୁ ଲାଗିଲେ। ବିଶେଷକରି, ଚାଇନାର ଚିଂଗ୍‌ଇ ମିଶନ୍ ଅବତରଣ କଳାପରେ ଏ ପ୍ରତିଯୋଗିତା ତୀବ୍ରତର ହେଲା। ତତ୍‌ପରେ ଚିଂଗ୍‌ଇ-୪ ଏବଂ ଚିଂଗ୍‌ଇ-୫ ମିଶନଗୁଡ଼ିକ ସେଠାର ଭୂ-ତାତ୍ତ୍ୱିକ ସଂରଚନା ତଥା ଶିଳା ଓ ମୃତ୍ତିକାର ରାସାୟନିକ ଉପାଦାନ ଆଦି ବିଶ୍ଳେଷଣ କରିବା ଫଳରେ ହିଲିୟମ-୩ର ପରିମାଣ ଆପାତତଃ ସ୍ଥିର ହୋଇପାରିଲା। ଇତିମଧ୍ୟରେ ‘ଲୁନାର୍ ଏକ୍ସପ୍ଲୋରେସନ୍ ପ୍ରୋଗ୍ରାମ୍’ର ଦାୟିତ୍ୱରେ ଥିବା ଖଗୋଳ- ରସାୟନ ବିଜ୍ଞାନୀ ଓୟୁୟାଂଗ ଜିୟୁଆନ୍ ସୂଚିତ କରିସାରିଲେଣି ଯେ, ଏଣିକି ତାଙ୍କ ଦେଶର ଚନ୍ଦ୍ର ଅଭିଯାନଗୁଡ଼ିକର ଅନ୍ୟତମ ପ୍ରଧାନ ଲକ୍ଷ୍ୟ ହେବ ସେଠାରେ ହିଲିୟମ-୩ ଖନନ ଲାଗି ପ୍ରସ୍ତୁତି। କେତେକଙ୍କ ମତରେ ପ୍ରଥମ ଭାରତୀୟ ଚନ୍ଦ୍ର ଅବତରଣ ପ୍ରୋବ୍ସ (ଚନ୍ଦ୍ରୟାନ-୧)ର ମଧ୍ୟ ଏହା ଅନ୍ୟତମ ଆଭିମୁଖ୍ୟ ଥିଲା।

ବାସ୍ତବରେ ଚାଇନାର ଚନ୍ଦ୍ର ଅଭିଯାନ କାଳରେ ସେଠାରୁ କିଛି ହିଲିୟମ-୩ ସ୍ଫଟିକ ସଂଗ୍ରହ କରାଯାଇଥିଲା ବୋଲି କୁହାଯାଏ। ଚନ୍ଦ୍ରର ଅନ୍ଧକାରମୟ ପାର୍ଶ୍ୱ ଅତ୍ୟଧିକ ଶୀତଳ ହୋଇଥିବାରୁ ସେଠାରେ ଏହା ଏହି ଅବସ୍ଥାରେ ଥାଏ। ପୁନଶ୍ଚ ଏବେ ଶୁଣାଯାଉଛି ଯେ, ଚାଇନା ପୃଥିବୀର ଏକ ଉଚ୍ଚତର କକ୍ଷରେ ହିଲିୟମ-୩ ଚାଳିତ ସଂଯୋଜନ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ କରି ସେଠାରୁ ତାହା ତାଙ୍କ ଦେଶକୁ ପ୍ରେରଣ କରିବାର ଏବଂ ପୃଥିବୀପୃଷ୍ଠରେ ସ୍ଥାପିତ କିଛି ଆଣ୍ଟେନା ଦ୍ୱାରା ତାହା ସଂଗ୍ରହ କରିବାର ଯୋଜନା କରୁଛି। ଅବଶ୍ୟ ଏହାର ସଫଳତା ଏକ ଦୃଶ୍ୟମାନ ନିକଟ ଭବିଷ୍ୟତରେ ସମ୍ଭବ ମନେ ହେଉନାହିଁ। ତେବେ ଥରେ ତାହା ଆରମ୍ଭ ହୋଇଗଲେ ଚନ୍ଦ୍ରପୃଷ୍ଠରୁ ଥରକେ ୧୨ଟନ୍ ପର୍ଯ୍ୟନ୍ତ ହିଲିୟମ୍-୩ ଅଣାଯାଇପାରିବ, ଯାହାକି ବର୍ଷକ ପାଇଁ ତାଙ୍କ ଦେଶର ଶକ୍ତି ଆବଶ୍ୟକତା ପୂରଣ କରିପାରିବ (ଭାରତର ୪ ବର୍ଷର)। ସେକଥିପାଇଁ ଚନ୍ଦ୍ରପୃଷ୍ଠରେ ଗଚ୍ଛିତ ଏହି ‘ସୁନା’ ଉପରେ ଆଧିପତ୍ୟ ବିସ୍ତାର କରିବା ଲାଗି ଏବେ ଆରମ୍ଭ ହେବାକୁ ଯାଉଛି ଆଉ ଏକ ‘ଶୀତଳଯୁଦ୍ଧ’। ଏହା ଯଦି ସଫଳ ହୁଏ, ତା’ହେଲେ ଚନ୍ଦ୍ରରେ ଗଚ୍ଛିତ ହିଲିୟମ-୩ ଆଗାମୀ ପ୍ରାୟ ୧୦ ହଜାର ବର୍ଷ ଲାଗି ପୃଥିବୀର ସମସ୍ତ ଶକ୍ତି ଆବଶ୍ୟକତା ପୂରଣ କରିବାକୁ ସମର୍ଥ ହେବ ବୋଲି ମନେ କରାଯାଉଛି। ଅତଏବ ତାହା ପାଲଟିଯିବ ସୁନାଠାରୁ ଅଧିକ ବାଂଛିତ ଏବଂ ଉପଯୋଗୀ।

ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

# ୱେଷ୍ଟର୍ନ ଲେନ୍ ରଚୟିତା

**ବ୍ୟକ୍ତିତ୍ୱ**



ଚେତନା ମାରୋ

ପ୍ରଥମ ଉପନ୍ୟାସ ଯଦି ଅନ୍ତର୍ଜାତୀୟ ସ୍ତରର ପ୍ରଶଂସା ପାଏ, ତାହାଠାରୁ ବଡ଼ ପୁରସ୍କାର ଆଉ କିଛି ହୋଇ ନ ପାରେ। ତଥାପି ତାଙ୍କ ପାଇଁ ଚୂଡ଼ାନ୍ତ ସମ୍ମାନ ଅପେକ୍ଷା କରିଥିବାରୁ ସେ ଅତ୍ୟନ୍ତ ଖୁସି ଅଛନ୍ତି। ବୁକର ପୁରସ୍କାର ୨୦୨୩ ପାଇଁ ସଂକ୍ଷିପ୍ତ ଚୟନ ପୁରସ୍କାର ତାଲିକାରେ ଯେଉଁ ଲେଖକଙ୍କ ନାମ ସ୍ଥାନ ପାଇଥାଏ, ସେମାନଙ୍କ ପୁସ୍ତକ ‘ନିଶ୍ଚିତ ସୁଖପାଠ୍ୟ’ ସ୍ତରରେ ପହଞ୍ଚିଥାଏ ବୋଲି ବିଚାର କରାଯାଏ। କେନିଆ ଜନ୍ମିତ ଭରତୀୟ ମୂଳବାସିନ୍ଦା ଚେତନା ମାରୋ ବ୍ରିଟିଶରେ ବାସ କରୁଛନ୍ତି। ପ୍ରଥମ ଉପନ୍ୟାସ ‘ୱେଷ୍ଟର୍ନ ଲେନ୍’ ବୁକର ପୁରସ୍କାର ସଂକ୍ଷିପ୍ତ ଚୟନ ତାଲିକାରେ ରହିବା ପରେ ତାଙ୍କ ପରିଚୟ ଓ ପୁସ୍ତକ ବିଷୟରେ ଜାଣିବା ଲାଗି ସାହିତ୍ୟପ୍ରେମୀଙ୍କ ମଧ୍ୟରେ ଆଗ୍ରହ ରହିବା ସ୍ୱାଭାବିକ।

ବୃତ୍ତିରେ ଚେତନା ଥିଲେ ଆକାଉଣ୍ଟାଣ୍ଟ। ବିଭିନ୍ନ ପତ୍ରପତ୍ରିକାରେ କାଳ୍ପନିକ ଗଳ୍ପ ଲେଖି ନିଜର ଏକ ପାଠକୀୟ ବଳୟ ସୃଷ୍ଟି କରିଥିଲେ। ପ୍ରଶଂସା ମିଳିବାରୁ ଭାବିଲେ ଚାକିରି ଜୀବନ ଲେଖାରେ ବାଧା ସୃଷ୍ଟି କରୁଛି। ଛାଡ଼ିଲେ ଚାକିରି, ମନୋନିବେଶ କଲେ ପୂର୍ଣ୍ଣକାଳୀନ ଲେଖାରେ। ସେହି ଜିଦି ତାଙ୍କୁ ‘ୱେଷ୍ଟର୍ନ ଲେନ୍’ ସୃଷ୍ଟି କରିବା ଲାଗି ବଳ ଦେଇଥିଲା। କେଉଁଭଳି ଉପନ୍ୟାସ ଲେଖିଲେ ସେ ଅନ୍ୟମାନଙ୍କଠାରୁ ଭିନ୍ନ ହୋଇ ସାହିତ୍ୟ ପରିମଣ୍ଡଳରେ ଦୃଶ୍ୟମାନ ହେବେ, ଭାବୁ ଭାବୁ ଆଖିକୁ ଆସିଲା ‘ସ୍କ୍ୱାଶ୍’। ଏହି କ୍ରୀଡ଼ାକୁ ନେଇ ଉପନ୍ୟାସ ଲେଖିବା ସମ୍ଭବତଃ କେହି ଭାବିପାରୁ ନ ଥିବା ବେଳେ ଚେତନା କିନ୍ତୁ ପାଇଥିଲେ ପ୍ଲଟ। ତିନି ବର୍ଷ ଲେଖିବା ପରେ ୨୦୨୩ ଫେବୃୟାରୀରେ ‘ୱେଷ୍ଟର୍ନ ଲେନ୍’ ପ୍ରକାଶ ପାଇଲା ଓ ବୁକର ଜୁରିଙ୍କ ମନକୁ ପାଇଗଲା। କାହାଣୀ ୧୧ ବର୍ଷୀୟା ଝିଅ ‘ଗୋପୀ’ ଉପରେ ଆଧାରିତ। ରାକେଟ ଧରିବା ବୟସ ହେବା ପରେ ଗୋପୀ ସ୍କ୍ୱାଶ ଖେଳିଥିଲା। ଯେତେବେଳେ ତା’ ମା’ର ମୃତ୍ୟୁ ଘଟିଲା ପିତା କଠୋର ପ୍ରଶିକ୍ଷଣ ମିଳୁଥିବା ଏକ କେନ୍ଦ୍ରରେ ନାମ ପଞ୍ଜୀକରଣ କରିଦେଲେ। ତା’ର ଅନ୍ୟ ଦୁଇ ଭଉଣୀ ହେଲେ ‘ଖୁଶ୍’ ଓ ‘ମୋନା’। ମୋନା ୧୫ ବର୍ଷର ହୋଇଥିବା ବେଳେ ଖୁଶ୍ ୧୩ ବର୍ଷର। ମା’ଙ୍କ ପରଲୋକରେ ପରିବାର ମ୍ରିୟମାଣ ଥିବା ବେଳେ ଗୋପୀ ଦୁଃଖ ଭୁଲିବାକୁ ଯାଇ ‘ସ୍କ୍ୱାଶ’କୁ ତା’ ଜୀବନର ପୃଥିବୀ ବୋଲି ଧରି ନେଇଛି। କୋର୍ଟରେ ସେ ବାପାଙ୍କ ସହିତ ଥିବା ବେଳେ ୧୩ ବର୍ଷର ବାଳକ ଜେଡ୍‌କୁ ଦେଖିବାକୁ ପାଉଛି। ଜେଡ୍ ସେହି ଖେଳରେ ଜଣେ ଦୁର୍ଜୟ। ହେଲେ ସେଠାରେ ଯୋଗଦେବା ପୂର୍ବରୁ ଯେତେ କିଶୋରୀ କିଶୋର ଖେଳୁଥିଲେ ସେମାନଙ୍କ ଭିତରେ ଗୋପୀ ନିଜକୁ ବିସ୍ମୟ ସ୍ତରରେ ନେଇ ପହଞ୍ଚାଇ ଦେଉଛି। ଘର କଥା ଭାବିଲା ବେଳେ ମଝିଆ ଭଉଣୀ ଖୁଶ୍ କିଭଳି ମା’ଙ୍କ ବିୟୋଗ ପରେ ତାଙ୍କୁ ଝୁରି ହେଉଛି ତାହା ଗୋପୀ ଅନୁଭବ କରୁଥିଲା। ସନ୍ଧ୍ୟା ଆସିଲେ ଖୁଶ୍ ତାକୁ ଗୁଜରାଟୀ ଭାଷାରେ ଗପ କହୁଛି। ବଡ଼ ଭଉଣୀ ପରିବାର କିଭଳି ଚଳିବ ଓ ଆଗକୁ ବଢ଼ିପାରିବ, ସେଥିଲାଗି କାମରେ ବ୍ୟସ୍ତ। ପିତା ‘ପା’ ଜଣେ ଶାନ୍ତ ମଣିଷ। ସ୍ତ୍ରୀ ଚାଲିଯିବା ପରେ ସେ ବିରହିତ ଅବସ୍ଥାରେ ରହୁଛନ୍ତି। ତେବେ ସବୁ ଦୁଃଖକୁ ଭୁଲି ପିଲାଙ୍କ ସହ ସମୟ କାଟୁଛନ୍ତି। ପିଲାଟିବେଳୁ ପିତା ତାଙ୍କ ସବୁ ପିଲାଙ୍କୁ ସ୍କ୍ୱାଶ ଖେଳାଇ ଆସିଛନ୍ତି। ହେଲେ ସାନ ଝିଅ ଖେଳ ଭିତରେ ଏଭଳି ମଜି ରହିବା ସହ ଅନ୍ୟମାନଙ୍କୁ ସ୍କ୍ୱାଶ ଭିତରେ ବୁଡ଼ାଇ ରଖିଛନ୍ତି ଯେ ପରିବାର ମ୍ରିୟମାଣ ଅବସ୍ଥାରୁ ଉପରକୁ ଉଠି ଆସୁଛନ୍ତି।

ଗୋଟେ ଖେଳକୁ ଉପନ୍ୟାସର ଚରିତ୍ରରେ କେନ୍ଦ୍ରୀଭୂତ କରି ୧୧ ବର୍ଷ ଝିଅକୁ ସେଥିରେ ନିମଜ୍ଜିତ କରି କାହାଣୀକୁ ଚେତନା ଯେଉଁଭଳି ଆଗକୁ ନେଇପାରିଛନ୍ତି, ତାହା ବିଚାରକମଣ୍ଡଳୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। କ୍ରୀଡ଼ା ଦୁଃଖ ଯନ୍ତ୍ରଣାରେ ଥିବା ଏକ ପରିବାର ପାଇଁ ବଞ୍ଚିବାର ମଲମ ପାଲଟିଯାଇଛି। ତାହା ଔପନ୍ୟାସିକା ‘ୱେଷ୍ଟର୍ନ ଲେନ୍’ରେ ଦେଖାଇବାକୁ ଚାହିଁଛନ୍ତି। ପିଲାମାନଙ୍କ ଦୁଃଖ ଓ ଅଭାବବୋଧକୁ ହ୍ରାସ କରିବା ଲାଗି ସେମାନଙ୍କ ମାଇଁ ଓ ମାମୁ ଆସିଯାଉଛନ୍ତି। ଝିଅମାନଙ୍କୁ ବଢ଼ାଇବାର ଦାୟିତ୍ୱ ନେଉଥିବା ଦେଖାଯାଉଛି। ଜୀବନରେ ସଂଘର୍ଷକୁ ସାମ୍ନା କରିବା ଲାଗି ଧୈର୍ଯ୍ୟର ଆବଶ୍ୟକତା ରହିଥାଏ ବୋଲି ଗୋପୀ ଜଣାଇଦେଇଛି। ସେଥିପାଇଁ ଖେଳରେ ମଗ୍ନ ହୋଇ ସଫଳତା ପାଉଛି। ଅର୍ଥାତ୍ ବିଷାଦକୁ ଚିପୁଡ଼ି(ସ୍କ୍ୱାଶ-ସାହିତ୍ୟିକ ଅଭିବ୍ୟକ୍ତି ଅର୍ଥରେ ବ୍ୟବହାର) ପିଇଦେବା ପରେ ଜୀବନ ଜିଇବାର ରାହା ପାଉଥିବା ପରିବାରକୁ ଚେତନା ଉପନ୍ୟାସରେ ଏଭଳି ସନ୍ତୁଳିତ ଭାବେ ବ୍ୟାଖ୍ୟାନ କରିଛନ୍ତି ଯେ, ପ୍ରତ୍ୟେକ ପାଠକଙ୍କୁ ଜାବୁଡ଼ି ଧରିବା ଲାଗି ଜବରଦସ୍ତ ପ୍ଲଟ ସେଥିରେ ଭରି ରହିଛି।

ସାହିତ୍ୟିକ ସ୍ୱୀକୃତି ଭାବେ ଚେତନା କାଳ୍ପନିକ ଗଳ୍ପ ଲେଖି ୨୦୨୨ରେ ପ୍ଲିମ୍‌ଟନ ପୁରସ୍କାର ପାଇଥିଲେ। ହେଲେ ବୁକର ପୁରସ୍କାର ସଂକ୍ଷିପ୍ତ ତାଲିକାରୁ ଉନ୍ନୀତ ହୋଇ ଆସନ୍ତା ନଭେମ୍ବରରେ ଘୋଷଣା ହେବାକୁଥିବା ଚୂଡ଼ାନ୍ତ ପୁରସ୍କାରରେ ଯଦି ତାଙ୍କ ନାମ ସ୍ଥାନ ପାଏ, ସେ ଇତିହାସ ରଚିବେ।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ସମସ୍ତେ ଜାଣନ୍ତି, ଶୋଇବା କିମ୍ବା ଆରାମ ଲାଗି ଖଟିଆ ବ୍ୟବହାର ହୁଏ। କିନ୍ତୁ ଖଟିଆକୁ ଏକ କାର୍ କରାଯାଇଥିବା କଥା ଶୁଣିଛନ୍ତି କି। ମଧ୍ୟପ୍ରଦେଶ ଅଶୋକନଗର ଜିଲାର ଯୁବକ ପୱନ ଓଝା ଏମିତିକା ଏକ କାର୍ ନିର୍ମାଣ କରିଛନ୍ତି। ଏହାର ନାମ ରଖିଛନ୍ତି ଖଟିଆ କାର୍। ଏହି କାର୍ ଚଳାଇବା ପାଇଁ ପେଟ୍ରୋଲ କି ଡିଜେଲ ଦରକାର ହେଉନି। ଏହା କେବଳ ବିଦ୍ୟୁତ୍ ଏବଂ ସୌରଶକ୍ତିରେ ଚାଲୁଛି, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଶୋକନଗର ଜିଲା ସେମାରକେଡି ଗ୍ରାମରେ ରୁହନ୍ତି ୨୧ ବର୍ଷୀୟ ପୱନ। ସେ ଏକ ଗାଡ଼ିର ଇଞ୍ଜିନ ଓ ଅନ୍ୟାନ୍ୟ ଜିନିଷ ସଂଗ୍ରହ କରି ସେସବୁକୁ ଖଟିଆରେ ଖଞ୍ଜି ଦେଢ଼ମାସ ମଧ୍ୟରେ ତାହାକୁ ଏକ କାର୍‌ରେ ପରିଣତ କରିଦେଲେ। ମାତ୍ର ୨୫ରୁ ୩୦ ହଜାର ଟଙ୍କାରେ ଏହି କାର୍ ନିର୍ମାଣ ହୋଇଛି। ସେଥିରେ ପ୍ରଥମେ ବ୍ୟାଟେରି ଚାର୍ଜିଂ ସିଷ୍ଟମ ଥିଲା, କିନ୍ତୁ ଏବେ ଖଟିଆ କାର୍‌ରେ ସୌରପ୍ଲେଟ୍ ଲଗାଇଛନ୍ତି। ପୱନ କୁହନ୍ତି, ଖଟିଆ କାର୍ ୩ ଘଣ୍ଟା ଚାର୍ଜ କଲେ ୬୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ। ଏହି ଯାନର ଗତି ଘଣ୍ଟା ପ୍ରତି ୫୦ କିଲୋମିଟର। ପୱନଙ୍କ କହିବା ଅନୁଯାୟୀ, ୪ରୁ ପାଞ୍ଚଜଣ ଏହି ଖଟିଆ କାର୍‌ରେ ସହଜରେ ଯାତ୍ରା କରିପାରିବେ। ଏହା ବ୍ୟତୀତ ଏହି ଗାଡ଼ିର ୩ରୁ ୪ କୁଇଣ୍ଟାଲ ଓଜନ ବୋହିବାର କ୍ଷମତା ଅଛି। ଖଟିଆ କାର୍‌କୁ ଆକର୍ଷଣୀୟ କରିବା ପାଇଁ ଏହାକୁ ରଙ୍ଗିନ ଆଲୋକରେ ସଜାଯାଇଛି। ଏହାସହିତ ଏଥିରେ ମ୍ୟାଜିକ୍ ବ୍ୟବସ୍ଥା ମଧ୍ୟ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ସେପ୍ଟେମ୍ବର ୧୯୯୮

- ଉତ୍ତରାଞ୍ଚଳ ରାଜ୍ୟ ଗଠନ ସମ୍ପର୍କରେ ରାଷ୍ଟ୍ରପତି କେ.ଆର୍. ନାରାୟଣନ୍ ପଠାଇଥିବା ଉତ୍ତରପ୍ରଦେଶ ପୁନର୍ଗଠନ ବିଲ୍‌ରେ ସଂଶୋଧନ ସଂକ୍ରାନ୍ତ ଏକ ପ୍ରସ୍ତାବ ଉତ୍ତରପ୍ରଦେଶ ବିଧାନସଭାରେ ଗୃହୀତ।
- ରାଷ୍ଟ୍ରୀୟ ଜନତା ଦଳ ବିହାର ଶାଖାର ଉପ-ସଭାପତି କରମଚାନ୍ଦ ଭଗତଙ୍କ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ଡାକି ଉଠେ ଶମଶାନେ
ପିଶାଚ ଶକୁନି କରି ରଡ଼ି
ମହାତମସାର କୋଳେ
ମୋର ମହାଦୀପ ଉଠେ ଜଳି।
(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | 5 |
| | | | 1 | | 4 | | 3 | |
| 6 | 5 | | | 2 | | | 4 | 9 |
| 2 | 1 | | | | 7 | 9 | | |
| | | 9 | | | | | | 4 |
| 4 | 6 | | | | | 8 | 1 | |
| | 8 | | 4 | | 9 | | | 3 |
| | | | | | | 4 | 6 | |
| | | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 3 | 9 | 5 | 8 | 6 | 2 |
| 9 | 8 | 5 | 2 | 7 | 6 | 1 | 3 | 4 |
| 6 | 3 | 2 | 8 | 1 | 4 | 9 | 7 | 5 |
| 1 | 2 | 7 | 4 | 5 | 9 | 3 | 8 | 6 |
| 8 | 5 | 9 | 1 | 6 | 3 | 4 | 2 | 7 |
| 3 | 6 | 4 | 7 | 8 | 2 | 5 | 9 | 1 |
| 2 | 1 | 6 | 5 | 3 | 8 | 7 | 4 | 9 |
| 5 | 9 | 8 | 6 | 4 | 7 | 2 | 1 | 3 |
| 7 | 4 | 3 | 9 | 2 | 1 | 6 | 5 | 8 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାନ୍ତି ବିହାରକୁ ସ୍ୱେରେଜ ସଂଯୋଗ କେବେ

ମହାଶୟ,

ପ୍ରାୟତଃ ୨୫ ବର୍ଷ ତଳୁ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ଏକ ନମ୍ବର ୱାର୍ଡ ପଟିଆ ଅଞ୍ଚଳରେ ସ୍ୱଳ୍ପ ଆୟକାରୀ ବର୍ଗର ଲୋକଙ୍କ ପାଇଁ ୯୩୭ ସଂଖ୍ୟକ ଗୃହ ବିଶିଷ୍ଟ ପ୍ରଶାନ୍ତି ବିହାର ଆବାସିକ କଲୋନୀ ପ୍ରତିଷ୍ଠା କରାଯାଇଥିଲା। ୧୯୯୭-୯୮ ବେଳକୁ ଏଠାରେ ଜଳ ଯୋଗାଣ କିମ୍ବା ସ୍ୱେରେଜ ବ୍ୟବସ୍ଥା ନ ଥାଇ କେତେକ ଉପଭୋକ୍ତା ପରିବାର ସହ ବାସ କରୁଛନ୍ତି। ସେତେବେଳର ପରିବହନ ମନ୍ତ୍ରୀ ଓ ହାଉସିଂ ବୋର୍ଡ ଅଧ୍ୟକ୍ଷଙ୍କ କରକମଳରେ ପ୍ରଶାନ୍ତି ବିହାର କଲୋନୀ ଉଦ୍‌ଘାଟିତ ହୋଇଥିଲା। ଏହି ସମୟରେ ଜବରଦଖଲ ମୁକ୍ତ ୮୦ ଫୁଟ ପ୍ରଶସ୍ଥ ବିଶିଷ୍ଟ ମୁଖ୍ୟ ପ୍ରବେଶ ପଥ ନିର୍ମାଣ ସହିତ ଶୁଦ୍ଧ ପାନୀୟ ଜଳ ଯୋଗାଣ, ସ୍ୱେରେଜ, ନିତ୍ୟ ବ୍ୟବହାର୍ଯ୍ୟ ବର୍ଜ୍ୟଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରାୟ ୨୫ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ, ସ୍ୱେରେଜ କିମ୍ବା ଡ୍ରେନେଜ ବ୍ୟବସ୍ଥା କରାଯାଇ ନାହିଁ। ବିଭାଗୀୟ କର୍ତ୍ତୃପକ୍ଷ, ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଏବଂ ମହାନଗର ନିଗମ ଏହି କଲୋନୀ ବାସିନ୍ଦାଙ୍କ ପାଇଁ ପାନୀୟ ଜଳ ଯୋଗାଣ, ସ୍ୱେରେଜ ଓ ଡ୍ରେନେଜ ଆଦି ବ୍ୟବସ୍ଥା କେବେ ସମ୍ପନ୍ନ କରିବେ ?

**– ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପାରାଦୀପ ପୋର୍ଟରେ କରାଯାଉ କଣ୍ଟେନର ଟର୍ମିନାଲ

## ଟର୍ମିନାଲ ଜରିଆରେ ୨୦,୦୦୦ କୋଟିର ବ୍ୟବସାୟ ଆକଳନ

ଭୁବନେଶ୍ୱର,୨୩।୯ (ଅଭୟ ଦାଶ)


ଭେଙ୍କଟେଶ୍ୱର ରାଓ

ଓଡ଼ିଶାର ପ୍ରମୁଖ ବନ୍ଦର 'ପାରାଦୀପ ପୋର୍ଟ'ରେ ଏକ ଅତ୍ୟାଧୁନିକ କଣ୍ଟେନର ଟର୍ମିନାଲ କରାଯାଉ ବୋଲି ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଲଜିଷ୍ଟିକ୍ସ ମୁଖ୍ୟ ଭେଙ୍କଟେଶ୍ୱର ରାଓ ଭୁବନେଶ୍ୱରଠାରେ ଆୟୋଜିତ ଦିନିକିଆ ଲଜିଷ୍ଟିକ୍ ସମ୍ମିଳନୀକୁ ସମ୍ବୋଧିତକରି ଏଭଳି ମତବ୍ୟକ୍ତ କରିଛନ୍ତି। ସେହିଭଳି ଉକ୍ତ କଣ୍ଟେନର ଟର୍ମିନାଲର ବିକାଶ ଜରିଆରେ ରାଜ୍ୟକୁ ପ୍ରାୟ ୨୦,୦୦୦କୋଟି ଟଙ୍କାର ବ୍ୟବସାୟ ଆସିବ ବୋଲି ସେ ଆକଳନ କରିଛନ୍ତି। ଏପରିକି ବର୍ତ୍ତମାନ ସମୟରେ ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗକୁ ଉକ୍ତ ବ୍ୟବସାୟ ଯାଉଛି। ବିଶେଷକରି କାର୍ଗୋ ଭଲ୍ୟୁମ୍ ଅନୁସାରେ ଓଡ଼ିଶା ଦେଶର ତୃତୀୟ ବୃହତମ ବନ୍ଦର ପ୍ରଦେଶ ହୋଇଥିଲେ ମଧ୍ୟ ଏକମାତ୍ର ରାଜ୍ୟ ହୋଇରହିଛି, ଯାହାର ଏକ ଉତ୍ସର୍ଗୀକୃତ କଣ୍ଟେନର ଟର୍ମିନାଲ ନାହିଁ। ବିଶେଷକରି ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଉପରେ ଏହା ସମ୍ପୂର୍ଣ୍ଣ ନିର୍ଭର କରୁଛି। ଏପରିକି ଓଡ଼ିଶାର ୪୦ରୁ ୪୫% ଲଜିଷ୍ଟିକ ସାମଗ୍ରୀକୁ ବିଶାଖାପାଟଣା ବନ୍ଦର ବର୍ତ୍ତମାନ ନିୟନ୍ତ୍ରଣ କରୁଛି। ସେହିପରି କଣ୍ଟେନର ଟର୍ମିନାଲର ବିକାଶ ପ୍ରସ୍ତାବ ଉପରେ ମନ୍ତବ୍ୟ ଦେଇ ରାଓ କହିଥିଲେ, ପାରାଦୀପ ପୋର୍ଟରେ ଏକ କଣ୍ଟେଟନର ଟର୍ମିନାଲ ପ୍ରତିଷ୍ଠା ଉତ୍ତମ ଉତ୍ସ ବ୍ୟବହାରକୁ ସହଜ କରିବ। ଏପରିକି ସମୟ ହ୍ରାସ ସହ ଲାଭ ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ। ଅଧିକନ୍ତୁ ଦେଶର ନେଟ୍ ଜିରୋ ଲକ୍ଷ୍ୟରେ ତାଳ ମିଳାଇ ପରିବେଶ ଅନୁକୂଳ ପରିବହନ ନୀତି ଗ୍ରହଣ କରିବା ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନରେ ମଧ୍ୟ ଉଲ୍ଲେଖନୀୟ ୪୦୦% ହ୍ରାସ ଘଟିବ। ଉଲ୍ଲେଖଯୋଗ୍ୟ, ଜାତୀୟସ୍ତରରେ ଓଡ଼ିଶାର ରପ୍ତାନି ଅଂଶ ଗତ ୫ବର୍ଷ ମଧ୍ୟରେ ୨.୨%ରୁ ୪.୦%କୁ ବୃଦ୍ଧି ପାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ଓଡ଼ିଶା ଏବଂ ବିହାର ଓ ଝାଡ଼ଖଣ୍ଡ ଭଳି ଲ୍ୟାଣ୍ଡ ଲକ ରାଜ୍ୟଗୁଡ଼ିକର କଣ୍ଟେନର ଟ୍ରାଫିକ ମାତ୍ର ୭% ରହିଥିଲା, ଯାହାକି ପାରାଦୀପ ବନ୍ଦରରେ ଥିବା ବିରାଟ ସମ୍ଭାବନାକୁ ଦର୍ଶାଉଛି। ଦେଶର ଏକ ପ୍ରମୁଖ ଧାତୁ ଉତ୍ପାଦନ ହବ୍ ଭାବେ ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ କାର୍ଯ୍ୟସ୍ଥଳ ଭାବେ ଆବିର୍ଭାବ ସହ ଏହି ଅଭିବୃଦ୍ଧିକୁ ସମର୍ଥନ ତଥା ସୁଦୃଢ଼ କରିବା ପାଇଁ ପାରାଦୀପ ପୋର୍ଟରେ ଏକ କଣ୍ଟେନର ଟର୍ମିନାଲ ପ୍ରତିଷ୍ଠା ଜରୁରୀ ହୋଇପଡ଼ିଛି। ଅପରପକ୍ଷରେ ଭେଙ୍କଟେଶ୍ୱର ରାଓ ଓ ତାଙ୍କ ଟିମ୍ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଦ୍ୱାରା ଆୟୋଜିତ ଲଜିଷ୍ଟିକ ସମ୍ମିଳନୀରେ ଅଂଶଗ୍ରହଣ କରି ଏ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଉକ୍ତ ସମ୍ମିଳନୀରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ, ଗତି ଶକ୍ତି ବିଭାଗର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପିଇଡି) ଅନିଲ କେ. ଖାଣ୍ଡେଲୱାଲ ଏବଂ ଚେୟାରମ୍ୟାନ୍ ପାରାଦୀପ ପୋର୍ଟ ଟ୍ରଷ୍ଟ ପି. ଏଲ୍. ହାରାନ୍ଧ ପ୍ରମୁଖ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଇଣ୍ଡିଆନ୍ ଏକ୍ସପୋର୍ଟ ଫେଡେରେଶନ ଅର୍ଗାନାଇଜେଶନର ସୂଚନା ଅନୁଯାୟୀ ଲଜିଷ୍ଟିକ୍ ଖର୍ଚ୍ଚରେ ୧୦% ହ୍ରାସ ରପ୍ତାନିକୁ ୫% ବୃଦ୍ଧି କରିପାରିବ। ତେଣୁ ପାରାଦୀପ ପୋର୍ଟରେ ଏକ ଉତ୍ସର୍ଗୀକୃତ କଣ୍ଟେନର ଟର୍ମିନାଲର ବିକାଶ କେବଳ ଜିନ୍ଦଲ ଷ୍ଟେନ୍‌ଲେସ୍ ଏବଂ ଓଡ଼ିଶା ରାଜ୍ୟ ପାଇଁ ନୁହେଁ ବରଂ ସମଗ୍ର ଦେଶର ଲଜିଷ୍ଟିକ୍ସ ଇକୋସିଷ୍ଟମ ପାଇଁ ବେଶ୍ ଲାଭଦାୟକ ହେବ ଓ ଆତ୍ମନିର୍ଭର ଭାରତ ନିର୍ମାଣର ସାମୂହିକ ଲକ୍ଷ୍ୟରେ ଏହା ବେଶ୍ ସହାୟକ ହେବ।

## ଜିଓର ସ୍ୱତନ୍ତ୍ର ଅଫର

ଭୁବନେଶ୍ୱର, ୨୩।୯

ରିଲାଏନ୍ସ ଜିଓ ପକ୍ଷରୁ ଏକ ସ୍ୱତନ୍ତ୍ର ଅଫରର ଶୁଭାରମ୍ଭ କରାଯାଇଛି। ବିଶେଷକରି ଭାରତରେ ନିର୍ମିତ ଆଇଫୋନ୧୫କୁ ରିଲାଏନ୍ସ ଡିଜିଟାଲ, ଜିଓ ମାର୍ଟ କିମ୍ବା ରିଲାଏନ୍ସ ରିଟେଲ ଷ୍ଟୋରରୁ କିଣୁଥିବା ଗ୍ରାହକମାନେ ଏହି ଆକର୍ଷଣୀୟ ଅଫରର ଲାଭ ନେଇପାରିବେ। ଏପରିକି ରିଲାଏନ୍ସ ରିଟେଲ କିମ୍ବା ଅନ୍‌ଲାଇନ ଷ୍ଟୋରରୁ ଆଇଫୋନ ୧୫ କିଣିବା ସହିତ ଗ୍ରାହକମାନେ ବିନା ମୂଲ୍ୟରେ ୬ମାସ ପାଇଁ ଜିଓର ମାସିକ ୩୯୯ ଟଙ୍କିଆ ପ୍ଲାନ୍‌ର ଲାଭ ନେଇପାରିବେ। ଏଥିରେ ଦୈନିକ ୩ ଜିବି ହାଇସ୍ପିଡ୍ ଡାଟା, ଅସୀମିତ ଭଏସ୍ କଲ୍ ଓ ଦୈନିକ ୧୦୦ଏସ୍‌ଏମ୍‌ଏସ୍ ସମେତ ଆହୁରି ଅନେକ ସୁବିଧା ସାମିଲ ରହିଛି। ମୋଟ ଉପରେ ୨୩୯୪ ଟଙ୍କାର ଲାଭ ବିନା ମୂଲ୍ୟରେ ଗ୍ରାହକମାନଙ୍କୁ ଉପରୋକ୍ତ ଅଫର ଜରିଆରେ ମିଳୁଛି। ସେହିଭଳି ଏହି ଅଫର ୧୪୯ ଟଙ୍କା କିମ୍ବା ଊର୍ଦ୍ଧ୍ୱ ପ୍ଲାନ୍‌ର ନୂଆ ପ୍ରିପେଡ୍ ଆକ୍ଟିଭେଶନରେ ହିଁ ଉପଲବ୍ଧ ରହିଛି। ତେବେ ଜିଓ ପକ୍ଷରୁ ଦିଆଯାଉଥିବା ଏହି ୬ ମାସର ମାଗଣା ପ୍ଲାନ୍ କେବଳ ଆଇଫୋନ ୧୫ ଡିଭାଇସରେ ହିଁ କାର୍ଯ୍ୟ କରିବ ବୋଲି ଜିଓ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

## ବିଓଏମ୍‌କୁ ରାଜଭାଷା 'କୀର୍ତ୍ତି ପୁରସ୍କାର'




ଭୁବନେଶ୍ୱର, ୨୩।୯

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)କୁ ନିକଟରେ ରାଜଭାଷା 'କୀର୍ତ୍ତି ପୁରସ୍କାର'ପ୍ରଦାନ କରାଯାଇଛି। ବିଶେଷକରି ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ରାଜଭାଷା ହିନ୍ଦୀର ଶ୍ରେଷ୍ଠ କାର୍ଯ୍ୟ ନିମନ୍ତେ ବିଓଏମ୍‌କୁ ସର୍ବୋଚ୍ଚ ସମ୍ମାନ 'ରାଜଭାଷା କୀର୍ତ୍ତି'ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ଚଳିତ ବର୍ଷ ବିଓଏମ୍‌କୁ ଦୁଇଟି ଶ୍ରେଣୀ ଯଥା 'ଶ୍ରେଷ୍ଠ ଗୃହ ପତ୍ରିକା' ଏବଂ 'ଶ୍ରେଷ୍ଠ ରାଜଭାଷା କାର୍ଯ୍ୟାନ୍ୱୟନ' ଅନ୍ତର୍ଗତ ଏହି ପୁରସ୍କାର ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ହିନ୍ଦୀ ସମାରୋହ ଅବସରରେ ବିଓଏମ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରାଙ୍କଠାରୁ ବିଓଏମ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଏସ୍ ରାଜୀବ ଉପରୋକ୍ତ ପୁରସ୍କାର ଦ୍ୱୟ ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟ ସଭାର ଉପ ସଭାପତି ହରିବଂଶ ନାରାୟଣ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଚିବ ଅଂଶୁଳି ଆର୍ଯ୍ୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାରତୀ ପାୱାର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଓଏମ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.ବି.ବିଜୟ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶିଷ ପାଣ୍ଡେ, ସିଭିଓ ଅମିତ୍ ଶ୍ରୀବାସ୍ତବ,ମହାପ୍ରବନ୍ଧକ କେ.ରାଜେଶ କୁମାର (ମାନବ ସମ୍ବଳ ପରିଚାଳନା ଏବଂ ରାଜଭାଷା), ଉପ ମହାପ୍ରବନ୍ଧକ ରାଜେନ୍ଦ୍ର ଶ୍ରୀବାସ୍ତବ (ରାଜଭାଷା) ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ଗୁରୁତ୍ୱ

ଭୁବନେଶ୍ୱର, ୨୩।୯

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଚଳିତ ବର୍ଷର ପାର୍ବଣ ସମୟରେ ନିରବଚ୍ଛିନ୍ନ ଓ ଅବାଧ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି। ଏପରିକି ସୁରକ୍ଷା ପ୍ରତି ପ୍ରତିବଦ୍ଧତାର ଅଂଶ ଭାବେ ଟିପିସିଓଡିଏଲ୍ ପକ୍ଷରୁ ଅସ୍ଥାୟୀ ଢାଞ୍ଚା ଓ ପେଣ୍ଡାଲ ପାଇଁ କେତେକ ପଦକ୍ଷେପ ଏବଂ ଆବଶ୍ୟକ ସୁରକ୍ଷା ଗାଇଡ୍‌ଲାଇନ୍ ଜାରି କରାଯାଇଛି। ସେହିଭଳି ଉତ୍ସବ ଋତୁରେ ସୁରକ୍ଷା ଓ ଭରସାଯୋଗ୍ୟତାକୁ ସୁନିଶ୍ଚିତ କରିବା ପାଇଁ ପୂଜା ପେଣ୍ଡାଲ ଓ ଅସ୍ଥାୟୀ ଦୋକାନ ଲାଗି କେବଳ ଟିପିସିଓଡିଏଲ୍‌ର ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିଙ୍କଠାରୁ ବିଦ୍ୟୁତ୍ ସଂଯୋଗ ହାସଲ କରିବା ନିମନ୍ତେ ଆୟୋଜକ ଓ ଦୋକାନୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ସୁରକ୍ଷାକୁ ସୁନିଶ୍ଚିତ କରିବା ପ୍ରତି ଆମର ଅତୁଟ ପ୍ରତିବଦ୍ଧତା ରହିଛି। ବିଶେଷକରି ଉତ୍ସବ ଋତୁକୁ ଉଭୟ ଉଲ୍ଲାସପୂର୍ଣ୍ଣ ଓ ସମସ୍ତଙ୍କ ପାଇଁ ଅତ୍ୟନ୍ତ ସୁରକ୍ଷିତ କରିବା ସହିତ ସ୍ୱୀକୃତିପ୍ରାପ୍ତ ବିଦ୍ୟୁତ୍ ସଂଯୋଗ ହାସଲ କରିବା ଏବଂ ସୁରକ୍ଷା ନିୟମକୁ ଯଥାର୍ଥ ଭାବେ ପାଳନ କରିବା ପାଇଁ ଆମେ ହୃଦୟରୁ ଜନସାଧାରଣଙ୍କୁ ଆହ୍ୱାନ ଦେଉଛୁ। ଏପରିକି ଜରୁରିକାଳୀନ ପରିସ୍ଥିତିରେ ବିନା କୌଣସି ଦ୍ୱିଧାରେ ଆମ ଦେୟମୁକ୍ତ ନମ୍ବରରେ ଯୋଗାଯୋଗ କରନ୍ତୁ।

## ସିୟୁଇଇ-୨୦୨୪ ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୩।୯




ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ (ଓଡ଼ିଶା ଏବଂ ଏପି) ପକ୍ଷରୁ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା-୨୦୨୪ (ସିୟୁଇଇ-୨୦୨୪) ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳପତି ସୁପ୍ରିୟା ପଟ୍ଟନାୟକ କହିଛନ୍ତି, ଜୀବନ ଗଠନ, ସମ୍ପ୍ରଦାୟକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସେଞ୍ଚୁରିଅନ୍ ବିଶ୍ୱାସ କରିଥାଏ ଏବଂ ଆମର ବ୍ୟବହାରିକ ଶିକ୍ଷଣ ମଡେଲ ମଧ୍ୟ ଏହାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ବିଶ୍ୱବିଦ୍ୟାଳୟର ଆଡମିଶନ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ସୁକାନ୍ତ ପରିଡ଼ା କହିଛନ୍ତି, ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୪ ବିଦ୍ୟାଳୟର ୬୩ ଶିକ୍ଷା କାର୍ଯ୍ୟକ୍ରମ ପାଇଁ ଆଜିଠାରୁ ଆବେଦନପତ୍ର ଗ୍ରହଣ କରାଯାଉଛି। ଏପରିକି ଆଶାୟୀ ଛାତ୍ରୀଛାତ୍ରୀମାନେ cuee.cutm.ac.inରେ ସିୟୁଇଇ-୨୦୨୪ (CUEE-2024) ପାଇଁ ଆବେଦନ କରିପାରିବେ।

## ବିଓଆଇ ମହାନଦୀ ବିହାର ଶାଖାର ନୂତନ ପରିସର

ଭୁବନେଶ୍ୱର, ୨୩।୯

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ଅଧୀନ ମହାନଦୀ ବିହାର ଶାଖାର ନୂତନ ପରିସର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଏହି ଶାଖା ପୂର୍ବରୁ ଶିଖରପୁରସ୍ଥିତ ପ୍ରଧାନ ଟ୍ରାନ୍ସପୋର୍ଟ ବିଲ୍ଡିଂରେ କାର୍ଯ୍ୟକ୍ଷମ ଥିଲା। ବିଶେଷକରି ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ପାଇଁ ଉକ୍ତ ଶାଖାକୁ କଟକର ମହାନଦୀ ବିହାରକୁ ସ୍ଥାନାନ୍ତର କରାଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ବିଜି ଓଡ଼ିଶାର ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଏସ୍.ମଳୟ ଦାସ, ଉପ ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା, ଏନ୍‌ବିଜି ଓଡ଼ିଶାର ସହାୟକ ମହାପ୍ରବନ୍ଧକ ନବଦ୍ୱୀପ ମହାନ୍ତି ଏବଂ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ବିକ୍ରମ କେଶରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା।


ସାମାଜିକ ନ୍ୟାୟ ଏବଂ
ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ**

**ବର୍ଷ ୨୦୨୩-୨୪ ପାଇଁ ଏସ୍‌ସି ଓ ଅନ୍ୟମାନଙ୍କ ଲାଗି ପ୍ରାକ୍-ମାଟ୍ରିକ୍-ଛାତ୍ରବୃତ୍ତି**

**ଅଧୀନରେ ବିଦ୍ୟାଳୟ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ**

**୨୬ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି**

ସମ୍ପର୍କରେ ଘୋଷଣା କରୁଛନ୍ତି

| ଯୋଗ୍ୟତା | ପରିସର | ହକ୍‌ଦାରିତା |
|---|---|---|
| ଉପାଦାନ – ୧<br>• ଏସ୍‌ସି ବର୍ଗର ଛାତ୍ରଛାତ୍ରୀ<br>• ପିତାମାତା/ ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ଶ୍ରେଣୀ ୯ମ ଓ ୧୦ମରେ ପଢୁଥିବା ବିଦ୍ୟାର୍ଥୀ<br>• ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ<br>• ଗରିବ ପରିବାରଙ୍କୁ ପ୍ରାଥମିକତା | • ବାର୍ଷିକ ₹୩୫୦୦ ରୁ ₹୭୦୦୦ର ଶିକ୍ଷାଗତ ଭତ୍ତା<br>• ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା |
| ଉପାଦାନ – ୨<br>• ଏପରି ଛାତ୍ରଛାତ୍ରୀ ଯେଉଁମାନଙ୍କର ପିତାମାତା/ଅଭିଭାବକ ସଫେଇ ଓ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିବା ଧନ୍ଦାରେ ନିୟୋଜିତ ହୋଇଥିବେ ।<br>• ଆୟ ସମ୍ବନ୍ଧୀୟ କୌଣସି ମାନଦଣ୍ଡ ନାହିଁ । | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀ<br>• ଦରଖାସ୍ତଗୁଡ଼ିକ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ ।<br>• ଗରିବ ପରିବାରଙ୍କୁ ପ୍ରାଥମିକତା | • ବାର୍ଷିକ ୩୫୦୦ରୁ ୮୦୦୦ ପର୍ଯ୍ୟନ୍ତ ଶିକ୍ଷାଗତ ଭତ୍ତା<br>• ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା |

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
**http://socialjustice.gov.in/schemes/23**

cbc 38101/11/0030/2324


## ପଟିଆରେ ସକ୍ସେସ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୨୩।୯



ଦେଶର ପ୍ରମୁଖ ମେନ୍ସୱେର ବ୍ରାଣ୍ଡ 'ସକ୍ସେସ୍'ର ନୂତନ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର ଭୁବନେଶ୍ୱରର ପଟିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁଶାନ୍ତ ରାଉତଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ମୋନାଲିସା ବେହେରା,ଲକ୍ଷ୍ମୀପ୍ରିୟା ପରିଡ଼ା, କର୍ପୋରେଟର ମିହିର କୁମାର ରାଉତ ସମ୍ମାନିତ ଅତିଥି ଭାବେ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସକ୍ସେସ୍‌ର ଏମ୍‌ଡି ରଜନୀଶ ସେଠିଆ କହିଛନ୍ତି, ପଟିଆରେ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ । ଏପରିକି ଓଡ଼ିଶା (ଭୁବନେଶ୍ୱର) ଆମ ପାଇଁ ଏକ ପ୍ରମୁଖ ବଜାର ପାଲଟିଛି। ଏହା ପୂର୍ବରୁ ଓଡ଼ିଶାରେ ଆମର ୫ଟି ଷ୍ଟୋର ରହିଛି। ଖୁବ୍‌ଶୀଘ୍ର କଟକ, ବ୍ରହ୍ମପୁର, ରାଉରକେଲା, ତାଳଚେର, ପୁରୀ, ଜଟଣୀ, ସମ୍ବଲପୁର ଓ ବଲାଙ୍ଗୀର ଭଳି ସହରରେ ନୂତନ ଷ୍ଟାର ସହ ବ୍ୟବସାୟ ସମ୍ପ୍ରସାରଣ ପାଇଁ ଯୋଜନା ରହିଛି। ସେହିଭଳି ଆମର ବର୍ତ୍ତମାନ ୨୦ରୁ ଅଧିକ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟ୍‌ଲେଟ୍ ସହ ୩୭୫ରୁ ଅଧିକ ମଲ୍ଟି ବ୍ରାଣ୍ଡ ଆଉଟ୍‌ଲେଟ୍ ଏବଂ ୪୫ ଶପ୍ ଇନ୍ ଶପ୍ ଫର୍ମାଟ ଷ୍ଟୋର୍ ରହିଛି। ସେହିଭଳି ଭୁବନେଶ୍ୱର ଫ୍ରାଞ୍ଚାଇଜ୍ ପାର୍ଟନର ରୂପେଶ ଧାମେଜା କହିଛନ୍ତି, ଆମର ଉତ୍କଳ ଗ୍ୟାଲେରିଆ, ଡିଏନ୍ ରେଗାଲିଆ ଏବଂ ଜନପଥଠାରେ ମଧ୍ୟ ସକ୍ସେସ୍ ଏକ୍ସକ୍ଲୁସିଭ ବ୍ରାଣ୍ଡ ଆଉଟଲେଟ୍ ରହିଛି। ଆମର ସମସ୍ତ ଗ୍ରାହକଙ୍କୁ ସେମାନଙ୍କର ଅତ୍ୟଧିକ ସମର୍ଥନ ପାଇଁ କୃତଜ୍ଞ ବୋଲି ସେ ମତପ୍ରକାଶ କରିଛନ୍ତି।

## ପୁଣି ବଢ଼ିପାରେ ଖାଦ୍ୟ ମୁଦ୍ରାସ୍ଫୀତି

### ତୈଳ ଓ ଡାଲି ଜାତୀୟ ଫସଲ ଅମଳ ପ୍ରଭାବିତ

ଭୁବନେଶ୍ୱର, ୨୩।୯

ସକ୍ରିୟ ମୌସୁମୀ ସାରା ଦେଶରେ ଖରିଫ ଚାଷକୁ ପୁନର୍ଜୀବିତ କରିଛି। ଏହାର ପ୍ରଭାବରେ ସାରା ଦେଶରେ ପୂର୍ବ ବର୍ଷଗୁଡ଼ିକ ଅପେକ୍ଷା ଚଳିତବର୍ଷ ଭଲ ଧାନ ଅମଳ ହେବ ବୋଲି ଆଶା କରାଯାଉଛି। ତେବେ ତୈଳବୀଜ ଓ ଡାଲି ଜାତୀୟ ଫସଲ ଏବେ ବି ପଛରେ ପଡିଥିବା ଜଣାପଡିଛି। ଚଳିତବର୍ଷ ୧୧୦୨ ଲକ୍ଷ ହେକ୍ଟର ଜମି(ଏଲ୍‌ଏଚ୍‌ଏ)ରେ ଖରିଫ ଚାଷ କରାଯାଇଛି। ସେହିପରି ପୂର୍ବବର୍ଷ ତୁଳନାରେ ୩ ଲକ୍ଷ ହେକ୍ଟର ଅଧିକ ଏବଂ ସ୍ୱାଭାବିକଠାରୁ ୭ ଲକ୍ଷ ହେକ୍ଟର ଜମିରେ ଖରିଫ ଚାଷ କରାଯାଇଥିବା ଜଣାପଡ଼ିଛି। ସକ୍ରିୟ ମୌସୁମୀ ଯୋଗୁ ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ହରିୟାଣା, ଉତ୍ତରପ୍ରଦେଶ ଏବଂ ଅନ୍ୟାନ୍ୟ ରାଜ୍ୟରେ ପୂର୍ବ ବର୍ଷ ତୁଳନାରେ ଅଧିକ ୧୧ ଲକ୍ଷ ହେକ୍ଟର ଜମିରେ ଖରିଫ ଚାଷ କରାଯାଇଛି। ସେହିପରି ସକ୍ରିୟ ମୌସୁମୀ ଯୋଗୁ ସେପ୍ଟେମ୍ବରରେ ଏହି ରାଜ୍ୟଗୁଡ଼ିକରେ ଭଲ ବର୍ଷା ହୋଇଥିବା ଜଣାପଡ଼ିଛି। ଅପରପକ୍ଷେ କର୍ନାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକରେ ସ୍ୱାଭାବିକଠାରୁ କମ୍ ପରିମାଣର ବର୍ଷା ହୋଇଥିବାରୁ ଖରିଫ୍ ଚାଷ ପ୍ରଭାବିତ ହୋଇଛି। ସେହିପରି ହରଡ଼, ବିରି ଏବଂ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା କମ୍ ଜମିରେ ଚାଷ କରାଯାଇଛି। ଡାଲି ଜାତୀୟ ଶସ୍ୟ ଅମଳ ପ୍ରଭାବିତ ହୋଇଥିବାରୁ ଆଗାମୀ ଦିନରେ ଖାଦ୍ୟ ମୁଦ୍ରାସ୍ଫୀତି ପୁଣି ବଢ଼ିବାର ସମ୍ଭାବନା ରହିଛି। କାରଣ ଗତବର୍ଷ ଡାଲିଜାତୀୟ ଶସ୍ୟ କମ୍ ଅମଳ ହେବାରୁ ଏହାର ମୂଲ୍ୟ ବଢ଼ିବାରେ ଲାଗିଥିଲା। ଯଦି ତୈଳବୀଜ କଥା କୁହାଯିବ ତେବେ ଗତବର୍ଷ ୧୯୬.୦୮ ଲକ୍ଷ ହେକ୍ଟର ଜମିରେ ଏହି ଚାଷ କରାଯାଇଥିବାବେଳେ ଚଳିତ ବର୍ଷ ଏହା ୧୯୨.୯୧ ହେକ୍ଟର ଜମିକୁ ଖସି ଆସିଛି। ସୋୟାବିନ୍ ବ୍ୟତୀତ ଚିନାବାଦାମ, ସୂର୍ଯ୍ୟମୁଖୀ, ରାଶି ଭଳି ତୈଳବୀଜ ଫସଲ ମଧ୍ୟ ହ୍ରାସ ଘଟିଛି।


**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, देवघर**

ई-प्रोक्योरमेंट सूचना (2nd Call)

ई-पुनर्निविदा प्रसंग संख्या - RCD/DEOGHAR/1944/2023-24 (2nd Call)

दिनांक - 23.09.2023

| | | |
|---|---|---|
| 1. | कार्य का नाम | Construction of Road Over Bridge(ROB) in LIEU of L-Xing Gate no. 1 in between Jasidih and Baidyanathdham (Job No. CRF-JHR-2022-23-70) |
| 2. | प्राक्कलित राशि (रुपये में) | रुपये 14,44,92,430/- (चौदह करोड़ चौवालीस लाख बेरानबे हजार चार सौ तीस रुपये मात्र)। |
| 3. | कार्य समाप्ति की अवधि | 24 (चौबीस) माह। |
| 4. | निविदा प्राप्ति की अंतिम तिथि एवं समय | 16.10.2023 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 26.09.2023 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एव पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | 06432-299919 |
| 8 | ई-प्रोक्युरमेंट सेल का हेल्पलाईन नम्बर | 0651-2401010 |

नोट- निविदा की राशि घट-बढ़ सकती है। अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।

कार्यपालक अभियंता,
PR.NO.307663 Relief(23-24):D पथ निर्माण विभाग, पथ प्रमण्डल, देवघर।



**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା,
ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪

**ପ୍ରେସ୍ ବିଜ୍ଞପ୍ତି**
(ନଂ. ସିଡବ୍ଲ୍ୟୁସି/ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୬)

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁସି, ହଳଦିପାଲି ସୋହେଲା (ଓଡ଼ିଶା) ପରିସରରୁ ବିଦ୍ୟମାନ କନଗାଉଁ ୧୧ କେଭି ଫିଡର୍ ଲାଇନ୍‌ର ସ୍ଥାନାନ୍ତର ଏବଂ ଗ୍ରିଞ୍ଜୋଲ ୧୧ କେଭି ଫିଡର୍ ଲାଇନ୍ ଓ ଏଲ୍‌ଟି ଲାଇନ୍‌ର ସ୍ଥାନାନ୍ତରଣ । | ୨୧.୫୮ | ୨୯।୦୯।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।

ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ ।

**ନିର୍ବାହୀ ଯନ୍ତ୍ରୀ**

# ‘ଯବାନ ଲିଜ୍ ଜମି ବ୍ୟବସ୍ଥା ପୁନଃ ଲାଗୁ ହେଉ’

## ଦାବି କଲା ଅବସରପ୍ରାପ୍ତ ଯବାନ ସଂଘ

ଭୁବନେଶ୍ୱର, ୨୩।୯ (ବନ୍ଦନା ସେଠୀ)

୧୯୬୩ ଏବଂ ୧୯୮୬ ଗୃହ ବିଭାଗର ଭିନ୍ନ ଭିନ୍ନ ରିଜୋଲେଶନ ନମ୍ବର ଅନୁଯାୟୀ ୫ ଏକର ଲିଜ୍ ଜମି ସଶସ୍ତ୍ର ବାହିନୀ ଯବାନ ଏବଂ ଅକ୍ଷମ ସୈନିକଙ୍କୁ ଯୋଗାଇଦେବାର ବ୍ୟବସ୍ଥା ରହିଥିଲା। ଯେଉଁମାନେ ନିଜ ଜୀବନକୁ ବାଜି ଲଗାଇ ଦେଶ ସୁରକ୍ଷାର ଗୁରୁଦାୟିତ୍ୱ ନେଇଥିଲେ, ଦେଶବାସୀଙ୍କ ପାଇଁ ବଳିଦାନ ଦେଇଥିଲେ ସେମାନଙ୍କ ପାଇଁ ଏହି ବ୍ୟବସ୍ଥା ଲାଗୁ କରାଯାଇଥିଲା। ମାତ୍ର ୨୦୧୪ ଫେବୃୟାରୀ ୧୯ରେ ଥିବା ଓଡ଼ିଶା ରିଜୋଲେଶନ ନଂ. ୭୩୯୦/୨-୦୪/୨୦୧୩ ମାଧ୍ୟମରେ ଉପରୋକ୍ତ ଅଧିକାରକୁ ରଦ୍ଦ କରିଦିଆଯାଇଛି। ଫଳରେ ସୈନିକ ଓ ତାଙ୍କ ପରିବାର ପ୍ରତି ଏହା ଅନ୍ୟାୟ ବୋଲି ଶନିବାର ସୈନିକ ଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅବସରପ୍ରାପ୍ତ ଯବାନ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

ଏଥିରେ ୨୩ଟି ଅବସରପ୍ରାପ୍ତ ଯବାନ ସଂଘ ଯୋଗଦେଇ ସରକାର ଓଡ଼ିଶାର ପାଟ୍ରିଓଟିକ୍ ସୋଲ୍‌ଜରମାନଙ୍କୁ ତୁରନ୍ତ ଯବାନ୍ ଲିଜ୍ ଜମି ବ୍ୟବସ୍ଥା ପ୍ରତ୍ୟାବର୍ତ୍ତନ କରିବାକୁ ଦାବି କରିଛି। ଅଲ୍ ଓଡ଼ିଶା ଭେଟେରାନ୍ ସୋଲ୍‌ଜର୍ ଆସୋସିଏଶନର ପେଟ୍ରୋନ୍ ଭେଟେରାନ୍ ଦିଲୀପ ମହାପାତ୍ର, ସଭାପତି ମହେଶ୍ୱର ବେହେରା, ସମ୍ପାଦକ ଭେଟେରାନ୍ ଉମେଶ କୁମାର ଚଇନି, ଉପସଭାପତି ଭେଟେରାନ୍ ନୃସିଂହ ଶତପଥୀ ପ୍ରମୁଖ ଯୋଗଦେଇ ଓଡ଼ିଶାର ଭେଟେରାନ ଯବାନମାନଙ୍କୁ ପୋଲିସ ପ୍ରଶାସନ ଦ୍ୱାରା ଅମାନବିକ ବ୍ୟବହାର କରାଯିବା, ସରକାରଙ୍କ ଦ୍ୱାରା ଅବହେଳିତ ହେବା, ଯବାନ ସଂରକ୍ଷିତ ଜମିକୁ ସରକାର ହଡ଼ପ କରି ଅନ୍ୟଲୋକଙ୍କୁ ବାଣ୍ଟିବା ଭଳି ଘଟଣାକୁ ନିନ୍ଦା କରିଥିଲେ। ଓଡ଼ିଶାରେ ସୈନିକ ୱେଲଫେୟାର ମନ୍ତ୍ରଣାଳୟ ସ୍ଥାପନ କରିବାକୁ ପ୍ରସ୍ତାବ ରଖାଯାଇଥିଲା। ସେହିପରି ବିଧାନସଭାରେ ଭେଟେରାନ୍ ଯବାନଙ୍କ ପାଇଁ ୧୦ପ୍ରତିଶତ ସଂରକ୍ଷଣ କରାଗଲେ ରାଜ୍ୟରେ ଭ୍ରଷ୍ଟାଚାରରେ ଅଙ୍କୁଶ ଲାଗିବ ବୋଲି ସଂଘର ସାଧାରଣ ସମ୍ପାଦକ ଭେଟେରାନ୍ ଉମେଶ କୁମାର ଚଇନି କହିଥିଲେ। ସମ୍ମିଳନୀରେ ଢେଙ୍କାନାଳ, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ପୁରୀ, ସମ୍ବଲପୁର, ନୟାଗଡ଼, ବଲାଙ୍ଗୀର, କୋରାପୁଟ ଭଳି ବିଭିନ୍ନ ଜିଲାରୁ ସଭାପତି, ସମ୍ପାଦକମାନେ ଉପସ୍ଥିତ ଥିଲେ।



ସୈନିକ ଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅବସରପ୍ରାପ୍ତ ଯବାନମାନେ।

## ସଂକ୍ଷେପରେ

### ୨୯ରେ ଲଘୁଚାପ: ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୩।୯ (ଅନିଲ ଦାସ)

ଦକ୍ଷିଣ ଚାଇନା ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହୋଇଛି। ଏହା ଆସନ୍ତା ୨୯ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ମ୍ୟାନ୍‌ମାର ନିକଟରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଲଘୁଚାପ ସେପ୍ଟେମ୍ବର ୩୦ ତାରିଖରେ ଅଧିକ ଘନୀଭୂତ ହୋଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗ ଦେଇ ଓଡ଼ିଶା ଉପକୂଳ ଏବଂ ପଶ୍ଚିମବଙ୍ଗ ଉପକୂଳ କିମ୍ବା ଆନ୍ଧ୍ରପ୍ରଦେଶ ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ସ୍ଥଳଭାଗ ଅତିକ୍ରମ କରିବା ବେଳେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିମ୍ବା ବେଳେ ବେଳେ ୬୦ରୁ ୭୦ କି.ମି. ରହିବ ବୋଲି ଅନୁମାନ କରାଯାଉଛି। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି କଟକ, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାରେ ଅକ୍ଟୋବର ୨ ତାରିଖ ଯାଏ ପ୍ରବଳ ବର୍ଷା ହେବ। ତେବେ ଲଘୁଚାପ ବାତ୍ୟାରେ ପରିଣତ ହେବ କି ନାହିଁ ସେ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ନାହିଁ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି। ଅନ୍ୟପକ୍ଷରେ ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ୩୦ ପ୍ରତିଶତ ଅଧିକ ବର୍ଷା ହୋଇଛି। ଜୁଲାଇ ଓ ଅଗଷ୍ଟରେ ରାଜ୍ୟରେ ହୋଇଥିବା ନିଅଣ୍ଟିଆ ବର୍ଷା ଭରଣା ହୋଇଛି। ଭାରତୀୟ ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ସେପ୍ଟେମ୍ବର ୨୩ ତାରିଖ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୧୧୧୪.୫ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୦୮୧ ମିଲିମିଟର। ରାଜ୍ୟର ୩୦ ଜିଲାରୁ ୨୮ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୨ଟି ଜିଲା କେନ୍ଦ୍ରାପଡା ଓ ନବରଙ୍ଗପୁରରେ ସ୍ୱାଭାବିକଠାରୁ କମ ବର୍ଷା ହୋଇଛି। ତେବେ ଆସନ୍ତା ଲଘୁଚାପ ବର୍ଷା ଏହାକୁ ଭରଣା କରିବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି।

### ବଡ଼ଗଡ଼ ଗଣେଶ ପୂଜା ବୁଲି ଦେଖିଲେ କେନ୍ଦ୍ରମନ୍ତ୍ରୀ

ପୁରୁଣା ଭୁବନେଶ୍ୱର, ୨୩।୯ (ସୁବାସ ଚନ୍ଦ୍ର ପ୍ରଧାନ)

ରଙ୍ଗୀନ ଆଲୋକମାଳା ସହ ଆକର୍ଷଣୀୟ ସାଜସଜ୍ଜାରେ ଝଲସୁଛି ବଡ଼ଗଡ଼ ଗଣେଶ ପୂଜାମଣ୍ଡପ। ଏହି ଅବସରରେ ଶନିବାର ପଞ୍ଚମ ସନ୍ଧ୍ୟାରେ ଅନୁଷ୍ଠିତ ସଙ୍ଗୀତ ମହାକୁମ୍ଭରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭୁବନେଶ୍ୱର ଭାଜପା ଜିଲା ସଭାପତି ବାବୁ ସିଂ, ଭାଜପା ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା, ଭାଜପା କାର୍ଯ୍ୟକାରିଣୀ ସଭ୍ୟ ଜଗନ୍ନାଥ ପ୍ରଧାନ, ଗୋଲଖ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଦିତ୍ୟ ଗଜେନ୍ଦ୍ର ଉପସ୍ଥିତ ଥିଲେ। ବଡ଼ଗଡ଼ ଗଣେଶ ମହୋତ୍ସବର ସମ୍ପାଦକ ସଂଗ୍ରାମ ମାର୍ଥା ଧନ୍ୟବାଦ ଦେଇଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଝାରପଡ଼ା ଜେଲରେ ଡିଆଇଜିଙ୍କ ଖୋଳତାଡ଼

## ଠକେଇ ଅଭିଯୁକ୍ତଙ୍କ ବଦଳରେ ବଳାତ୍କାର ଅଭିଯୁକ୍ତ ମୁକୁଳିବା ଘଟଣା

ଭୁବନେଶ୍ୱର, ୨୩।୯ (ସୂର୍ଯ୍ୟକାନ୍ତ ବେହେରା)

ଝାରପଡ଼ା ସ୍ପେଶାଲ ଜେଲ୍‌ରେ ଥିବା ଜଣେ ଠକେଇ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। କିନ୍ତୁ ତାଙ୍କ ପରିବର୍ତ୍ତେ ଗତ ୨୦ ତାରିଖରେ ମୁକୁଳିଥିଲେ ଜଣେ ବଳାତ୍କାର ଅଭିଯୁକ୍ତ। ଜେଲ୍ ଡିଆଇଜି ଗରିବ ସାହୁ ଶନିବାର ଝାରପଡ଼ା ଜେଲରେ ପହଞ୍ଚି ଏଭଳି ସାଂଘାତିକ ତ୍ରୁଟିର ଖୋଳତାଡ଼ କରିଛନ୍ତି। ସେ ୱାର୍ଡର, ଜେଲରଙ୍କୁ ପଚରାଉଚରା କରିଛନ୍ତି। ସୂଚନାନୁସାରେ ଏକ ଠକେଇ ମାମଲାରେ କିଛି ଦିନ ଧରି ଜେଲରେ ଥିବା ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପୁଅ ରମେଶ ଚନ୍ଦ୍ର ଜେନାଙ୍କୁ ଗତ ୨୦ ତାରିଖରେ ଜାମିନ ମିଳିଥିଲା। ହେଲେ




ଜେଲ କର୍ତ୍ତୃପକ୍ଷ ରିଲିଜ ଅର୍ଡର ଦେଖି ସେଇଦିନ ପୂର୍ଣ୍ଣଚନ୍ଦ୍ରଙ୍କ ପୁଅ ରମେଶଙ୍କୁ ଛାଡ଼ିବା ବଦଳରେ ବଳାତ୍କାର ମାମଲାରେ ଜେଲରେ ଥିବା ଲକ୍ଷ୍ମୀଧର ଜେନାଙ୍କ ପୁଅ ରମେଶ ଜେନାଙ୍କୁ ଛାଡ଼ି ଦେଇଥିଲେ।

# ରାଜ୍ୟ ଗ୍ରନ୍ଥାଗାରକୁ ୧ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରଦାନକଲେ ଗୁରୁଜୀ ଚନ୍ଦ୍ରଭାନୁ



ଭୁବନେଶ୍ୱର, ୨୩।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ତଥା ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ପ୍ରାୟ ୧ ହଜାର ପ୍ରାଚୀନ ଓଡ଼ିଆ ପୁସ୍ତକ ଓ ପତ୍ରପତ୍ରିକାକୁ ଶନିବାର ରାଜ୍ୟ ଗ୍ରନ୍ଥାଗାରକୁ ପ୍ରଦାନ କରିଛନ୍ତି। ଏହି ପୁସ୍ତକଗୁଡ଼ିକ ମଧ୍ୟରେ ଓଡ଼ିଆ ଭାଷାରେ ଲିଖିତ ପ୍ରଥମ ବ୍ୟାକରଣ, ପ୍ରଥମ ଉପନ୍ୟାସ ରହିଛି। ଅନେକ ପୁସ୍ତକ ଶହେ ବର୍ଷରୁ ଅଧିକ ହୋଇଥିବାବେଳେ ଆଉ କିଛି ଅର୍ଦ୍ଧଶତାବ୍ଦୀରୁ ଅଧିକ ପୁରୁଣା। ଏହି ବିରଳ ଗ୍ରନ୍ଥଗୁଡ଼ିକୁ ରାଜ୍ୟ ଗ୍ରନ୍ଥାଗାରର ଏକ ସ୍ୱତନ୍ତ୍ର କୋଠରିରେ ସଂରକ୍ଷିତ କରି ରଖାଯାଇଛି। ଏହି ଅବସରରେ ଗ୍ରନ୍ଥାଗାରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗୁରୁଜୀ ଡ. ଶତପଥୀ ଉକ୍ତ ପୁସ୍ତକଗୁଡ଼ିକୁ ପାଠିକପାଠକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଏହି ପୁସ୍ତକପୁସ୍ତିକାରେ ପ୍ରାଚୀନ ଓଡ଼ିଶାର ସାହିତ୍ୟ, ଇତିହାସ, ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ରହିଛି। ଏଥିମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷଠାରୁ ଆରମ୍ଭ କରି ମୟୂରଭଞ୍ଜର ରାଜା ମହାରାଜାଙ୍କ ରାଜ୍ୟାଭିଷେକର ଚିତ୍ର ଓ ତଥ୍ୟ ରହିଛି। ଏସବୁ ଗବେଷଣା ନିମନ୍ତେ ଉତ୍ତରପିଢ଼ି ପାଇଁ ଉପାଦେୟ ହୋଇପାରିବ। ନିଜସ୍ୱ ଉଦ୍ୟମରେ ନଏଡ଼ାଠାରେ ପ୍ରତିଷ୍ଠିତ ଲାଇବ୍ରେରିରେ ଏହି ପୁସ୍ତକଗୁଡ଼ିକ ଦୀର୍ଘବର୍ଷ ଧରି ସାଇତି ରଖାଯାଇଥିଲା। ଏହାକୁ ନେବା ପାଇଁ ଜାତୀୟ ସ୍ତରର ଅନେକ ସଂସ୍ଥା ଇଚ୍ଛା ପ୍ରକଟ କରିଥିବାବେଳେ ସେ ଏଗୁଡ଼ିକୁ ଓଡ଼ିଶା ମାଟିକୁ ପ୍ରଦାନ କରିବାକୁ ଚାହିଁଥିଲେ ବୋଲି ଗୁରୁଜୀ କହିଥିଲେ। ଏହି ପୁସ୍ତକଗୁଡ଼ିକ ମଧ୍ୟରୁ କିଛି ତାଙ୍କ ପିତା ସ୍ୱର୍ଗତ ଗୋକୁଳ ଚନ୍ଦ୍ର ଶତପଥୀ ଓ ଆଉ କିଛି ସେ ନିଜେ ସଂଗ୍ରହ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ପୁସ୍ତକ ହେଉଛି ଜାତୀୟ ସମ୍ପର୍କ। ଏଗୁଡ଼ିକର ସଂରକ୍ଷଣ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ରାଜ୍ୟ ଗ୍ରନ୍ଥାଗାରର ବିଦ୍ୟାଧର ପଣ୍ଡା ଓ ରୁଦ୍ରପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ହେଲ୍ପ ମେଟ୍ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ସାହିତ୍ୟ ସଂସଦ ପରିସରରେ ଶନିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଯୁବ କବି ସମ୍ମିଳନୀରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଯୁବ କବି ଓ ଅନ୍ୟମାନେ। (ଫଟୋ- ବିକାଶ ନାୟକ)

# ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ନେଇଗଲେ

ପିପିଲି, ୨୩।୯ (ଦୁର୍ଗା ମାଧବ ମିଶ୍ର)

ପିପିଲି ବଜାରରେ ଶନିବାର ୨ଜଣ ଯୁବକ ବାଇକ୍ ଡିକି ଭାଙ୍ଗି ୧ଲକ୍ଷ ୫ ହଜାର ଟଙ୍କା, ଆଧାରକାର୍ଡ ଓ ପରିଚୟପତ୍ର ନେଇଯାଇଥିବା ଅଭିଯୋଗ ହୋଇଛି। ପିପିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଦଳଭାଣପୁର ଗ୍ରାମର କୁନି ବାରିକ ଓ ତାଙ୍କ ପୁଅ ବାଇକ( ଓଆର-୧୩ଏଚ୍-୧୭୧୫)ରେ ପିପିଲିରେ ଥିବା ବନ୍ଧନ ବ୍ୟାଙ୍କକୁ ଯାଇଥିଲେ। ଉକ୍ତ ବ୍ୟାଙ୍କରୁ ସେମାନେ ୧ଲକ୍ଷ ୫ହଜାର ଋଣ ଟଙ୍କା ଉଠାଇବା ପରେ ବାଇକରେ ଘର ଅଭିମୁଖେ ବାହାରିଥିଲେ। ତେବେ ପିପିଲିର ପଣ୍ଡା ବଜାରଠାରେ କୁନିଙ୍କ ପୁଅ ବାଇକ୍ ରଖି ସାମଗ୍ରୀ କିଣିବାକୁ ଯାଇଥିଲେ। ଏହି ସମୟରେ ବାଇକରେ ଦୁଇଜଣ ଯୁବକ ସେଠାରେ ପହଞ୍ଚିଥିଲେ। ଯୁବକଦ୍ୱୟ ତୁମ ପୁଅ ପଡ଼ିଗଲା କହିବା ପରେ କୁନି ବାଇକ ନିକଟରୁ ଘୁଞ୍ଚି ଯାଇଥିଲେ। ଏହା ପରେ ଯୁବକଦ୍ୱୟ ବାଇକ୍ ଡିକି ଭାଙ୍ଗି ସେଥିରେ ଥିବା ଟଙ୍କା, ଆଧାରକାର୍ଡ ଓ ପରିଚୟପତ୍ର ନେଇଯାଇଥିଲେ। ଏହା ଦେଖି କୁନି ଚୋର ଚୋର ବୋଲି ଡାକ ପକାଇଥିଲେ ମଧ୍ୟ ଯୁବକଦ୍ୱୟ ଫେରାର ହୋଇଯାଇଥିଲେ।

# ବିଶ୍ୱ ଦକ୍ଷତା କେନ୍ଦ୍ରର ୨୪ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି



ଭୁବନେଶ୍ୱର, ୨୩।୯ (ଅସମାପିକା ସାହୁ)

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ କମ୍ପାନୀରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଉଛି। ଏହି କ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଶୁକ୍ରବାର ଟାଟା ସ୍କିଲ ପକ୍ଷରୁ ହୋଇଥିବା ଦ୍ୱିତୀୟ ପ୍ଲେସ୍‌ମେଣ୍ଟ ଇଣ୍ଟରଭ୍ୟୁ କାର୍ଯ୍ୟକ୍ରମରେ ୨୦୨୧-୨୨ ବ୍ୟାଚର ୨୪ଜଣ ଛାତ୍ରୀଛାତ୍ର ନିଯୁକ୍ତି ପାଇଛନ୍ତି। ଟାଟା ସ୍କିଲରେ ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ କାମ କରିବାର ସୁଯୋଗ ପାଇବେ। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରର ‘ସ୍କୁଲ ଅଫ୍ ଇଞ୍ଜିନିୟରିଂ’ ଏବଂ ‘ସ୍କୁଲ ଅଫ୍ ସର୍ଭିସେସ୍’ ବିଭାଗ ଅଧୀନରେ ଚଳିତବର୍ଷ ତାଲିମ ଶେଷ କରିଥିବା ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ ଦେବା ପାଇଁ ପ୍ଲେସ୍‌ମେଣ୍ଟ କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି ବ୍ୟାଚ୍‌ରେ ୯୦ ପ୍ରତିଶତ ଛାତ୍ରୀଛାତ୍ର ବିଭିନ୍ନ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୫ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ସ୍ତରରେ ନିଯୁକ୍ତି ମିଳିଥିବା ସୂଚନା ଦିଆଯାଇଛି।

# ଶୀତଳଭଣ୍ଡାରରେ ଆଳୁ ଗଜା, ଚିନ୍ତାରେ ଚାଷୀ

ପିପିଲି, ୨୩।୯ (ଦୁର୍ଗାମାଧବ ମିଶ୍ର)

ପିପିଲି ଅଞ୍ଚଳରେ ସରକାରୀ ଶୀତଳଭଣ୍ଡାର ନ ଥିବାରୁ ଚାଷୀମାନେ ପୁରୀ ସଦର ଆଳପୁରରେ ଥିବା ଏକ ଘରୋଇ ଶୀତଳଭଣ୍ଡାରରେ ଆଳୁ ରଖିଥିଲେ। ହେଲେ ବସ୍ତାରେ ଥିବା ଆଳୁ ଗଜା ହୋଇଯାଇଛି, ଯାହାକି ଖାଇବା ଉପଯୋଗୀ ନୁହେଁ। ଏନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଅନ୍ୟପକ୍ଷରେ ଶୀତଳଭଣ୍ଡାର ପକ୍ଷରୁ କୁହାଯାଇଛି ଯେ, ଏହି ଶୀତଳଭଣ୍ଡାରରେ ୨୭ ହଜାର ବସ୍ତା ଆଳୁ ରହିପାରିବ। ଚାଷୀମାନେ ୧୨ ଶହ ବସ୍ତା ଆଳୁ ରଖିଛନ୍ତି। ପ୍ରତି ମାସରେ ତାଙ୍କର ବିଦ୍ୟୁତ୍ ବିଲ୍ ଦେୟ ହେଉଛି ୪୫ରୁ ୪୭ ହଜାର ଟଙ୍କା। ଘରୋଇ ଶୀତଳଭଣ୍ଡାର ହୋଇଥିବାରୁ ସରକାର କୌଣସି ଆର୍ଥିକ ସହାୟତା ଦେଉନାହାନ୍ତି। ତେଣୁ ଶୀତଳଭଣ୍ଡାର ଚଳାଇବା କଷ୍ଟକର ହୋଇପଡୁଛି। ପିପିଲିର ଦକ୍ଷିଣସାହି ଗ୍ରାମର ୧୦ଜଣ ଚାଷୀ କିଭଳି କ୍ଷତିପୂରଣ ପାଇବେ ସେନେଇ ଚିନ୍ତାରେ ଅଛନ୍ତି। ସେହିପରି ସତ୍ୟବାଦୀ ବ୍ଲକର ଖଡ଼ିକୁଦା, ନୂଆସାହି, ବଳରାମପୁର, ଭୂତୁପଦା, ପିଢ଼ସାହି, ବାଗଲପୁର ଏବଂ ନିମାପଡ଼ା ବ୍ଲକର ଉଚ୍ଛୁପୁର ନୂଆସାହି, ନରୁଡ଼ା, ପାର୍ବତୀପୁର ଆଦି ଅଞ୍ଚଳର ଚାଷୀ ଅଞ୍ଚଳରେ ଶୀତଳଭଣ୍ଡାର ନ ଥିବାରୁ ସେମାନେ ମଧ୍ୟ ଆଳପୁରରେ ରଖିଥିବା ଆଳୁରେ ସମାନ ଅବସ୍ଥା। ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ଆଳୁ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

# ସ୍ୱାଭିମାନ ସହ ଚାଲିବା ପାଇଁ ପରିଚୟ ଦରକାର

## ‘ଅ ଓଡ଼ିଶା ଲିଟେରାରି ଫେଷ୍ଟିଭାଲ-୨୦୨୩’

ଭୁବନେଶ୍ୱର, ୨୩।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଗୋଟିଏ ମଣିଷ, ସଭ୍ୟତା, ଭୌଗୋଳିକ ଅଞ୍ଚଳ କିମ୍ବା ବର୍ଗ ବିଶେଷର ଏକ ସ୍ୱତନ୍ତ୍ର ପରିଚୟ ରହିଥାଏ। ଭାଷା, ସଂଜ୍ଞା, ଆରାଧ୍ୟ ଦେବତାକୁ ନେଇ ପରିଚୟ ତିଆରି ହୋଇଥାଏ ଏବଂ ସ୍ଥାନ, କାଳ, ପାତ୍ର ନେଇ ପରିଚୟ ମଧ୍ୟ ପରିବର୍ତ୍ତିତ ହୋଇଥାଏ। କୌଣସି ନା କୌଣସି ବିଷୟକୁ ନେଇ ସ୍ୱାଭିମାନ ସହ ଚାଲିବା ପାଇଁ ପରିଚୟ ଦରକାର। ଓଡ଼ିଆ ସମାଜର ଆଜିର ଅବସ୍ଥା କ’ଣ ଏବଂ ମୋ ସମାଜକୁ ଆଗକୁ ନେବା ପାଇଁ ମୋର ଦାୟିତ୍ୱ କ’ଣ? ମୋର କାମ କ’ଣ, ମୋର ଭବିଷ୍ୟତ କ’ଣ? ଏହା ହିଁ ‘ପରିଚୟର କଳ୍ପନା’ର ଗୋଟିଏ କାମ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ‘ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ’ର ଏକାଦଶ ‘ଅ’ ଓଡ଼ିଶା ଲିଟେରାରି ଫେଷ୍ଟିଭାଲ-୨୦୨୩ (ଓଏଲ୍ଏଫ)ର ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିବା ସହ ଚଳିତବର୍ଷର ବିଷୟ ବସ୍ତୁ ‘ଦ ଆଇଡିଆଜ୍ ଅଫ୍ ଆଇଡେଣ୍ଟିଟି’ ବା ‘ପରିଚୟର କଳ୍ପନା’ ଉପରେ ମତ ରଖିଛନ୍ତି। ସେ କହିଛନ୍ତି, ଜାତୀୟ ଶିକ୍ଷା ନୀତି ସବୁ ଭାରତୀୟ ଭାଷାକୁ ପ୍ରାଥମିକତା ଦେଉଛି। ସବୁ ଭାଷାକୁ ଆମେ ସମ୍ମାନ ଦେବା ଦରକାର। ଶିଶୁଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ମାତୃଭାଷାରେ ପଢାଇବା ପାଇଁ ବାଲ୍ୟବାଟିକାର ବ୍ୟବସ୍ଥା ହୋଇଛି। ପ୍ରଥମରୁ ମାତୃଭାଷାରେ ପାଠ ପଢିଲେ ହିଁ ଶିଶୁଙ୍କର ଅନୁସନ୍ଧାନ, ତର୍କଶକ୍ତି ଓ ବୁଝିବାର କ୍ଷମତାରେ ସ୍ୱଚ୍ଛତା ଆସିବ। ମାତୃଭାଷାକୁ ପ୍ରାଥମିକତା ନୂଆ ଶିକ୍ଷା ନୀତିର ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଏଡିଟୋରିଆଲ୍ ଡାଇରେକ୍ଟର ପ୍ରଭୁ ଚାୱଲା ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗ ଉପରେ ଏକାଧିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା।


କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ୍‌ର ଏଡିଟୋରିଆଲ୍ ଡାଇରେକ୍ଟର ପ୍ରଭୁ ଚାୱଲା।

# ଦର୍ଶକଙ୍କ ଭାବାବେଗକୁ ଛୁଇଁଲା ‘ବିୟଣ୍ଡ୍ ଦ ବ୍ଲୁଜ୍’

## ଚତୁର୍ଥ ଇଣ୍ଡିଆନ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ

ଭୁବନେଶ୍ୱର, ୨୩।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଫିଲ୍ମ ସୋସାଇଟି ଭୁବନେଶ୍ୱର ପକ୍ଷରୁ ୩ଦିନିଆ ଚତୁର୍ଥ ଇଣ୍ଡିଆନ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ(ଆଇଏଫ୍ଏଫ୍‌ବି) ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ହୋଇଛି। ଚଳିତବର୍ଷ ଅସମାନତା, ଜାତି, ଶ୍ରେଣୀ, ଲିଙ୍ଗ, ପରିବେଶ ବିଜ୍ଞାନ ସମସ୍ୟା ଉପରେ ନିର୍ମିତ ଇଣ୍ଡିଆନ୍ ନନ୍-ଫିକ୍ସନାଲ୍ ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଛି। ଏହି ଉତ୍ସବରେ ୨୫ଟି ଚଳଚ୍ଚିତ୍ରର ପ୍ରଦର୍ଶନ ହେବାକୁଥିବାବେଳେ ସୁବାଶ୍ରୀ କ୍ରୀଷ୍ଣନ୍‌ଙ୍କ ‘ହ୍ୱାଟ୍ ଦି ଫିଲ୍ଡସ୍ ରିମେମ୍ବର’ରୁ ଶନିବାର ଦ୍ୱିତୀୟ ଦିବସର ପ୍ରଦର୍ଶନ ଆରମ୍ଭ ହୋଇଥିଲା। ବଙ୍ଗଳା ଓ ଇଂଲିଶ ଭାଷାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ର ୧୯୮୩ ଆସାମ ନିଲେ ଗଣହତ୍ୟା ଉପରେ ଆଧାରିତ। ଏଥିରେ ୩ରୁ ୪ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ସେହି ସ୍ମୃତି ଓ ସେମାନଙ୍କ ପରିବାର ଆଜି ବି କିଭଳି ନ୍ୟାୟ ପାଇଁ ଅପେକ୍ଷା କରିଛନ୍ତି ତାହା ଏହି ଚଳଚ୍ଚିତ୍ର ମାଧ୍ୟମରେ ଦେଖିବାକୁ ମିଳିଛି। ଭାରତର ଏକ ଐତିହାସିକ ବିବାଦକୁ ଚଳଚ୍ଚିତ୍ରରେ ଦେଖି ଦର୍ଶକଙ୍କ ଲୋମ ଟାଙ୍କୁରି ଉଠିଥିଲା। ଏହା ପରେ ଦେବଲିନା ମଜୁମଦାର୍‌ଙ୍କ ଚଳଚ୍ଚିତ୍ର ‘ବିୟଣ୍ଡ ଦ ବ୍ଲୁଜ୍’ ଦର୍ଶକଙ୍କୁ ଆଉଏକ ସାମାଜିକ କାହାଣୀ କହିଥିଲା। ବଙ୍ଗଳା ଭାଷାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ବିଷୟବସ୍ତୁ ହେଉଛି – ନିଲ୍ ବୋଲି ଜଣେ ପିଲା ଥିଲା। ଯିଏ ନିଜର ଲିଙ୍ଗଗତ ସମସ୍ୟା ପାଇଁ ଅନେକ ସମସ୍ୟାର ସାମ୍ନା କରୁଥିଲା। ଶେଷରେ ତାକୁ ଘରୁ ମଧ୍ୟ ବାହାରି ଯିବାକୁ ପଡ଼ିଲା। ହେଲେ ବାହାରେ ସେ କିପରି ମୁଣ୍ଡଗୁଞ୍ଜିବାକୁ ସଂଘର୍ଷ କରିଥିଲା ତାହା ଥିଲା କାହାଣୀର ପୃଷ୍ଠଭୂମି। ଏହି ଫିଲ୍ମ ଦର୍ଶକଙ୍କ ଭାବାବେଗକୁ ଖୁବ୍ ଛୁଇଁଥିଲା। ପରବର୍ତ୍ତୀ ପ୍ରଦର୍ଶନରେ ନୌସିନ ଖାନ୍‌ଙ୍କ ଫିଲ୍ମ ‘ଲ୍ୟାଣ୍ଡ ଅଫ୍ ମାଇଁ ଡ୍ରିମସ୍’ ହିନ୍ଦୁସ୍ତାନୀ ଭାଷାରେ ପ୍ରଦର୍ଶିତ ହୋଇଥିଲା। ୨୦୧୯ରେ ସିଟିଜେନ୍‌ସିପ୍ ଆମେଣ୍ଡମେଣ୍ଟ ଆକ୍ଟକୁ ଶାହିନ ବାଗ୍‌ରେ ବିରୋଧ କରିଥିବା ମହିଳାଙ୍କୁ ନେଇ ଏହି ଚଳଚ୍ଚିତ୍ର ପ୍ରସ୍ତୁତ। ଏହା ପରେ ଆରୟାଙ୍କ ଦ୍ୱାରା ପ୍ରସ୍ତୁତ ‘ଏ ରାଇଫଲ୍ ଆଣ୍ଡ ବ୍ୟାଗ୍’ ଓ ଶେଷରେ ପ୍ରିୟଙ୍କା ଛାବ୍ରାଙ୍କ ‘ଇକ୍ରାନାମ’ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଉତ୍ସବର ନିର୍ଦ୍ଦେଶକ ତଥା ଭୁବନେଶ୍ୱର ଫିଲ୍ମ ସୋସାଇଟିର ସଭାପତି ସୁବ୍ରତ ବେଉରା ଇଣ୍ଡିପେଣ୍ଡେଣ୍ଟ ନନ୍-ଫିକ୍ସନ ଚଳଚ୍ଚିତ୍ରରେ ଏକ୍ସପେରିମେଣ୍ଟାଲ ଓ ନ୍ୟାରେଟିଭ୍ ଷ୍ଟୋରୀର ଗୁରୁତ୍ୱ ସମ୍ପର୍କରେ ମତ ଦେଇଥିଲେ।


ଦେବଲିନା ମଜୁମଦାର୍ ଓ ନିଲ୍ ଘୋଷ୍‌ଙ୍କ ସହ ଲିପିକା ସିଂହ ଦୋରାଇ ଫିଲ୍ମ ‘ବିୟଣ୍ଡ୍ ଦ ବ୍ଲୁଜ୍’ ସମ୍ପର୍କରେ ଆଲୋଚନା କରୁଛନ୍ତି।

## ଘର ସାମ୍ନାରୁ ବୁଲେଟ୍ ଚୋରି

ସାଲେପୁର,(ଅରବିନ୍ଦ ଭୂୟାଁ)- ସାଲେପୁର ଥାନା କରମୁଆଁ ଗ୍ରାମର ସନ୍ତୋଷ କୁମାର ସ୍ୱାଇଁଙ୍କ ବୁଲେଟ୍ ଘର ସାମାନାରୁ ଚୋରି ହୋଇଯାଇଛି ବୋଲି ଶନିବାର ଥାନାରେ ଅଭିଯୋଗ ହୋଇଛି। ସେ ରାତିରେ ଘର ସମ୍ମୁଖରେ ଗାଡ଼ି ରଖିଥିଲେ। ସକାଳୁ ଉଠି ଦେଖିବାବେଳକୁ ସେଠାରେ ଗାଡ଼ି ନ ଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ସଂକ୍ଷେପରେ

## କୋର୍ଟରେ ଆତ୍ମସମର୍ପଣ ପରେ ଜେଲ୍ ଗଲେ ଦୁଇ ଭାଇ

ଭୁବନେଶ୍ୱର,୨୩।୯ (ସୂର୍ଯ୍ୟକାନ୍ତ ବେହେରା)

ଟଙ୍କା ଠକେଇ ଅଭିଯୋଗରେ ଗିରଫ ହୋଇ ଜେଲଯାଇଥିଲେ। ଅଭିଯୋଗକାରୀଙ୍କ ସହ ଆପୋଷ ବୁଝାମଣା ପାଇଁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନରେ ୪୫ ଦିନ ପାଇଁ ବାହାରକୁ ଆସିଥିଲେ। କିନ୍ତୁ ସମୟ ଅବଧି ସରିଥିଲେ ମଧ୍ୟ କୋର୍ଟରେ ହାଜର ହୋଇ ନ ଥିଲେ ଆଇଟି କମ୍ପାନୀ ମାଲିକ ତୃପ୍ତି ରଞ୍ଜନ ଜେନା ଓ ତାଙ୍କ ଭାଇ ଦୀପ୍ତି ରଞ୍ଜନ। ଜାମିନବିହୀନ ପରୱାନ ଜାରି ପରେ ଗିରଫ ଭୟରେ ଦୁଇ ଭାଇ ଭୁବନେଶ୍ୱର ଜେଏମ୍ଏଫ୍ସି କୋର୍ଟରେ ଶନିବାର ଆତ୍ମସମର୍ପଣ କରିଛନ୍ତି। ଏହାପରେ ଉଭୟଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ସୂଚନାନୁସାରେ ସାଙ୍ଗ ନାଁରେ ଲୋନ୍ କରି ଗାଡ଼ି କିଣିବା ସହ ଟଙ୍କା ନେଇଯାଇଥିବା ଅଭିଯୋଗରେ ଚନ୍ଦ୍ରଶେଖର ଥାନା ପୋଲିସ ଅଭିଯୁକ୍ତ ଦୁଇ ଭାଇଙ୍କୁ ଏପ୍ରିଲରେ ଗିରଫ କରିଥିଲା।

## ଯୁବ ସାମାଜିକ କର୍ମୀଙ୍କୁ ସେବା ମଉଡ଼ମଣି ସମ୍ମାନ

ମାହାଙ୍ଗା,୨୩।୯(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତ ଇନ୍ଦା ଗ୍ରାମର ସାମାଜିକ କର୍ମୀ ଶ୍ୟାମସୁନ୍ଦର ସ୍ୱାଇଁଙ୍କୁ ସେବା ମଉଡମଣୀ ସମ୍ମାନରେ ସମ୍ମାନିତ କରାଯାଇଛି । ପୁରୀ ବଡ଼ଦାଣ୍ଡରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ କଲଚୁରାଲ ଡେଭ୍‌ଲପମେଣ୍ଟ ଫାଉଣ୍ଡେଶନ ଓଡ଼ିଶା ପକ୍ଷରୁ ସାମାଜିକ କର୍ମୀ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ପୁରୀ ଉପଜିଲାପାଳ କୈଳାସ ଚନ୍ଦ୍ର ନାୟକ ,ସମ୍ମାନିତ ଅତିଥିଭାବେ ବିଜେଡି ରାଜ୍ୟ ଉପସଭାପତି ସୁବାଶିଷ ଖୁଣ୍ଟିଆ,କବି ଶ୍ୟାମପ୍ରସାଦ ଓ ଅନୁଷ୍ଠାନର ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ଶର୍ମା ପ୍ରମୁଖ ଯୋଗଦେଇଥିଲେ।

## ବୁଢ଼ୀ ଚଣ୍ଡୀ କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ

କଟକ,୨୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ ୮ନଂ.ୱାର୍ଡ ତୁଳସୀପୁର ସ୍ଥିତ ବାଉରି ସାହି ଅଞ୍ଚଳରେ ବୁଢ଼ୀ ଚଣ୍ଡୀ କମ୍ୟୁନିଟି ସେଣ୍ଟରକୁ ବାରବାଟୀ କଟକ ବିଧାୟକ ଇଂ.ମହମ୍ମଦ ମୋକିମ ଶିଳାନ୍ୟାସ କରିଛନ୍ତି। ଅଞ୍ଚଳବାସୀଙ୍କ ଅନୁରୋଧକ୍ରମେ ମୋକିମ ତାଙ୍କ ବିଧାୟକ ପାଣ୍ଠିରୁ ଏନେଇ ଅନୁଦାନ ଦେଇଛନ୍ତି। ତୁରନ୍ତ କମ୍ୟୁନିଟି ସେଣ୍ଟର କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ବୁଢ଼ୀଚଣ୍ଡୀ ମନ୍ଦିର ସଭାପତି ବୃନ୍ଦାବନ ଦାସ, ଆଇନଜୀବୀ ଭାରତୀ ଦାସ, ଅଜିତ ବେହେରା, ରାଜେନ୍ଦ୍ର ବେହେରା, ରାଜକିଶୋର ସେନାପତି, ରଞ୍ଜିତ ନାୟକ, କୃଷ୍ଣଚନ୍ଦ୍ର ନାୟକ, ମଧୁ ଦାସ, ସୁଧୀର କାଣ୍ଡି, ମାନସ ରଞ୍ଜନ ଦାସ, ନିତ୍ୟାନନ୍ଦ ଦାସ, ନେତ୍ରମଣି ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଶ୍ରମ ଅପରାଧ ସମାପ୍ତ ପାଇଁ ପ୍ରତିରୋଧ ରଣନୀତି ଜରୁରୀ

### ମାନବ ଚାଲାଣ ନିରୋଧୀ କର୍ମଶାଳା

କଟକ,୨୩।୯(କାର୍ତ୍ତିକ ସାହୁ):



କର୍ମଶାଳାରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଶୁଭାଶିଷ ତାଳପତ୍ର ଓ ଅନ୍ୟ ଅତିଥିମାନେ।

ଜୁଡିସିଆଲ ଏକାଡେମୀଠାରେ ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଜଷ୍ଟିସ ଶୁଭାଶିଷ ତାଳପତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଉଚ୍ଚ ନ୍ୟାୟାଳୟର ବିଚାରପତିବୃନ୍ଦଙ୍କ ଉପସ୍ଥିତିରେ "ମାନବ ଚାଲାଣ ନିରୋଧ ଆଇନ" ବିଷୟବସ୍ତୁ ଉପରେ ଆଧାରିତ ଏକ ଦିବସୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଆନ୍ତର୍ଜାତିକ ନ୍ୟାୟିକ ଅନୁଷ୍ଠାନ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଉଦ୍‌ଘାଟନୀ ଉଦ୍‌ବୋଧନ ଦେବା ସହିତ ମାନବ ଚାଲାଣ ନିରୋଧ ଆଇନ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ମାନବ ଚାଲାଣ ରୋକିବା ଉପରେ ସମୀକ୍ଷା କରିବା ସହ ନ୍ୟାୟାଳୟର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡାନିଏଲ ଅଜୟ ଭାର୍ଗେଶ ଆନ୍ତର୍ଜାତିକ ନ୍ୟାୟିକ ଅନୁଷ୍ଠାନର ବରିଷ୍ଠ ଆଞ୍ଚଳିକ ଉପସଭାପତି ଆଲୋଚନା ଚକ୍ରରେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ପରିସର ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ରାଜ୍ୟ ଶ୍ରମ ବିଭାଗର ଅଧ୍ୟକ୍ଷ ଏନ୍. ଥିରୁମାଲା ନାଏକ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନ୍ତରାଜ୍ୟ ସ୍ଥାନାନ୍ତରଣ ଏବଂ ମାନବ ଚାଲାଣ ରୋକିବା ଉପରେ ବକ୍ତବ୍ୟ ରଖି ଏହାର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଓକିଲ ସି. ରାଜକୁମାର ବନ୍ଧିତ ଶ୍ରମ ବ୍ୟବସ୍ଥା ରଦ୍ଦ କାର୍ଯ୍ୟ ୧୯୭୬ର ବିଶ୍ଳେଷଣ କରି ଗତ ୪୦ ବର୍ଷର ପରିଚୟ ଓ ଉଦ୍ଧାର କାର୍ଯ୍ୟ ଉପରେ ଆଲୋକ ପାତ କରିବା ସହିତ ବନ୍ଧିତ ଶ୍ରମ ଅପରାଧକୁ ସମାପ୍ତ କରିବା ପାଇଁ ପ୍ରତିରୋଧ ରଣନୀତି ପ୍ରୟୋଗ ଉପରେ ଆଲୋଚନା କରିଥିଲେ। ଓଡ଼ିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଦୁର୍ଗା ପ୍ରସନ୍ନ ଚୌଧୁରୀ ମାନବଚାଲାଣର ମୁକାବିଲା ପାଇଁ ଆଇନଗତ ଆଦେଶ ଉପରେ ଗୁରୁତ୍ୱାରୋପ କରି ବକ୍ତବ୍ୟ ରଖିଥିଲେ। ବନ୍ଧାଶ୍ରମ ବଞ୍ଚିଅ ଅଭିଜ୍ଞତା ଉପରେ କୁମାରୀ ରଞ୍ଜିତା ବକ୍ତବ୍ୟ ରଖିବା ସହିତ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ନିମନ୍ତ୍ରିତ ପ୍ରଶିକ୍ଷକ ଓ ଅତିଥିଙ୍କ ସମେତ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତିବୃନ୍ଦ, ଜିଲାଜଜ୍, ସରକାରୀ ଓକିଲ ଏବଂ ପୋଲିସ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଓଡିଶା ଜୁଡିସିଆଲ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ମହୋଦୟ ଉଦ୍‌ଘାଟନୀ ଉତ୍ସବରେ କର୍ମଶାଳାର ସାରାଂଶ ଉପରେ ଆଲୋକପାତ କରିଥିଲେ। ଶେଷରେ ଆନ୍ତର୍ଜାତିକ ନ୍ୟାୟିକ ଅନୁଷ୍ଠାନର ରାଜ୍ୟ ଶାଖା ଅଧ୍ୟକ୍ଷ ସାଜି ଫିଲିପ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଡିଡିସିଇ କର୍ମଚାରୀ ଗିରଫ

### ଏଏସ୍‌ଓ ଚାକିରି ନାଁରେ ୪୦ ଲକ୍ଷ ଠକେଇ

ଭୁବନେଶ୍ୱର,୨୩।୯ (ସୂର୍ଯ୍ୟକାନ୍ତ ବେହେରା)

ଛାତ୍ରୀଛାତ୍ରଙ୍କୁ ଏଏସ୍‌ଓ ଚାକିରି କରାଇ ଦେବା ନାଁରେ ୪୦ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଉତ୍କଳ ବିଶ୍ୱବିଦ୍ୟାଳୟ ଦୂରନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ (ଡିଡିସିଇ)ର ଇତିହାସ ବିଭାଗ ଏକାଡେମୀ କୋଡିନେଟର ମାଧବ ଚନ୍ଦ୍ର ସେଠୀଙ୍କୁ ଗିରଫ କରିଛି। ଶନିବାର ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି। ସେ ପ୍ରାୟ ୪୦ ଜଣଙ୍କୁ ଠକିଥିବାବେଳେ ଏବେସୁଦ୍ଧା ୫ ଜଣ ଅଭିଯୋଗ କରିଛନ୍ତି ବୋଲି ଜୋନ୍-୫ ଏସିପି ଗୌତମ କିଷାନ କହିଛନ୍ତି। ମାଧବ ବିଶ୍ୱବିଦ୍ୟାଳୟରେ ଚାକିରି କରିଥିବାରୁ ଆଶାୟୀମାନଙ୍କୁ ନିଜ ଜାଲ୍‌ରେ ଫସାଇବା ସହଜ ହେଉଥିଲା। ସେ ଟଙ୍କା ନେଇ ଧରା ଛୁଆ ନ ଦେବାରୁ ଠକେଇ ଶିକାର ଚାକିରି ଆଶାୟୀମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ପୋଲିସ ସୂଚନାନୁସାରେ ଅଭିଯୋଗକାରୀ ବସନ୍ତ କୁମାର ଦାସ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆନ୍ଥ୍ରୋପୋଲୋଜିରେ ପିଜି କରୁଥିବାବେଳେ ୨୦୧୮ରେ ମାଧବଙ୍କ ସହ ପରିଚୟ ହୋଇଥିଲା। ୨୦୨୧ ମେ ମାସରେ ତାଙ୍କ ମୃତ୍ୟୁ ପରେ ସେ ଚାକିରି ଖୋଜିଥିଲେ। ଏଭଳିସ୍ଥଳେ ସେ ମାଧବଙ୍କ ସମ୍ପର୍କରେ ଆସିଥିଲେ। ତେବେ ଏଏସ୍‌ଓ ଚାକିରି କରାଇଦେବା ପାଇଁ ମାଧବ ବସନ୍ତଙ୍କୁ କହିବା ସହ ୧୨ ଲକ୍ଷ ଟଙ୍କା ଦାବି କରିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ବସନ୍ତ ଅଗ୍ରିମ ଭାବେ ୨ କିସ୍ତିରେ ତାଙ୍କ ଆକାଉଣ୍ଟଙ୍କୁ ୨ ଲକ୍ଷ ଟଙ୍କା ଦେଇଥିଲେ ଏବଂ ବାକି ଟଙ୍କା ଚାକିରି ପାଇବା ପରେ ଦେବେ ବୋଲି କହିଥିଲେ। ହେଲେ ଏଏସ୍‌ଓ ଫଳାଫଳ ପ୍ରକାଶ ପାଇବା ପରେ ବସନ୍ତଙ୍କ ନାମ ତାଲିକାରେ ନ ଥିବାରୁ ସେ ବସନ୍ତଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। କିନ୍ତୁ ଟଙ୍କା ଫେରସ୍ତ ବଦଳରେ ମାଧବ ତାଙ୍କୁ ଧମକ ଦେବା ସହ ଚାକିରି ସ୍ଥାନ ଯଥା ଡିଡିସିଇ ଉତ୍କଳ ବିଶ୍ୱବିଦ୍ୟାଳୟ ଛାଡ଼ି ପଳାଇଥିଲେ। ଠକେଇର ଶିକାର ହେବା ଜାଣିବା ପରେ ବସନ୍ତ ଶହୀଦନଗର ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଆଇପିସି ଦଫା ୪୨୦, ୫୦୬ରେ ଏକ ମାମଲା (ନଂ.୩୫୦/୨୩) ରୁଜୁ କରିଛି। ଅଭିଯୁକ୍ତ ମାଧବ ଚାକିରି ଯୋଗାଇବା ଦେବାକୁ କହି ଅନେକ ପିଲାଙ୍କଠାରୁ ବିପୁଳ ଟଙ୍କା ଠକି ନେଇଥିବା ପୋଲିସ ତଦନ୍ତରୁ ଜାଣିପାରିଛି। ବିଶେଷକରି ବାଣୀବିହାର ଛାତ୍ର ରଶ୍ମିରଞ୍ଜନ ପରିଡ଼ାଙ୍କଠାରୁ ୪ ଲକ୍ଷ ଟଙ୍କା, ଦୁଷ୍ମନ୍ତ କୁମାର ପାଣିଗ୍ରାହୀଙ୍କଠାରୁ ୭୦ ହଜାର, ଭଦ୍ରକର ଗୀତ ଗୋବିନ୍ଦ ବେହେରାଙ୍କଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଠକେଇ କରିଛନ୍ତି।

# ଶିକ୍ଷକଙ୍କୁ ନ ଛାଡ଼ି ବାଟ ଓଗାଳିଲେ ଛାତ୍ରୀଛାତ୍ର


ଶିକ୍ଷକ ସୁକାନ୍ତ ସାହୁଙ୍କୁ ଛାତ୍ରୀଛାତ୍ରମାନେ ଅଟକାଉଛନ୍ତି।

ଖୁଣ୍ଟୁଣୀ,୨୩।୯( ସଚ୍ଚିଦାନନ୍ଦ ପଣ୍ଡା )

### ବଦଳିକୁ ନେଇ ଘଣ୍ଟିଖାଲ ସ୍କୁଲରେ ଅଭାବନୀୟ ପରିବେଶ

ଖୁଣ୍ଟୁଣୀ ଥାନା ଘଣ୍ଟିଖାଲସ୍ଥିତ ନୋଡାଲ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ସୁକାନ୍ତ କୁମାର ସାହୁଙ୍କ ବଦଳିକୁ ନେଇ ଶନିବାର ଅଭାବନୀୟ ପରିସ୍ଥିତ ସୃଷ୍ଟି ହୋଇଥିଲା। ତାଙ୍କ ବଦଳିକୁ ସହଜରେ ଗ୍ରହଣ କରିପାରି ନ ଥିଲେ ଛାତ୍ରୀଛାତ୍ର। ପିୟ ସାର୍‌ଙ୍କୁ ଛାଡ଼ିବୁ ନାହିଁ ବୋଲି କହି ସୁକାନ୍ତଙ୍କ ଆଗରେ ବସି ବାଟ ଓଗାଳିଥିଲେ। ଏଥିସହ ମଧ୍ୟାହ୍ନ ଭୋଜନ ବର୍ଜନ କରିଥିଲେ। ଏହି ଖବର ପ୍ରଚାରିତ ହେବାମାତ୍ରେ ଅଭିଭାବକମାନେ ମଧ୍ୟ ପିଲାଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ସୂଚନା ମୁତାବକ, ଶିକ୍ଷକ ସୁକାନ୍ତ ୨୦୦୮ରୁ ଦୀର୍ଘ ୧୫ ବର୍ଷ ହେବ ଘଣ୍ଟିଖାଲ ନୋଡାଲ ଉପ୍ରା ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନରେ ଶିକ୍ଷକତା କରୁଛନ୍ତି । ଶନିବାର ସକାଳେ ତାଙ୍କ ବଦଳି ଆଦେଶ ଆସିଥିଲା। ଏହାକୁ ଛାତ୍ରୀଛାତ୍ରମାନେ ବିରୋଧ କରିଥିଲେ। ଶେଷରେ ପିଲାଙ୍କୁ ବୁଝାଶୁଝା କରି ସୁକାନ୍ତ ବଦଳି ହୋଇଥିବା ବିଦ୍ୟାଳୟକୁ ଚାଲିଯାଇଥିଲେ। ଅପରପକ୍ଷେ ଶିକ୍ଷକଙ୍କ ବଦଳି ବାତିଲ ନ ହେଲେ ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ସ୍କୁଲ ଗେଟରେ ତାଲା ପକାଇବାକୁ ଧମକ ଦେଇଛନ୍ତି। ଏହି ଘଟଣା ଏବେ ଆଠଗଡ଼ରେ ଆଲୋଚନାର ବିଷୟ ପାଲଟିଛି।

## ଝାରପଡ଼ା ଜେଲ୍‌ରେ ଡିଆଇଜିଙ୍କ ଖୋଲତାଡ଼

### ଠକେଇ ଅଭିଯୁକ୍ତଙ୍କ ବଦଳରେ ବଳାତ୍କାର ଅଭିଯୁକ୍ତ ମୁକୁଳିବା ଘଟଣା

ଭୁବନେଶ୍ୱର,୨୩।୯ (ସୂର୍ଯ୍ୟକାନ୍ତ ବେହେରା)

ଝାରପଡ଼ା ସ୍ପେଶାଲ ଜେଲ୍‌ରେ ଥିବା ଜଣେ ଠକେଇ ଅଭିଯୁକ୍ତ ଜାମିନ ମିଳିଥିଲା। କିନ୍ତୁ ତାଙ୍କ ପରିବର୍ତ୍ତେ ଗତ ୨୦ ତାରିଖରେ ମୁକୁଳିଥିଲେ ଜଣେ ବଳାତ୍କାର ଅଭିଯୁକ୍ତ। ଜେଲ୍ ଡିଆଇଜି ଗରିବ ସାହୁ ଶନିବାର ଝାରପଡ଼ା ଜେଲରେ ପହଞ୍ଚି ଏଭଳି ସାଂଘାତିକ ତ୍ରୁଟିର ଖୋଲତାଡ଼ କରିଛନ୍ତି। ସେ ୱାର୍ଡର, ଜେଲରଙ୍କୁ ପଚରାଉଚରା କରିଛନ୍ତି। ସୂଚନାନୁସାରେ ଏକ ଠକେଇ ମାମଲାରେ କିଛି ଦିନ ଧରି ଜେଲରେ ଥିବା ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପୁଅ ରମେଶ ଚନ୍ଦ୍ର ଜେନାଙ୍କୁ ଗତ ୨୦ ତାରିଖରେ ଜାମିନ ମିଳିଥିଲା। ହେଲେ ଜେଲ କର୍ତ୍ତୃପକ୍ଷ ରିଲିଜ ଅର୍ଡର ଦେଖି ସେହିଦିନ ପୂର୍ଣ୍ଣଚନ୍ଦ୍ରଙ୍କ ପୁଅ ରମେଶଙ୍କୁ ଛାଡ଼ିବା ବଦଳରେ ବଳାତ୍କାର ମାମଲାରେ ଜେଲରେ ଥିବା ଲକ୍ଷ୍ମୀଧର ଜେନାଙ୍କ ପୁଅ ରମେଶ ଜେନାଙ୍କୁ ଛାଡ଼ି ଦେଇଥିଲେ।

## ମା'ମଙ୍ଗଳାଙ୍କ ପୂଜା ଉତ୍ସବ



କଟକ ସଦର, ୨୩।୯ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ବାରଦା ପଞ୍ଚାୟତ ଅନ୍ତର୍ଗତ ବରିମୁଣ୍ଡ ଗ୍ରାମରେ ମା'ମଙ୍ଗଳାଙ୍କ ୩୫ ତମ ପୂଜା ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। କନ୍ଦରପୁରସ୍ଥିତ ସରସ୍ୱତୀ କଳା ପରିଷଦ ଆନୁକୂଲ୍ୟରେ ଧାର୍ମିକ ରୀତିନୀତି ଅନୁଯାୟୀ ଏହି ପୂଜାର୍ଚ୍ଚନା ଚାଲିଛି। ପ୍ରତ୍ୟେହ ସନ୍ଧ୍ୟାରେ ସଂକୀର୍ତ୍ତନ ଓ ଭଜନ ପରିବେଷଣ କରାଯାଉଛି। ଶନିବାର ଗ୍ରାମ ଓ ଆଖପାଖ ଅଞ୍ଚଳରେ ପୂଜା କମିଟି ତରଫରୁ ପଣା ବଣ୍ଟନ, ଆନନ୍ଦ ବଜାରର ଆୟୋଜନ କରାଯାଇଥିଲା। କବି ପ୍ରତାପ ଚନ୍ଦ୍ର ବେହେରା ଓ ବରିମୁଣ୍ଡା ଗ୍ରାମବାସୀଙ୍କ ସହଯୋଗରେ ଏହି ପୂଜା ମହାସମାରୋହରେ କରାଯାଇଛି।

## ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ,୨୩।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ-ଡମପଡ଼ା ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶପଙ୍ଗି ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ୨୨ଟି ଉଚ୍ଚବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ଜୋନ୍‌ର ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର ଯୋଗଦେଇ କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ରମାନେ ସୁସ୍ଥ ରହିବା ସହ ନିରୋଗ ଜୀବନଯାପନ କରିବେ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ କୁଶପଙ୍ଗି ସରପଞ୍ଚ ନରେଶ ଚନ୍ଦ୍ର ବେଉରା, ଡମପଡ଼ା ବ୍ଲକ ଉପାଧ୍ୟକ୍ଷ ପ୍ରତିନିଧି ବସନ୍ତ ବେଉରା, ପ୍ରେସ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଖବରଦାତା ଗୌରାଙ୍ଗ ବେହେରା, ଶୁଭେନ୍ଦୁ ମହାପାତ୍ର, ଓଷ୍ଟାର ସଭାପତି ପବିତ୍ରମୋହନ ଷଡଙ୍ଗୀ, ସମ୍ପାଦକ ବଳଭଦ୍ର ରାଉତ, ସହକାରୀ ବ୍ଲକ ଶିକ୍ଷାଧିକାରୀ ପ୍ରଭାସିନୀ ସାମନ୍ତରାୟ, ସାମାଜିକ କର୍ମୀ ଅଜୟ କୁମାର ସ୍ୱାଇଁ, ସିଆରସିସି ମନୋରଞ୍ଜନ ବେଉରା ଯୋଗଦେଇଥିଲେ। କୁଶପଙ୍ଗି ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ବିଶ୍ୱନାଥ କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି କ୍ରୀଡ଼ାକୁ କୃପାସିନ୍ଧୁ ପ୍ରଧାନ, ଦିଲୀପ ସାହୁ, ରୀତାଞ୍ଜଳି ସେଠୀ, ଚନ୍ଦନ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ଚନ୍ଦନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗନେବେ ବୋଲି କ୍ରୀଡା ଶିକ୍ଷକ ଚନ୍ଦନ ଜେନା ପ୍ରକାଶ କରିଛନ୍ତି।


ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରେ ସାମିଲ ହୋଇଥିବା ଖେଳାଳିମାନେ।

## ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ

ଖୁଣ୍ଟୁଣୀ, ୨୩।୯ ( ସଚ୍ଚିଦାନନ୍ଦ ପଣ୍ଡା )

### ନିତା ଫୁଟ୍‌ବଲ ଏକାଡେମୀର ୭ ଖେଳାଳି ସାମିଲ

ଖୁଣ୍ଟୁଣୀ ରାଧାଦାମୋଦରପୁରସ୍ଥିତ ଧବଳେଶ୍ୱର ପଲିଟେକ୍‌ନିକରେ ପ୍ରଶିକ୍ଷଣ ନେଇଥିବା ନିତା ଫୁଟବଲ ଏକାଡେମୀର ୭ ଜଣ ଜୁନିୟର ବାଳିକା ଖେଳାଳି ଭୁବନେଶ୍ୱରରେ ଚାଲିଥିବା ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରେ ଓଡିଶା ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି । ସେମାନେ ହେଲେ ଅଙ୍କିତା ଟପ୍ପୋ, ରୁବିନା ନାଏକ, ଶିଖା ମଲ୍ଲିକ, ସୁସ୍ମିତା ପୁନ, ପ୍ରିୟାଶା ସରକାର, ପ୍ରତିମା ବଙ୍ଗଳ ଓ ବୈଶାଖୀ ଦେ। ଅଖିଳ ଭାରତୀୟ ଫୁଟବଲ ମହାସଂଘ ଏବଂ ଓଡ଼ିଶା ଫୁଟବଲ ସଂଘ ମିଳିତ ଆନୁକୂଲ୍ୟରେ ଗତ ଗୁରୁବାରଠାରୁ ଏହି ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ ଆରମ୍ଭ ହୋଇଛି। ଏନେଇ ନିତା ଫୁଟବଲ ଏକାଡେମୀ ଓ ଧବଳେଶ୍ୱର ପଲିଟେକ୍ନିକର ଅଧ୍ୟକ୍ଷ ଇଂ. ସୁବ୍ରତ କୁମାର ଦାସ, ନିତାର ସଭାପତି ଭକ୍ତବଲ୍ଲଭ ଦାସ, ଉପସଭାପତି ଦିଲୀପ କୁମାର ସାହୁ ପ୍ରମୁଖ ଶୁଭ କାମନା କରିଛନ୍ତି ।

## ୭୪ ବୋତଲ ଦେଶୀ ମଦ ଜବତ : ଜଣେ ଗିରଫ

ସାଲେପୁର,୨୩।୯(ଅରବିନ୍ଦ ଭୂୟାଁ)

ସାଲେପୁର ପୋଲିସ କେନ୍ଦୁପାଟଣା ଅଞ୍ଚଳରେ ଚଢ଼ାଉ କରି ୭୪ ବୋତଲ ଚୋରା ଦେଶୀ ମଦ ଜବତ କରିଛି। ଏହି ଅଭିଯୋଗରେ ଜଣେ ମଦ ବ୍ୟବସାୟୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କେନ୍ଦୁପାଟଣା ଖଣ୍ଡଗାଁ ଅଞ୍ଚଳର ରବୀନ୍ଦ୍ର ବେହେରା। ଏନେଇ ଥାନାରେ ମାମଲା (ନଂ. ୩୧୪/୨୩) ରୁଜୁ କରାଯାଇଛି।

## ମନମୋହୁଛି ଆଧ୍ୟାତ୍ମିକ, ସାଂସ୍କୃତିକ କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି,୨୩।୯
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ସଦର ମହକୁମାରେ ମହାବୀର କ୍ଲବ ଆନୁକୂଲ୍ୟରେ ୩୦ ଫୁଟ୍ ଉଚ୍ଚର ଗଣେଶଙ୍କ ମୂର୍ତ୍ତି ତିଆରି କରାଯାଇଛି। ଏଠାରେ ୧୦ କିଲୋର ଏକ ସ୍ୱତନ୍ତ୍ର ଲଡୁ ଭୋଗ କରାଯାଇଛି। ପ୍ରତ୍ୟେକ ଦିନ କ୍ଲବରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯିବା ସହ ସନ୍ଧ୍ୟାରେ ସ୍ଥାନୀୟ ଗ୍ରାମର ଭଜନ କୀର୍ତ୍ତନ ଦଳକୁ ନେଇ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। କ୍ଲବ ସଭାପତି ଜ୍ୟୋତି ରଞ୍ଜନ ସାହୁ କର୍ତ୍ତାଭାବେ ପୂଜାର୍ଚ୍ଚନାରେ ସାମିଲ ହୋଇଥିବା ବେଳେ ସମ୍ପାଦକ ସନ୍ତୋଷ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ସମ୍ପାଦକ ଦୀପ୍ତିରଞ୍ଜନ ବେହେରା ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛନ୍ତି। କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ଏହାକୁ ସଂଯୋଜନା କରୁଛନ୍ତି। ସଭ୍ୟ ରାଜକିଶୋର ପଲେଇ, ଶିବଶଙ୍କର ସାହୁ, ରାମଚନ୍ଦ୍ର ରାୟ, ମାନସ କୁମାର ସାହୁ, ବୈକୁଣ୍ଠ ଦାସ, ଅସିତ୍ କୁମାର ପରିଡା,ସୌମ୍ୟ ରଞ୍ଜନ ଦାସ ଓ ଦେବେନ୍ଦ୍ର ସାହୁ ପ୍ରମୁଖ ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ଆସନ୍ତା ବୁଧବାର ପାରମ୍ପରିକ ବାଦ୍ୟ ଓ ନୃତ୍ୟରେ ଗଜାନନଙ୍କୁ ମେଲାଣି ଦିଆଯାଇ ୮ନଂ. କେନାଲରେ ବିସର୍ଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ଶବ୍ଦ ପ୍ରଦୂଷଣ ରୋକିବା ଲାଗି ଚଳିତ ବର୍ଷ ଡିଜେ ବିହୀନ ଭସାଣି ଯାତ୍ରା କରିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି।


ଗଣେଶ ମୂର୍ତ୍ତି ସମ୍ମୁଖରେ ସଂକୀର୍ତ୍ତନ କରାଯାଉଛି।

# ଗ୍ୟାସ୍ ସିଲିଣ୍ଡରରୁ ବାହାରୁଛି ପାଣି

ମଙ୍ଗୁଳି-ଜଗତପୁର,୨୩।୯(ମାନସ ସାମଲ)

- ଭୁବନେଶ୍ୱରରେ ଅଭିଯୋଗ କରିବାକୁ କହି ଧମକ ଦେଲା ଏଜେନ୍ସି
- ଟାଙ୍କି ପିଛା ଅଧିକ ୩୦ରୁ ୫୦ ଟଙ୍କା ନିଆଯାଉଥିବା ଅଭିଯୋଗ

ରନ୍ଧନ ଗ୍ୟାସ୍‌ରେ ବିଭିନ୍ନ ପ୍ରକାର ଠକେଇର ଶିକାର ହେଉଛନ୍ତି ଉପଭୋକ୍ତା। ସିଲିଣ୍ଡରରୁ ଲିଟର ଲିଟର ପାଣି ବାହାରୁଥିବାବେଳେ ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ନିଆଯାଉଛି। ଅଭିଯୋଗ କଲେ ଦିଆଯାଉଛି ଧମକ। ଏହି ଘଟଣାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ, କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଭାଟିମୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ସାରଙ୍ଗି ଗ୍ରାମର ଭାଗ୍ୟଧର ସାମଲଙ୍କ ଇଣ୍ଡେନ ଗ୍ୟାସ୍ ଟାଙ୍କିରୁ ଗ୍ୟାସ୍ ବାହାରିବା ପରିବର୍ତ୍ତେ ପାଣି ବାହାରୁଛି। ଫଳରେ ରୋଷେଇ କରି ନ ପାରି ପୂରା ପରିବାର ଭୋକରେ ରହିଛନ୍ତି। ଏନେଇ ଅଭିଯୋଗ କରିବାରୁ ଗ୍ୟାସ୍ ଏଜେନ୍ସି ମାଲିକ ଦୁର୍ବ୍ୟବହାର କରିବା ସହ ଇଣ୍ଡେନ ଗ୍ୟାସ୍ କମ୍ପାନୀର ଭୁବନେଶ୍ୱର ଅଫିସକୁ ଯାଇ ଅଭିଯୋଗ କରିବାକୁ କହୁଥିବା ଭାଗ୍ୟଧର କହିଛନ୍ତି। ସେ ଜଗତପୁର ଥାନା ଅଧୀନ ଗୋପୀନାଥ ବଜାରସ୍ଥିତ ଗୋପୀନାଥ ଇଣ୍ଡେନ ଗ୍ରାମୀଣ ବିତରକ ଗ୍ୟାସ୍ ପଏଣ୍ଟରୁ ଗ୍ୟାସ୍ ଆଣିଥିଲେ। ଏହି ପଏଣ୍ଟରୁ ସାଲେପୁର ନିର୍ବାଚନମଣ୍ଡଳୀର ଅଧିକାଂଶ ପଞ୍ଚାୟତକୁ ସାଧାରଣ ଓ ଉଜ୍ଜ୍ୱଳା ଉପଭୋକ୍ତାଙ୍କ ସହ ଅଙ୍ଗନୱାଡ଼ି କେନ୍ଦ୍ରକୁ ଗ୍ୟାସ୍ ବିତରଣ କରାଯାଉଛି। ସିଲିଣ୍ଡର ପିଛା ଦର ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ଘର ପାଖରେ ଗ୍ୟାସ୍ ପହଞ୍ଚାଇବାକୁ ଏଜେନ୍ସି ଲୋକଙ୍କଠାରୁ ୩୦ରୁ ୫୦ଟଙ୍କା ଅଧିକ ନେଉଥିବା ଭାଗ୍ୟଧରଙ୍କ ସମେତ ବହୁ ଉପଭୋକ୍ତା ଅଭିଯୋଗ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ୧୪.୫ ଲିଟର ଗ୍ୟାସ୍ ଆଣିଲେ ସିଲିଣ୍ଡରରୁ ୩ରୁ ୪ଲିଟର ପାଣି ବାହାରୁଥିବା ଦୀର୍ଘଦିନ ହେବ ଅଭିଯୋଗ ହୋଇ ଆସୁଛି। ଏଜେନ୍ସି ଭୁବନେଶ୍ୱରରେ ଅଭିଯୋଗ କରିବାକୁ କହୁଥିବାରୁ ସେମାନେ ଚିନ୍ତାରେ ପଡିଛନ୍ତି। ଖବର ପାଇବା ପରେ ଧରିତ୍ରୀ ପ୍ରତିନିଧି ବାସ୍ତବତା ଜାଣିବାକୁ ଉକ୍ତ ଏଜେନ୍ସିକୁ ଯାଇଥିଲେ। ସେହି ସମୟରେ ଭାଗ୍ୟଧର ପାଣି ବାହାରୁଥିବା ଉକ୍ତ ଟାଙ୍କିକୁ ଧରି ଏଜେନ୍ସିରେ ପହଞ୍ଚି ଅଭିଯୋଗ କରିବା ସହ ବଦଳାଇବାକୁ କହୁଥିଲେ। ହେଲେ ଏଜେନ୍ସି ମାଲିକ ଉକ୍ତ ଟାଙ୍କିକୁ ଗ୍ରହଣ ନ କରି ଅନ୍ୟ କାହାର କହି ଫେରାଇ ଦେଇଥିଲେ। ଏନେଇ ଏଜେନ୍ସି ମ୍ୟାନେଜର ଲୋକନାଥ ରାଉତ କହିଛନ୍ତି, କୌଣସି ଗ୍ରାହକଙ୍କ ଟାଙ୍କିରେ ପାଣି ଥିବାର ଅଭିଯୋଗ ଆସିଲେ ସେମାନଙ୍କୁ ଅନ୍ୟଏକ ଟାଙ୍କି ଦିଆଯିବାର ନିୟମ ରହିଛି। କିନ୍ତୁ ଭାଗ୍ୟଧରଙ୍କୁ ଏଜେନ୍ସି ମାଲିକ ଉକ୍ତ ଟାଙ୍କି ଆଉ କାହାର କହି ଫେରସ୍ତ କରିବା ପଛରେ କିଛି ମନ୍ଦ ଉଦ୍ଦେଶ୍ୟ ରହିଥିବା ବାରି ହୋଇପଡୁଛି। ଘଟଣାର ତଦନ୍ତ କରାଯାଇ ଉକ୍ତ ଏଜେନ୍ସି ଓ ଯୋଗାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ହତ୍ୟା ଧମକ: ଯୁବକ ଗିରଫ

ବାଲୁଗାଁ, ୨୩।୯ (ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ ଓ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ସାଜିଦ୍ ଖାନ୍ ଓରଫ ପାପା। ଅଭିଯୋଗ ମୁତାବକ, ଗତ ଶୁକ୍ରବାର ରାତି ପ୍ରାୟ ୯ଟାରେ ମହିଳା ଜଣଙ୍କ ଗ୍ରାମ ରାସ୍ତାରେ ଚାଲି ଚାଲି ଘରକୁ ଫେରୁଥିଲେ। ଏହି ସମୟରେ ସାଜିଦ୍ ଉକ୍ତ ମହିଳାଙ୍କୁ ଅଟକାଇବା ସହ ଅନୈତିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ମହିଳା ଜଣଙ୍କ ଏହାର ପ୍ରତିବାଦ କରିବାରୁ ସାଜିଦ୍ ଉତ୍କ୍ଷିପ୍ତ ହୋଇ ଅସଦାଚରଣ କରିବା ସହ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ମହିଳା ଜଣଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୪୭/୨୩) ରୁଜୁକରି ଘଟଣାର ତଦନ୍ତ ଚଳାଇବା ସହ ସାଜିଦ୍‌ଙ୍କୁ ଗିରଫ କରିଥିଲା।

### ଆଇଟିବିପିର ମେରି ମାଟି ମେରା ଦେଶ୍ କାର୍ଯ୍ୟକ୍ରମ

ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ), ୨୩।୯

ଖୋର୍ଦ୍ଧା ବ୍ଲକ ନାଳିପଡ଼ା ଅର୍ଜୁନପୁର ପଞ୍ଚାୟତର ଜାଗୁଳିପାଟଣା ଗ୍ରାମରେ ଆଇଟିବିପି-୪୧ ବାଟାଲିୟନ ପକ୍ଷରୁ ମେରି ମାଟି ମେରା ଦେଶ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଟାଲିୟନ କମାଣ୍ଡିଂ ଅଫିସର ନରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଶତାଧିକ ଯବାନ ଓ ଗ୍ରାମବାସୀ ସାମିଲ ହୋଇଥିଲେ। ପ୍ରତ୍ୟେକ ପରିବାରରୁ କଳସରେ ମାଟି ସଂଗ୍ରହ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ସଂଗ୍ରାମ ମହାନ୍ତି, ୱାର୍ଡସଭ୍ୟ ତପନ କୁମାର ଦାସ, ବରିଷ୍ଠ ନାଗରିକ ବୈକୁଣ୍ଠନାଥ ମହାପାତ୍ର, ମୀନକେତନ ମହାନ୍ତି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ କଳସ ଯାତ୍ରାରେ ବାହାରି ପରିକ୍ରମା ସହ ଅମୃତକାଳ ପଞ୍ଚପ୍ରାଣ ଶପଥ ନେଇଥିଲେ। ଜାତୀୟ ପତାକା ସହ ସେଲ୍ଫି ନେଇଥିଲେ।

### ରୟାଲ ବ୍ରଦର-୧୧ ବିଜୟୀ

ଜଟଣୀ, ୨୩।୯ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରୀ ପଞ୍ଚାୟତର ଇସ୍‌ଲାମ ଷ୍ଟାର କ୍ରିକେଟ ଖେଳପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ରୟାଲ ବ୍ରଦର-୧୧ ଓ ଅଲ୍‌ଷ୍ଟାର-୧୧ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ରୟାଲ ବ୍ରଦର-୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୩୩ ରନ ସଂଗ୍ରହ କରିଥିଲା। ଜବାବରେ ଅଲ୍‌ଷ୍ଟାର-୧୧ ଟିମ୍ ୮.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ଟିକି ୨୩ ବଲରେ ୫୧ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ମହମ୍ମଦ ଏହେସାନ ଏବଂ ସାହା ଆସିକି ଅଲ୍ଲୀ ମ୍ୟାଚ୍ ପରିଚାଳନା କରିଥିଲା। ଅତିଥିଭାବେ ମହମ୍ମଦ କୌଶର ଏବଂ କୁନା ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ବିଦ୍ୟାଳୟ ସମୂହ ପ୍ରତିଯୋଗିତା

କୃଷ୍ଣପ୍ରସାଦ, ୨୩।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତର ନୂଆଗାଁ ଗୋପବନ୍ଧୁ ଯୁବକ ସଂଘ ପକ୍ଷରୁ ବିଦ୍ୟାଳୟ ସମୂହ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୂଆଗାଁ ଗ୍ରାମ୍ୟ କମିଟି ସଭାପତି ଜଗନ୍ନାଥ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ସମ୍ମାନିତ ଅତିଥିଭାବେ ୨୪ ମୌଜା ସମ୍ପାଦକ ବ୍ରଜକିଶୋର ଗୌଡ଼, ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ବେହେରା, ସତ୍ୟବାଦୀ ବିଶ୍ୱାଳ, ଦୈତାରୀ ବିଶ୍ୱାଳ, ସାମାଜିକ କର୍ମୀ ଶିବରାମ ଜେନା, ଅଧ୍ୟାପକ ଜୟନୁଲ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। ସାଧାରଣ ଜ୍ଞାନ, ବକ୍ତୃତା, ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ, ଶିକ୍ଷାବିତ୍ ବିଜୟ କୁମାର ଜେନା, ଅଧ୍ୟାପକ ଗାନ୍ଧୀ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ରାଧାକୃଷ୍ଣ ଗୋପାଳଜୀଉଙ୍କ ପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗୋପବନ୍ଧୁ ଯୁବକ ସଂଘର ସବୁ କର୍ମକର୍ତ୍ତା ଏବଂ ନୂଆଗାଁ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଜମୁଛି ଜଟଣୀ ଗଣେଶ ମହୋତ୍ସବ

ଜଟଣୀ, ୨୩।୯ (ରବୀନ୍ଦ୍ର ନାଥ ମହାକୁଡ଼)

ଚଳିତ ବର୍ଷ ଜଟଣୀରେ ୨ଶହରୁ ଊର୍ଦ୍ଧ୍ୱ ମଣ୍ଡପରେ ଗଣେଶ ପୂଜା ଅନୁଷ୍ଠିତ ହେଉଛି। ରଙ୍ଗୀନ ଆଲୋକମାଳା ସହ ଆକର୍ଷଣୀୟ ସାଜସଜ୍ଜାରେ ପୂଜାମଣ୍ଡପ ଝଲସୁଛି। ବିଭିନ୍ନ ମଣ୍ଡପ ନିକଟରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି। ଦୀର୍ଘ ୪୧ବର୍ଷଧରି ଜଟଣୀ ସାର୍ବଜନୀନ ଗଣେଶ ପୂଜାରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ, ଡିଜିଟାଲ ଲାଇଟ ଗେଟ ସହିତ ଶ୍ରୀଜଗନ୍ନାଥ ସମ୍ମିଳନୀ ମହୋତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୦ଟି ଦୁର୍ଲ୍ଲଭ ବେଶ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ପ୍ରତିଦିନ ସନ୍ଧ୍ୟା ଆଳତିରେ ଭକ୍ତଙ୍କ ଗହଳି ମଣ୍ଡପରେ ଲାଗିଥିବା ବେଳେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗଣେଶ ମହୋତ୍ସବ ପରିପ୍ରେକ୍ଷୀରେ ଶନିବାର ଗୋପବନ୍ଧୁ ବଜାର ପୂଜା କମିଟି ପକ୍ଷରୁ



ପୋଷ୍ଟ ଅଫିସ୍ ବ୍ୟବସାୟୀ ସଂଘ: ବୀଣାପାଣି କଳାନିକେତନ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଜଗନ୍ନାଥ ସଂସ୍କୃତିକୁ ନେଇ ପ୍ରବଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍‌ଘାଟକଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟ ଅତିଥିଭାବେ ଜଟଣୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ବ୍ରଜମୋହନ ମଙ୍ଗରାଜ, ସମ୍ମାନିତ ଅତିଥି ଅଧିବକ୍ତା ସୌମେନ୍ଦ୍ର ପଟ୍ଟନାୟକ, ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ କୁମାର ସାହୁ, ସାହିତ୍ୟିକ ସୀତାକାନ୍ତ ଶତପଥୀ, ମୁଖ୍ୟ ବକ୍ତାଭାବେ ଛଣଘର କୁସୁମାଟି ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁନୀଲ କୁମାର ରାଉତରାୟ ଯୋଗଦେଇଥିଲେ। ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ କର୍ମୀ ବାସୁଦେବ ସେଠୀ ଏବଂ ଖବରଦାତା ଧିରେନ ପ୍ରତିହାରୀଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ସଭାପତି ସୁରେନ୍ଦ୍ର କୁମାର ସାହୁ ଏବଂ ସୁଶାନ୍ତ ରାଉତ ଓ ସଭ୍ୟମାନେ ପରିଚାଳନା କରିଥିଲେ। ସେହିପରି ପୋଷ୍ଟ ଅଫିସ ଛକ ବ୍ୟବସାୟୀ ସଂଘ ପକ୍ଷରୁ ଆକର୍ଷଣୀୟ ପୂଜା ମଣ୍ଡପ, ମୂର୍ତ୍ତି ଏବଂ ସାଜସଜ୍ଜା ସହିତ ବିଭିନ୍ନ ଆକର୍ଷଣୀୟ ଡିଜିଟାଲ ଲାଇଟ ଗେଟ, ମେକାନିକାଲ ଲାଇଟ ସହିତ ପଲିଶ୍ରୀ ମେଳାରେ ଦର୍ଶକଙ୍କ ଭିଡ଼ ଜମିଥିଲା। ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ଜିଣୁଛି। ପଞ୍ଚମ ଦିବସରେ ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ ଗଣେଶ ମହୋତ୍ସବ ମଣ୍ଡପରେ କେନ୍ଦୁଝରର ପ୍ରତିଷ୍ଠିତ କଳା ସଙ୍ଗଠନ ପକ୍ଷରୁ ନୃତ୍ୟ ଅଭିନୟ, ପଲ୍ଲୀ, ସମ୍ବଲପୁରୀ ଏବଂ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା।

# ମନ ଜିଣିଲା କନ୍ଧମାଳର କୁଇନୃତ୍ୟ



ଜଙ୍କିଆ ପଲ୍ଲୀ ଉତ୍ସବର ପଞ୍ଚମ ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ପରିବେଷିତ କନ୍ଧମାଳର କୁଇନୃତ୍ୟ।

ନିରାକାରପୁର, ୨୩।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆଠାରେ ଓଁଶ୍ରୀ ଗ୍ରୁପ ପୂଜା କମିଟି ପକ୍ଷରୁ ବାସନ୍ତୀ ପଡିଆଠାରେ ଚାଲିଥିବା ଦ୍ୱାଦଶତମ ଜଙ୍କିଆ ପଲ୍ଲୀ ଉତ୍ସବର ପଞ୍ଚମ ସନ୍ଧ୍ୟାରେ ବର୍ଷା ସତ୍ତ୍ୱେ କନ୍ଧମାଳର କୁଇ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। ଅନୁରୂପଭାବେ ଖୋର୍ଦ୍ଧା ମୂର୍ଚ୍ଛନାର ଗୋଟିପୁଅ ନୃତ୍ୟ, କଟକର ଲୋକ ଶାସ୍ତ୍ର ନୃତ୍ୟ ଓ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅନ୍ୟାନ୍ୟ ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଦେବରାଜ ସେନାପତି, ସମ୍ମାନିତ ଅତିଥି ଜଙ୍କିଆ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ମାର୍ଥା ପ୍ରମୁଖ ଯୋଗଦେଇ ଦୀର୍ଘ ୧୨ବର୍ଷ ଧରି ଏହି ଉତ୍ସବକୁ ଚଳାଇ ଆସିଥିବା କମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହ ଏହି ଅନୁଷ୍ଠାନ ଆହୁରି ଆଗକୁ ବଢୁ ବୋଲି ମତପ୍ରକାଶ କରିଥିଲେ। କମଳେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସାମାଜିକ କର୍ମୀ ବିଶ୍ୱ ଭୂଷଣ ଛୋଟରାୟ ଧନ୍ୟବାଦ ଦେଇଥିଲେ। କେଦାରଶ୍ୱର ବଳବନ୍ତରାୟ, ସଂଗ୍ରାମ ପଟ୍ଟନାୟକ, ସୁରେନ୍ଦ୍ର ନାଥ ଜେନା, ପ୍ରଦୀପ୍ତ ପାଟ୍ଟଶାଣୀ, ଅକ୍ଷୟ ଉଦୟ ସିଂ, ରାକେଶ ଜେନା, ଶଶିକାନ୍ତ ମହାପାତ୍ର, ପ୍ରଶାନ୍ତ କୁମାର ବେହେରାଙ୍କ ସମେତ କମିଟି ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଉପନିବନ୍ଧକଙ୍କୁ ଗାଳିଗୁଲଜ ଅଭିଯୋଗ, ଅଭିଯୁକ୍ତ ଗିରଫ

ଗମ୍ଭାରୀମୁଣ୍ଡା, ୨୩।୯ (ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଉପନିବନ୍ଧକଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ବାଣପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ଭୀମପୁର ଗ୍ରାମର ଡାକ ପ୍ରଧାନ। ସୂଚନା ମୁତାବକ, ଗତ ୨୧ତାରିଖ ଅପରାହ୍ନରେ ଡାକ ବାଣପୁର ଉପନିବନ୍ଧକ ରମେଶ ଚନ୍ଦ୍ର ପାଣିଙ୍କ କାର୍ଯ୍ୟାଳୟରେ ପଶି ତାଙ୍କୁ ଏବଂ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ସମ୍ପୃକ୍ତ କାର୍ଯ୍ୟାଳୟକୁ ପେଟ୍ରୋଲରେ ଜାଳିଦେବେ ବୋଲି ଧମକ ଦେଇଥିଲେ। ଏହାପରେ କର୍ମଚାରୀମାନେ କାର୍ଯ୍ୟାଳୟରୁ ଡାକଙ୍କୁ ବାହାର କରି ଗ୍ରୀଲ୍ ତାଲା ପକାଇ ଦେଇଥିଲେ। ତେବେ ଅଫିସ କାର୍ଯ୍ୟ ପରେ ସମସ୍ତ କର୍ମଚାରୀ ଘରକୁ ପଳାଇଥିଲେ। ପୁଣି ରାତି ୮ଟା ୩୦ରେ ଡାକ କାର୍ଯ୍ୟାଳୟ ନିକଟକୁ ଆସି ଗେଟ୍ ଉପରେ ମାଙ୍କଡ଼ା ପଥର ପକାଇ ପ୍ରବେଶ କରିଥିଲେ। ବିଭିନ୍ନ କାଚ ବୋତଲ ଅଫିସ ଗୃହ ମଧ୍ୟକୁ ମଧ୍ୟ ଫିଙ୍ଗିଥିଲେ। ଫଳରେ କାଚ ଝରକା ଭାଙ୍ଗି ନଷ୍ଟ ହୋଇଯାଇଛି। ଉପନିବନ୍ଧକ ପାଣି ଥାନାରେ ଅଭିଯୋଗ କରିଥିଲେ।

# 'ହାତୀ ମେରା ସାଥୀ' ଆପ୍ ସମ୍ପର୍କରେ ସଚେତନତା



ଚାରାରୋପଣ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ, ୨୩।୯ (ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବୋଡଲମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡ଼ା ଗ୍ରାମସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶନିବାର ଜିଲା ବନ ବିଭାଗ ପକ୍ଷରୁ ଏକ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସେଭ୍ ଏଲିଫ୍ୟାଣ୍ଟ ଟ୍ରଷ୍ଟ ଓ ଆୟୋଜକ ଶିକ୍ଷାନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶୁଭାରମ୍ଭ କରିଥିଲେ। ଓଡ଼ିଶାର ପୂର୍ବତନ ଲୋକପାଳ (ଆଇଏଫ୍‌ଏସ୍) ଦେବବ୍ରତ ସାଇଁ ବକ୍ତା ଏବଂ ସେଭ୍ ଏଲିଫ୍ୟାଣ୍ଟ ଟ୍ରଷ୍ଟର ସଭ୍ୟ ଅନୁପ ନାୟକ, ପ୍ରକାଶ ଜେନା, ବି.କେ. ପ୍ରଭାସିନୀ, ବି.କେ. ଅଭିମନ୍ୟୁ, କିଟ୍ କଲେଜର ଡ. ତୁଳିଶ୍ରୀ ପ୍ରଧାନ, ଟାଙ୍ଗୀ ରେଞ୍ଜର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ, ଚାଷୀ ଓ ଯୁବ ଗୋଷ୍ଠୀଙ୍କୁ ନେଇ 'ହାତୀ ମେରା ସାଥୀ' ଆପ୍ ସମ୍ପର୍କରେ ସଚେତନ କରାଯାଇଥିଲା। ରାଜ୍ୟରେ ହାତୀ ମୃତ୍ୟୁହାର ବଢ଼ିବାରେ ଲାଗିଛି। ଜଙ୍ଗଲହାନି ଏବଂ ଅବାଧ ଶିକାର ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ସେହିପରି ଅନେକାଂଶରେ ହାତୀ ଉପଦ୍ରବ ଅଞ୍ଚଳରେ ଫସଲ କ୍ଷତିକୁ ନେଇ ଚାଷୀଙ୍କ ଆକ୍ରୋଶର ଶିକାର ହୋଇଥାନ୍ତି ହାତୀପଲ। ତେବେ ମନୁଷ୍ୟ ଜୀବନ ସହିତ ହାତୀଙ୍କ ଜୀବନ ସମାନ। ଅନେକାଂଶରେ ହାତୀପଲ ପ୍ରତିଶୋଧପରାୟଣ ହୋଇ ଚାଷୀଙ୍କ ଫସଲ କ୍ଷତି କରିବା ସହିତ ଜନଜୀବନ ଉପରେ ଦୃଷ୍ଟି ପକାଉଛନ୍ତି। ତେଣୁ ଆମେ ସଚେତନ ହେଲେ ହାତୀ ମୃତ୍ୟୁହାର ରୋକିବା ସହ ଜନଜୀବନ ସୁରକ୍ଷିତ ରହିପାରିବ। ସେଥିପାଇଁ ସରକାରଙ୍କ ପକ୍ଷରୁ 'ହାତୀ ମେରା ସାଥୀ' ଆପ୍ ଖୋଲାଯାଇଛି। ସେଥିରୁ ଅନେକ ଫାଇଦା ଉଠାଇପାରିବା। ବିଶେଷକରି ଅନୁକମ୍ପାମୂଳକ ସହାୟତା ଏବଂ ଫସଲହାନି କ୍ଷତିପୂରଣ ପାଇପାରିବା ବୋଲି ଡିଏଫ୍‌ଓ ପାଣ୍ଡିଆନ ସଚେତନ କରାଇଥିଲେ। ଆୟୋଜିତ ଅନୁଷ୍ଠାନର ସମ୍ପାଦକ ଫକୀର ଛୋଟରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ବେଦ ପାଠ ଏବଂ ଧନ୍ୟବାଦ ଦେଇଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା।

# ମା' ଦୁର୍ଗା, ହରପାର୍ବତୀଙ୍କ ମୂର୍ତ୍ତି ପାଇଁ ମାଟି ଅନୁକୂଳ



ଖୋର୍ଦ୍ଧା, ୨୩।୯ (ପ୍ରଭାତ ପାଣିଗ୍ରାହୀ)

ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ଓହ୍ଲାଇବେ ଜଗତ୍‌ଜନନୀ ମା' ଦୁର୍ଗା। ଚଳିତ ବର୍ଷ ଆଡ଼ମ୍ବରରେ ପାଳନ ପାଇଁ ଖୋର୍ଦ୍ଧା ସହରର ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ମାଟି ଅନୁକୂଳ କାର୍ଯ୍ୟ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଜୟୀ ରାଜଗୁରୁ ଟାଉନହଲ୍ ସମ୍ମୁଖରେ ଟ୍ରାଫିକ୍ ଛକ ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ ହେଉଥିବା ହରପାର୍ବତୀ ପୂଜା ନିମନ୍ତେ ମାଟି ଅନୁକୂଳ ପାଇଁ ପୂଜକ ସନ୍ତୋଷ ଦାଶ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାଭାବେ ବେଲୁ ବେହେରା ମାଟି ଅନୁକୂଳ କରିଥିଲେ। ସଂଘ ସଭାପତି ଜିତେନ୍ଦ୍ର ଭଞ୍ଜ, ଉପସଭାପତି ଲକ୍ଷ୍ମୀଧର ପୃଷ୍ଟି, କୋଷାଧ୍ୟକ୍ଷ କପିଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ସହରର ୯ଟି ମଣ୍ଡପରେ ପୂଜା ଅନୁଷ୍ଠିତ ହେବ। ସେଥିମଧ୍ୟରୁ ଟ୍ରାଫିକ୍ ଛକ, ମାଛ ମାର୍କେଟ ବ୍ୟବସାୟୀ ସଂଘ, ଦୁଲଣା ଛକ କଣ୍ଟା କ୍ଲବ, ମିନିଟ୍ରକ୍ ମାଲିକ ସଂଘ ଆଦି ୪ଟି ଅନୁଷ୍ଠାନ ପକ୍ଷରୁ ହରପାର୍ବତୀ ପୂଜା ଆୟୋଜିତ ହେଉଥିବା ବେଳେ ଟାଉନ କ୍ଲବ, ଇଗଲ କ୍ଲବ, ପୁରୁଣା ଫାୟାର ଷ୍ଟେଶନ ଛକ, କଣ୍ଟା ବଜାର, ଗୁରୁଜଙ୍ଗ ମାଳିସାହି ଛକ ଆଦି ୫ଟି ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେବ। ଟ୍ରାଫିକ୍ ଛକ ବ୍ୟବସାୟୀ ସଂଘ ସମେତ ଉପରୋକ୍ତ ପୂଜା କମିଟି ପକ୍ଷରୁ ରାଧାଷ୍ଟମୀରେ ମାଟି ଅନୁକୂଳ ପରେ ଶୋଭାଯାତ୍ରାରେ ଘଣ୍ଟ, ଘଣ୍ଟା, କାହାଳୀ, ମୃଦଙ୍ଗ ବଜାଇ ପରିକ୍ରମା କରିଥିଲେ। ମାଟି ଅନୁକୂଳ ସମୟରେ ମଣ୍ଡପସ୍ଥଳ ଉତ୍ସବମୁଖର ହୋଇ ଉଠିଛି। ସବୁଠି ଉତ୍ସାହ ଓ ଆନନ୍ଦ ରହିଥିଲା।

# ସ୍କୁଲରେ ତାଲା, ପାଠପଢ଼ା ବ୍ୟାହତ

ଖୋର୍ଦ୍ଧା, ୨୩।୯ (ପ୍ରଭାତ ପାଣିଗ୍ରାହୀ)

୩ଦଫା ଦାବି ନେଇ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ଦିନ ହେଲା ଧାରଣାରେ ବସିଛନ୍ତି ଖୋର୍ଦ୍ଧା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ। ସେପଟେ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ବିଦ୍ୟାଳୟରେ ତାଲା ଝୁଲୁଥିବା ବେଳେ ପିଲାଙ୍କ ପାଠପଢା ଠପ୍ ହୋଇଯାଇଛି। ପିଲାମାନେ ସ୍କୁଲକୁ ଆସି ଫେରୁଥିବା ଦେଖିବାକୁ ମିଳିଛି। ଶିକ୍ଷକଙ୍କ ଆନ୍ଦୋଳନ ଏବଂ ପିଲାଙ୍କ ପାଠପଢା ବ୍ୟାହତ ନେଇ ଉଦ୍‌ବେଗ ପ୍ରକାଶ କରିଛି ରାଜ୍ୟ ଅଭିଭାବକ ମହାସଂଘ। ଏନେଇ ମହାସଂଘର କର୍ମକର୍ତ୍ତା ଜିଲାର ବିଭିନ୍ନ ବିଦ୍ୟାଳୟ ବୁଲି ଅଭିଭାବକ ଏବଂ ଧାରଣାରତ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ।



ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

ସରକାର ଶିକ୍ଷକଙ୍କ ଦାବିପ୍ରତି ଗୁରୁତ୍ୱ ଦେବା ସହ ତୁରନ୍ତ ବିଦ୍ୟାଳୟ ଖୋଲିବା ବ୍ୟବସ୍ଥା ପାଇଁ ମହାସଂଘ ସଭାପତି ବାସୁଦେବ ଭଟ୍ଟ ଦାବି କରିଛନ୍ତି। ଶନିବାର ବର୍ଷା ସତ୍ତ୍ୱେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଜାରି ରଖିଛନ୍ତି। ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଉପସଭାପତି ଓ ଜିଲା ସଭାପତି ଅଗାଧୁ ସେଠୀ, ବ୍ଲକ ସଭାପତି ସ୍ୱପ୍ନେଶ୍ୱର ପ୍ରଧାନ, ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର ଓ ମିଳିତ ଶିକ୍ଷକ ସଂଘର କାର୍ଯ୍ୟକାରୀ ଓ ଏକ୍ସ କ୍ୟାଡର ସଭାପତି ପ୍ରସନ୍ନ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଚାଲିଛି ଆନ୍ଦୋଳନ। ଶନିବାର ପୂର୍ବାହ୍ନରେ ପୁରୁଣା ପେନ୍‌ସନ୍ ଶିକ୍ଷକ ସଂଘର ଜିଲା ସଭାପତି ରତ୍ନାକର ରାଉତରାୟ, ବ୍ଲକ ସଭାପତି ଅଭିରାମ ବେହେରା, ଶିକ୍ଷକ ନେତା ସନ୍ତୋଷ ମହାପାତ୍ର, ଓ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଓଡ଼ିଶା କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବିଶ୍ୱାଳ ଧାରଣାସ୍ଥଳରେ ପହଞ୍ଚି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରିବା ସହିତ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଶିକ୍ଷା ବ୍ୟବସ୍ଥାରେ ଯାହା କ୍ଷତି ହୋଇଛି ସେଥିପାଇଁ ସରକାର ଦାୟୀ ରହିବେ ବୋଲି ନେତୃମଣ୍ଡଳୀ କହିଛନ୍ତି।

## ଜଟଣୀର ବିଭିନ୍ନ ଗଣେଶ ପୂଜା ମଣ୍ଡପରେ ନିର୍ମିତ ତୋରଣ



ଥାନାଛକ ବ୍ୟବସାୟୀ ସଂଘ ପୂଜାମଣ୍ଡପ।



ରେଲ୍‌ୱେ ଗୋଲେଇ ଓ ନ୍ୟୁ ମାର୍କେଟ ବ୍ୟବସାୟୀ ସଂଘ କମିଟି।



ପରିବା ଓ ମାଛ ମାର୍କେଟ ବ୍ୟବସାୟୀ ସଂଘ ପୂଜାମଣ୍ଡପ।

## ସଂକ୍ଷେପରେ

### କୋର୍ଟରେ ଆତ୍ମସମର୍ପଣ ପରେ ଜେଲ ଗଲେ ୨ ଭାଇ

ଭୁବନେଶ୍ୱର,୨୩।୯ (ସୂର୍ଯ୍ୟକାନ୍ତ ବେହେରା): ଟଙ୍କା ଠକେଇ ଅଭିଯୋଗରେ ଗିରଫ ହୋଇ ଜେଲଯାଇଥିଲେ। ଅଭିଯୋଗକାରୀଙ୍କ ସହ ଆପୋସ ବୁଝାମଣା ପାଇଁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନରେ ୪୫ ଦିନ ପାଇଁ ବାହାରକୁ ଆସିଥିଲେ। କିନ୍ତୁ ସମୟ ଅବଧି ସରିଥିଲେ ମଧ୍ୟ କୋର୍ଟରେ ହାଜର ହୋଇ ନ ଥିଲେ ଆଇଟି କମ୍ପାନୀ ମାଲିକ ତୃପ୍ତିରଞ୍ଜନ ଜେନା ଓ ତାଙ୍କ ଭାଇ ଦୀପ୍ତି ରଞ୍ଜନ। ଜାମିନବିହୀନ ପରୱାନ ଜାରି ପରେ ଗିରଫ ଭୟରେ ଦୁଇ ଭାଇ ଭୁବନେଶ୍ୱର ଜେଏମ୍ଏଫ୍‌ସି କୋର୍ଟରେ ଶନିବାର ଆତ୍ମସମର୍ପଣ କରିଛନ୍ତି। ଏହାପରେ ଉଭୟଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ସୂଚନାନୁସାରେ ସାଙ୍ଗ ନାଁରେ ଲୋନ୍ କରି ଗାଡ଼ି କିଣିବା ସହ ଟଙ୍କା ନେଇଯାଇଥିବା ଅଭିଯୋଗରେ ଚନ୍ଦ୍ରଶେଖର ପୋଲିସ ଅଭିଯୁକ୍ତ ଦୁଇ ଭାଇଙ୍କୁ ଏପ୍ରିଲରେ ଗିରଫ କରିଥିଲା।

### ଉପନିବନ୍ଧକଙ୍କୁ ଗାଳିଗୁଲଜ ଅଭିଯୋଗ, ଅଭିଯୁକ୍ତ ଗିରଫ

ଗମ୍ଭାରୀମୁଣ୍ଡା,୨୩।୯(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଉପନିବନ୍ଧକଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ବାଣପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ଭୀମପୁର ଗ୍ରାମର ଡାକ ପ୍ରଧାନ। ଗତ ୨୧ତାରିଖ ଅପରାହ୍ନରେ ଡାକ ବାଣପୁର ଉପନିବନ୍ଧକ ରମେଶ ଚନ୍ଦ୍ର ପାଣିଙ୍କ କାର୍ଯ୍ୟାଳୟରେ ପଶି ଗାଳିଗୁଲଜ କରିବା ସହ ସମ୍ପୃକ୍ତ କାର୍ଯ୍ୟାଳୟକୁ ପେଟ୍ରୋଲରେ ଜାଳିଦେବେ ବୋଲି ଧମକ ଦେଇଥିଲେ। କର୍ମଚାରୀମାନେ କାର୍ଯ୍ୟାଳୟରୁ ଡାକଙ୍କୁ ବାହାର କରି ଗ୍ରୀଲ୍ ତାଲା ପକାଇ ଅଫିସ କାର୍ଯ୍ୟ ପରେ ସମସ୍ତ କର୍ମଚାରୀ ଘରକୁ ପଳାଇଥିଲେ। ରାତି ୮ଟା ୩୦ରେ ଡାକ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରି କାଚ ବୋତଲ ଅଫିସ ଗୃହ ମଧ୍ୟକୁ ମଧ୍ୟ ଫିଙ୍ଗିବା ସହ କାଚ ଝରକା ଭାଙ୍ଗି ନଷ୍ଟ ହୋଇଯାଇଛି।

### ଅବସରପ୍ରାପ୍ତ ଯବାନଙ୍କ ପରଲୋକ

ଚୌଦ୍ୱାର/ମଙ୍ଗଳ-ଜଗତ୍‌ପୁର,୨୩।୯ (ଆଶୁତୋଷ ଦାସ/ ମାନସ ସାମଲ)

ଅବସରପ୍ରାପ୍ତ ଯବାନ ତଥା ଚୌଦ୍ୱାର କପାଳେଶ୍ୱର ନୂଆସାହି ବାସିନ୍ଦା ଭାନୁଶଙ୍କର ମିଶ୍ର(୪୩)ଙ୍କ ପରଲୋକ ଘଟିଛି। ସେ ବର୍ଷକ ତଳେ ପ୍ରତିରକ୍ଷା ବିଭାଗରୁ ଅବସର ନେବା ପରେ ଓଟିଏମ୍ କଲୋନୀସ୍ଥିତ ଘରେ ରହୁଥିଲେ। ଶୁକ୍ରବାର ସେ ଘରେ ଶୋଇଥିବାବେଳେ ହଠାତ୍ ସଂଜ୍ଞାହୀନ ହୋଇଯାଇଥିଲେ। ଏସ୍‌ସିବି ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଡିଡିସିଇ କର୍ମଚାରୀ ଗିରଫ

ଭୁବନେଶ୍ୱର,୨୩।୯ (ସୂର୍ଯ୍ୟକାନ୍ତ ବେହେରା)

ଛାତ୍ରୀଛାତ୍ରଙ୍କୁ ଏଏସ୍‌ଓ ଚାକିରି କରାଇଦେବା ନାଁରେ ୪୦ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଉତ୍କଳ ବିଶ୍ୱବିଦ୍ୟାଳୟ ଦୂରନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ (ଡିଡିସିଇ)ର ଇତିହାସ ବିଭାଗ ଏକାଡେମୀ କୋର୍ଡିନେଟର ମାଧବ ଚନ୍ଦ୍ର ସେଠୀଙ୍କୁ ଗିରଫ କରିଛି। ଶନିବାର ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି। ସେ ପ୍ରାୟ ୪୦ ଜଣଙ୍କୁ ଠକିଥିବାବେଳେ ଏବେସୁଦ୍ଧା ୫ ଜଣ ଅଭିଯୋଗ କରିଛନ୍ତି ବୋଲି ଜୋନ୍-୫ ଏସିପି ଗୌତମ କିଷାନ କହିଛନ୍ତି। ମାଧବ ବିଶ୍ୱବିଦ୍ୟାଳୟରେ ଚାକିରି କରିଥିବାରୁ ଆଶାୟୀମାନଙ୍କୁ ନିଜ ଜାଲ୍‌ରେ ଫସାଇବା ସହଜ ହେଉଥିଲା। ସେ ଟଙ୍କା ନେଇ ଧରାଛୁଆଁ ନ ଦେବାରୁ ଠକେଇ ଶିକାର ଚାକିରି ଆଶାୟୀମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ପୋଲିସ ସୂଚନାନୁସାରେ ଅଭିଯୋଗକାରୀ ବସନ୍ତକୁମାର ଦାସ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆନ୍ଥ୍ରୋପୋଲୋଜିରେ ପିଜି କରୁଥିବାବେଳେ ୨୦୧୮ରେ ମାଧବଙ୍କ ସହ ପରିଚୟ ହୋଇଥିଲା। ୨୦୨୧ ମେ ମାସରେ ତାଙ୍କ ବାପାଙ୍କ ମୃତ୍ୟୁ ପରେ ସେ ଚାକିରି ଖୋଜିଥିଲେ। ଏଭଳିସ୍ଥଳେ ସେ ମାଧବଙ୍କ ସମ୍ପର୍କରେ ଆସିଥିଲେ। ତେବେ ଏଏସ୍‌ଓ ଚାକିରି କରାଇଦେବା ପାଇଁ ମାଧବ

## ଏଏସ୍‌ଓ ଚାକିରି ନାଁରେ ୪୦ ଲକ୍ଷ ଠକେଇ

ବସନ୍ତଙ୍କୁ କହିବା ସହ ୧୨ ଲକ୍ଷ ଟଙ୍କା ଦାବି କରିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ବସନ୍ତ ଅଗ୍ରିମ ଭାବେ ୨ କିସ୍ତିରେ ତାଙ୍କ ଆକାଉଣ୍ଟଙ୍କୁ ୨ ଲକ୍ଷ ଟଙ୍କା ଦେଇଥିଲେ ଏବଂ ବାକି ଟଙ୍କା ଚାକିରି ପାଇବା ପରେ ଦେବେ ବୋଲି କହିଥିଲେ। ହେଲେ ଏଏସ୍‌ଓ ଫଳାଫଳ ପ୍ରକାଶ ପାଇବା ପରେ ବସନ୍ତଙ୍କ ନାମ ତାଲିକାରେ ନ ଥିବାରୁ ସେ ବସନ୍ତଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। କିନ୍ତୁ ଟଙ୍କା ଫେରସ୍ତ ବଦଳରେ ମାଧବ ତାଙ୍କୁ ଧମକ ଦେବା ସହ ଚାକିରି ସ୍ଥାନ ଯଥା ଡିଡିସିଇ ଉତ୍କଳ ବିଶ୍ୱବିଦ୍ୟାଳୟ ଛାଡ଼ି ପଳାଇଥିଲେ। ଠକେଇର ଶିକାର ହେବା ଜାଣିବା ପରେ ବସନ୍ତ ଶହୀଦନଗର ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଆଇପିସି ଦଫା ୪୨୦, ୫୦୬ରେ ଏକ ମାମଲା (ନଂ.୩୫୦/୨୩) ରୁଜୁ କରିଛି। ଅଭିଯୁକ୍ତ ମାଧବ ଚାକିରି ଯୋଗାଇବା ଦେବାକୁ କହି ଅନେକ ପିଲାଙ୍କଠାରୁ ବିପୁଳ ଟଙ୍କା ଠକି ନେଇଥିବା ପୋଲିସ ତଦନ୍ତରୁ ଜାଣିପାରିଛି। ବିଶେଷକରି ବାଣୀବିହାର ଛାତ୍ର ରଶ୍ମିରଞ୍ଜନ ପରିଡ଼ାଙ୍କଠାରୁ ୪ ଲକ୍ଷ ଟଙ୍କା, ଦୁଷ୍ମନ୍ତ କୁମାର ପାଣିଗ୍ରାହୀଙ୍କଠାରୁ ୭୦ ହଜାର, ଭଦ୍ରକର ଗୀତଗୋବିନ୍ଦ ବେହେରାଙ୍କଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଠକେଇ କରିଛନ୍ତି।



ରସୁଲଗଡ଼ ଶବରସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଅନୁଷ୍ଠିତ ବାର୍ଷିକ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବେହେରାଙ୍କ ସହ ଛାତ୍ରୀଛାତ୍ର ଓ ଅଭିଭାବକମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

### ରୟାଲ ବ୍ରଦର-୧୧ ବିଜୟୀ

ଜଟଣୀ,୨୩।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରୀ ପଞ୍ଚାୟତର ଇସ୍‌ଲାମ ଷ୍ଟାର କ୍ରିକେଟ ଖେଳପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ରୟାଲ ବ୍ରଦର-୧୧ ଓ ଅଲ୍‌ଷ୍ଟାର-୧୧ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ରୟାଲ ବ୍ରଦର-୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୩୩ ରନ ସଂଗ୍ରହ କରିଥିଲା। ଜବାବରେ ଅଲ୍‌ଷ୍ଟାର-୧୧ ଟିମ୍ ୮.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ଟିକି ୨୩ ବଲରେ ୫୧ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ।

## ଖାଦ୍ୟରୁଚି

# 'ଅମ୍ରିତ୍‌ସରି ମଟନ୍ ଚାପ୍ ମସଲା ଫ୍ରାଏ'

*ଚିରାଚରିତ ଢଙ୍ଗରେ ପ୍ରତିଦିନ ସମାନ ପ୍ରକାରର ଖାଦ୍ୟ ରାନ୍ଧି ଖାଇବାକୁ ସବୁବେଳେ ଭଲଲାଗେ ନାହିଁ। ତେଣୁ ବଜାର ଖାଦ୍ୟ ପ୍ରତି ଲୋକଙ୍କର ଆକର୍ଷଣ ରହିଥାଏ। ମାତ୍ର ଏହାର ଦାମ୍ ଅଧିକ ରହିବା ସହ ସ୍ୱାସ୍ଥ୍ୟପ୍ରତି ମଧ୍ୟ ହାନିକାରକ ହୋଇଥାଏ। ତେଣୁ ଘରେ ଅଳ୍ପ ଖର୍ଚ୍ଚରେ କିପରି ସୁସ୍ୱାଦୁ ଖାଦ୍ୟ ବା ଡିସ୍ ପ୍ରସ୍ତୁତ କରିହେବ ତାହାକୁ ଦୃଷ୍ଟିରେ ରଖି 'ଧରିତ୍ରୀ'ର ସ୍ୱତନ୍ତ୍ର ପ୍ରୟାସ 'ଖାଦ୍ୟରୁଚି'।*



ସେଫ୍ ହିମାଂଶୁ ସାହୁ

ଆମିଷ ଭିତରେ ମଟନ୍ ଅଧିକାଂଶ ଲୋକଙ୍କ ପ୍ରିୟ ଖାଦ୍ୟ। ସେଥିପାଇଁ ଆମିଷ ବାର୍ ପଡିଲେ ମଟନ୍ ଦୋକାନରେ ଗ୍ରାହକଙ୍କ ଭିଡ଼ ଲାଗିଥାଏ। ପୁଣି ମଟନ୍‌ର ନୂଆ ନୂଆ ଡିସ୍ ଭିନ୍ନ ଟେଷ୍ଟ ଦେଇଥାଏ। ଏହି ଡିସ୍ ମଧ୍ୟରେ 'ଅମ୍ରିତ୍‌ସରି ମଟନ୍ ଚାପ୍ ମସଲା ଫ୍ରାଏ' ଅନ୍ୟତମ। ଏହାକୁ କିପରି ଘରେ ପ୍ରସ୍ତୁତ କରି ଖାଇବା ସେସମ୍ପର୍କରେ ହୋଟେଲ୍ ଦି ମିଡିଲ୍‌ଟନ୍‌ର ଏକ୍ଜିକ୍ୟୁଟିଭ୍ ସେଫ୍ ହିମାଂଶୁ ସାହୁଙ୍କଠାରୁ ଆସନ୍ତୁ ଶିଖିବା।



### ଆବଶ୍ୟକ ସାମଗ୍ରୀ

- ମଟନ୍- ୪୦୦ଗ୍ରାମ୍
- କଟା ପିଆଜ-୩ଟି
- ଅଦା ପେଷ୍ଟ -୨ଚାମଚ
- ରସୁଣ ପେଷ୍ଟ-୧ଚାମଚ
- କଳା ଅଳେଇଚ (ଚୂର୍ଣ୍ଣ)- ୧ଟି
- ଅଳେଇଚ-୨ଟି
- ଡାଳଚିନି ଗୁଣ୍ଡ-୨ ଚାମଚ
- ଫ୍ରେଶ୍ ନାଲି ଲଙ୍କା-୨ଟି
- ଲବଙ୍ଗ ଚୂର୍ଣ୍ଣ-୧/୪ ଚାମଚ
- ଜାଇତ୍ରୀ ଗୁଣ୍ଡ- ଚିମୁଟେ
- କାଶ୍ମିରୀ ଲଙ୍କାଗୁଣ୍ଡ-୧ ଚାମଚ
- ହଳଦୀ-୧/୨ ଚାମଚ
- ଜିରା ଗୁଣ୍ଡ-୧/୪ ଚାମଚ
- ସୋରିଷ ତେଲ-୨ ଚାମଚ
- ଗୋଲମରିଚ-୪ଟି
- ଦହି- ୧କପ୍
- ସ୍ୱାଦ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ...

ପ୍ରଥମେ ଏକ ମିଡିୟମ୍ ସାଇଜ୍ ବାଉଲ୍‌ରେ ଦହି, ଜାଇତ୍ରୀ ଗୁଣ୍ଡ, ଲୁଣ, ଅଦା ଓ ରସୁଣ ପେଷ୍ଟ, କଳା ଅଳେଇଚ ଚୂର୍ଣ୍ଣ, କାଶ୍ମିରୀ ଲଙ୍କାଗୁଣ୍ଡ, ହଳଦୀ, ଜିରା ଗୁଣ୍ଡ, ଗୋଲମରିଚ ଆଦି ସମସ୍ତ ମସଲାକୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପରେ ସେଥିରେ ମଟନ୍ ପକାଇ ଭଲଭାବେ ଗୋଳାଇବା ପରେ ପୂରା ରାତି କିମ୍ବା ଅତି କମ୍‌ରେ ୨ଘଣ୍ଟା ପାଇଁ ଫ୍ରିଜ୍‌ରେ ରଖନ୍ତୁ। ଏହାପରେ ଗ୍ୟାସ୍‌ରେ ମିଡିୟମ୍ ଫ୍ଲେମ୍‌ରେ ପ୍ରେସରକୁକର ବସାଇ ଗରମ କରନ୍ତୁ। ସେଥିରେ ଅଳ୍ପ ତେଲ ଦେଇ କଟା ହୋଇଥିବା ପିଆଜକୁ ପକାଇ ବ୍ରାଉନ୍ କଲର୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ସେଥିରେ ପୂର୍ବରୁ ମ୍ୟାରିନେଟ୍ ହୋଇଥିବା ମଟନ୍‌କୁ ପକାଇ ୧୫ ମିନିଟ ପର୍ଯ୍ୟନ୍ତ କଷନ୍ତୁ। ଏହାପରେ ଅଧକପ୍ ପାଣି ଦେଇ ପ୍ରେସରକୁକର୍‌ର ଢାଙ୍କୁଣି ବନ୍ଦ କରି ଦିଅନ୍ତୁ। ମିଡିୟମ୍ ଫ୍ଲେମ୍‌ରେ ୫ଟି ସିଟି ଆସିବା ପର୍ଯ୍ୟନ୍ତ ଛାଡିଦିଅନ୍ତୁ। ପ୍ରେସ୍‌ର କୁକରକୁ ଖୋଲି ଆଉ ଚଉଠେ କପ୍ ବା ୧/୪ କପ୍ ପାଣି ଦେଇ ଆଉ ୨/୩ଟି ସିଟି ପର୍ଯ୍ୟନ୍ତ ଛାଡ଼ନ୍ତୁ। ତା'ପରେ କୁକର୍ ଖୋଲି ସେଥିରେ ଡାଳଚିନି ଗୁଣ୍ଡ ପକାଇ ଦିଅନ୍ତୁ। ୧୫ ମିନିଟ୍ ପରେ ପ୍ଲେଟ୍‌କୁ କାଢିଦିଅନ୍ତୁ। ବାସ୍ ଏବେ ପ୍ରସ୍ତୁତ ହୋଇଗଲା 'ଅମ୍ରିତ୍‌ସରି ମଟନ୍ ଚାପ୍ ମସଲା ଫ୍ରାଏ'।

-ରିପୋର୍ଟ: ବନ୍ଦନା ସେଠୀ, ଭୁବନେଶ୍ୱର

# ଆନ୍ଦୋଳନକାରୀଙ୍କ ବିରୋଧରେ ମିଥ୍ୟା ଆରୋପକୁ ନିନ୍ଦା

ଭୁବନେଶ୍ୱର, ୨୩।୯ (ଅନୁରାଧା ମହାରଣା)

ବେଦାନ୍ତ କମ୍ପାନୀର ଖଣି ଲୁଟ୍‌କୁ ଶାସକ ଦଳ ସହ ଦୁଇ ବିରୋଧୀ ଦଳର ରାୟଗଡ଼ା ଓ କଳାହାଣ୍ଡି ଜିଲାର କେତେକ କର୍ମକର୍ତ୍ତା ସମର୍ଥନ କରୁଛନ୍ତି। ବିଭିନ୍ନ ଜନଆନ୍ଦୋଳନର ନେତୃମଣ୍ଡଳୀଙ୍କ ବିରୋଧରେ ମିଥ୍ୟା ଆରୋପ ଲଗାଉଛନ୍ତି। ଏହାକୁ ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ଚକ୍ରାନ୍ତକାରୀମାନେ ଆଦିବାସୀ ଦଳିତଙ୍କ ପାଖରେ ପହଞ୍ଚିପାରିବେ ନାହିଁ ବୋଲି ଲୋହିଆ ଏକାଡେମୀ ପରିସରରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯାନର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତ ଚେତାବନୀ ଦେଇଛନ୍ତି। ସମ୍ବିଧାନର ଧାରା ୫୧- ଏ(ଜି) ଅନୁସାରେ ନାଗରିକର ଦାୟିତ୍ୱ ଦୃଷ୍ଟିରୁ

## ଖଣି ଖନନ, ଲୁଟ୍‌କୁ ବିରୋଧ

ଅବିଚାରିତ ଖଣି ଖନନ ଦ୍ୱାରା ପରିବେଶ ଧ୍ୱଂସ ରୋକିବାକୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ, ପ୍ରତିରୋଧ କରିବା ଓ ଜନସାଧାରଣଙ୍କ ପ୍ରତିବାଦକୁ ସହଯୋଗ କରିବା ଏକ ସାମ୍ବିଧାନିକ କର୍ତ୍ତବ୍ୟ ଓ ଅଧିକାର। ବିଭିନ୍ନ ଜନଆନ୍ଦୋଳନର ନେତା, ପରିବେଶବିତ୍ ଓ ସାମାଜିକ କର୍ମୀମାନେ ଆଦିବାସୀ ତଥା ପାରମ୍ପରିକ ଜଙ୍ଗଲବାସୀଙ୍କୁ ସେମାନଙ୍କର ନ୍ୟାୟସଙ୍ଗତ ଲଢ଼େଇରେ ସହଯୋଗ କରିଆସୁଛନ୍ତି। ବକ୍ସାଇଟ ଶେଷ ହୋଇଗଲେ ପ୍ରକୃତିର ବିନାଶ ହେବ ବୋଲି ଜାଗ୍ରତ କରାଉଛନ୍ତି। ମାତ୍ର ବେଦାନ୍ତ ଓ ମୈତ୍ରୀ ଭଳି କମ୍ପାନୀଙ୍କ ପ୍ରୋତ୍ସାହନରେ କାଶୀପୁର ଓ ବାଫିଲିମାଳିରେ ଯେଉଁ ଖଣି ଖନନ ଚାଲିଛି ତାହାର ପ୍ରଭାବରେ ଅନେକ ଝରଣା ଶୁଖିଗଲାଣି, ନଦୀନାଳ ପାଣି ବିଷାକ୍ତ ହେଲାଣି। ଗତ ୨୯ ଅଗଷ୍ଟରେ ପ୍ରଫୁଲ୍ଲ ସାମନ୍ତରାଙ୍କୁ ଅପହରଣ କିଏ କାହିଁକି କରିଥିଲା, ତା'ର ତଦନ୍ତ ପୋଲିସ କାହିଁକି କରୁନାହିଁ, ସରକାର ତା'ର ଜବାବ ଦେବାକୁ ଦାବି କରାଯାଇଛି। କାଶୀପୁର ଓ ନିୟମଗିରିର ଖଣି ବିରୋଧୀ ସମସ୍ତ ବ୍ୟକ୍ତିଙ୍କୁ ଖଲାସ କରିବା, ଶତାଧିକ ବ୍ୟକ୍ତିଙ୍କ ବିରୋଧରେ ରୁଜୁ ହୋଇଥିବା ମିଥ୍ୟା ମକଦ୍ଦମା ସହ କଳା ଆଇନ ୟୁଏପିଏକୁ ପ୍ରତ୍ୟାହାର ପାଇଁ ସେମାନେ ସରକାରଙ୍କୁ ନିବେଦନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଶିଷ୍ଟ ପରିବେଶବିତ୍ ତଥା ଲୋକଶକ୍ତି ଅଭିଯାନର ରାଜ୍ୟ ସଭାପତି ପ୍ରଫୁଲ୍ଲ ସାମନ୍ତରା, ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦ, ଲୋକଶକ୍ତି ଅଭିଯାନର ଲକ୍ଷ୍ମୀପ୍ରିୟା ମହାନ୍ତି ଓ ଲୋହିଆ ଏକାଡେମୀର ସମ୍ପାଦକ ଦେବରାୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ଅନ୍ୟମାନେ।

# ମଳ ନିଷ୍କାସନ ପାଇଁ ୬ ନୂତନ ଗାଡ଼ି ଲୋକାର୍ପିତ

ଭୁବନେଶ୍ୱର, ୨୩।୯(ବନ୍ଦନା ସେଠୀ)

ବିଏମ୍‌ସି ନାଗରିକଙ୍କ ସେପ୍ଟିକ୍ ଟ୍ୟାଙ୍କରୁ ମଳ ନିଷ୍କାସନ କରିବା ପାଇଁ ନିଜସ୍ୱ ଗାଡି ସହ ପଞ୍ଜୀକୃତ ଘରୋଇ ସଂସ୍ଥାଙ୍କୁ ନିୟୋଜିତ କରିଛି। ଏହି ଗାଡିଗୁଡିକ ୨ହଜାର ଲିଟର କିମ୍ବା ତଦୁର୍ଦ୍ଧ୍ୱ ମଳ ପରିବହନ କରିବାର କ୍ଷମତା ରହିଥିବାରୁ ବସ୍ତିଗୁଡିକରେ ଥିବା ସଂକୀର୍ଣ୍ଣରେ ରାସ୍ତାରେ ଯିବା ଆସିବା କରିବା କେତେକାଂଶରେ ସମ୍ଭବ ହେଉ ନ ଥିଲା। ତେଣୁ ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ବସ୍ତି ଏବଂ ସହରର ପୁରୁଣା ଗଳିକନ୍ଦିରେ ସେପ୍ଟିକ ଟ୍ୟାଙ୍କରୁ ମଳ ନିଷ୍କାସନ କରିବା ପାଇଁ ୧ହଜାର ଲିଟର ମଳ ପରିବହନ କରିପାରୁଥିବା ଛୋଟ ଗାଡି ଯୋଗାଇ ଦିଆଯାଇଛି। ବିଏମ୍‌ସି ଅଞ୍ଚଳରେ ମଳ ସୁପରିଚାଳନା ପାଇଁ

## ଟିଜି ସ୍ୱୀକୃତିକୁ ସୁପରିଚାଳନା ଦାୟିତ୍ୱ

ବିଏମ୍‌ସି ଇ-ଟେଣ୍ଡର ଜରିଆରେ ୬ଟି ନୂଆ ଗାଡି କ୍ରୟ କରିବା ସହ ସେଗୁଡିକୁ ଶନିବାର ଲୋକାର୍ପିତ କରାଯାଇଛି। ଅତି ସଂକୀର୍ଣ୍ଣ ରାସ୍ତା ଭିତରେ ଥିବା ଟ୍ୟାଙ୍କରୁ ମଳ ନିଷ୍କାସନ ପାଇଁ ଏଥିରେ ୨ଶହ ଫୁଟରୁ ଅଧିକ ଲମ୍ବର ପାଇପ ମଧ୍ୟ ରହିଛି। କିନ୍ନର ସଙ୍ଗଠନ ଟିଜି ସ୍ୱୀକୃତିକୁ ଏହି ସେସ୍‌ପୁଲ ଗାଡିଗୁଡିକର ପରିଚାଳନା ଭାର ଦିଆଯାଇଛି। ମେୟର ଏବଂ କମିଶନର ପତାକା ଦେଖାଇ ଗାଡ଼ିଗୁଡିକର ଶୁଭାରମ୍ଭ କରିଥିଲେ। ବିଏମ୍‌ସିର ନିର୍ଦ୍ଧାରିତ ଦରରେ ମଳ ନିଷ୍କାସନ କରିବା, ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସହ ଗାଡିଗୁଡିକର ସୁପରିଚାଳନା କରିବା ପାଇଁ ଟିଜି ସ୍ୱୀକୃତିକୁ ପରାମର୍ଶ ଦିଆଯାଇଥିଲା। ସହରବାସୀ ମଳ ନିଷ୍କାସନ ପାଇଁ ୧୪୪୨୦ କିମ୍ବା ୧୯୨୯ ଟୋଲ୍ ଫ୍ରି ନମ୍ବରରେ ଫୋନ୍ କରି ଗାଡି ବୁକ୍ କରିପାରିବେ। ଏହାବ୍ୟତୀତ 'ସଫା ଭୁବନେଶ୍ୱର' ଆପ୍‌ରେ ମଧ୍ୟ ମଳ ନିଷ୍କାସନ ପାଇଁ ବୁକ୍ କରିପାରିବେ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର-୨ ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚିନାରାୟଣ ମହାସୁପକାର, ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟରଙ୍କ ସହ ଟିଜି ସ୍ୱୀକୃତିର ମୁଖ୍ୟ ମେଘନା ସାହୁ ଉପସ୍ଥିତ ଥିଲେ।



ମଳ ପରିଚାଳନା ପାଇଁ ୬ଟି ନୂଆ ଗାଡିକୁ ବିଏମ୍‌ସି ମେୟର, କମିଶନର ଓ ଅନ୍ୟମାନେ ପତାକା ଦେଖାଇ ଲୋକାର୍ପଣ କରୁଛନ୍ତି।

# ୧୧୦୭ ଗୋଷ୍ଠୀଙ୍କୁ ୧୧୯ କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ

- ମୁକ୍ତା, ଜାଗା ମିଶନରେ ବଦଳିବ ସହର ରୂପରେଖ
- ଉନ୍ମୋଚିତ ହେଲା ମୁକ୍ତା ଆପ୍

ଭୁବନେଶ୍ୱର, ୨୩।୯ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶନିବାର ୧୧୯କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏନେଇ ସୋଆ ଅଡିଟୋରିୟମ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୧୦୭ ଗୋଷ୍ଠୀ ମୋଟ ୧୧୩୨ଟି କାର୍ଯ୍ୟାଦେଶ ପାଇଛନ୍ତି। ଏଥିମଧ୍ୟରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ମୋଟ ୭୧ କୋଟି ଟଙ୍କା ବ୍ୟୟରେ ୬୬୯ଟି କାର୍ଯ୍ୟାଦେଶ ଏବଂ ଜାଗା ମିଶନ ଅଧୀନରେ ୪୮ କୋଟି ଟଙ୍କାର ମୋଟ ୪୬୩ଟି କାର୍ଯ୍ୟାଦେଶ ରହିଛି। ଏହି ସମସ୍ତ କାର୍ଯ୍ୟାଦେଶ ୫୭୨ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଓ ୫୩୫ଟି ବସ୍ତି ବାସିନ୍ଦା ସଂଘକୁ ଦିଆଯାଇଛି। ଏକାକାଳୀନ ଏତେ ସଂଖ୍ୟକ କାର୍ଯ୍ୟାଦେଶ ବାଣ୍ଟିବାରେ ବିଏମ୍‌ସି ଦେଶର ପ୍ରଥମ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ମେୟର ସୁଲୋଚନା ଦାସ କହିଲେ, ମୁକ୍ତା ଓ ଜାଗା ମିଶନ୍ ଜରିଆରେ ସହର ରୂପରେଖ ବଦଳିଯିବ। ଭିତ୍ତିଭୂମି ବିକାଶ, ସୌନ୍ଦର୍ଯ୍ୟକରଣ, ପାର୍କର ବିକାଶ, ସ୍ୱତନ୍ତ୍ର ମହିଳା ଭେଣ୍ଡିଂ ଜୋନ୍, ଜଳାଶୟ ନବୀକରଣ, ବର୍ଷା ଜଳ ଅମଳ ପ୍ରକଳ୍ପ, ବିଜୁ ଆଦର୍ଶ କଲୋନୀର ସୌନ୍ଦର୍ଯ୍ୟକରଣ ଇତ୍ୟାଦି ବିକାଶ ମୂଳକ କାର୍ଯ୍ୟ କରାଯିବ। ବିଭିନ୍ନ ୱାର୍ଡର ଆବଶ୍ୟକତା ତଥା କର୍ପୋରେଟରଙ୍କ ଦାବିକୁ ନେଇ ବିଏମ୍‌ସି ଅଞ୍ଚଳରେ ମୋଟ ୨୩ ଶହରୁ ଅଧିକ ପ୍ରସ୍ତାବ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା। ମୁଖ୍ୟମନ୍ତ୍ରୀ ମୁକ୍ତା ୨.୦ରେ ଏହି ସମସ୍ତ ପ୍ରକଳ୍ପକୁ ଅନୁମୋଦନ କରିବା ସହ ମୋଟ ୧୪୫ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏଥିରେ ତୃତୀୟ ଲିଙ୍ଗଙ୍କୁ ମଧ୍ୟ ସାମିଲ କରାଯାଇଥିବା ସେ କହିଛନ୍ତି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଲେ, ଏବେ ମହିଳାମାନେ ଆଗେଇବା ସହ ପୁରୁଷଙ୍କ ସହ ସମକକ୍ଷ ହୋଇପାରିଛନ୍ତି। ଏଥିସହ ମୁକ୍ତା ଅଧୀନରେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ବେଶ୍ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେହିପରି ଆଗାମୀ ଦିନରେ ମହିଳାମାନେ ନିର୍ଦ୍ଧାରିତ ସମୟରେ ଗୁଣାତ୍ମକ ଉନ୍ନୟନମୂଳକ କାମ କରି ଭୁବନେଶ୍ୱରକୁ ସମଗ୍ର ବିଶ୍ୱରେ ଏକ ନମ୍ବର କରି ଗଢିତୋଳିବାକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଆହ୍ୱାନ ଦେଇଛନ୍ତି। ବିଭାଗର ଯୁଗ୍ମ ସଚିବ ଶାରଦା ପଣ୍ଡା କହିଲେ, ରାଜ୍ୟରେ ମୁକ୍ତା ଜରିଆରେ ୫ ବର୍ଷରେ ୫ ହଜାର କୋଟି ଟଙ୍କା ବ୍ୟୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା ୨୨ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ଏବଂ ଖୁବ୍‌ଶୀଘ୍ର ଅବଶିଷ୍ଟ ଅର୍ଥ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ 'ମୁକ୍ତା ଆପ୍'ର ଉନ୍ମୋଚନ କରାଯାଇଥିଲା। ଏହି ଆପ୍ ଜରିଆରେ ହିତାଧିକାରୀମାନେ ସେମାନଙ୍କ କାର୍ଯ୍ୟାଦେଶ, ବ୍ୟୟ ଅଟକଳ ଆଦି ସମସ୍ତ ତଥ୍ୟ ପାଇପାରିବେ। ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର, ରାଉତ, ଡେପୁଟି ମେୟର ମଞ୍ଜୁଲତା କହଁର, ୩ ଅତିରିକ୍ତ କମିଶନର ସମସ୍ତ କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ।




ମେୟର ସୁଲୋଚନା ଦାସ, ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ଉଷା ଦେବୀ ଏକ ଗୋଷ୍ଠୀର ମହିଳା ସଦସ୍ୟାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

**ଶୋଭାଯାତ୍ରା ବେଳେ ଟଳିପଡ଼ିଲେ ଯୁବକ**

ନିମାପଡା,(ଡି.ଏନ.ଏ.): ନିମାପଡା ଥାନା ଅଧୀନ ବିଷ୍ଣୁପୁର ଗ୍ରାମରେ ଶୁକ୍ରବାର ରାତିରେ ଶ୍ରୀଗଣେଶଙ୍କ ଭସାଣି ଶୋଭାଯାତ୍ରା ବେଳେ ଜଣେ ଯୁବକ ହଠାତ୍ ଟଳିପଡ଼ିଥିଲେ। ସେ ହେଲେ ସ୍ଥାନୀୟ ଉପର ଦଳିତ ସାହିର ପ୍ରଦ୍ୟୁମ ଭୋଇ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୩) ରୁଜୁ ହୋଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।



## ସଂକ୍ଷେପରେ

### ଶାନ୍ତିଲତା ବାରିକଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ

ପୁରୀ,୨୩।୯(ଅଜିତ୍ ମହାନ୍ତି)

ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଓଡ଼ିଶାର ଏହି ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଆଶୁ ଆରୋଗ୍ୟ କାମନା କରି ଶାନ୍ତିଲତା ବାରିକଙ୍କ ସମ୍ପର୍କୀୟ, ଶୁଭେଚ୍ଛୁମାନଙ୍କ ପକ୍ଷରୁ ଶନିବାର ସନ୍ଧ୍ୟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇଛି। ମହାପ୍ରଭୁ ଶାନ୍ତିଲତାଙ୍କୁ ଭଲ କରିଦିଅନ୍ତୁ ବୋଲି ତାଙ୍କର ଶୁଭେଚ୍ଛୁ ପ୍ରାର୍ଥନା କରିଥିଲେ। କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି। ତାଙ୍କ ଆଶୁ ଆରୋଗ୍ୟ କାମନା କରି ସମସ୍ତେ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଛନ୍ତି।

### ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ନେଇଗଲେ

ପିପିଲି,୨୩।୯(ଦୁର୍ଗା ମାଧବ ମିଶ୍ର):

ପିପିଲି ବଜାରରେ ଶନିବାର ୨ଜଣ ଯୁବକ ବାଇକ୍ ଡିକି ଭାଙ୍ଗି ୧ଲକ୍ଷ ୫ ହଜାର ଟଙ୍କା, ଆଧାରକାର୍ଡ ଓ ପରିଚୟପତ୍ର ନେଇଯାଇଥିବା ଅଭିଯୋଗ ହୋଇଛି। ପିପିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଦଳଭାଣପୁର ଗ୍ରାମର କୁନି ବାରିକ ଓ ତାଙ୍କ ପୁଅ ବାଇକ( ଓଆର-୧୩ଏଚ୍-୧୭୧୫)ରେ ପିପିଲିରେ ଥିବା ବନ୍ଧନ ବ୍ୟାଙ୍କକୁ ଯାଇଥିଲେ। ଉକ୍ତ ବ୍ୟାଙ୍କରୁ ସେମାନେ ୧ଲକ୍ଷ ୫ହଜାର ଋଣ ଟଙ୍କା ଉଠାଇବା ପରେ ବାଇକରେ ଘର ଅଭିମୁଖେ ବାହାରିଥିଲେ। ତେବେ ପିପିଲିର ପଣ୍ଡା ବଜାରଠାରେ କୁନିଙ୍କ ପୁଅ ବାଇକ୍ ରଖି ସାମଗ୍ରୀ କିଣିବାକୁ ଯାଇଥିଲେ। ଏହି ସମୟରେ ବାଇକରେ ଦୁଇଜଣ ଯୁବକ ସେଠାରେ ପହଞ୍ଚିଥିଲେ। ଯୁବକଦ୍ୱୟ ତୁମ ପୁଅ ପଡ଼ିଗଲା କହିବା ପରେ କୁନି ବାଇକ ନିକଟରୁ ଘୁଞ୍ଚି ଯାଇଥିଲେ। ଏହା ପରେ ଯୁବକଦ୍ୱୟ ବାଇକ୍ ଡିକି ଭାଙ୍ଗି ସେଥିରେ ଥିବା ଟଙ୍କା, ଆଧାରକାର୍ଡ ଓ ପରିଚୟପତ୍ର ନେଇଯାଇଥିଲେ। ଏହା ଦେଖି କୁନି ଚୋର ଚୋର ବୋଲି ଡାକ ପକାଇଥିଲେ ମଧ୍ୟ ଯୁବକଦ୍ୱୟ ଫେରାର ହୋଇଯାଇଥିଲେ।

### ଗୋଷ୍ଠୀ ସହାୟିକାଙ୍କ ୨୬ରୁ ବିଧାନସଭା ଘେରାଉ

ପୁରୀ, ୨୩।୯(ଅଜିତ୍ ମହାନ୍ତି)

ସର୍ବଭାରତୀୟ ଶ୍ରମିକ ସଂଗଠନ ଏଆଇଟିୟୁସି ସହ ଅନୁବନ୍ଧିତ ଓଡିଶା ଗୋଷ୍ଠୀ ସହାୟିକା ସଂଘ ପକ୍ଷରୁ ଆସନ୍ତା ୨୬ ତାରିଖରୁ ବିଧାନ ସଭା ଘେରାଉ ଡାକରା ଦିଆଯାଇଛି। ସଂଘର ବିଭିନ୍ନ ସମସ୍ୟା ଏବଂ ଦାବି ନେଇ ସଂଘ ପକ୍ଷରୁ ବିଧାନସଭା ଘେରାଉ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ସଂଘ ପକ୍ଷରୁ ଶନିବାର ଜିଲା କାର୍ଯ୍ୟାଳୟ ପରିସରରେ ଜିଲା ସଭାପତି ପୂର୍ଣ୍ଣିମା ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ସମସ୍ତ ସହାୟକମାନେ ୨୬ତାରିଖରେ ହେବାକୁ ଥିବା ବିଧାନସଭା ଘେରାଉରେ ସାମିଲ ହେବା ପାଇଁ ନିବେଦନ କରାଯାଇଛି।

# ଯମେଶ୍ୱରଙ୍କଠାରୁ ହିସାବ ବୁଝିଲେ ଶ୍ରୀସୁଦର୍ଶନ

ପୁରୀ,୨୩।୯(ଅଜିତ୍ ମହାନ୍ତି)



ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତଥା ରାଧାଷ୍ଟମୀ ତିଥି ଶନିବାର ଅବସରରେ ଚକ୍ରରାଜ ସୁଦର୍ଶନ ଆଶ୍ରମ ବିଜେ କରିବା ସହ ଯମେଶ୍ୱରଙ୍କ ଠାରୁ ହିସାବ ବୁଝିଛନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ଶ୍ରୀଲୋକନାଥ ହୋଇଥିବାବେଳେ ଶ୍ରୀମନ୍ଦିରର ବର୍ଷକ ଯାକର ହିସାବ ବୁଝାଶୁଝା କରନ୍ତି ପ୍ରଭୁ ଯମେଶ୍ୱର। ତେଣୁ ଯମେଶ୍ୱରଙ୍କୁ ଶ୍ରୀମନ୍ଦିରର ହିସାବ ରକ୍ଷକ ବୋଲି କୁହାଯାଏ। ପବିତ୍ର ରାଧାଷ୍ଟମୀରେ ମହାପ୍ରଭୁଙ୍କ ପ୍ରତିନିଧି ଚକ୍ରରାଜ ଶ୍ରୀସୁଦର୍ଶନ ଯମେଶ୍ୱରଙ୍କ ନିକଟକୁ ଯାଇ ଶ୍ରୀମନ୍ଦିରର ବର୍ଷକ ଯାକର ଆୟ ବ୍ୟୟ ହିସାବ ବୁଝି ବଡ଼ଦେଉଳକୁ ବାହୁଡ଼ା ବିଜେ କରିଥାନ୍ତି। ଶନିବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ସେଠାରୁ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ସାତପାହାଚ ତଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ପରେ ଘଣ୍ଟ ଛତା, କାହାଳୀ ସହ ଶ୍ରୀଦେବୀ ମହାଲକ୍ଷ୍ମୀ ମନ୍ଦିରକୁ ବିଜେ କରିଥିଲେ। ମହାଲକ୍ଷ୍ମୀଙ୍କ ଜଗମୋହନରେ ପଡ଼ିଥିବା ଖଟଶେଯରେ ଶ୍ରୀ ଦେବୀଙ୍କୁ ସେବକମାନେ ବିଜେ କରାଇଥିଲେ। ପରେ ଠାକୁରାଣୀଙ୍କ ମାଜଣା କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁରାଣୀଙ୍କ ନିକଟରେ ଶୀତଳ ଭୋଗ ଓ ବନ୍ଦାପନା ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ଶ୍ରୀଦେବୀ, ଭୂଦେବୀଙ୍କୁ ପୁଷ୍ପାଳକ ସେବକମାନେ ଖଟଶେଯ ଘରେ ବିଜେ କରାଇଥିଲେ। ସେହିପରି ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଶ୍ରୀ ସୁଦର୍ଶନ ଦଇତା ପତି ସେବକଙ୍କ ଦ୍ୱାରା ଜଗମୋହନରେ ଥିବା ଚଉଦୋଳିରେ ବିଜେ ହୋଇଥିଲେ। ରୁଦ୍ଧା ସରି ପାଟ ପତନି ଲାଗି ପରେ ବିମାନବଡୁ ସେବକମାନେ ଚଉଦୋଳକୁ ଝୁଲଣ ମଣ୍ଡପ ତଳକୁ ନେଇଥିଲେ। ସେଠାରେ ସୁଦର୍ଶନଙ୍କୁ ସୁନା ଅଳଙ୍କାର ସହ ମାଳ ଚୂଳ ଲାଗି କରାଯାଇଥିଲା। ପରେ ଶ୍ରୀମନ୍ଦିର ପରିସରରେ ଚଉଦୋଳକୁ ଗୋଟିଏ ବେଢ଼ା ପରିକ୍ରମା କରାଯିବା ପରେ ବିମାନବଡୁ ସେବକମାନେ ଚକ୍ରରାଜ ସୁଦର୍ଶନଙ୍କୁ ଯମେଶ୍ୱରଙ୍କ ମନ୍ଦିରରେ ବିଜେ କରାଇଥିଲେ। ଠାକୁରଙ୍କୁ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା କରାଯାଇଥିଲା। ନୀତି ପରେ ଯମେଶ୍ୱରଙ୍କ ପୂଜାପଣ୍ଡା ଶ୍ରୀ ସୁଦର୍ଶନଙ୍କ ସମ୍ମୁଖରେ ବର୍ଷକ ଯାକର ଆୟବ୍ୟୟର ହିସାବ ଦେଇଥିଲେ। ପରେ ଶ୍ରୀ ସୁଦର୍ଶନ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ହୋଇ ଶ୍ରୀମନ୍ଦିର ସିଂହାସନକୁ ବାହୁଡା ବିଜେ କରିଥିଲେ। ବାହୁଡ଼ା ବିଜେ ପରେ ରୁଦ୍ଧା କାର୍ଯ୍ୟ ସମ୍ପନ୍ନ ହେବା ପରେ ସିଂହାସନ ପୋଛା ଓ ଚାରିବାଡ଼ରେ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରୁ ସିଂହାସନକୁ ବିଜେ କରିଥିଲେ। ପରେ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତି ବେଶ ବଢ଼ି ଆଳତି ହୋଇଥିଲା। ସନ୍ଧ୍ୟା ଧୂପ ଅନୁଷ୍ଠିତ ହୋଇଥିଲା। ଏହାପରେ ସୁଦର୍ଶନଙ୍କ ବାଡ଼ରେ ପ୍ରସାଦ ଲାଗି କରାଯାଇ ଭୋଗ ପରେ ବନ୍ଦାପନା ସମ୍ପନ୍ନ ହୋଇଥିଲା। ବନ୍ଦାପନା ନୀତିସମ୍ପନ୍ନ ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।



ଅତିବଡୀ ଜଗନ୍ନାଥ ଦାସ ଜୟନ୍ତୀ ଅବସରରେ ସାତଲହଡି ମଠ ପକ୍ଷରୁ ସମୁଦ୍ର ଆଳତି କରାଯାଉଛି।

### ହତ୍ୟା ମାମଲା ରୁଜୁ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

ଗୋପ,୨୩।୯(ଭାରତୀ ଭୂଷଣ ଉପାଧ୍ୟାୟ):

**ଗବଶିଙ୍ଗା ଗ୍ରାମର ତପନ ମଲ୍ଲିକ ମୃତ୍ୟୁ ଘଟଣା**

ଗୋପ ଥାନା ଅନ୍ତର୍ଗତ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତ ଅଧୀନ ଗବଶିଙ୍ଗା ଗ୍ରାମର ତପନ ମଲ୍ଲିକଙ୍କୁ ବିଷଦେଇ ମାରିଦିଆଯାଇଛି ବୋଲି ଗତ ୧୨ ତାରିଖରେ ସ୍ତ୍ରୀ ଲିଜା ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ ପରେ ପୋଲିସ ଏକ ହତ୍ୟା ମାମଲା(ନଂ. ୩୮୪/୨୩)ରୁଜୁ କରିଛି। ଏଥିସହ ଶନିବାର ସାଇଣ୍ଟିଫିକ୍ ଟିମ୍ ଗବଶିଙ୍ଗା ଗ୍ରାମରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ୨୦୧୬ ମସିହାରେ ତପନଙ୍କ ସହିତ ବଳଙ୍ଗା ଥାନା ଅଞ୍ଚଳର ଲିଜାଙ୍କ ବିବାହ ହୋଇଥିଲା। ବିବାହର କିଛିଦିନ ପରେ ଯୌତୁକକୁ ନେଇ ଉଭୟଙ୍କ ମଧ୍ୟରେ ପାରିବାରିକ ହୋଇଥିଲା। ୨୦୧୭ ମସିହାରେ ଲିଜା ଯୌତୁକ ନିର୍ଯାତନା ଅଭିଯୋଗ ଆଣିବା ପରେ ଥାନାରେ ଏକ ମାମଲା (ନଂ.୫୯/୧୭) ରୁଜୁ ହୋଇଥିଲା। ଏହି ଘଟଣା ପରେ ଲିଜା ବାପଘରେ ରହି ଆସୁଛନ୍ତି। କୌଣସି କାରଣକୁ ନେଇ ଗତ ୧୦ ତାରିଖରେ ତପନ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିବା ପରେ ପରିବାରଲୋକେ ପ୍ରଥମେ ଗୋପ ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତପନଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଶାଶୁଘର ଲୋକେ ବିଷ ଦେଇ ତପନଙ୍କୁ ମାରିଦେଇଛନ୍ତି ବୋଲି ଗତ ୧୨ତାରିଖରେ ଲିଜା ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କୁ ମଧ୍ୟ ଶାଶୁଘର ଲୋକ ମାରିଦେବେ ବୋଲି ଧମକ ଦେଇଛନ୍ତି ବୋଲିସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ଶୀତଳଭଣ୍ଡାରରେ ଗଚ୍ଛିତ ଆଳୁ ଗଜା, ଚିନ୍ତାରେ ଚାଷୀ

ପିପିଲି,୨୩।୯(ଦୁର୍ଗାମାଧବ ମିଶ୍ର):

ପିପିଲି ଅଞ୍ଚଳରେ ସରକାରୀ ଶୀତଳଭଣ୍ଡାର ନ ଥିବାରୁ ଚାଷୀମାନେ ପୁରୀ ସଦର ଆଳପୁରରେ ଥିବା ଏକ ଘରୋଇ ଶୀତଳଭଣ୍ଡାରରେ ଆଳୁ ରଖିଥିଲେ। ହେଲେ ବସ୍ତାରେ ଥିବା ଆଳୁ ଗଜା ହୋଇଯାଇଛି, ଯାହାକି ଖାଇବା ଉପଯୋଗୀ ନୁହେଁ। ଏନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଅନ୍ୟପକ୍ଷରେ ଶୀତଳଭଣ୍ଡାର ପକ୍ଷରୁ କୁହାଯାଇଛି ଯେ, ଏହି ଶୀତଳଭଣ୍ଡାରରେ ୨୭ ହଜାର ବସ୍ତା ଆଳୁ ରହିପାରିବ। ଚାଷୀମାନେ ୧୨ ଶହ ବସ୍ତା ଆଳୁ ରଖିଛନ୍ତି। ପ୍ରତି ମାସରେ ତାଙ୍କର ବିଦ୍ୟୁତ୍ ବିଲ୍ ଦେୟ ହେଉଛି ୪୫ରୁ ୪୭ ହଜାର ଟଙ୍କା। ଘରୋଇ ଶୀତଳଭଣ୍ଡାର ହୋଇଥିବାରୁ ସରକାର କୌଣସି ଆର୍ଥିକ ସହାୟତା ଦେଉନାହାନ୍ତି। ତେଣୁ ଶୀତଳଭଣ୍ଡାର ଚଳାଇବା କଷ୍ଟକର ହୋଇପଡୁଛି। ପିପିଲିର ଦକ୍ଷିଣସାହି ଗ୍ରାମର ୧୦ଜଣ ଚାଷୀ କିଭଳି କ୍ଷତିପୂରଣ ପାଇବେ ସେନେଇ ଚିନ୍ତାରେ ଅଛନ୍ତି। ସେହିପରି ସତ୍ୟବାଦୀ ବ୍ଲକର ଖଡ଼ିକୁଦା, ନୂଆସାହି, ବଳରାମପୁର, ଭୁତୁପଦା, ପିଡ଼ସାହି, ବାଗଲପୁର ଏବଂ ନିମାପଡ଼ା ବ୍ଲକର ଉଚ୍ଛୁପୁର ନୂଆସାହି, ନରୁଡ଼ା, ପାର୍ବତୀପୁର ଆଦି ଅଞ୍ଚଳର ଚାଷୀ ଅଞ୍ଚଳରେ ଶୀତଳଭଣ୍ଡାର ନ ଥିବାରୁ ସେମାନେ ମଧ୍ୟ ଆଳପୁରରେ ରଖିଥିବା ଆଳୁର ସମାନ ଅବସ୍ଥା। ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ଆଳୁ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

### ପୂର୍ବଶତ୍ରୁତାରୁ ମରଣାନ୍ତକ ଆକ୍ରମଣ, ୨ଗୁରୁତର

ଡେଲାଙ୍ଗ,୨୩।୯(ରଶ୍ମିରଞ୍ଜନ ପ୍ରଧାନ)

ପୂର୍ବଶତ୍ରୁତାକୁ କେନ୍ଦ୍ରକରି କଲ୍ୟାଣପୁର ଗ୍ରାମର ଦୁଇଜଣ ଯୁବକ ବାଇକ୍ ଚେନରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଚାନ୍ଦପଡ଼ା ଗ୍ରାମର ସତ୍ୟରଞ୍ଜନ ବେହେରା ଓ ତାଙ୍କ ବନ୍ଧୁ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ମୁତାବକ, ଅପରାହ୍ନରେ କଲ୍ୟାଣପୁର କଲେଜ ନିକଟ ଛୋଟି ଠାକୁରାଣୀଙ୍କ ପୀଠରେ ସତ୍ୟରଞ୍ଜନ ଓ ତାଙ୍କ ବନ୍ଧୁ ବସି କଥା ହେଉଥିଲେ। ଏହିସମୟରେ କଲ୍ୟାଣପୁର ଗ୍ରାମର ଦୁଇଜଣ ଯୁବକ ସେଠାରେ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିବା ସହ ଚେନ୍‌ରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଆହତ ଅବସ୍ଥାରେ ସତ୍ୟରଞ୍ଜନ ଓ ତାଙ୍କ ବନ୍ଧୁଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ନୃତ୍ୟ ମହୋତ୍ସବ ଅପ୍‌ସରା ୨୦୨୩

ପୁରୀ ୨୩।୯(ଅଜିତ୍ ମହାନ୍ତି)

କଲ୍‌ଚରାଲ ଡେଭଲପ୍‌ମେଣ୍ଟ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ତିନି ଦିନିଆ ନୃତ୍ୟ ମହୋତ୍ସବ ଅପ୍‌ସରା ୨୦୨୩ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ , ଓଡିଶା ମୋ ପରିବାର ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆ ଏବଂ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ସେମାନଙ୍କ ଅଭିଭାଷଣରେ ଓଡ଼ିଶା ଏବଂ ଓଡିଶା ବାହାରୁ ଯୋଗଦେଇଥିବା କଳାକାରମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଉପେନ୍ଦ୍ର ଶର୍ମା କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ରାମକୃଷ୍ଣ ମହାପାତ୍ର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂଗୀତ ସାଧକ ଶିବ ମହାନ୍ତି, ଯାତ୍ରା ଖଳନାୟକ ସୁଦର୍ଶନ ଜେନା, ଯାତ୍ରା ନାୟିକା ବେବିନା ଜେନା, ସିନେ ଧାରାବାହିକ କଳାକାର ସିନା ମହାନ୍ତି, ବର୍ଷୀୟାନ କଳାକାର ରାଜେନ୍ଦ୍ର ପତିଙ୍କୁ କଳା ମଉଡ଼ମଣି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ନାଟ୍ୟକାର ମନୋଜ ପଣ୍ଡା ଓ ସଦସ୍ୟା ସବିତା ହରିଚନ୍ଦନ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ମହୋତ୍ସବରେ ଓଡ଼ିଶା ସମେତ ଆସାମ, ପଶ୍ଚିମବଙ୍ଗ, ବାଙ୍କୁଡ଼ା, ଗୁଆହାଟୀ ଆଦିର ନୃତ୍ୟଶିଳ୍ପୀ ମାନେ ଯୋଗଦେଇ ନିଜ ପ୍ରତିଭାର ପରିଚୟ ଦେଇଥିଲେ।

## ରତ୍ନଭଣ୍ଡାର ଖୋଲିବା ନେଇ ବିଧାନସଭାରେ ଦାବି ଉପସ୍ଥାପନ କରିବେ ବିଧାୟକ

ପୁରୀ, ୨୩।୯(ଅଜିତ୍ ମହାନ୍ତି)

ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ଅନେକ ଦିନ ହେବ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଉଛି। ଏପରି କି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଦାବି କରି ଶ୍ରୀଜଗନ୍ନାଥ ସେନା ତରଫରୁ ଆସନ୍ତା ୪ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦିଆଯାଇଥିବା ଶାନ୍ତିପୂର୍ଣ୍ଣ ଓଡ଼ିଶା ବନ୍ଦ ଡାକରାକୁ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ସମର୍ଥନ କରିଛନ୍ତି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ସେ ଦାବି କରି ଆସୁଛନ୍ତି ମାତ୍ର ପ୍ରଶାସନ କାମ ଆଳ ଦେଖାଇ ଭକ୍ତମାନଙ୍କ ପାଇଁ ଦ୍ୱାର ଖୋଲାଯାଉ ନ ଥିବା ଷଡ଼ଙ୍ଗୀ କହିଛନ୍ତି। ସୂଚନାଯୋଗ୍ୟ ଦୀର୍ଘ ୩୮ ବର୍ଷ ହେବ ରତ୍ନଭଣ୍ଡାର ଖୋଲାଯାଇ ନ ଥିବା ବେଳେ ଏହାର ଜରୁରୀ ମରାମତି ଆବଶ୍ୟକ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ବିଭିନ୍ନ ଆଳ ଦେଖାଇ ଶ୍ରୀମନ୍ଦିର ପ୍ରଶାସନ ରତ୍ନଭଣ୍ଡାର ଖୋଲୁ ନ ଥିବା ବେଳେ ଆସନ୍ତା ୨୦୨୪ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ମରାମତି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା, ଯାହାକୁ ଜଗନ୍ନାଥ ସେନା ଘୋର ବିରୋଧ କରିବା ସହ ଯଥାଶୀଘ୍ର ରତ୍ନଭଣ୍ଡାର ଖୋଲିବାକୁ ବାରମ୍ବାର ଆନ୍ଦୋଳନ କରିଛି। ଏବେ ବିଧାନସଭାର ମୌସୁମୀ ଅଧିବେଶନ ଚାଲିଥିବାବେଳେ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗକୁ ବିଧାନସଭାରେ ଉଠାଇବେ ବୋଲି ବିଧାୟକ ଷଡ଼ଙ୍ଗୀ ସୂଚନା ଦେଇ କହିଛନ୍ତି।

### ବ୍ୟବସାୟୀଙ୍କ ଥଇଥାନ ଜମିରେ କାର୍ଯ୍ୟ ବନ୍ଦକଲା କରମଙ୍ଗା ଇଡିସି

କୋଣାର୍କ,୨୩।୯(ଜ୍ୟୋତିରାଜ ମହାନ୍ତି):

ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ନିମନ୍ତେ ସ୍ଥାନାନ୍ତର ହେବାକୁ ଥିବା ବ୍ୟବସାୟୀଙ୍କ ନିମନ୍ତେ ଚିହ୍ନଟ ଜମିକୁ ନେଇ ବିବାଦ ଦେଖାଦେଇଛି। ଦୀର୍ଘ ୩୦ବର୍ଷ ଧରି ଉକ୍ତ ଜମିରେ ଥିବା ଗଛଗୁଡ଼ିକୁ ବନବିଭାଗ ଦ୍ୱାରା ନିଯୁକ୍ତ ରମଙ୍ଗା-ଶ୍ରୀକଣ୍ଠପୁର ଇଡିସି ଦ୍ୱାରା ସୁରକ୍ଷା ଦିଆଯାଉଥିଲା। ତେବେ ଉକ୍ତ ଜମିରେ ୨୪ଜଣ ସ୍ଥାୟୀ ବ୍ୟବସାୟଙ୍କ ସମେତ କେତେକ ଅସ୍ଥାୟୀ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନ ମାଧ୍ୟମରେ ଥଇଥାନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବନ ବିଭାଗର ବିନା ଅନୁମତି ଓ କରମଙ୍ଗା ଇଡିସି ସହିତ ପ୍ରଶାସନ ଆଲୋଚନା ନ କରାଯାଇ ନିଯୁକ୍ତ ଠିକାଦାରଙ୍କ ଦ୍ୱାରା ବାଲି ପୋତା କାର୍ଯ୍ୟ ଜାରିରହିଛି। ତେବେ ଠିକାଦାର ଉକ୍ତ ଜମିରୁ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଝାଉଁ ଗଛ ମେସିନ ଦ୍ୱାରା ଓପାଡି ବାଲି ପକାଇ ସମତୁଲ କରିଦେଇଥିବା ଗ୍ରାମ୍ୟ ସୁରକ୍ଷା କମିଟି ପକ୍ଷରୁ ବନବିଭାଗ ନିକଟରେ ଅଭିଯୋଗ ହୋଇଛି। ଏନେଇ ଶୁକ୍ରବାର ରାତିରେ କରମଙ୍ଗା-ଶ୍ରୀକଣ୍ଠପୁର ଇଡିସର ବୋର୍ଡ ବୈଠକ ଡକାଯାଇ ଆଲୋଚନା ପରେ ନିଷ୍ପତ୍ତି ଅନୁଯାୟୀ ଶନିବାର କରମଙ୍ଗା-ଶ୍ରୀକଣ୍ଠପୁର ଇଡିସିର କର୍ମକର୍ତ୍ତା ଉକ୍ତ ଜମିରେ ପହଞ୍ଚି କାର୍ଯ୍ୟକୁ ବନ୍ଦ କରିଥିଲେ। ସ୍ଥାନୀୟ ବନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବିନା ଅନୁମତିରେ ଝାଉଁ ଗଛ କାଟିବାକୁ ନେଇ ତାଗିଦ କରିଥିଲେ।

## ନୀଳକଣ୍ଠେଶ୍ୱର ଅଟୋଚାଳକ ସଂଘର ବାର୍ଷିକ ଉତ୍ସବ

ପୁରୀ,୨୩।୯(ଅଜିତ୍ ମହାନ୍ତି)

ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଅଟୋଚାଳକ ସଂଘର ସାଧାରଣ ସଭା ଓ ବାର୍ଷିକ ଉତ୍ସବ ପୁରୀ ରେଲୱେ ଷ୍ଟେଶନଠାରେ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ଆଡଭୋକେଟ୍ ଶ୍ରୀକାନ୍ତ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆଇଟିୟୁର ସମ୍ପାଦକ ତଥା ଅଲ୍ ଓଡ଼ିଶା ମୋଟର କର୍ମଚାରୀ ଫେଡରେଶନ୍‌ର ସାଧାରଣ ସମ୍ପାଦକ ଉଲ୍ଲାସ ସ୍ୱାଇଁ, କୃଷକ ନେତା ଭୀମସେନ୍ ସ୍ୱାଇଁ, ସମାଜସେବୀ ପବିତ୍ର କୁମାର ଦଳାଇ, ଶ୍ରମିକ ନେତା ଜଗନ୍ନାଥ ଦେଓ, ଟୁନା ନାୟକ, ଷ୍ଟାଲିନ୍ ପାଇକରାୟ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନେ ଅଟୋ ଡ୍ରାଇଭରମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଡ୍ରାଇଭରମାନଙ୍କ ସୁରକ୍ଷା ସାମାଜିକ ସୁରକ୍ଷା ଦାବିରେ ଆସନ୍ତା ୬ ତାରିଖରେ ରାଜ୍ୟପାଳ ଭବନ ଘେରାଉ କରି ଦାବିପତ୍ର ପ୍ରଦାନ କରାଯିବ ବୋଲି ରାଜ୍ୟ ସଂପାଦକ ଉଲାସ ସ୍ୱାଇଁ ସୂଚନା ଦେଇଥିଲେ। ସଭାକାର୍ଯ୍ୟ ପରେ ପରେ ଲୁବୁନ୍ ଟୁବୁନ୍ ଡ୍ୟାନ୍ସ ଗ୍ରୁପ୍ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଅଟୋଚାଳକ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଗୁପ୍ତ ବୃନ୍ଦାବନରେ ସଜେଇ ହେବ ବକୁଳବନ

ସାକ୍ଷୀଗୋପାଳ,୨୩।୯
(କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ):




ମଞ୍ଚାସୀନ ଅତିଥିବୃନ୍ଦ।

**ସାକ୍ଷୀଗୋପାଳକୁ ଗଡ଼ିବ ୪ ମୋ ବସ୍**

ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରରେ ଶନିବାର ଶ୍ରୀରାଧା ଜନ୍ମୋତ୍ସବ ପାଇଁ ଚଳଚଞ୍ଚଳ ହୋଇଥଲା। ସିଂହଦ୍ୱାର ଭଜନ କମିଟି ପକ୍ଷରୁ ଶ୍ରୀରାଧା ଜନ୍ମ ମହୋତ୍ସବ ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ଐତିହାସିକ ବକୁଳବନକୁ ବିକାଶ ସହିତ, ଶ୍ରୀରାଧାଜନ୍ମ ମହୋତ୍ସବ, ଶ୍ରୀକୃଷ୍ଣ ଜନ୍ମୋତ୍ସବ ସହିତ ଅଁଳାନବମୀ ଅବସରରେ ଶ୍ରୀରାଧା ଉତ୍ସବ ଆୟୋଜନ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ଅନୁଦାନ ମଞ୍ଜୁର କରାଯିବ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ସାକ୍ଷୀଗୋପାଳର ଅଳଗୁମ, ଦାଣ୍ଡବିଦ୍ୟାଧରପୁର, କେତକୀପାଟଣା, ବଳରାମପୁରଗଡକୁ ମୋ ବସ୍ ସେବା ଚଳିବା ପାଇଁ ସ୍ଥିର ହୋଇଛି। ସମ୍ମାନିତ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ କହିଥିଲେ, ସାକ୍ଷୀଗୋପାଳ ମନ୍ଦିର ଓ ବକୁଳବନ ଉନ୍ନୟନ ଯୋଜନା ମଧ୍ୟରେ ଗୁପ୍ତ ବୃନ୍ଦାବନ, ଗୁରୁକୁଳ ଡାଞ୍ଚା, ଶିଶୁଉଦ୍ୟାନ, କଟେଜ ଆଦି କାମ ଖୁବଶୀଘ୍ର ଆରମ୍ଭ କରାଯିବ। ଗୁପ୍ତ ବୃନ୍ଦାବନରେ ବକୁଳବନ ସଜେଇ ହେବ ବୋଲି ବିଧାୟକ ସାମନ୍ତରାୟ କହିଛନ୍ତି। ଡା.ଅଶୋକ ମହାପାତ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, ରାଧାକୃଷ୍ଣ ପରସ୍ପର ଅଭିନ୍ନ। ଏଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଜରିଆରେ ଭଗବାନଙ୍କ ସତା ଅନୁଭବ ହୋଇଥାଏ। ସେହିପରି ଡା. ପ୍ରତିମା ଦେବୀ ଶ୍ରୀରାଧା କୃଷ୍ଣଙ୍କ ଦିବ୍ୟଲୀଳା ସମ୍ପର୍କରେ ଆଲୋଚନା କରିବା ସହ ସୁସ୍ଥ ଜୀବନ ଧାରଣ ପାଇଁ ଯୋଗଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀରାଧା ଜନ୍ମୋତ୍ସବ କମିଟି ସଭାପତି ନାରାୟଣ ପାତ୍ର ଉତ୍ସବରେ ସଭାପତିତ୍ୱ କରି ସାକ୍ଷୀଗୋପାଳଙ୍କ କ୍ଷେତ୍ରରେ ଗୋଶାଳା ପାଇଁ ଜମି ଯୋଗାଇଦେବାକୁ ଅତିଥିଙ୍କୁ ଅନୁରୋଧ କରିଥିଲେ। ସମ୍ପାଦକ ଦିବାକର ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କମିଟିର ମୁଖ୍ୟ ପରାମର୍ଶଦାତା ସୁକାନ୍ତ କିଶୋର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ ସନ୍ଧ୍ୟା ପ୍ରାରମ୍ଭରେ ସୃଷ୍ଟି ଡ୍ୟାନ୍ସ ଏକାଡେମୀର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଦେବସ୍ମିତା ହୋତା ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଜୟ ମହାପାତ୍ର, ଜିତେନ ମହାପାତ୍ର, ଅଦାଲତ ଖୁଣ୍ଟିଆ, ପ୍ରଫୁଲ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆଲୋକ ଖୁଣ୍ଟିଆ ସଂଯୋଜନା କରିଥିଲେ। ଫୁଲମାଳ, ରଙ୍ଗୀନ ଆଲୋକମାଳାରେ ମନ୍ଦିରକୁ ସଜ୍ଜିତ କରାଯାଇଥିଲା। ବିଭିନ୍ନ ପ୍ରତିଭାଧାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

### ଶ୍ରୀରାଧାଙ୍କ ଜନ୍ମବିଧି ପାଳିତ

ଶ୍ରୀରାଧାଙ୍କ ଜନ୍ମବିଧି ଦେବନୀତି ସମ୍ପାଦନ ନିମନ୍ତେ ମନ୍ଦିର ପ୍ରଶାସନ ସହ ସେବାୟତଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା। ଏହି ଅବସରରେ ଶ୍ରୀରାଧାଙ୍କ ପୂର୍ଣ୍ଣ ସ୍ନାନ, ନୂତନ ବସ୍ତ୍ର, ସ୍ୱର୍ଣ୍ଣ ଅଳଙ୍କାର ସହିତ ଫୁଲମାଳ ଲାଗି କରାଯାଇଥିଲା। ବୀରକେଶରୀ ବଲ୍ଲଭ ଭୋଗ ପରେ ମନ୍ଦିର ଗର୍ଭଗୃହରେ ଶ୍ରୀରାଧାଙ୍କ ଜନ୍ମବିଧି ପାଳନ କରାଯାଇଥିଲା। ମନ୍ଦିର ପରୋହିତ, ପୂଜାପଣ୍ଡା, ସିଂହାରୀ, ପାଳିଆ ପତ୍ରୀ, ଆପଟ ଓ ଭଣ୍ଡାର ମେକାପ ଏଥିରେ ସାମିଲ ହୋଇ ଦେବନୀତି ସମ୍ପାଦନ କରିଥିଲେ। ଶିଶୁ ରାଧିକାଙ୍କ ଜନ୍ମ, କୁଆଁ କୁଆଁ ଡାକ, ନାଭିଛେଦନ, ସ୍ନାନ, ଖିରପାନ, ନୂତନ ବସ୍ତ୍ର, ଅଳଙ୍କାର, ଫୁଲହାର ଲାଗି କରାଯାଇଥିଲା। ନାମ କରଣ, ଜନ୍ମକୋରା ଭୋଗ ପରେ ରତ୍ନ ସିଂହାସନ ଉପରେ ବିରାଜିତ ଶ୍ରୀରାଧାଙ୍କ ସୁନାବେଶ ଆଳତି, ଉପଚାର, ଜାତଭୋଗ ପରେ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ଅସରରେ ସିଂହଦ୍ୱାର ଭଜନ କମିଟି ପକ୍ଷରୁ ୩ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସନ୍ଧ୍ୟାରେ କଳାକାରମାନେ ଭଜନ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଚାନ୍ଦିନୀଚୌକ ଭାରତମାତା କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା

କଟକ,୨୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ପବିତ୍ର ଗଣେଶ ପୂଜା ଅବସରରେ ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥିତ ଭାରତମାତା କ୍ଲବ ପକ୍ଷରୁ ଶନିବାର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ଲବର ବରିଷ୍ଠ ସଦସ୍ୟ ଗୋପାଳଚନ୍ଦ୍ର ମହାରଣା ପରିଚାଳନା କରିଥିଲେ। ଏଥିରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ ଓ ଓଡ଼ିଶା ଶିଳ୍ପୀ ସଂଘ ସଭାପତି କେଦାର ବେହେରାଙ୍କୁ ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର କର୍ମକର୍ତ୍ତା ତଥା ସ୍ଥାନୀୟ ମୁରବୀ ଅସିତ ମହାନ୍ତି, ସଂଗ୍ରାମ ସିଂହ, ସୂର୍ଯ୍ୟନାରାୟଣ ମିଶ୍ର, ଜ୍ୟୋତିପ୍ରକାଶ ଦାସ ଓ ସୋମ ମହାରଣାଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

### ଅଭିରାମ ରାଉତଙ୍କ ପରଲୋକ

କଟକ,୨୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ସ୍ଥାନୀୟ ଚାଉଳିଆଗଞ୍ଜ ଅଞ୍ଚଳର ପୂର୍ବତନ ଦୂରସଞ୍ଚାର ବିଭାଗର ପର୍ଯ୍ୟବେକ୍ଷକ (ଟେଲିଫୋନ ଭବନ) ଅଭିରାମ ରାଉତ (୮୫)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଏସ୍‌ସିବି ମେଡିକାଲରେ କିଛିଦିନ ଧରି ଚିକିତ୍ସିତ ହେଉଥିଲେ। ଆଠଗଡ଼ ରାସରସିକପୁର ଜନ୍ମସ୍ଥାନକୁ ତାଙ୍କ ମରଶରୀରକୁ ଅନ୍ତିମ ଦର୍ଶନ ପାଇଁ ନିଆଯାଇଥିଲା। ଚାଉଳିଆଗଞ୍ଜ ସାହି ମୁରବୀ ସହ ରାସରସିକପୁର ଅଞ୍ଚଳର ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଆଧ୍ୟାତ୍ମିକ ପ୍ରେମୀ ବ୍ୟକ୍ତି ରୂପେ ପରିଚିତ ଥିଲେ। ତାଙ୍କର ମରଶରୀର ନିକଟରେ ସ୍ତ୍ରୀ ଅମୂଲ୍ୟମଣି ରାଉତ, ସାନପୁଅ ସରୋଜ ରାଉତ, ବଡ଼ଜ୍ୱାଇଁ ନିଧିରାମ ବେହେରା, କନ୍ୟା ମମତା ବେହେରା, ସବିତା ରାଉତରାୟ, ନାତି ଉମିତଭାନୁ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରମିକ ନେତା ଉତ୍କଳଭୂଷଣ ରାଉତରାୟ, ବନ୍ଦିତା ପ୍ରଧାନ, କ୍ୟାପ୍‌ଟେନ୍ ଶରତ ଚନ୍ଦ୍ର ଦେବତା ପ୍ରମୁଖ ବହୁ ଆତ୍ମୀୟ ସ୍ୱଜନ ପହଞ୍ଚି ସ୍ୱର୍ଗତ ରାଉତଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

### ତୈଳିକ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି

କଟକ,୨୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଜାତିପ୍ରେମୀ ରାମଚନ୍ଦ୍ର ସାହୁଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ଉତ୍ତମ ଚରଣ ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ସରୋଜ କୁମାର ସାହୁ ସ୍ୱର୍ଗତ ସାହୁଙ୍କ ଶୋକପ୍ରସ୍ତାବ ଆଗତ କରିଥିଲେ। ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଉପସଭାପତି ଅଭିମନ୍ୟୁ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ସାହୁ, ମହିଳା ସଙ୍ଗଠନ ସମ୍ପାଦିକା ବିଦ୍ୟୁଲତା ସାହୁ, ଯୁବ ସଙ୍ଗଠନ ସଭାପତି ସନ୍ତୋଷ ସାହୁ, ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

### ସାର୍ବୋଲ ଭାଗବତ ଗୋସ୍ୱାମୀ ପୂଜା କମିଟିର ବୈଠକ

କଟକ,୨୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ସାର୍ବୋଲ ଭାଗବତ ଗୋସ୍ୱାମୀ ପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସଭାପତି ପ୍ରବୋଧ କୁମାର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ପ୍ରମୋଦ କୁମାର ଦାସ ଚଳିତବର୍ଷ ମହାଦେବଙ୍କ ପୂଜା ଓ ଭସାଣି ଉତ୍ସବ ସଂକ୍ରାନ୍ତରେ ବିବରଣୀ ଉପସ୍ଥାପନ କରିଥିଲେ। ଅକ୍ଟୋବର ୨୧ ମହାସପ୍ତମୀ ତିଥିରେ ପୂଜା ଆରମ୍ଭ ହୋଇ ୨୪ତାରିଖ ଦଶମୀ ତିଥିରେ ପୀଠରେ ବିସର୍ଜନ କରାଯିବ। ୨୫ ତାରିଖ ଏକାଦଶୀ ତିଥିରେ ପ୍ରଥମ ଥର ନିମନ୍ତେ ଭସାଣି ଯାତ୍ରାରେ ଯୋଗଦେବା ପରିପ୍ରେକ୍ଷୀରେ ସକାଳ ୮ଟାରୁ ନିରାଡ଼ମ୍ବର ଶୋଭାଯାତ୍ରାରେ ବାହାରି ସନ୍ଧ୍ୟାସୁଦ୍ଧା ଦେବୀଗଡ଼ାରେ ବିସର୍ଜନ କରାଯିବ ବୋଲି ପ୍ରସ୍ତାବ ଆଗତ କରାଯାଇ ଗୃହୀତ କରାଯାଇଥିଲା। ଗ୍ରାମ ଅଧିକାରୀ ରବୀନ୍ଦ୍ର କୁମାର ମଲ୍ଲିକ ଏବଂ କୈଳାସ ଚନ୍ଦ୍ର ବସ୍ତିଆ, ପ୍ରକାଶ ସ୍ୱାଇଁ, ନବଘନ ଦାସ, ପ୍ରଦୀପ୍ତ ମଙ୍ଗଳ, ଗୋଲେଖ ଚନ୍ଦ୍ର ବିଶ୍ୱାଳ, ଦେବାଶିଷ ମହାନ୍ତି, ନାରଣ ମଲ୍ଲିକ, ଲିଙ୍ଗରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ ବଦଳରେ ରହୁଛନ୍ତି ୧୭୯

କଟକ,୨୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)


ତୁଳସୀପୁରସ୍ଥିତ ହରିଣପାର୍କ ଚତୁଃପାର୍ଶ୍ୱରେ ଥିବା ବାଡ଼ାରେ ମାଡ଼ି ଯାଇଥିବା ଗୁଳ୍ମ।

**ଯୋଜନାରେ ସୀମିତ ହରିଣ ପାର୍କ ସ୍ଥାନାନ୍ତର**
- ବର୍ଷକୁ ୫୧ ଲକ୍ଷରୁ ଊର୍ଦ୍ଧ୍ୱ ଖର୍ଚ୍ଚ
- ରକ୍ଷଣାବେକ୍ଷଣ ହେଉନାହିଁ
- ପାର୍କର ଚତୁଃପାର୍ଶ୍ୱ ଜଙ୍ଗଲ ହୋଇଯାଇଛି

କଟକ ତୁଳସୀପୁରସ୍ଥିତ ମହାନଦୀ କୂଳରେ ରହିଛି ହରିଣପାର୍କ। ଏହାକୁ ସ୍ଥାନାନ୍ତର ପାଇଁ ଯୋଜନା କରାଯାଇଥିଲେ ମଧ୍ୟ କାର୍ଯ୍ୟ ଆଗେଇ ପାରୁନାହିଁ। ଅପରପକ୍ଷେ ପାର୍କର ରକ୍ଷଣାବେକ୍ଷଣ ନ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଫଳରେ ବର୍ଷ ବର୍ଷ ଧରି ଛୋଟ ସ୍ଥାନରେ ହରିଣ ରହିବାକୁ ବାଧ୍ୟ ହେଉଛନ୍ତି। ଅପରପକ୍ଷେ କଟକ ମହାନଗର ନିଗମ ପକ୍ଷରୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଦୀର୍ଘଦିନ ହେବ କୁହାଯାଉଛି।

କଟକ ସହରକୁ ସୌନ୍ଦର୍ଯ୍ୟପୂର୍ଣ୍ଣ କରିବା ପାଇଁ ୧୯୮୧ରେ ତୁଳସୀପୁର ମହାନଦୀ କୂଳରେ ହରିଣପାର୍କ ପରିକଳ୍ପନା କରାଯାଇଥିଲା। ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ଏହି ପାର୍କ ପ୍ରତିଷ୍ଠା କରିଥିଲେ। ଏହି ପାର୍କ ପ୍ରତିଷ୍ଠା ପରେ ନନ୍ଦନକାନନରୁ କିଛି ହରିଣ ଆଣି ଏଠାରେ ରଖାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ହରିଣପାର୍କ ସହରର ମୁଖ୍ୟ ଆକର୍ଷଣ ପାଲଟିଥିଲା। ଏହା ଭିତରେ ୪୨ ବର୍ଷ ବିତିଗଲାଣି। ଇତିମଧ୍ୟରେ ହରିଣଙ୍କ ସଂଖ୍ୟା ମଧ୍ୟ ଢେର ବଢ଼ିଯାଇଛି। ବର୍ତ୍ତମାନ ପାର୍କରେ ମୋଟ୍ ୧୭୯ ହରିଣ ରହିଛନ୍ତି। ପ୍ରତ୍ୟେକ ଦିନ ହରିଣ ଦେଖିବା ପାଇଁ ଅନେକ ଲୋକ ଏଠାକୁ ଆସିଥାନ୍ତି। କିଛି ସମୟ ଏଠାରେ ଛିଡ଼ା ହୋଇ ହରିଣଙ୍କ ଗତିବିଧିକୁ ଦେଖଥାନ୍ତି। ହେଲେ ବର୍ତ୍ତମାନ ଏଠାକାର ଦୃଶ୍ୟ ସମ୍ପୂର୍ଣ୍ଣ ବଦଳିଯାଇଛି। ଦୀର୍ଘ ସମୟ ହେବ ରାସ୍ତା ପଟେ ଥିବା ବୁଦା ଓ ଗଛକୁ କଟାଯାଉନାହିଁ। ଫଳରେ ପାର୍କର ଚତୁଃପାର୍ଶ୍ୱ ଜଙ୍ଗଲ ହୋଇଯାଇଛି। ରାସ୍ତା ଉପରେ ଛିଡ଼ା ହେଲେ କେବଳ ବୁଦା ଗଛ ଦେଖିବାକୁ ମିଳୁଛି। ହରିଣଙ୍କ ସୁରକ୍ଷା ପାଇଁ ଏହି ପାର୍କ ସ୍ଥାନାନ୍ତର ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏନେଇ ୧କୋଟି ୯ ଲକ୍ଷ ୭୨ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ୪ ବର୍ଷ ଧରି ଏହି ପାର୍କ ସ୍ଥାନାନ୍ତର ପାଇଁ ଯୋଜନା ଚାଲିଛି। ଗତ ବର୍ଷ ସିଏମ୍‌ସିର ଏକ ଟିମ୍ ଚନ୍ଦକାରେ ଚିହ୍ନଟ କରାଯାଇଥିବା ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଉକ୍ତ କାର୍ଯ୍ୟ ୫ ମାସ ମଧ୍ୟରେ ଶେଷ ହେବ ବୋଲି ସେତେବେଳେ ସିଏମ୍‌ସି ପକ୍ଷରୁ କୁହାଯାଇଥିଲା। ହେଲେ ଏହା କେବଳ ଯୋଜନାରେ ସୀମିତ ହୋଇରହିଛି। ଏହି ହରିଣଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବର୍ଷକୁ ୫୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ହରିଣଗୁଡ଼ିକ ସ୍ଥାନ ଅଭାବରୁ ଅସୁବିଧାରେ ରହିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ କେନ୍ଦ୍ର ଚିଡିଆଖାନା କର୍ତ୍ତୃପକ୍ଷଙ୍କ ପ୍ରତିନିଧି ସତର୍କଘଣ୍ଟି ଦେଇସାରିଥିଲେ ମଧ୍ୟ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହି ପାର୍କର କ୍ଷମତା ଅନୁଯାୟୀ ଅତିବେଶିରେ ଏଠାରେ ୧୫ଟି ହରିଣ ରହିପାରିବେ। କିନ୍ତୁ କ୍ଷମତାର ୧୨ଗୁଣ ଅଧିକ ହରିଣ ରହିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। କେନ୍ଦ୍ରୀୟ ଚିଡିଆଖାନା ପ୍ରାଧିକରଣ ୨୦୧୯ ଅକ୍ଟୋବର ୭ରେ ଏଠାରୁ ନିଜର ସ୍ୱୀକୃତି ପ୍ରତ୍ୟାହାର କରି ନେଇଥିଲେ। ଏହାପରେ ଉକ୍ତ ସ୍ଥାନରୁ ପାର୍କକୁ ସ୍ଥାନାନ୍ତର କରିବାକୁ ଯୋଜନା କରାଯାଇଥିଲା। ଚନ୍ଦକା (ବନ୍ୟପ୍ରାଣୀ) ବନଖଣ୍ଡ ହଳଦିଆରେଞ୍ଜ ଅଧୀନସ୍ଥ ଅମ୍ବଲିକୁ ଏହାକୁ ସ୍ଥାନାନ୍ତର କାରିବାକୁ ସ୍ଥିର କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଏହା ଫଳପ୍ରଦ ହୋଇନାହିଁ। ବର୍ତ୍ତମାନ ପରିସ୍ଥିତିରେ ଯଦି ଅର୍ଦ୍ଧାଧିକ ହରିଣଙ୍କୁ ସ୍ଥାନାନ୍ତର କରା ନ ଯାଏ ତେବେ ହରିଣମାନଙ୍କର ସ୍ଥିତି ସଙ୍କଟାପନ୍ନ ହୋଇଯିବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି, ହରିଣମାନଙ୍କୁ ସ୍ଥାନାନ୍ତର ପାଇଁ ସ୍ଥାନ ପ୍ରସ୍ତୁତ ହୋଇଯାଇଛି, ଅତିକମ୍‌ରେ ଏକ ମାସ ମଧ୍ୟରେ ସେମାନଙ୍କୁ ସ୍ଥାନାନ୍ତର କରାଯିବ। ଏଥିସହ ରକ୍ଷଣାବେକ୍ଷଣ ନେଇ ସିଏମ୍‌ସି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି।


ଓଡ଼ିଶା ହାଇକୋର୍ଟ ପକ୍ଷରୁ ଶନିବାର ଆୟୋଜିତ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର।

## ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିବା ଅଭିଯୋଗ: ଯୁବକ ଗିରଫ

କଟକ ସଦର,୨୩।୯(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପରହରଣ କରି ବଳାତ୍କାର କରିବା ଅଭିଯୋଗରେ ଶନିବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମୟୂରଭଞ୍ଜ ଅଞ୍ଚଳର ଆଲୋକ ରଞ୍ଜନ ବିଶାଳ(୧୯)। ପୋଲିସ ସୂଚନା ଅନୁଯାୟୀ, ମୋବାଇଲ ଜରିଆରେ ଅଭିଯୁକ୍ତ ଓ ପୀଡ଼ିତାଙ୍କ ମଧ୍ୟରେ ଦୀର୍ଘଦିନ ହେବ ସମ୍ପର୍କ ଥିଲା। ଗଣେଶ ପୂଜା ଦିନ ସମ୍ପୃକ୍ତ ଅଭିଯୁକ୍ତ ୪୨ ମୌଜା ଆସି ନାବାଳିକାଙ୍କୁ ମୟୂରଭଞ୍ଜ ନେଇ ପଳାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ଅପରପକ୍ଷେ ଝିଅକୁ ନ ପାଇଁ ପରିବାରର ଲୋକେ ଖୋଜାଖୋଜି କରିଥିଲେ। ଶେଷରେ ୨୧ ତାରିଖରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୩୧୦/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତା'ପରେ ଅଭିଯୁକ୍ତଙ୍କୁ ପୋଲିସ ଭଦ୍ରକରୁ ଧରିଥିଲା। ଶନିବାର ଉଭୟଙ୍କର କଟକ ବଡ଼ ଡ଼ାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି। ପରେ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଅନ୍ଧାରରେ କଟକ-ଭୁବନେଶ୍ୱର ସଂଯୋଗକାରୀ ସେତୁ

କଟକ,୨୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)



କଟକରୁ ଭୁବନେଶ୍ୱର ସଂଯୋଗ କରିଥିବା ନୂଆ କାଠଯୋଡ଼ି ସେତୁ ଦୀର୍ଘ ଦିନହେବ ଅନ୍ଧାରରେ ରହିଛି। ସେତୁରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡ଼ିଛି। ଗଛ କିଛିମାସ ହେବ ଏଠାରେ ସୋଡିୟମ ଭାପୋର ଲାଇଟ ବଦଳାଯାଇ ଏଲଇଡି ଲାଇଟ୍ ଲଗାଯାଇଥିଲା, ହେଲେ ଦେଢ଼ମାସ ହେବ ସେତୁ ଆରମ୍ଭରୁ ଗୋପାଳପୁର ତାରିଣୀ ମନ୍ଦିର ଜାତୀୟ ରାଜପଥ-୧୬ ପର୍ଯ୍ୟନ୍ତ କୌଣସି ଲାଇଟ୍ ଜଳୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳ ଓ ଯାତାୟାତକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସେତୁ ଦେଇ ହଜାର ହଜାର ଲୋକ ଯାତାୟାତ କରୁଛନ୍ତି ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ ଗୁରୁତ୍ୱ ଦେଉ ନାହାନ୍ତି। ଫଳରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଗୋପାଳପୁରରୁ କଟକକୁ ଆସିବାକୁ ଦୁଇଟି ସେତୁ ରହିଛି। ଏହି ଦୁଇଟି ସେତୁରେ ଆଦୌ ଆଲୋକ ବ୍ୟବସ୍ଥା ନାହିଁ। ସେତୁ ସଂକୀର୍ଣ୍ଣତା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ଜୀବନ ଯାଉଥିବା ନଜିର ରହିଛି। ସେହିପରି କେବଳ କାଠଯୋଡ଼ି ନୁହେଁ ସୁଭଦ୍ରାପୁରରୁ ନରଣପୁର ସଂଯୋଗ କରିଥିବା ସେତୁ, ମଧୁସୂଦନ ସେତୁ ଭଳି ଅନେକ ସେତୁରେ କେଉଁଠି ଲାଇଟ ଜଳୁନି ତ' କେଉଁଠି ଇଲେକ୍ଟ୍ରିକ୍ ଖୁଣ୍ଟି ଟିଏ ମଧ୍ୟ ଦେଖିବାକୁ ମିଳୁ ନାହିଁ।

## ଅବସରପ୍ରାପ୍ତ ଯବାନଙ୍କ ଅକାଳ ବିୟୋଗ

ଚୌଦ୍ୱାର/ମଙ୍ଗଳ-ଜଗତ୍‌ପୁର,୨୩।୯
(ଆଶୁତୋଷ ଦାସ/ ମାନସ ସାମଲ)

ଭାରତୀୟ ପ୍ରତିରକ୍ଷା ବିଭାଗର ଅବସରପ୍ରାପ୍ତ ଯବାନ୍ ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ଼ କପାଳେଶ୍ୱର ନୂଆସାହି ବାସିନ୍ଦା ଭାନୁଶଙ୍କର ମିଶ୍ର(୪୩)ଙ୍କ ପରଲୋକ ଘଟିଛି। ସେ ବର୍ଷକ ତଳେ ପ୍ରତିରକ୍ଷା ବିଭାଗରୁ ଅବସର ନେବା ପରେ ଓଟିଏମ୍ କଲୋନୀସ୍ଥିତ ଘରେ ରହୁଥିଲେ। ଶୁକ୍ରବାର ସେ ଘରେ ଶୋଇଥିବାବେଳେ ହଠାତ୍ ସଂଜ୍ଞାହୀନ ହୋଇ ଯାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କଟକ ବଡ଼ଡାକ୍ତରଖାନା ନେଇଥିଲେ। ସେଠାରେ ଭାନୁଶଙ୍କରଙ୍କୁ ଡାକ୍ତର ଘୋଷଣା କରିଥିଲେ। ମିଶ୍ର ଜଣେ ସାହସୀ ଯବାନ ହେବାସହ ସୁନାମଧନ୍ୟ କ୍ରିକେଟ ଖେଳାଳି ଥିଲେ। ସେନାବାହିନୀରୁ ଭାନୁଶଙ୍କର ଅବସର ନେବାପରେ ସ୍ଥାନୀୟ ଯୁବକମାନଙ୍କୁ କ୍ରିକେଟ ତାଲିମ୍ ଦେଉଥିଲେ। ତାଙ୍କ ମୃତଦେହକୁ ବିରାଟ ଶୋଭାଯାତ୍ରାରେ ଓଟିଏମ୍ କଲୋନୀରେ ପରିକ୍ରମା କରାଯାଇ ଶ୍ମଶାନରେ ସତ୍କାର କରାଯାଇଥିଲା।

## ଗାନ୍ଧୀ ଭବନରେ 'ମୋ ଦଳ'ର ସମ୍ମିଳନୀ



ହନୁମାନ ମନ୍ଦିର ପରିସରରେ ଶନିବାର ମୋ ଦଳ ପକ୍ଷରୁ ଆୟୋଜିତ ସଭାରେ ମଞ୍ଚାସିନ ଅତିଥି।

କଟକ,୨୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର 'ମୋ ଦଳ'ର ସମ୍ମିଳନୀ ଗାନ୍ଧୀ ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ଦାୟିତ୍ୱରେ ଥିବା ଦଳର ସାଧାରଣ ସମ୍ପାଦକ ସୋମନାଥ ରାଉତଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ସମ୍ମିଳନୀରେ ଦଳର ସଭାପତି ନିତ୍ୟସୁନ୍ଦର ଦାସ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର, ମହାସଚିବ ପ୍ରଦୀପ ପ୍ରଧାନ, ପ୍ରଚାର କମିଟି ଅଧ୍ୟକ୍ଷ ଶେଷଦେବ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ନାରୀମୁକ୍ତି, ନିଶାମୁକ୍ତି ଯୁବକଙ୍କ ନିଯୁକ୍ତି ପ୍ରସଙ୍ଗରେ ଶାସକ ଦଳ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଆଗାମୀ ଦିନରେ ମୋ ଦଳକୁ ଶାସନକୁ ଆଣିବା ପାଇଁ ଉଦ୍ୟମ କରିବାକୁ ସଭାପତି ଦାସ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକାରୀ ସଭାପତି କୁମାର କହିଲେ ଯେ, ନୂଆ ଓଡ଼ିଶା ଗଠନ ସହ ସାଧାରଣ ଲୋକଙ୍କ ମୁକ୍ତି ଓ ସମୃଦ୍ଧି ପାଇଁ ମୋ ଦଳକୁ ଜିତାଇବାକୁ ପଡ଼ିବ। ରାଜ୍ୟ ଆବାହକ କ୍ଷୀରୋଦ ରାଉତ, ଉପସଭାପତି ବସନ୍ତ ସାହୁ, ଭିକାରୀ ଚରଣ ଦାସ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଅଶୋକ ମହାନ୍ତି, କୋଷାଧ୍ୟକ୍ଷ ନିମାଇଁ ରାଏ, ସମ୍ପାଦକ ଅରୁଣ ମହାପାତ୍ର, ବିକ୍ରମ ଦାସ, ମହେନ୍ଦ୍ର ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକରେ ମହେନ୍ଦ୍ର କୁମାର ମହାପାତ୍ର, ସଲିଳ ଘୋଷ, ସରୋଜ ମଣ୍ଡଳ, ନିତ୍ୟାନନ୍ଦ ମହାନ୍ତି, ଅଚ୍ୟୁତ ବୈଶାଖ ପ୍ରମୁଖ ଯୋଗ ଦେଇଥିଲେ।

## ଖାଦ୍ୟରୁଚି

### 'ଅମ୍ରିତ୍‌ସରି ମଟନ୍ ଚାପ୍ ମସଲା ଫ୍ରାଏ'

*ଚିରାଚରିତ ଢଙ୍ଗରେ ପ୍ରତିଦିନ ସମାନ ପ୍ରକାରର ଖାଦ୍ୟ ରାନ୍ଧି ଖାଇବାକୁ ସବୁବେଳେ ଭଲଲାଗେ ନାହିଁ। ତେଣୁ ବଜାର ଖାଦ୍ୟ ପ୍ରତି ଲୋକଙ୍କର ଆକର୍ଷଣ ରହିଥାଏ। ମାତ୍ର ଏହାର ଦାମ୍ ଅଧିକ ରହିବା ସହ ସ୍ୱାସ୍ଥ୍ୟପ୍ରତି ମଧ୍ୟ ହାନିକାରକ ହୋଇଥାଏ। ତେଣୁ ଘରେ ଅଳ୍ପ ଖର୍ଚ୍ଚରେ କିପରି ସୁସ୍ୱାଦୁ ଖାଦ୍ୟ ବା ଡିସ୍ ପ୍ରସ୍ତୁତ କରିହେବ ତାହାକୁ ଦୃଷ୍ଟିରେ ରଖି 'ଧରିତ୍ରୀ'ର ସ୍ୱତନ୍ତ୍ର ପ୍ରୟାସ 'ଖାଦ୍ୟରୁଚି'।*


ସେଫ୍ ହିମାଂଶୁ ସାହୁ

ଆମିଷ ଭିତରେ ମଟନ୍ ଅଧିକାଂଶ ଲୋକଙ୍କ ପ୍ରିୟ ଖାଦ୍ୟ। ସେଥିପାଇଁ ଆମିଷ ବାର୍ ପଡିଲେ ମଟନ୍ ଦୋକାନରେ ଗ୍ରାହକଙ୍କ ଭିଡ଼ ଲାଗିଥାଏ। ପୁଣି ମଟନ୍‌ର ନୂଆ ନୂଆ ଡିସ୍ ଭିନ୍ନ ଟେଷ୍ଟ ଦେଇଥାଏ। ଏହି ଡିସ୍ ମଧ୍ୟରେ 'ଅମ୍ରିତ୍‌ସରି ମଟନ୍ ଚାପ୍ ମସଲା ଫ୍ରାଏ' ଅନ୍ୟତମ। ଏହାକୁ କିପରି ଘରେ ପ୍ରସ୍ତୁତ କରି ଖାଇବା ସେସମ୍ପର୍କରେ ହୋଟେଲ୍ ଦି ମିଡିଲ୍‌ଟନ୍‌ର ଏକ୍‌ଜିକ୍ୟୁଟିଭ୍ ସେଫ୍ ହିମାଂଶୁ ସାହୁଙ୍କଠାରୁ ଆସନ୍ତୁ ଶିଖିବା।



**ଆବଶ୍ୟକ ସାମଗ୍ରୀ**

- ମଟନ୍- ୪୦୦ଗ୍ରାମ୍
- କଟା ପିଆଜ-୩ଟି
- ଅଦା ପେଷ୍ଟ -୨ଚାମଚ
- ରସୁଣ ପେଷ୍ଟ-୧ଚାମଚ
- କଳା ଅଳେଇଚ (ଚୂର୍ଣ୍ଣ)- ୧ଟି
- ଅଳେଇଚ-୨ଟି
- ଡାଲଚିନି ଗୁଣ୍ଡ-୨ ଚାମଚ
- ଫ୍ରେଶ୍ ନାଲି ଲଙ୍କା-୨ଟି
- ଲବଙ୍ଗ ଚୂର୍ଣ୍ଣ-୧/୪ ଚାମଚ
- ଜାଇତ୍ରୀ ଗୁଣ୍ଡ- ଚିମୁଟେ
- କାଶ୍ମିରୀ ଲଙ୍କାଗୁଣ୍ଡ-୧ ଚାମଚ
- ହଳଦୀ-୧/୨ ଚାମଚ
- ଜିରା ଗୁଣ୍ଡ-୧/୪ ଚାମଚ
- ସୋରିଷ ତେଲ-୨ ଚାମଚ
- ଗୋଲମରିଚ-୪ଟି
- ଦହି- ୧କପ୍
- ସ୍ୱାଦ ଅନୁଯାୟୀ ଲୁଣ

**ପ୍ରସ୍ତୁତି ପ୍ରଣାଳୀ...**

ପ୍ରଥମେ ଏକ ମିଡିୟମ୍ ସାଇଜ୍ ବାଉଲ୍‌ରେ ଦହି, ଜାଇତ୍ରୀ ଗୁଣ୍ଡ, ଲୁଣ, ଅଦା ଓ ରସୁଣ ପେଷ୍ଟ, କଳା ଅଳେଇଚ ଚୂର୍ଣ୍ଣ, କାଶ୍ମିରୀ ଲଙ୍କାଗୁଣ୍ଡ, ହଳଦୀ, ଜିରା ଗୁଣ୍ଡ, ଗୋଲମରିଚ ଆଦି ସମସ୍ତ ମସଲାକୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପରେ ସେଥିରେ ମଟନ୍ ପକାଇ ଭଲଭାବେ ଗୋଳାଇବା ପରେ ପୂରା ରାତି କିମ୍ବା ଅତି କମ୍‌ରେ ୨ଘଣ୍ଟା ପାଇଁ ଫ୍ରିଜ୍‌ରେ ରଖନ୍ତୁ। ଏହାପରେ ଗ୍ୟାସ୍‌ରେ ମିଡିୟମ୍ ଫ୍ଲେମ୍‌ରେ ପ୍ରେସରକୁକର ବସାଇ ଗରମ କରନ୍ତୁ। ସେଥିରେ ଅଳ୍ପ ତେଲ ଦେଇ କଟା ହୋଇଥିବା ପିଆଜକୁ ପକାଇ ବ୍ରାଉନ୍ କଲର୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ସେଥିରେ ପୂର୍ବରୁ ମ୍ୟାରିନେଟ୍ ହୋଇଥିବା ମଟନ୍‌କୁ ପକାଇ ୧୫ ମିନିଟ ପର୍ଯ୍ୟନ୍ତ କଷନ୍ତୁ। ଏହାପରେ ଅଧକପ୍ ପାଣି ଦେଇ ପ୍ରେସରକୁକର୍‌ର ଢାଙ୍କୁଣି ବନ୍ଦ କରି ଦିଅନ୍ତୁ। ମିଡିୟମ୍ ଫ୍ଲେମ୍‌ରେ ୫ଟି ସିଟି ଆସିବା ପର୍ଯ୍ୟନ୍ତ ଛାଡିଦିଅନ୍ତୁ। ପ୍ରେସ୍‌ର କୁକରକୁ ଖୋଲି ଆଉ ଚଉଠେ କପ୍ ବା ୧/୪ କପ୍ ପାଣି ଦେଇ ଆଉ ୨/୩ଟି ସିଟି ପର୍ଯ୍ୟନ୍ତ ଛାଡ଼ନ୍ତୁ। ତା'ପରେ କୁକର୍ ଖୋଲି ସେଥିରେ ଡାଲଚିନି ଗୁଣ୍ଡ ପକାଇ ଦିଅନ୍ତୁ। ୧୫ ମିନିଟ୍ ପରେ ପ୍ଲେଟ୍‌କୁ କାଢିଦିଅନ୍ତୁ। ବାସ୍ ଏବେ ପ୍ରସ୍ତୁତ ହୋଇଗଲା 'ଅମ୍ରିତ୍‌ସରି ମଟନ୍ ଚାପ୍ ମସଲା ଫ୍ରାଏ'।

-ରିପୋର୍ଟ: ବନ୍ଦନା ସେଠୀ, ଭୁବନେଶ୍ୱର

## ଫାର୍ମାକୋ ଭିଜିଲାନ୍ସ ଦିବସ ପାଳିତ

କଣ୍ଟାପଡା, ୨୩।୯(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମସ୍ଥିତ ଦଧିଚି ଫାର୍ମସୀ କଲେଜରେ ଶନିବାର ଫାର୍ମାକୋ ଭିଜିଲାନ୍ସ ଦିବସ ପାଳିତ ହୋଇଯାଇଛି। ହାଇଦ୍ରାବାଦସ୍ଥିତ ପାରାସ୍କେଲ କମ୍ପାନୀର ଡେପୁଟି ମ୍ୟାନେଜର ମନୋଜ କୁମାର ଜେନା ଅନଲାଇନ ମାଧ୍ୟମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ଚିକିତ୍ସା ପ୍ରଣାଳୀରେ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ପ୍ରତି ଯଥେଷ୍ଟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କଲେଜର ଅଧ୍ୟକ୍ଷ ଡ. ରଜତ କୁମାର କର ଯୋଗଦେଇ ଫାର୍ମାକୋ ଭିଜିଲାନ୍ସ ଦିବସର କାର୍ଯ୍ୟକାରିତା ଓ ଉପକାରିତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଦଧିଚି କଲେଜର ଫାର୍ମାସୀ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

## ଚର୍ଚ୍ଚ ପରିଦର୍ଶନ କଲେ ମୋକିମ୍


ବିଧାୟକ ମହମ୍ମଦ ମୋକିମ୍ ଶନିବାର ଚର୍ଚ୍ଚ ପରିସର ବୁଲି ଦେଖୁଛନ୍ତି।

କଟକ,୨୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ବିଧାୟକ ମହମ୍ମଦ ମୋକିମ ଶନିବାର କ୍ୟାଣ୍ଟନ୍‌ମେଣ୍ଟ ରୋଡସ୍ଥିତ ମାଉଣ୍ଟ ହାଉସ ଚର୍ଚ୍ଚ ଅଫ୍ ଗଡ୍‌କୁ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଚର୍ଚ୍ଚର କର୍ମକର୍ତ୍ତାମାନେ ବିଧାୟକଙ୍କୁ ଏହାର ପରିସର ବୁଲାଇ ଦେଖାଇଥିଲେ। କଟକ ସହରର ପୁରାତନ ଚର୍ଚ୍ଚର ସମସ୍ତ ସୁବିଧା ଅସୁବିଧା ବିଷୟରେ କର୍ମକର୍ତ୍ତାମାନେ ବିଧାୟକଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଚର୍ଚ୍ଚ ପରିସରରେ ଥିବା ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ବିଧାୟକଙ୍କୁ କହିଥିଲେ। ସମସ୍ତ ଅସୁବିଧାକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ବିଧାୟକ ମୋକିମ କହିଥିଲେ। ଏହି ଅବସରରେ ଚର୍ଚ୍ଚର ସିନିୟର ପାଷ୍ଟର ରେଭ ସାମ୍ ସୋମାଲିଙ୍ଗମ୍, ପାଷ୍ଟର ରେଭ ରଞ୍ଜିତ କୁମାର ଜେନା, ସମ୍ପାଦକ ବିନୟ ଭୂଷଣ ଦେ, ଯୁଗ୍ମ ସମ୍ପାଦକ ଉଦୟ କୁମାର ପୁରୀ, କୋଷାଧକ୍ଷ ଉତ୍ତମ କୁମାର ସାହୁ, ଉପଦେଷ୍ଟା ରଜତ ପ୍ରଧାନ, ସୁରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୯।୨୦୨୩

| | |
|---|---|
| ୩,୭୪,୭୧୫ ଟଙ୍କା | |
| ସୁନା | ୧.୩୦୦ ଗ୍ରାମ୍ |
| ରୁପା | ୧୪.୮୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଆଶ୍ରୟର ବିଶେଷସଂଖ୍ୟା ଉନ୍ମୋଚନ, ଆଲୋଚନାଚକ୍ର ଓ ପୁରସ୍କାର ବିତରଣ ସମାରୋହ, ବୁଦ୍ଧ ମନ୍ଦିର, ହାଉସିଂବୋର୍ଡ ଛକ, ୟୁନିଟ-୯, ଅପରାହ୍ନ ୪ଟା।

ଚୌଦ୍ୱାର
- ସ୍ୱାମୀ ଚିଦାନନ୍ଦ ଜୟନ୍ତୀ ଉପଲକ୍ଷେ ସତ୍‌ସଙ୍ଗ, ଆଲୋଚନା ସଭା, କପାଳେଶ୍ୱରସ୍ଥିତ ଶିବାନନ୍ଦ ଆତ୍ମଜ୍ଞାନ ଆଶ୍ରମ, ପ୍ରାତଃ ୫ଟା।

# ଅତିବଡ଼ୀଙ୍କ ଭାଗବତ ନବଜାଗରଣ ଆଣିଥିଲା

ଭୁବନେଶ୍ୱର,୨୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

## ପୁନଃ ମୁଦ୍ରିତ ହେବ ଭାଗବତ, ପ୍ରକାଶ ପାଇବ ଚତୁର୍ଥ ସଂସ୍କରଣ

ଷୋଡ଼ଶ ଶତାବ୍ଦୀରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆ ସାହିତ୍ୟ, ସଂସ୍କୃତିରେ ନବଜାଗରଣ ଆଣିଥିଲା, ଯାହା ଆଜିଯାଏ ଏ ଜାତିକୁ ସଂଜୀବିତ କରି ରଖିଛି। ଶନିବାର ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ ଏହା କହିଛନ୍ତି। ସମାରୋହକୁ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରି କହିଛନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡ଼ୀଙ୍କ ଜୟନ୍ତୀ ତାଙ୍କ ଜନ୍ମସ୍ଥାନ କପିଳେଶ୍ୱରପୁର ଶାସନ, ସାଧନା ପୀଠ ସାତଲହଡ଼ି ମଠ ଓ ଭୁବନେଶ୍ୱରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ଆଲୋଚନା ମାଧ୍ୟମରେ ପାଳିତ ହୋଇଛି। ବରେଣ୍ୟ ଅତିଥି ଭାବେ ଯୋଗଦେଇ ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ଓଡ଼ିଆ ଜାତିକୁ ସାକ୍ଷର କରିବାରେ ଜଗନ୍ନାଥ ଦାସଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଏକାଡେମୀରେ ମୁଦ୍ରିତ ଭାଗବତ ଆଉ ଉପଲବ୍ଧ ନ ଥିବାରୁ ଏହାର ପୁନଃମୁଦ୍ରଣ ଓ ଭାଗବତ ଟୁଙ୍ଗିର ଅଧିକ ପ୍ରସାର ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ବିଶିଷ୍ଟ ଅତିଥି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଭାଗବତର ଚତୁର୍ଥ ସଂସ୍କରଣ ପ୍ରକାଶ ପାଇବା ସହ ପୁନଃ ମୁଦ୍ରିତ ହେବା ନେଇ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଅତିବଡ଼ୀଙ୍କ ଭାଗବତ ଓଡ଼ିଆ ଜାତିର ବିବେକ ଜାଗ୍ରତ କରିଥିଲା ବୋଲି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଏଥିରେ ପୌରୋହିତ୍ୟ କରି କହିଛନ୍ତି, ଓଡ଼ିଆ ଜାତିର ସଂସ୍କୃତି ହେଉଛି ଭାଗବତର ସଂସ୍କୃତି। ଏହି ସଂସ୍କୃତି ବଞ୍ଚିଥିବା ଯାଏ ଏ ଜାତିର ମୃତ୍ୟୁ ନାହିଁ। ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ ଅତିଥି ପରିଚୟ ଓ ଉପସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ ଓ ନିମାକାନ୍ତ ରାଉତରାୟ ଭାଗବତ ଆବୃତ୍ତି କରିଥିଲେ। ପ୍ରଫେସର ଜଗନ୍ନାଥ କୁଅଁର କାର୍ଯ୍ୟକ୍ରମ ପରିଚାଳନା ଓ ଡ. ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ। ସକାଳେ ସଂସ୍କୃତି ଭବନ ପରିସରସ୍ଥିତ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସମେତ ଅନ୍ୟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଅତିବଡ଼ୀଙ୍କ ଜନ୍ମସ୍ଥାନ କପିଳେଶ୍ୱରପୁର ଶାସନରେ ଭାଗବତ ପାଠ ଏବଂ ଜୟନ୍ତୀ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଡ. କୈଳାସଚନ୍ଦ୍ର ଟିକାୟତରାୟ, ଡ. ପ୍ରତିଭା ମହାରଥୀ, ଡ. ମୃତ୍ୟୁଞ୍ଜୟ ରଥ ସ୍ମୃତିଚାରଣ କରିଥିବାବେଳେ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ସଭାମୁଖ୍ୟ ଭାବେ ଯୋଗଦେଇଥିଲେ। ରବିବାର ଏକାଡେମୀ ପକ୍ଷରୁ ସକାଳ ୯ରେ ଭାଗବତ ସଚେତନତା ପଦଯାତ୍ରା ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ସାତଲହଡ଼ି ମଠ ପର୍ଯ୍ୟନ୍ତ ଏବଂ ୧୦ଟାରେ ସାତଲହଡ଼ି ମଠରେ ଭାଗବତ ପାଠ ଓ ୧୧ଟାରେ ସାରସ୍ୱତ ସଂପାନ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ ଓ ଅନ୍ୟ ଅତିଥିମାନେ। (ଫଟୋ- ମୌସମ ନନ୍ଦ)

# ଦୁର୍ଘଟଣାଗ୍ରସ୍ତଙ୍କ ମୋବାଇଲ ଚୋରି କରି ଯୁବକ ଗିରଫ

**ଭୁବନେଶ୍ୱର,୨୩।୯(ସୂର୍ଯ୍ୟକାନ୍ତ ବେହେରା):** ଦୁର୍ଘଟଣାର ଶିକାର ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କଲେ। ପରେ ତାଙ୍କ ମୋବାଇଲକୁ ନେଇ ଫେରାର ହୋଇଥିବା ଜଣେ ବ୍ୟକ୍ତିଙ୍କୁ ମୈତ୍ରୀ ବିହାର ଥାନା ପୋଲିସ ଗିରଫ କରି କୋର୍ଟଚାଲଣ କରିଛି। ସେ ହେଲେ ନୟାଗଡର ପବିତ୍ର ଭୋଳ। ତାଙ୍କଠାରୁ ପୋଲିସ ଉକ୍ତ ମୋବାଇଲ ଜବତ କରିଛି। ସୂଚନାନୁସାରେ, ଗତ ୨୦ ତାରିଖ ମଧ୍ୟାହ୍ନରେ ଅଭିଯୋଗକାରୀ ରୋହିତଙ୍କ ବାପା ସ୍କୁଟି ଯୋଗେ ଘରକୁ ଫେରୁଥିବାବେଳେ ଜାଭିୟର ଛକ ନିକଟରେ ଆଗରେ ଶଣ୍ଢ ପଶିଯିବାରୁ ଦୁର୍ଘଟଣାର ଶିକାର ହୋଇ ତଳେ ପଡି ଆହତ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତ ପବିତ୍ର ଘଟଣା ସ୍ଥଳରେ ପହଞ୍ଚି ରୋହିତଙ୍କ ବାପାଙ୍କ ପକେଟରୁ ମୋବାଇଲ କାଢି ତାଙ୍କ ପରିବାର ସଦସ୍ୟଙ୍କୁ ଫୋନ କରି ଘଟଣା ସମ୍ପର୍କରେ ସୂଚନା ଦେବା ସହିତ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୁଅ ରୋହିତ ଓ ତାଙ୍କ ପରିବାର ସଦସ୍ୟ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିବାବେଳକୁ ଅଭିଯୁକ୍ତ ଜଣକ ମୋବାଇଲ ଧରି ଫେରାର ହୋଇଯାଇଥିଲେ।



ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ଅଷ୍ଟମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ନାଟକ 'ବିପ୍ଳବୀ ବ୍ରଜକିଶୋର'ର ଏକ ଦୃଶ୍ୟ। (ଫଟୋ- ମୌସମ ନନ୍ଦ)

# ଟଙ୍କା ନ ଶୁଝିବାରୁ ଯୁବକଙ୍କୁ ବନ୍ଦୀ କରି ମାଡ଼, ୨ ଭାଇ ଗିରଫ

ଭୁବନେଶ୍ୱର,୨୩।୯
(ସୂର୍ଯ୍ୟକାନ୍ତ ବେହେରା)

ଧାର ଟଙ୍କା ଶୁଝି ନ ପାରିବାରୁ ଜଣେ ଯୁବକଙ୍କୁ ଘରେ ଭିତରେ ବନ୍ଦୀ କରି ରଖିବା ସହ ମାଡ ମାରିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସଂପୃକ୍ତ ଥିବା ୨ ଭାଇଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ ସତ୍ୟବିହାର ଅଞ୍ଚଳରେ ରହୁଥିବା ପୁରୀର ଚିନ୍ମୟ କୁମାର ସ୍ୱାଇଁ ଓ ଆକାଶ କୁମାର ସ୍ୱାଇଁ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ରେଳଧାରଣାରୁ ଦିବ୍ୟାଙ୍ଗଙ୍କ ମୃତଦେହ ଜବତ

**ବାଲୁଗାଁ,୨୩।୯(ସଂଗ୍ରାମ ପାଇକରାୟ):** ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ ରେଳଷ୍ଟେଶନର ଉତ୍ତର କ୍ୟାବିନ୍‌ସ୍ଥିତ ରେଳଧାରଣା ପାର୍ଶ୍ୱରୁ ଶନିବାର ରେଲୱେ ପୋଲିସ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କଟକ ଜିଲା କିଶୋରନଗର ଥାନା ତାରିଲୋ ଅଞ୍ଚଳର ମନୋରଞ୍ଜନ ସ୍ୱାଇଁ(୫୭)। ସୂଚନା ମୁତାବକ, ଶନିବାର ଭୋରୁ ଉତ୍ତର କ୍ୟାବିନ ନିକଟ ଅପ୍ ଏବଂ ଡାଉନ୍ ଲାଇନ୍‌ର ମଧ୍ୟସ୍ଥଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ରେଲୱେ ପୋଲିସକୁ ଜଣାଇଥିଲେ। ମୃତକ ଜଣକ ଧଳାଶାର୍ଟ ଓ କଳାପ୍ୟାଣ୍ଟ ପରିଧାନ କରିଥିବା ବେଳେ ବାମଗୋଡ଼ଟି କୃତ୍ରିମ ଅଙ୍ଗ ବୋଲି ଦେଖିବାକୁ ମିଳିଥିଲା। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତାଙ୍କ ପକେଟରୁ ମିଳିଥିବା ପ୍ରମାଣପତ୍ରରୁ ଠିକଣା ସଂଗ୍ରହ କରାଯାଇ ତାଙ୍କ ପରିବାରବର୍ଗଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୩/୨୦୨୩)ରୁଜୁ ହୋଇଛି। ତେବେ ଏହା ଦୁର୍ଘଟଣାଜନିତ କିମ୍ବା ଅନ୍ୟ କୌଣସି କାରଣ ସେନେଇ ତଦନ୍ତ ଜାରି ରହିଛି ବୋଲି ରେଲୱେ ପୋଲିସ ଅଧିକାରୀ ପରିକ୍ଷିତ ନାୟକ କହିଛନ୍ତି।

# ଆନ୍ଦୋଳନରେ ପରିଣତ ହେଉ କିଶୋର ନ୍ୟାୟ

କଟକ,୨୩।୯(କାର୍ତ୍ତିକ ସାହୁ)

## ତ୍ରୈମାସିକ ନିଉଜଲେଟର 'ଶିଶୁ ସୁରକ୍ଷା' ଉନ୍ମୋଚିତ

ହାଇକୋର୍ଟର ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ତ୍ରୈମାସିକ ନିଉଜଲେଟର 'ଶିଶୁ ସୁରକ୍ଷା'କୁ ଶୁକ୍ରବାର ଉନ୍ମୋଚନ କରିଛନ୍ତି। ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ କମିଟି ଦ୍ୱାରା ପ୍ରକାଶିତ ଏହି ପତ୍ରିକାରେ ଶିଶୁମାନଙ୍କ ସୁରକ୍ଷାର ବିଭିନ୍ନ ଆଇନଗତ ଦିଗଗୁଡ଼ିକ ଉପରେ ଆଲୋକପାତ କରାଯାଇଛି। ମୁଖ୍ୟ ବିଚାରପତି ତାଳପତ୍ର କହିଲେ, ଜୁଭେନାଇଲ ଜଷ୍ଟିସ (କିଶୋର ନ୍ୟାୟ)କୁ ଏକ ଆନ୍ଦୋଳନରେ ପରିଣତ କରାଯିବା ଦରକାର। ଯୁବ ବା କିଶୋରମାନଙ୍କ ପ୍ରତି ସମାଜର ଦୃଷ୍ଟିଭଙ୍ଗୀ କେବେ ବି ନ୍ୟୁନ କରାଯାଇପାରିବ ନାହିଁ। ଆମର ବିଫଳତା ଶହଶହ କସାବଙ୍କୁ ଜନ୍ମ ଦେଇପାରେ। କିଶୋର ନ୍ୟାୟ ପ୍ରଦାନ ପାଇଁ ଜାତୀୟ ଯୋଜନା ମାଧ୍ୟମରେ ବିଭିନ୍ନ ସ୍ତରରେ ଉଦ୍ୟମ କରାଯାଉଛି। ସେଥିପାଇଁ ବିଭିନ୍ନ ଯତ୍ନ ଅନୁଷ୍ଠାନ ମଧ୍ୟ କାର୍ଯ୍ୟକାରୀ କରାଯାଉଥିବା ମୁଖ୍ୟ ବିଚାରପତି କହିଛନ୍ତି।

ଶିଶୁ ଓ କିଶୋରମାନଙ୍କ ପାଇଁ ସମନ୍ୱିତ ଶିଶୁ ସୁରକ୍ଷା ସେବା ବା ଇଣ୍ଟିଗ୍ରେଟେଡ୍ ଚାଇଲଡ୍ ପ୍ରୋଟେକ୍‌ସନ ସର୍ଭିସ (ଆଇସିପିଏସ୍) ଭଳି ଯତ୍ନ କାର୍ଯ୍ୟକ୍ରମରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଯତ୍ନ ବିଷୟରେ ରହିବା ଉଚିତ। ମୁଖ୍ୟ ବିଚାରପତି ବିଭିନ୍ନ ହାଇକୋର୍ଟ ଅଧୀନରେ କାର୍ଯ୍ୟ କରୁଥିବା ଜୁଭେନାଇଲ୍ ଜଷ୍ଟିସ କମିଟିଗୁଡ଼ିକର ଆଇସିପିଏସ୍ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଓ ଯତ୍ନ ଅନୁଷ୍ଠାନଗୁଡ଼ିକ କାର୍ଯ୍ୟର ତଦାରଖ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଭଳି ଏକ ବ୍ୟବସ୍ଥା ତିଆରି କରାଯିବା ଦରକାର ଯଦ୍ୱାରା ଜୁଭେନାଇଲ୍ ଜଷ୍ଟିସ କମିଟିଗୁଡ଼ିକ ପ୍ରଶାସନିକ ବିଭାଗ ସହ ଏକତ୍ର ଭାବରେ କାର୍ଯ୍ୟ କଲେ ତାହା ଅଧିକ ପ୍ରଭାବୀ ହୋଇପାରନ୍ତା ବୋଲି ମୁଖ୍ୟ ବିଚାରପତି ଜୋର ଦେଇଥିଲେ। ଏକ ଶିଶୁକୁ କୌଣସି ପ୍ରକାର ନିର୍ଯାତନାରୁ ରକ୍ଷା କରିବା ପାଇଁ ସମାଜ କଲ୍ୟାଣ ପ୍ରଶାସନ ଓ ନ୍ୟାୟିକ ବ୍ୟବସ୍ଥା ଏକତ୍ର କାମ କରିବା ଉଚିତ ବୋଲି ମୁଖ୍ୟ ବିଚାରପତି କହିଥିଲେ। କୌଣସି କିଶୋର ଯେ ପର୍ଯ୍ୟନ୍ତ ସେଭଳି ଗୁରୁତର ହିଂସା ବା ଅପରାଧରେ ଜଡ଼ିତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ତାଙ୍କୁ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯାଇପାରିବ ନାହିଁ। ସେଭଳି କିଶୋରର ମଙ୍ଗଳ ଦୃଷ୍ଟିରୁ ଆଇନଗତ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବା ଉଚିତ୍। ଜଣେ ପିଲା ପାଇଁ ଜେଲ କେବେ ସ୍ଥାନ ନୁହେଁ। ଏହା ପିଲାର ଶାରୀରିକ, ମାନସିକ ଓ ଆବେଗିକ ସ୍ୱାସ୍ଥ୍ୟ ଓ ବିକାଶକୁ କ୍ଷତି ପହଞ୍ଚାଇଥାଏ। ରାଜ୍ୟର ବହୁସଂଖ୍ୟକ ପିଲା ବନ୍ଦୀ ଜୀବନ ବିତାଉଛନ୍ତି, ଏହା ତାଙ୍କୁ ମାନସିକ ଭାବରେ ଗଭୀର ଆଘାତ ଦେଇଥିବା ମୁଖ୍ୟ ବିଚାରପତି ପ୍ରକାଶ କରିଥିଲେ।

ନିଉଜ ଲେଟରର ସମ୍ପାଦକ ବିଚାରପତି ସଙ୍ଗମ କୁମାର ସାହୁ କହିଲେ, ପିଲାମାନେ ଈଶ୍ୱରଙ୍କ ଉପହାର। ସେମାନେ ବଗିଚାର ଫୁଲକଢ଼ ସଦୃଶ। ସେମାନଙ୍କୁ ମା'ବାପା, ଅଭିଭାବକ, ଗୁରୁ ଓ ସମାଜ ଉପଯୁକ୍ତ ସ୍ନେହ, ଯତ୍ନ ପ୍ରଦାନ କରିବାର ଦାୟିତ୍ୱ ରହିଛି। ସେମାନଙ୍କୁ ଏକ ସୁସ୍ଥ ସାମାଜିକ, ସାଂସ୍କୃତିକ ପରିବେଶ ମଧ୍ୟରେ ବଢ଼ାଇବା ଦରକାର ଯଦ୍ୱାରା ସେମାନେ ମାନସିକ, ଶାରୀରିକ ଓ ନୈତିକ ଭାବେ ଦାୟିତ୍ୱସମ୍ପନ୍ନ ନାଗରିକ ହୋଇପାରିବେ। ପିଲାମାନଙ୍କୁ ଅସମାନତା ଦୂର କରି ଉପଯୁକ୍ତ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବା ଉପରେ ବିଚାରପତି ସାହୁ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗର କମିଶନର ଶୁଭା ଶର୍ମା, ଆଇସିଡିଏସ୍‌ର ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ୟୁନିସେଫ ଓଡ଼ିଶା ଶାଖାର କ୍ଷେତ୍ର ଅଧିକାରୀ ମାନ୍ନା ବିଶ୍ୱାସ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧିକାରୀ, ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ହାଇକୋର୍ଟର ଜୁଭେନାଇଲ ଜଷ୍ଟିସ କମିଟି ପକ୍ଷରୁ ନିୟମିତ ଭାବେ ୨୦୧୯ ପର୍ଯ୍ୟନ୍ତ ଏହି ତ୍ରୈମାସିକ ନିଉଜଲେଟର ପ୍ରକାଶିତ ହୋଇଆସୁଥିଲା। ମାତ୍ର କୋଭିଡ୍ ପରଠାରୁ ଏହା ବନ୍ଦ ଥିଲା। ପୁଣି ଏବେଠାରୁ ତାହାର ପୁନଃ ପ୍ରକାଶନ ଆରମ୍ଭ ହେଲା ବୋଲି ସୂଚନା ଦିଆଯାଇଛି।



ମୌସୁମୀ ବର୍ଷା ଲାଗି ରହିଛି। ବିଶେଷକରି ସକାଳେ ଖରା ହେଉଥିବାବେଳେ ଅପରାହ୍ନରେ ବର୍ଷୁଛି। ଶନିବାର ଭୁବନେଶ୍ୱରରେ ହୋଇଥିବା ବର୍ଷା ସମୟର ଦୃଶ୍ୟ। (ଫଟୋ- ବିକାଶ ନାୟକ)



ଭୁବନେଶ୍ୱର ସୂଚନା ଭବନରେ ଶନିବାର ଅନୁଷ୍ଠିତ ସାଇ ଭକ୍ତ ସମ୍ମିଳନୀରେ ସାଇବାବାଙ୍କ ଆଳତି କରାଯାଉଛି। (ଫଟୋ- ମନୋରଞ୍ଜନ)

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରିଙ୍କୁ



@ ଗଜେନ୍ଦ୍ର



@ ସତ୍ୟବ୍ରତ



@ ଶୁଭେନ୍ଦୁ



@ ଦିଲୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



# ରଣବୀର କପୁରଙ୍କ ସହ ରୋମାନ୍ସ କରିବେ ରଶ୍ମିକା

ମୁମ୍ବାଇ

ରଣବୀରଙ୍କ ସହ ରୋମାନ୍ସ କରିବେ ଅଭିନେତ୍ରୀ ରଶ୍ମିକା ମନ୍ଧାନା। ସୂଚନା ଅନୁଯାୟୀ, ସାଉଥ ଅଭିନେତ୍ରୀ ରଶ୍ମିକା ଖୁବ୍ ଶୀଘ୍ର ଏକ ବଲିଉଡ ମୁଭିରେ ନଜର ଆସିବେ। ଏଥର ରଶ୍ମିକା ବଲିଉଡ ଅଭିନେତା ରଣବୀର କପୁରଙ୍କ ସହ ସ୍କ୍ରିନ୍ ଶେୟାର କରିବାକୁ ଯାଉଛନ୍ତି। ସେ ହେଉଛନ୍ତି ଆଗାମୀ ମୁଭି 'ଆନିମଲ'ର ମୁଖ୍ୟ ନାୟିକା। ସେ ଏହି ମୁଭିରେ ଗୀତାଞ୍ଜଳି ଭୂମିକାରେ ନଜର ଆସିବେ। ଶନିବାର ଆନିମଲରୁ ରଶ୍ମିକାଙ୍କର ଫାଷ୍ଟ ଲୁକ୍ ରିଲିଜ ହୋଇଛି। ଏହି ଅଭିନେତ୍ରୀ ଏକ ସିଲ୍କ ଶାଢି ପିନ୍ଧି ବହୁତ ସଂସ୍କାରି ଅବତାରରେ ନଜର ଆସିଛନ୍ତି। ରଶ୍ମିକାଙ୍କ ଏହି ଲୁକ୍ ଦେଖି ପ୍ରଶଂସକମାନେ ଖୁବ ଇମ୍ପ୍ରେସ ହୋଇଛନ୍ତି। ଗତ କିଛିଦିନ ହେବ ନିର୍ମାତାମାନେ 'ଆନିମଲ'ର ପୋଷ୍ଟର ଜାରି କରିଛନ୍ତି। ରଣବୀର କପୁରଙ୍କ ଲୁକ୍ ପ୍ରଥମେ ସାମ୍ନାକୁ ଆସିଥିଲା। ଏହା ପରେ ଭେଟେରାନ ଅଭିନେତା ଅନିଲ କପୁରଙ୍କ ଫାଷ୍ଟ ଲୁକ୍ ଦେଖିବାକୁ ମିଳିଥିଲା। ଅନିଲ କପୁରଙ୍କ ପରେ ଏବେ ଫିଲ୍ମରୁ ରଶ୍ମିକାଙ୍କ ଲୁକ୍ ପ୍ରଦର୍ଶନ କରାଯାଇଛି। ଅଭିନେତ୍ରୀ ଖୁବ୍ ଟ୍ରାଡିଶନାଲ ଦେଖାଯାଉଛନ୍ତି। ମେରୁନ ସିଲ୍କ ଶାଢି ସହ ନଜର ଝୁକାଏଁ ଏକଦମ୍ ଭାରତୀୟ ନାରୀ ଲୁକ୍‌ରେ ରଶ୍ମିକା ସ୍ପଷ୍ଟ ବାରି ହୋଇ ଯାଉଛନ୍ତି। ରଣବୀର କପୁରଙ୍କ ସହ ରଶ୍ମିକାଙ୍କ ଯୋଡି ଦେଖିବାକୁ ପ୍ରଶଂସକମାନେ ମଧ୍ୟ ବହୁତ ଉତ୍ସାହିତ ଅଛନ୍ତି। ଏହି ମୁଭିର ନିର୍ଦ୍ଦେଶନା ଦେଇଛନ୍ତି କବୀର ସିଂ ଫେମ୍ ସନ୍ଦୀପ ରେଡ୍ଡୀ ଭାଙ୍ଗା। ନିର୍ମାତାମାନେ ଅନିଲ କପୁରଙ୍କୁ ବଲବୀର ସିଂଙ୍କ ଚରିତ୍ରରେ ଫାଷ୍ଟ ଲୁକ୍ ପୋଷ୍ଟର ସହିତ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଅନିଲ କପୁରଙ୍କୁ ମଧ୍ୟ ବହୁତ ରଫ-ଟଫ ଲୁକ୍‌ରେ ଦେଖିବାକୁ ମିଳିଥିଲା। ଫିଲ୍ମର କାହାଣୀକୁ ନେଇ ନିର୍ମାତା ସସପେନ୍ସ ବଜାୟ ରଖିଛନ୍ତି। ପୂର୍ବରୁ 'ଆନିମଲ' ସେପ୍ଟେମ୍ବରରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାର ଥିଲା, କିନ୍ତୁ 'ଯବାନ' ସହିତ ଟକ୍କର ହେତୁ ଏହାକୁ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ଏହା ଡିସେମ୍ବର ୧ରେ ରିଲିଜ ହେବ। ଏହି ମୁଭିରେ ଅନିଲ କପୁର, ରଶ୍ମିକା ମନ୍ଧାନା, ବବି ଦେଓଲ ଏବଂ ତୃପ୍ତି ଡିମରି ମଧ୍ୟ ଅଭିନୟ କରିଛନ୍ତି।

# ବାଟବଣା କଲା ଗୁଗଲ ମ୍ୟାପ୍

ୱାଶିଂଟନ



ଆଜିକାଲି ଟେକ୍ନୋଲୋଜି ବହୁତ ଆଗେଇଛି। ଲୋକେ ଆଗେ ଅଜଣା ସ୍ଥାନ ବିଷୟରେ ଲୋକଙ୍କୁ ପଚାରିବା ସହ ଅଯଥା ସମୟ ନଷ୍ଟ କରୁଥିଲେ। ମାତ୍ର ଗୁଗଲ ମ୍ୟାପ ଯୋଗୁ କାହାକୁ ନ ପଚାରି ସିଧା ଯାଇ ଠିକଣା ସ୍ଥାନରେ ପହଞ୍ଚି ଯାଉଛନ୍ତି। ମାତ୍ର ଏହି ମ୍ୟାପ ଯୋଗୁ ଏକ ପରିବାର କିପରି ଅଡୁଆରେ ପଡ଼ି ମାମଲା ଦାଏର କରିଛନ୍ତି ତାହା ସାମ୍ନାକୁ ଆସିଛି। ଗୁଗଲ ମ୍ୟାପ୍ ଫଲୋ କରି ଯିବା ସମୟରେ ଭୁଶୁଡ଼ି ପଡ଼ିଥିବା ବ୍ରିଜ୍‌କୁ ଗାଡ଼ି ଚଢ଼ାଇଦେବାରୁ ଦୁର୍ଘଟଣାରେ ଜୀବନ ହରାଇଥିବା ବ୍ୟକ୍ତିଙ୍କ ପରିବାର ଅବହେଳା ଅଭିଯୋଗ କରି ଟେକ୍ କମ୍ପାନୀ ବିରୋଧରେ ମକଦ୍ଦମା ଦାଏର କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବ୍ରିଜଟି ୫ ବର୍ଷ ପୂର୍ବେ ଧୋଇଯାଇଥିବା କଥା ଗୁଗଲ ଜାଣିଥିଲା। କିନ୍ତୁ ନାଭିଗେଶନ ସିଷ୍ଟମ ଅପଡେଟ କରି ନ ଥିଲା। ମକଦ୍ଦମା ଅନୁଯାୟୀ, ଗତବର୍ଷ ସେପ୍ଟେମ୍ବରରେ ମେଡିକାଲ ଉପକରଣ ବିକ୍ରେତା ଫିଲିପ ପାକ୍ସସନଙ୍କ ଜିପ୍ ଗ୍ଲାଡିଏଟର ଉତ୍ତର କାରୋଲିନାର ହିକୋରୀରେ ବରଫ ଭିତରେ ପଶିଯିବା ପରେ ବୁଡ଼ି ଯାଇଥିଲେ। ତାଙ୍କ ଝିଅର ନବମ ଜନ୍ମୋତ୍ସବ ପାଳନ ପାଇଁ ଘରକୁ ଫେରୁଥିବା ବେଳେ ସେ ଏକ ଅଜଣା ସ୍ଥାନ ଦେଇ ଯାଉଥିଲେ। ଏହି ସମୟରେ ଗୁଗଲ ମ୍ୟାପ ତାଙ୍କୁ ଭୁଶୁଡି ପଡ଼ିଥିବା ବ୍ରିଜ ପାର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଗୁଗଲର ମାନବ ଜୀବନ ପ୍ରତି ସାମାନ୍ୟ ସମ୍ମାନ ନାହିଁ ବୋଲି ଫିଲିପଙ୍କ ସ୍ତ୍ରୀ ଆଲିସିଆ ପାକ୍ସସନ କହିଛନ୍ତି।

# ୯ମ ଶ୍ରେଣୀରୁ ଐଶ୍ୱର୍ଯ୍ୟାଙ୍କୁ ଆସିଥିଲା ଫିଲ୍ମ ଅଫର



ମୁମ୍ବାଇ

ପୂର୍ବତନ ବିଶ୍ୱସୁନ୍ଦରୀ ତଥା ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଖାଲି ଦେଶରେ ନୁହେଁ, ବିଦେଶରେ ମଧ୍ୟ ଲୋକପ୍ରିୟ। ସେ ତାଙ୍କର ବଳିଷ୍ଠ ଅଭିନୟ ମାଧ୍ୟମରେ ସମସ୍ତଙ୍କ ହୃଦୟ ଜିଣିଥାନ୍ତି। ଆଜି ବି ଐଶ୍ୱର୍ଯ୍ୟାଙ୍କର କ୍ରେଜ୍ କମିନାହିଁ। ଜାଣି ଆଶ୍ଚର୍ଯ୍ୟ ହେବେ ଐଶ୍ୱର୍ଯ୍ୟାଙ୍କୁ ଖୁବ କମ ବୟସରୁ ଫିଲ୍ମ ଅଫର ମିଳିଥିଲା। ଐଶ୍ୱର୍ଯ୍ୟା ଯେତେବେଳେ ନବମ ଶ୍ରେଣୀରେ ପଢୁଥିଲେ ତାଙ୍କୁ ପ୍ରଥମଥର କ୍ୟାମେଲିନ ପେନ୍ସିଲ ବିଜ୍ଞାପନ ଫିଲ୍ମରେ ଅଫର ଆସିଥିଲା। ସେ ମୁମ୍ବାଇରେ ଆର୍କିଟେକ୍ଟରରେ ପାଠପଢ଼ା ଆରମ୍ଭ କରିଥିଲେ। ମାତ୍ର ମଡେଲିଂରେ କ୍ୟାରିୟର ଆରମ୍ଭ କରିବାରୁ ଅଧାରୁ ପାଠପଢ଼ା ଛାଡ଼ି ଦେଇଥିଲେ। ୧୯୯୩ରେ ପେପ୍ସି ବିଜ୍ଞାପନରେ ତାଙ୍କୁ ସ୍ୱତନ୍ତ୍ର ପରିଚୟ ମିଳିଥିଲା। ୧୯୯୪ରେ ସେ ମିସ୍ ୱାର୍ଲଡ ହୋଇଥିଲେ।

## ରାଜ୍ୟ ଖବର

# ଅକ୍ଟୋବର ୩ରୁ ଇଭିଏମ୍ ଯାଞ୍ଚ

- ପ୍ରଥମ ପର୍ଯ୍ୟାୟରେ ୧୦ ଜିଲା
- ନିୟୋଜିତ ହେବେ ୩୦୦ ଇଞ୍ଜିନିୟର

ଭୁବନେଶ୍ୱର, ୨୩।୯ (ଅନିଲ ଦାସ)




ସାଧାରଣ ନିର୍ବାଚନକୁ ଆଉ କିଛି ମାସ ରହିଛି। ଏହା ପୂର୍ବରୁ ସମସ୍ତ ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ୍)ର ଏଫ୍ଏଲ୍‌ସି ତନଖି କାର୍ଯ୍ୟ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ଉପକୂଳବର୍ତ୍ତୀ ୧୦ଟି ଜିଲା ପାଇଁ ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୩ରୁ ୨୦ ତାରିଖ ଯାଏ ଏବଂ ଅବଶିଷ୍ଟ ୨୦ ଜିଲା ପାଇଁ ନଭେମ୍ବର ୧ରୁ ୧୫ ତାରିଖ ଯାଏ ଜିଲାସ୍ତରରେ ଅନୁଷ୍ଠିତ ହେବ । ଶନିବାର ଅନୁଷ୍ଠିତ ଦିନିକିଆ କର୍ମଶାଳାରେ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ସୂଚନା ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀଠାରେ ରାଜ୍ୟର ସମସ୍ତ ଜିଲାପାଳ, ଅତିରିକ୍ତ ଜିଲାପାଳ ଏବଂ ଡେପୁଟି କଲେକ୍ଟରମାନଙ୍କୁ ନେଇ ଇଭିଏମ୍‌ର ଯାଞ୍ଚ କାର୍ଯ୍ୟ ସମ୍ପର୍କରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ କର୍ମଶାଳାର ଶୁଭାରମ୍ଭ କରିବା ସହ ଆଗାମୀ ଦିନରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ତନଖି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ତନଖି କାର୍ଯ୍ୟକ୍ରମ ହେଉଥିବା ହଲ୍‌ରେ ଫଟୋଗ୍ରାଫି/ଭିଡିଓଗ୍ରାଫି କିମ୍ବା ମୋବାଇଲ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଇଭିଏମ୍ ତନଖି କାର୍ଯ୍ୟକ୍ରମ ହେଉଥିବା ହଲ୍‌ଟି ସମ୍ପୂର୍ଣ୍ଣ ଭାବେ ସିସିଟିଭି ନଜରରେ ରହିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳମାନେ ନିୟମିତ ଭାବେ ଇଭିଏମ୍ ତନଖି କାର୍ଯ୍ୟକ୍ରମକୁ ପରିଦର୍ଶନ କରିବେ। ଇଭିଏମ୍ ତନଖି କାର୍ଯ୍ୟକ୍ରମ ଶେଷରେ ଇଭିଏମ୍ ସୁପରଭାଇଜର ଏଫ୍ଏଲ୍‌ସି ସାର୍ଟିଫିକେଟ୍ ରାଜନୈତିକ ଦଳର ପ୍ରତିନିଧିଙ୍କୁ ପ୍ରଦାନ କରିବେ । ଇଭିଏମ୍ ତନଖି କାର୍ଯ୍ୟ ନିମନ୍ତେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରାୟ ୩୦୦ ଜଣ ଇଞ୍ଜିନିୟର ନିଯୁକ୍ତ ହେବେ । ଇଭିଏମ୍ ତନଖି କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ । ଏହି ସମୟରେ ବ୍ୟାପକ ସୁରକ୍ଷା ନିମନ୍ତେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ତରଫରୁ ୧ ସେକ୍‌ଶନ ପୋଲିସ ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ନିର୍ବାଚନ ଆୟୋଗଙ୍କ ତରଫରୁ ନିର୍ଦ୍ଦେଶକ(ଇଭିଏମ୍) ଏସ୍. ସୁନ୍ଦରରାଜନ୍, ନିର୍ବାଚନ ଆୟୋଗଙ୍କ ସଚିବ ମଧୁସୂଦନ ଗୁପ୍ତା ଏବଂ ଭାରତ ଇଲେକ୍‌ଟ୍ରୋନିକ୍ସ କର୍ପୋରେଶନ୍‌ର ଡେପୁଟି ଜିଏମ୍ ପି.ସି. ମଣ୍ଡଳ, ରାଜ୍ୟ ଇଭିଏମ୍ ନୋଡାଲ ଅଧିକାରୀ ତଥା ଜାତୀୟସ୍ତରୀୟ ମାଷ୍ଟରଟ୍ରେନର ପ୍ରମୋଦ କୁମାର ସାହୁ ପ୍ରମୁଖ କର୍ମଶାଳାରେ ଉପସ୍ଥିତ ରହି ପ୍ରଥମ ପର୍ଯ୍ୟାୟ ଇଭିଏମ୍ ତନଖି କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମଶାଳାରେ ସମସ୍ତ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଡେପୁଟି କଲେକ୍‌ଟର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ମିହିର କୁମାର ମହାନ୍ତି, ଯୁଗ୍ମ ସଚିବ ସଞ୍ଜୟ କୁମାର ଲୁଗୁନ୍, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶଙ୍କ ସମେତ ନିର୍ବାଚନ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ହୀରାକୁଦର ୨୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ



ସମ୍ବଲପୁର, ୨୩।୯ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ୨୪ ଗେଟ୍ ଦେଇ ଶନିବାର ବନ୍ୟାଜଳ ନିଷ୍କାସନ ହେଉଛି। ବର୍ତ୍ତମାନ ହୀରାକୁଦର ଉପରମୁଣ୍ଡରେ ବର୍ଷା ଲାଗିରହିଥିବାରୁ ଜଳ ଭଣ୍ଡାରର ଜଳସ୍ତର ବଢିବାରେ ଲାଗିଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବବେଳେ ବର୍ତ୍ତମାନ ଏହା ୬୨୮.୮୧ ଫୁଟ୍‌ରେ ପହଞ୍ଚିଛି। ଜଳସ୍ତର ନିୟନ୍ତ୍ରଣ କରିବାକୁ ଏହି ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩ ଲକ୍ଷ ୯୩ ହଜାର ୮୨୩ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ୪ ଲକ୍ଷ ୩୧ ହଜାର ୯୭୮ କ୍ୟୁସେକ ଜଳ ନିଷ୍କାସନ ହେଉଛି। ତଳମୁଣ୍ଡ ବେଲଗାଁରେ ୩୮ ହଜାର ୬ ଶହ, ପର୍ଥଲାରେ ୯୫ ହଜାର ୬୦୬, ଖଇରମାଲରେ ୫ ଲକ୍ଷ ୪୮ ହଜାର, ବର୍ମୁଲାରେ ୫ ଲକ୍ଷ ୪୮ ହଜାର ୭୦୦, ମୁଣ୍ଡୁଲିରେ ୩ ଲକ୍ଷ ୯ ହଜାର ୨୭୪ କ୍ୟୁସେକ ପାଣି ପ୍ରବାହିତ ହେଉଛି।

# ମାଓବାଦୀ ଗିରଫ, ବିସ୍ଫୋରକ ଜବତ

ମାଲକାନଗିରି, ୨୩।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ଶନିବାର ଜଣେ ମାଓବାଦୀଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ବହୁ ପରିମାଣରେ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ସେ ହେଲେ ବେକୋ କୋସା। ସୁକ୍‌ମା ଜିଲା ଭେଜି ଥାନାରୁ ଜିଲା ପୋଲିସ ଓ ଡିଆର୍‌ଜି ପୋଲିସ ମୋବାଇଲ ଚେକ୍ ପୋଷ୍ଟକୁ ଯାଉଥିବା ବେଳେ କୋସାଙ୍କ ସମ୍ପର୍କରେ ସୂଚନା ପାଇଥିଲେ। ଭେଜି ଗ୍ରାମକୁ ଯାଉଥିବା ରାସ୍ତାରେ କୋସାଙ୍କୁ ରାସ୍ତାରୁ ଗିରଫ କରିଥିଲେ। ତାଙ୍କ ନିକଟରୁ ୧୦ଟି ଜିଲେଟିନ୍ ଷ୍ଟିକ୍, ୫ଟି ଡିଟୋନେଟର, ୫ ମିଟର କୋଡେକ୍ସ ତାର ଆଦି ଜବତ ହୋଇଛି। ତାଙ୍କୁ ପଚରାଉଚରା ସମୟରେ ସେ ପ୍ରତିବନ୍ଧିତ ମାଓବାଦୀ ସଙ୍ଗଠନରେ ମିଲିସିଆ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା କହିଥିଲେ। ମାଓବାଦୀ କମାଣ୍ଡର ବେଟି ଭିମାଙ୍କ ନିର୍ଦ୍ଦେଶରେ ସେ ପୋଲିସ ଯାତାୟାତ ରାସ୍ତାରେ ଆଇଇଡି ବିଛାଇବା କାର୍ଯ୍ୟ କରୁଥିବା ସ୍ୱୀକାର କରିଛନ୍ତି। ୨୦୧୯ରେ ମାଓବାଦୀ ସାଥୀମାନଙ୍କ ସହ ସେ ଭେଜି ଏଲାରମଡଗୁ ରାସ୍ତାରେ ପୋଲିସ ଦଳକୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଆଇଇଡି ବିଛାଇଥିଲେ। ତେବେ ଉକ୍ତ ଆଇଇଡି ସଂସ୍ପର୍ଶରେ ଜଣେ ଗ୍ରାମବାସୀ ଆସିବାରୁ ସେତେବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଗିରଫ ପରେ କୋସାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୩।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ପୋଲିସ ନିକଟରେ ଶନିବାର ୨ଜଣ ଜନମିଲିସିଆ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ତାତି ଜଗା ଓ ଦୁଧି ମୁକା। ଏହି ୨ଜଣ କିସ୍ତାରାମ ଥାନା ଅଞ୍ଚଳ ନିବାସୀ ହୋଇଥିବା ବେଳେ ଦୀର୍ଘଦିନ ଧରି ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ତେବେ ପୋଲିସର କୋମ୍ବିଂ ଅପରେଶନ ପରେ ତାତି ଓ ଦୁଧି ଅପରେଶନ କାର୍ଯ୍ୟାଳୟକୁ ଯାଇ ଆତ୍ମସମର୍ପଣ କରିଥିଲେ। ଉଭୟଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ



ଆତ୍ମସମର୍ପଣ କରିଥିବା ୨ ମାଓବାଦୀ (ପଛ)।

ପ୍ରକାର ସୁବିଧା ମିଳିବ ବୋଲି ସୁକ୍‌ମା ପୋଲିସ ପ୍ରକାଶ କରିଛି। ସେମାନଙ୍କ ଆତ୍ମସମର୍ପଣ ସମୟରେ ଦ୍ୱିତୀୟ କମାଣ୍ଡ ଅଧିକାରୀ ଦିନେଶ କୁମାର, କୋବ୍ରା ବାହିନୀର ଅତିରିକ୍ତ କମାଣ୍ଡାଣ୍ଟ ହେମନ୍ତ ପ୍ଲାସ୍ ଓ ଅତିରିକ୍ତ ଏସ୍‌ପି ଉତ୍ତମ ପ୍ରତାପ ସିଂ ଉପସ୍ଥିତ ଥିଲେ।

# ୨ରୁ ଗଡ଼ିବ ସଚେତନତା ରଥ

## ଚିନ୍ତା ବଢ଼ାଇଛି ସାଇବର ଅପରାଧ

- ରୋଡ୍ ମ୍ୟାପ୍ ପ୍ରସ୍ତୁତ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୯ (ଅନିଲ ଦାସ)

ରାଜ୍ୟରେ ସାଇବର ଅପରାଧ ବଢ଼ି ଚାଲିଥିବାବେଳେ ଅପରାଧୀଙ୍କ କବଳରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ସରକାର ସଚେତନତା ଉପରେ ଗୁରୁତ୍ୱ ଦେଇଛନ୍ତି। ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ସାଇବର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ। ଆସନ୍ତା ୨ରୁ ପ୍ରତ୍ୟେକ ଜିଲା ସଦର ମହକୁମାରେ ସାଇବର ସଚେତନତା ରଥ ଗଡ଼ିବ। ୩୪ଟି ରଥ ଜିଲାର ବିଭିନ୍ନ ସ୍କୁଲ, କଲେଜ ଓ ପଞ୍ଚାୟତ ବୁଲିବ। ଜିଲା, ଉପଖଣ୍ଡ ଏବଂ ପଞ୍ଚାୟତ ସ୍ତରରେ ଜନପ୍ରତିନିଧି, ବିଧାୟକ, ସ୍ୱେଚ୍ଛାସେବୀ ସଙ୍ଗଠନ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀମାନଙ୍କୁ ସାମିଲ କରାଯିବ। ଏହି ପରିପ୍ରେକ୍ଷୀରେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ନିମନ୍ତେ କୁଇଜ୍ ପ୍ରତିଯୋଗିତା, କ୍ଷୁଦ୍ର ନାଟକ, ପଦଯାତ୍ରା, ଗଣଦୌଡ଼, ସାଇକେଲ ଯାତ୍ରା, ପ୍ରାଚୀର ପେଣ୍ଟିଂ, ଗଣମାଧ୍ୟମରେ ପ୍ରଚାର କରାଯିବ। ଏଟିଏମ୍‌ଜନିତ ଠକେଇ, ଇଣ୍ଟରନେଟ୍‌ର ଠିକ୍ ବ୍ୟବହାର, ସୁରକ୍ଷିତ ଆର୍ଥିକ କାରବାର, ଫେସ୍ ବୁକ୍, ୟୁଟ୍ୟୁବ୍ ଆଦି ସାମାଜିକ ଗଣମାଧ୍ୟମର ବ୍ୟବହାରରେ ଆପରାଧିକ କାର୍ଯ୍ୟକଳାପ ରୋକି ଲୋକଙ୍କୁ ସଚେତନ କରାଯିବ। ଏଥିପାଇଁ ସ୍କୁଲ ଓ ଗଣଶିକ୍ଷା, ଉଚ୍ଚ ଶିକ୍ଷା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ, ମିଶନ ଶକ୍ତି ବିଭାଗଗୁଡିକୁ ସକ୍ରିୟ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ବିଭାଗରେ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ବ୍ୟାପକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବାରୁ ନିଯୁକ୍ତି ଆଶାୟୀମାନେ ଯେପରି ଗୁଜବ ଓ ଠକାମିର ଶିକାର ନ ହୁଅନ୍ତି, ସେଥିପ୍ରତି ସଚେତନ ହେବା ନେଇ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶନିବାର ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୂଚନା ଦିଆଯାଇଥିଲା। ଏହି ଉଚ୍ଚସ୍ତରୀୟ ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ଏଡିଜି, କ୍ରାଇମ୍ ଅରୁଣ ବୋଥ୍ରାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ସମସ୍ତ ଜିଲାର ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ ତଥା ଗୃହ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ଜିଲାରେ ଜିଲା ପ୍ରଶାସନ ଓ ପୋଲିସ ସହଯୋଗରେ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଶୀଘ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୩୦ରେ ଭୁବନେଶ୍ୱରରୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ।



ରେଙ୍ଗାଲି ଫଟାମୁଣ୍ଡା ଗ୍ରାମର ଚାଷୀ ଯଜ୍ଞଶିନୀ କୁଅଁର ଓ ସ୍ୱାମୀ ମହେନ୍ଦ୍ର।

# ସଫଳ ପିଜୁଳି ଚାଷୀ କୁଅଁର ଦମ୍ପତି

ସମ୍ବଲପୁର, ୨୩।୯ (ଶୁଭାଶିଷ ପାଢ଼ୀ)

ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା ମିଳେ। ସଂଘର୍ଷ କରି ଏଭଳି ସଫଳତା ପାଇଛନ୍ତି ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଫଟାମୁଣ୍ଡା ଗାଁର ଚାଷୀ ଦମ୍ପତି ଯଜ୍ଞଶିନୀ କୁଅଁର ଓ ସ୍ୱାମୀ ମହେନ୍ଦ୍ର। ଏମାନେ ପିଜୁଳି ଚାଷ କରି ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଇଁ ଏହି ଦମ୍ପତି ଏବେ ପ୍ରେରଣା ପାଲଟିଛନ୍ତି। ମହେନ୍ଦ୍ର କହନ୍ତି, ପୂର୍ବରୁ ପାରମ୍ପରିକ ପ୍ରଣାଳୀରେ ଧାନଚାଷ କରିଆସୁଥିଲେ। ଏହି ଚାଷରେ ବିଶେଷ ଲାଭ ହେଉ ନ ଥିଲା। କିଛି ଭିନ୍ନ ଚାଷ କରିବା ପାଇଁ ମନରେ ଭାବିଥିଲେ। ଚାଷରେ ସଫଳତା ପାଇବା ପାଇଁ ସୋସିଆଲ ମିଡିଆ ୟୁଟ୍ୟୁବ ଦେଖିଥିଲେ। ତାଇ- ୭ ପ୍ରଜାତିର ପିଜୁଳି ଓ କାଜୁ ଚାଷ କିପରି ହୋଇଥାଏ ସେ ନେଇ ଏକ ଭିଡ଼ିଓ ଦେଖିଥିଲେ। ଏହାପରେ ପାରମ୍ପରିକ ପୁରୁଣା ଚାଷ ପଦ୍ଧତି ଛାଡି ଜୈବିକ ପଦ୍ଧତିରେ ପିଜୁଳି ଓ କାଜୁ ଚାଷ କରିବା ପାଇଁ ଆଗ୍ରହ ବଢିଥିଲା। ଶେଷରେ ଜୈବିକ ପ୍ରଣାଳିରେ ପିଜୁଳି ଓ କାଜୁ ଚାଷ ଆରମ୍ଭ କରିଥିଲେ। ନିଜର ୨ ଏକର ଜମିରେ ସେ ୨ ହଜାର ଗୋଟି ତାଇ-୭ ପ୍ରଜାତି ପିଜୁଳି ଚାରା ଲଗାଇଥିଲେ। ଏଥିରେ ସେ ସୋରିଷ ଓ ଲିମ୍ବ ପିଡିଆର ଜୈବିକ ଖତ ପ୍ରୟୋଗ କରିଥିଲେ। ଗୋଟିଏ ଚାରାକୁ ସେ ୨୫୦ ଟଙ୍କାରେ କିଣିଥିଲେ। ଏଥିରେ ତାଙ୍କର ମୋଟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ସେହିପରି ୩ ଏକର ଜମିରେ ସେ ଜୈବିକ ପଦ୍ଧତିରେ କାଜୁ ଚାଷ ମଧ୍ୟ କରିଛନ୍ତି। ଏବେ ଗଛଗୁଡିକ ବଡ ହୋଇ ଫଳ ଧରିବା ଆରମ୍ଭ କଲାଣି। ମହେନ୍ଦ୍ରଙ୍କ ଏହି ଚାଷ କାମରେ ସ୍ତ୍ରୀ ଯଜ୍ଞଶିନୀଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଛି। ଯଜ୍ଞଶିନୀ ସ୍ଥାନୀୟ ସମିତିସଭ୍ୟା ହୋଇଥିବା ବେଳେ ନିଜ କାମରୁ ଟିକିଏ ଅବସର ମିଳିଲେ ସ୍ୱାମୀଙ୍କୁ ସହଯୋଗ କରନ୍ତି। ଏହି ତାଇ- ୭ ପିଜୁଳି ଚାଷର ବିଶେଷତ୍ୱ ହେଉଛି ଏହା ବର୍ଷକରେ ୩ଥର ଫଳ ଅମଳ ଦେଇଥାଏ। ଏଭଳି ଅର୍ଥକରୀ ଚାଷ କରି ସେ ନିଜେ ଲାଭବାନ ହେବାସହ ସ୍ଥାନୀୟ ଅଞ୍ଚଳର ୧୦ ଜଣ ଲୋକଙ୍କୁ ରୋଜଗାର ଦେଇଛନ୍ତି। ଚାଷୀ ଦମ୍ପତିଙ୍କ ଏହି ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି।

**OFFICE OF THE REVENUE DIVISIONAL COMMISSIONER, CENTRAL DIVISION**
**ODISHA, CUTTACK**
**Adv. No. IA-20/2023-13031/Estt.II Date: 22.09.2023**
**WALK-IN-INTERVIEW**
No. D-: A Walk-in-Interview is going to be conducted on 03.10.2023 at 3.00 P.M. for re-engagement of 13 Nos. of retired Government employees from among the ministerial Cadre against 13 vacant posts of Junior Assistants in the Office of the RDC (CD), Cuttack for a period of 01 (One) year or till the posts are filled up by the regular recruitment process, whichever is earlier.
For complete details please visit RDC (CD), Cuttack website: **https://rdccdcuttack.nic.in/.** The interested candidates fulfilling the eligibility criteria may appear for the interview on the scheduled date and time. The registration will be made **between 11.00 A.M. to 12.00 Noon** and no registration will be entertained after the scheduled time.
**Sd./- Revenue Divisional Commissioner**
**Central Division, Cuttack**
OIPR-24170/11/0009/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ରାୟଗଡ଼ା ଜିଲା କଂଗ୍ରେସ ନୂତନ କମିଟି ଗଠନରେ ବିଳମ୍ବ

# ନିର୍ବାଚନ ରଣନୀତିକୁ ନେଇ ପ୍ରଶ୍ନବାଚୀ

**ରାୟଗଡ଼ା,୨୩।୯(ଆଶିଷ ରଞ୍ଜନ ପଣ୍ଡା)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲାରେ କଂଗ୍ରେସ ସଭାପତି ପରିବର୍ତ୍ତନ ହୋଇଥିବା କୁହାଯାଇଥିଲା। ପୂର୍ବତନ ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ହେବା ପରେ ଜିଲା କଂଗ୍ରେସ ସଭାପତି ପଦ ଖାଲି ରହିଥିଲା। ଗତ ଜୁନ୍ ମାସରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ବରିଷ୍ଠ ନେତା ବିଜୟ କୁମାର ଗମାଙ୍ଗଙ୍କୁ ଜିଲା ସଭାପତି ଘୋଷଣା କରାଯାଇଥିଲା। ତେବେ ବିଜୟଙ୍କ ସଭାପତି ଘୋଷଣା ହେବାର ୩ ମାସ ବିତିଯାଇଥିଲେ ମଧ୍ୟ ଜିଲା କଂଗ୍ରେସ କମିଟି ଏପର୍ଯ୍ୟନ୍ତ ଗଠନ ହୋଇପାରିନାହିଁ। ଫଳରେ ଆଗାମୀ ନିର୍ବାଚନ ପାଇଁ କଂଗ୍ରେସ ଜିଲାରେ କିଭଳି ନିଜର ରଣନୀତି ପ୍ରସ୍ତୁତ କରିବ ସେ ନେଇ କର୍ମୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ରାଜ୍ୟର ଏକମାତ୍ର କଂଗ୍ରେସ ଏମ୍‌ପି ଭାବେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ସପ୍ତଗିରି ଉଲାକାଙ୍କ ନିଜ ଜିଲା ହେଉଛି ରାୟଗଡ଼ା। ସେ ଏଆଇସିସି ସମ୍ପାଦକ ମଧ୍ୟ ଅଛନ୍ତି। ଯଦି ଏମ୍‌ପିଙ୍କ ଜିଲାରେ ଏଭଳି ଭାବେ ଜିଲା କମିଟି ଘୋଷଣାରେ ବିଳମ୍ବ ହୁଏ ତେବେ ଆଗାମୀ ନିର୍ବାଚନରେ ଦଳ ଉପରେ ଏହାର ବେଶ୍ ପ୍ରଭାବ ପଡ଼ିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି।

ରାୟଗଡ଼ା ଜିଲାର ୩ ବିଧାନସଭା ନିର୍ବାଚନମଣ୍ଡଳୀ ଦୀର୍ଘ ବର୍ଷ ଧରି କଂଗ୍ରେସ ହାତରୁ ଚାଲିଯାଇଛି। ଏ ପରିପ୍ରେକ୍ଷୀରେ ନୂତନ ଜିଲା କମିଟି ଘୋଷଣା ନ ହେବା ଆଗାମୀ ନିର୍ବାଚନରେ ଦଳ ଉପରେ ବିପରୀତ ପ୍ରଭାବ ପକାଇପାରେ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। କାରଣ ଗତ ନିର୍ବାଚନଗୁଡ଼ିକରେ ସମୟକ୍ରମେ କଂଗ୍ରେସ ହାତରୁ ଉଭୟ କୋରାପୁଟ ଲୋକସଭା ଓ ଜିଲାର ୩ ବିଧାନସଭା ଆସନ ଚାଲିଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ସପ୍ତଗିରି କୋରାପୁଟ ଲୋକସଭା ଆସନରୁ ବିଜୟୀ ହୋଇ ପୁଣି ଦଳକୁ ସୁଦୃଢ଼ କରିଥିଲେ। ତେବେ ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ କହିଛନ୍ତି, ଖୁବଶୀଘ୍ର କମିଟି ଗଠନ ହେବ। ଅପରପକ୍ଷେ କିଛି ଦିନ ତଳେ ଜିଲାର ୩ ନିର୍ବାଚନ ମଣ୍ଡଳୀ ପାଇଁ ରାଜ୍ୟସ୍ତରୀୟ ଆଲୋଚନା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏଥିରୁ ଦଳରେ ଏକ ପ୍ରକାର ଗୋଷ୍ଠୀ କନ୍ଦଳ ଚାଲିଥିବା କର୍ମୀ ମହଲରେ ଆଲୋଚନା ହେଉଛି।

# ଜାତି ଜନଗଣନାକୁ ପ୍ରଧାନମନ୍ତ୍ରୀ ଡରୁଛନ୍ତି କାହିଁକି: ରାହୁଲ

**ଜୟପୁର,୨୩।୯ (ପି.ଟି.)**

ଦେଶରେ ଜାତିଭିତ୍ତିକ ଜନଗଣନା କରାଇବା ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଗୁରୁତ୍ୱାରୋପ କରିଛନ୍ତି। ଜାତି ଜନଗଣନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡରୁଛନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜସ୍ଥାନର ଜୟପୁରରେ ଦଳୀୟ କର୍ମୀମାନଙ୍କ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ରାହୁଲ କହିଥିଲେ, ଦେଶର ନାଁ ଇଣ୍ଡିଆରୁ ଭାରତ କରିବା ପାଇଁ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା। ଏହା ବଦଳରେ ମହିଳା ସଂରକ୍ଷଣ ବିଲ୍ ଆଗତ କରାଗଲା। ଏହି ବିଲ୍ ଏବେଠାରୁ ପାର୍ଲାମେଣ୍ଟ ଓ ବିଧାନସଭାରେ କାର୍ଯ୍ୟକାରୀ ହୋଇପାରନ୍ତା। କିନ୍ତୁ ସରକାର ନୂଆ ଜନଗଣନା ଏବଂ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଆଳରେ ଏହାକୁ ୧୦ ବର୍ଷ ସ୍ଥଗିତ ରଖିବାକୁ ଚାହୁଁଛନ୍ତି ବୋଲି କଂଗ୍ରେସ ନେତା ଅଭିଯୋଗ କରିଛନ୍ତି। ଆମେ ଓବିସିମାନଙ୍କ ଅଂଶଗ୍ରହଣ ଉପରେ ଆଲୋଚନା କରୁଥିବାବେଳେ ଜାତି ଜନଗଣନା ବିନା ଏହା କରାଯାଇପାରିବ ନାହିଁ। ପ୍ରଧାନମନ୍ତ୍ରୀ ଓବିସିଙ୍କୁ ସମ୍ମାନ କଥା କହୁଥିବାବେଳେ ଜାତି ଜନଗଣନାକୁ ତାଙ୍କର ଭୟ କ'ଣ ପାଇଁ ବୋଲି ରାହୁଲ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ପୂର୍ବରୁ ଜାତି ଜନଗଣନା କରିଥିଲା ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କୁହନ୍ତୁ। ଆଗାମୀ ଜନଗଣନା ଜାତି ଆଧାରରେ କରାଯାଉ ବୋଲି ରାହୁଲ ଦାବି କରିଛନ୍ତି।


ଜୟପୁରସ୍ଥିତ କନ୍‌ଷ୍ଟିଟ୍ୟୁଶନ୍ କ୍ଲବ୍ ଉଦ୍‌ଘାଟନୀ ଉତ୍ସବ ଅବସରରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କୁ ଦେଖିବାକୁ ମିଳିଛି। ରାଜସ୍ଥାନ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଶୁକ୍ରବାର ରାତିର ଏହି ଫଟୋ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇ ହଟଚମଟ ସୃଷ୍ଟି କରିଛି। ଗେହଲଟ୍ ଓ ବସୁନ୍ଧରାଙ୍କ ସହ ବିଧାନସଭା ବାଚସ୍ପତି ସି.ପି. ଜୋଷୀ ଏବଂ ବିରୋଧୀ ଦଳ ନେତା ରାଜେନ୍ଦ୍ର ରାଠୋର ଉପସ୍ଥିତ।

## ବିଜେଡିରୁ ୨ ବହିଷ୍କୃତ

**ଭୁବନେଶ୍ୱର,୨୩।୯(ଅନିଲ ଦାସ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସମାଡ ଏବଂ ଏସ୍‌ଡିସି ସଦସ୍ୟ ଜଲେନ ନାଏକଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳ ବିରୋଧୀ କାର୍ଯ୍ୟ ପାଇଁ ଉଭୟଙ୍କୁ ବହିଷ୍କାର କରାଯାଇଛି। ଏ ନେଇ ଶନିବାର ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

### ସମ୍ବଲପୁର ବିଧାନସଭା

# ସବୁ ଦଳରେ ଏକାଧିକ ଆଶାୟୀ

**ସମ୍ବଲପୁର,୨୩।୯(ଶୁଭାଶିଷ ପାଢ଼ୀ)**



ସାଧାରଣ ନିର୍ବାଚନ ପାଇଁ ଘୋଷଣା ହୋଇ ନ ଥିଲେ ମଧ୍ୟ ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସମ୍ବଲପୁର ବିଧାନସଭାମଣ୍ଡଳୀରେ ଏବେକାର ସ୍ଥିତିରେ ପ୍ରମୁଖ ଦଳ ଭାଜପା, ବିଜେଡି, କଂଗ୍ରେସ ସଙ୍ଗଠନ କ୍ଷେତ୍ରରେ ଦୁର୍ବଳ ଥିବା ରାଜନୈତିକ ବିଶ୍ଳେଷକ ମହଲରେ ଆଲୋଚନା ହେଉଛି। ପ୍ରତ୍ୟେକ ଦଳରେ ଏକାଧିକ ଆଶାୟୀ ନିର୍ବାଚନ ମଇଦାନରେ ଓହ୍ଲାଇବାକୁ ଆଶା ରଖିଛନ୍ତି। ଶାସକ ବିଜେଡି ସମେତ କଂଗ୍ରେସ ନୂଆଁମୁହଁଙ୍କୁ ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଥିବା ବେଳେ ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ପୁଣି ପ୍ରାର୍ଥୀ କରିପାରେ କର୍ମୀମହଲରେ ଚର୍ଚ୍ଚା ଚାଲିଛି।

ଭାଜପାରୁ ଜୟନାରାୟଣ ବିଜୟୀ ହୋଇଥିଲେ ମଧ୍ୟ ଦଳର ସ୍ଥିତି ଦୁର୍ବଳ ଥିବା କୁହାଯାଉଛି। ସଭାସମିତି, ରାଲି, ବିକ୍ଷୋଭରେ ସମର୍ଥକ ଓ କର୍ମୀଙ୍କ ଆଶାନୁରୂପକ ଦେଖା ମିଳୁନାହିଁ। ଏଥିରେ ଜିଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱର ଅଭାବ ଓ ବିଧାୟକ ମିଶ୍ରଙ୍କ ଅନୁପସ୍ଥିତିକୁ କେତେକ କର୍ମୀ ଦାୟୀ କରୁଛନ୍ତି। ବରଗଡ ଏମ୍‌ପି ସୁରେଶ ପୂଜାରୀ ସମ୍ବଲପୁରରେ ସମୟ ଦେଇ ନ ପାରିବାକୁ ମଧ୍ୟ ଏକ କାରଣ ବୋଲି କୁହାଯାଉଛି। ଭାଜପାରେ ସୀମାଞ୍ଚଳ ଖଟେଇ, ଜିଲା ସଭାପତି ପଟେଲ ଆଶାୟୀ ଥିବା ଦଳୀୟ କର୍ମୀମାନେ କହୁଛନ୍ତି। ସେହିପରି ଶାସକ ବିଜେଡି ମଧ୍ୟ ସଙ୍ଗଠନକୁ ନେଇ ବେଶ ଚିନ୍ତିତ। ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ନିଜେ ସୁଧାର ଆଣିବା ପାଇଁ ଦାୟିତ୍ୱ ନେଇଛନ୍ତି। ସେ ଏଠାକୁ ଆସି ବୈଠକ କରୁଛନ୍ତି। ହେଲେ ଦଳ ଭିତରେ ମତାନ୍ତର ଥିବା ଚର୍ଚ୍ଚା ହେଉଛି। ବିଜେଡି ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ୨୦୧୯ ନିର୍ବାଚନରେ ମାତ୍ର ୪୩୮୦ ଭୋଟରେ ବର୍ତ୍ତମାନର ବିରୋଧୀ ଦଳ ନେତା ଜୟନାରାୟଣଙ୍କଠାରୁ ପରାଜିତ ହୋଇଥିଲେ। ଭୋଟ ବ୍ୟବଧାନ ଓ ତାଙ୍କର ଛବିକୁ ନେଇ ସେ ଆଗାମୀ ନିର୍ବାଚନରେ ପ୍ରମୁଖ ଦାବିଦାର ସହ ଆଶାୟୀ ଅଛନ୍ତି। ଏହା ସହ ପୂର୍ବତନ ଜିଲା ସଭାପତି ଡ. ପ୍ରମୋଦ ରଥ, କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ଟିକେଟ ଦୌଡ଼ରେ ଅଛନ୍ତି ବୋଲି ଆଲୋଚନା ହେଉଛି। ଡ. ରଥ ବିଜେଡି ଜିଲା ସଭାପତି ରହିଥିବା ସମୟରେ ଜିଲାର ସଙ୍ଗଠନ ସୁଚାରୁରୂପେ କରିଥିଲେ। ତେଣୁ ସମ୍ବଲପୁର ବିଧାନସଭା ଉପରେ ତାଙ୍କର ନଜର ରହିଛି। ଯୁବନେତା ମହାନ୍ତି ମଧ୍ୟ ଯୁବଛାତ୍ର ସଙ୍ଗଠନ ସହ ବିଭିନ୍ନ ମହିଳା ଓ ପୁରୁଷ ଶ୍ରମିକ ସଙ୍ଗଠନ ପରିଚାଳନା କରୁଛନ୍ତି। ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା କାଳିଆ ଯୋଜନାର ଉପଦେଷ୍ଟା ସଞ୍ଜୟ ବାବୁଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। କଂଗ୍ରେସ ଦଳରେ ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କୁ ଦାୟିତ୍ୱରୁ ହଟାଇ ଆସଫ ଅଲି ଖାନଙ୍କୁ ଦିଆଯାଇଛି। ଆସଫ ମଧ୍ୟ ଦଳୀୟ କାର୍ଯ୍ୟକ୍ରମ କରିବା ପରେ ପଦରୁ ଇସ୍ତଫା ଦେଇଥିଲେ। ହେଲେ ଗ୍ରହଣ କରାଯାଉ ନାହିଁ।

ସବୁ ଦଳର ଆଶାୟୀମାନେ ଭିତିରିଆ ବିଭିନ୍ନ ସ୍ଥାନରେ ସଭାସମିତି କରୁଛନ୍ତି। ଏପରି କି ଭାଜପାର ଆଶାୟୀମାନେ କେନ୍ଦ୍ରୀୟ ନେତାଙ୍କ ପାଖାପାଖି ହୋଇ ଟିକେଟ ଲବି କରୁଛନ୍ତି। ଭାଜପା ବିଚାର ଧାରାରେ ରହିଥିବା ଛାୟା ସଙ୍ଗଠନର ଜଣେ ଯୁବ କମକର୍ତ୍ତା ମଧ୍ୟ ଆଶାୟୀ ଦୌଡରେ ଅଛନ୍ତି। ହେଲେ ବିଧାୟକ ଜୟଙ୍କ ବିକଳ୍ପ ଦଳରେ ଅଭାବ ରହିଛି। କଂଗ୍ରେସରୁ ପୂର୍ବରୁ ପ୍ରାର୍ଥୀ ହୋଇଥିବା ଆଇନଜୀବୀ ସୁରେଶ୍ୱର ମିଶ୍ରଙ୍କ ସମେତ ଅମିତ ଗୁରୁ, ଦୁଲାଲ ପ୍ରଧାନ ଆଶାୟୀ ରହିଛନ୍ତି। ସୂଚନାଯୋଗ୍ୟ ଏହି ବିଧାନସଭା କ୍ଷେତ୍ରରେ ମୋଟ ୨ ଲକ୍ଷ ୯୯ ଭୋଟର ଏପର୍ଯ୍ୟନ୍ତ ତାଲିକାରେ ରହିଛନ୍ତି।

# ବିଜେଡି ଛାଡ଼ି ଭାଜପାରେ ତିରିଂ ବ୍ଲକ ଅଧ୍ୟକ୍ଷ


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦଳୀୟ ନେତୃବୃନ୍ଦଙ୍କ ସହ ଅନ୍ୟଦଳରୁ ଆସି ଯୋଗଦେଇଥିବା ନେତା ଓ କର୍ମୀ।

**ଭୁବନେଶ୍ୱର,୨୩।୯(ଅନିଲ ଦାସ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସମାଡ ଆନୁଷ୍ଠାନିକ ଭାବେ ବିଜେଡି ଛାଡି ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି। ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସେ ଓ ତାଙ୍କ ସମର୍ଥକମାନେ ଭାଜପାରେ ସାମିଲ ହୋଇଛନ୍ତି। ସମାଡଙ୍କ ସମେତ ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାର୍ଦା, ପାଣ୍ଡୁପଲ୍ଲୀ ଗ୍ରାମପଞ୍ଚାୟତ ସରପଞ୍ଚ ସୁନ୍ଦରମୋହନ ବାସ୍କେ, ତିରିଂ ସମିତି ସଭ୍ୟା ଅଞ୍ଜନା ବେହେରା, ବିଜେଡି ନେତା ସମୀର ମାରାଣ୍ଡି, ସୁନ୍ଦର ମୋହନ ଟୁଡୁ, ଧନାଇ ମାରାଣ୍ଡି, ରବୀନ୍ଦ୍ର ବିରୁଲି, ମୋଚିରାମ ମାରାଣ୍ଡି, ନୀତିମା ସମାଡ ପ୍ରମୁଖ ବହୁ ନେତା ନିଜ ନିଜ ସମର୍ଥକଙ୍କ ଗହଣରେ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ଯଦୁନାଥ ସୋରେନ, ପରେଶ ମାରାଣ୍ଡି, ଭଦ ସୋରେନ ପ୍ରମୁଖ ନିଜ ନିଜ ସମର୍ଥକଙ୍କ ଗହଣରେ ଜେଏମ୍ଏମ୍ ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ରାଜ୍ୟ ସଭାପତି ଏବଂ କେନ୍ଦ୍ରମନ୍ତ୍ରୀ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। ରାଜ୍ୟରେ ଗଣତନ୍ତ୍ର ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିଛି। ଆଗାମୀ ସାଧାରଣ ନିର୍ବାଚନରେ କେନ୍ଦ୍ରରେ ମୋଦିଜୀଙ୍କ ନେତୃତ୍ୱରେ ସରକାର ଗଠନ ହେବା ସହିତ ରାଜ୍ୟରେ ମଧ୍ୟ ଭାଜପାର ଡବଲ୍ ଇଞ୍ଜିନ ସରକାର ଗଠନ ହେବ ବୋଲି ସମାଡ କହିଛନ୍ତି।

ଏହି ମିଶ୍ରଣ ପର୍ବରେ ମୟୂରଭଞ୍ଜ ରାଇରଙ୍ଗପୁର ସାଙ୍ଗଠନିକ ଜିଲା ସଭାପତି ତଥା ବିଧାୟକ ନବଚରଣ ମାଝି, ଯଶୀପୁର ବିଧାୟକ ଗଣେଶରାମ ଖୁଣ୍ଟିଆ, ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ, ରାଜ୍ୟ ସମ୍ପାଦକ ନବୀନ ରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# 'ନାରୀଶକ୍ତି ବନ୍ଦନ ଅଧିନିୟମ' ବାର୍ତ୍ତା ୫୦,୦୦୦ ଗାଁରେ ପହଞ୍ଚାଇବ ଭାଜପା

### ଦେଶରେ ମହିଳାଙ୍କ ଭାଗୀଦାରି ବୃଦ୍ଧି ପାଇବ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୩।୯(ଅନିଲ ଦାସ):** ରାଜ୍ୟ ସଭା ଓ ଲୋକ ସଭାରେ ମହିଳା ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ତଥା 'ନାରୀଶକ୍ତି ବନ୍ଦନ ଅଧିନିୟମ' ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ଓଡ଼ିଶାର ୫୦ ହଜାର ଗାଁରେ ସାଧାରଣ ସଭା କରି ମୋଦିଜୀଙ୍କ ଏହି ଐତିହାସିକ ବାର୍ତ୍ତାକୁ ପହଞ୍ଚାଯିବ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଶନିବାର ମହିଳା ମୋର୍ଚ୍ଚା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଭାଜପା ଭାରତର ପ୍ରଥମ ରାଜନୈତିକ ଦଳ, ଯିଏ ୧୯୯୪ରେ ଗୁଜରାଟର ଭଦୋଦରାରେ ଅନୁଷ୍ଠିତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ସଂସଦ ଏବଂ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସପକ୍ଷରେ ଏକ ଆନୁଷ୍ଠାନିକ ସଂକଳ୍ପ ଗୃହୀତ କରିଥିଲା। ଏଥିପାଇଁ ଆବଶ୍ୟକ ସମ୍ବିଧାନ ସଂଶୋଧନ ଦାବି କରିଥିଲା। ତେବେ ଭାଜପା ସବୁବେଳେ ମହିଳାଙ୍କୁ ଜନପ୍ରତିନିଧିତ୍ୱ କ୍ଷେତ୍ରରେ ସଂରକ୍ଷଣ ଦେବା ପାଇଁ ଦଶନ୍ଧି ଦଶନ୍ଧି ଧରି ଚେଷ୍ଟା କରିଆସିଛି। ଏହି ଅଧିନିୟମକୁ ସବୁବେଳେ ସମର୍ଥନ କରିଆସିଛି। ଆମ ରାଜ୍ୟରେ ୧୪୭ ସଂଖ୍ୟା ବିଶିଷ୍ଟ ବିଧାନସଭାରେ ୧୮ ଜଣ ବିଧାୟିକା ଥିବାବେଳେ ଏହି ସଂଖ୍ୟା ବଢ଼ି ୪୯ ହେବ। ମହିଳା ସଶକ୍ତୀକରଣ ଓଡ଼ିଶାରେ ବହୁତ ଆଗରୁ ରହିଛି। ଏଠାରେ ମହିଳା ସଶକ୍ତୀକରଣର ଯେଉଁ ଧାରା ଅଛି, ମୋଦି ସରକାରଙ୍କ ନିର୍ଣ୍ଣୟ ତାହାକୁ ଗତିଶୀଳ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପ ଆମ ଦେଶର ନାରୀଶକ୍ତିକୁ ଏକ ନୂତନ ଶକ୍ତି ପ୍ରଦାନ କରିବ। ଏଥିସହ ଦେଶରେ ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ବୃଦ୍ଧି ପାଇବ। ତେବେ ମାତୃଶକ୍ତି ପାଇଁ ପବିତ୍ର ଦୁର୍ଗାପୂଜାର ଉପହାର ଏହାଠୁ ବଡ଼ କିଛି ହୋଇ ନ ପାରେ। ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପରବେଡ଼ାର ଅଖ୍ୟାତ ପଲ୍ଲୀରୁ ଦ୍ରୌପଦୀ ମୁର୍ମୁଙ୍କ ଭଳି ଜନଜାତି ସମ୍ପ୍ରଦାୟର ନେତ୍ରୀଙ୍କୁ ରାଷ୍ଟ୍ରପତି ପଦବୀରେ ପ୍ରତିଷ୍ଠିତ କରାଇଛନ୍ତି। ଭାରତର ମହିଳାମାନଙ୍କ ଅଧିକାରକୁ ଲମ୍ବା ସମୟ ଅଣଦେଖା କରାଯାଇପାରିବ ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# Classified Everyday
**0674-2580101, 2549949**


REAL ESTATE

SALE

ପୁରୀ ସାକ୍ଷୀଗୋପାଳରେ 34000 ବର୍ଗଫୁଟ ଫାର୍ମହାଉସ୍ 40ଟି ନଡ଼ିଆ ଗଛ, ମାଛ ପୋଖରୀ ଥାଇ ବିକିବାକୁ ଚାହୁଁଛି। 7008833643. D-75221

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217

A plot for commercial (gharabari corner East & North facing to Nakhara Niali NH Road at a very cheapest Price. 7809525452. D-75041

ଭୁବନେଶ୍ୱର ହଂସପାଳ Astha College ପାଖରେ ଏବଂ ରଙ୍ଗବଜାର ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-75219

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108. D-75220


CONSTRUCTION

Construct your Dream home @ 460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1384

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




1455 sqft. Commercial space on 1st floor at Vivekanand marg road, near Mausima Temple, Bhubaneswar suitable for Banks, Corporate office / Retail outlet, present occupants are ICICI Bank, Ramco Cements, Stock holding Corporation, Medplus, Green trends, call 8598923231/9437023231. D-71062

1400sqft. in First Floor Rent for Office in Forest Park Bhubaneswar. No Parking Space. Contact-9437024647, 9098913483. D-1381

To Let 3000 Sft. well furnished RCC Godown, Rudrapur (NH16), Bhubaneswar suitable for electronics Items / Medicini, # 9437762395, 7978162382. D-65934

RCC Godown 1600sqft. near Kesura (Puri Bypass), Bhubaneswar. Contact: 9853093344. D-71693

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

On Janpath 2300 and 1450sqft. fully furnished AC Commercial Officespace on 3rd floor. Lift available. 8598923231, 9437023231. D-71063




Relax, Refresh your body, Mind at Saikrupa Spa with best therapies. 8984068077. D-1358

Bodyrelax/Mindfresh massage @800/- by trend therapist. 7008773793. D-75148

Spa Kerala body Massage only best Therapist @699/- Bhubaneswar. 9337672475. D-1364

Newly open SPA positively health benefits with expert therapist. 9938843929. D-75149

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LOST**
I Subom Mohapatra, S/o Sunil Kumar Mohapatra, aged about 23 years, R/o- Govindtola, P.S/P.O Dhanupali, Sambalpur, Odisha, do herely solemnly affirm by an affidavit declare that I had purchased the land AC 0.13 dec. at Putibandh, Sambalpur from Mr. Pradeep Kumar Pandey on dated 28.6.2021 vide Registration No. IN-OD 02112696472903T which was gifted to Mr. Pradeep Kumar Pandey vide gift deed bearing registration No. 11621302298 dated 13.5.2013 and plot No. 622/945. I have lost that Original link gift deed No.- 11621302298 dated 13.5.2013, on 22.09.2023 at about 12.15 PM in between Jail chowk and Govindtola. D-1387

# କଳିଙ୍ଗରୁ ଓଏଫ୍‌ସିର ବିଜୟ ଅଭିଯାନ

**ଇଣ୍ଡିଆନ୍ ସୁପର୍ ଲିଗ୍**

ଭୁବନେଶ୍ୱର,୨୩।୯(ସରୋଜ ଜେନା)

ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍ଏଲ୍)ରେ ବିଜୟ ସହିତ ଅଭିଯାନ ଆରମ୍ଭ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇନ୍ ଏଫ୍‌ସିକୁ ୨-୦ ଗୋଲରେ ପରାସ୍ତ କରି ସମ୍ପୂର୍ଣ୍ଣ ୩ ପଏଣ୍ଟ ଅର୍ଜନ କରିଛି ଓଏଫ୍‌ସି। ଦଳ ପକ୍ଷରୁ ଜେରି ମାୱିମିଙ୍ଗଥାଙ୍ଗା ଓ ଡିଏଗୋ ମରିସିଓ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା ଓଏଫ୍‌ସି ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୫୮ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା ଓଏଫ୍‌ସି। ୪-୨-୩-୧ କମ୍ବିନେଶନ ସହିତ ଓଏଫ୍‌ସି ଦଳ ମ୍ୟାଚକୁ ଓହ୍ଲାଇଥିଲା। ଷ୍ଟାର୍ଟିଂ ଲାଇନ୍ ଅପ୍‌ରେ ରୟ କ୍ରିଷ୍ଣା ରହିଥିବା ବେଳେ ଦ୍ୱିତୀୟ ହାଫ୍‌ରେ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଆସିଥିଲେ ଡିଏଗୋ ମରିସିଓ। ମ୍ୟାଚ୍‌ର ଷଷ୍ଠ ମିନିଟରେ ବିପଜ୍ଜନକ ଖେଳ ପାଇଁ ଆମେ ରଣାୱଡେଙ୍କୁ ୟେଲୋ କାର୍ଡ ମିଳିଥିଲା। ୧୫ ମିନିଟରେ ଖରାପ ପାଗ କାରଣରୁ ଖେଳ ବନ୍ଦ ରହିବା ପରେ ପୁନର୍ବାର ଓଡ଼ିଶା ପ୍ରାଧାନ୍ୟ ବିସ୍ତାର କରିଥିଲା। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଜେରୀଙ୍କ ଗୋଲରେ ଓଡ଼ିଶା ୧-୦ରେ ଆଗୁଆ ହୋଇଥିଲା। ଆମେ ରଣାୱଡେଙ୍କେ ଏକ ଶକ୍ତିଶାଳୀ ଶଟ୍‌କୁ ଚେନ୍ନାଇନ୍ ଗୋଲକିପର ସମିକ୍ ମିତ୍ର ଡିଫ୍ଲେକ୍ଟ କରିଥିଲେ। ପୁନର୍ବାର ଆମେଙ୍କ ନିକଟରେ ଶଟ୍ ମାରିବାର ସୁଯୋଗ ଥିଲେ ମଧ୍ୟ ସେ ଜେରୀଙ୍କୁ ପାଶ୍ ଦେଇଥିଲେ। ବାମପାଦରେ ଏକ ଚମତ୍କାର ଶଟ୍ ଜରିଆରେ ଜେରୀ ଦୁଇଜଣ ଡିଫେଣ୍ଡର ଓ ସମିକ୍ ମିତ୍ରଙ୍କୁ ପରାସ୍ତ କରି ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଓଏଫ୍‌ସି ଆକ୍ରମଣ ଜାରି ରଖିଥିଲା। ୪୭ ତମ ମିନିଟରେ ଚେନ୍ନାଇନ୍ ପକ୍ଷରୁ କନର ସିଲ୍ଡ ଗୋଲ ସ୍କୋର କରିବାକୁ ପ୍ରୟାସ କରିଥିଲେ ମଧ୍ୟ ଅମରିନ୍ଦର ଏହାକୁ ରୋକିବାରେ ସଫଳ ହୋଇଥିଲେ।


ମ୍ୟାଚ୍‌ର ଦୁଇ ଗୋଲ୍ ସ୍କୋରର ଜେରି ମାୱିମିଙ୍ଗଥାଙ୍ଗା ଓ ଡିଏଗୋ ମରିସିଓ।

୫୮ ତମ ମିନିଟରେ ରୟ କ୍ରିଷ୍ଣାଙ୍କ ସ୍ଥାନରେ ବିଗତ ସିଜନର ଗୋଲ୍ଡେନ୍ ବୁଟ୍ ବିଜେତା ଡିଏଗୋ ମରିସିଓ ବଦଳ ଖେଳାଳି ଭାବରେ ଆସିଥିଲେ। ପଡିଆକୁ ଆସିବାର ୫ ମିନିଟ ମଧ୍ୟରେ ମରିସିଓ ଗୋଲ ସ୍କୋର କରି ଓଏଫ୍‌ସିକୁ ୨-୦ରେ ଆଗୁଆ କରିଥିଲେ। ଲେଫ୍ଟ କର୍ନରରୁ ମିଳିଥିବା ଏକ ପାଶ୍‌କୁ ଆଗେଇ ନେଇଥିଲେ ମରିସିଓ। ସାମ୍ନାରେ ଜଣେ ଖେଳାଳି ଡିଫେଣ୍ଡ କରିବା ପାଇଁ ରହିଥିବା ବେଳେ ଗୋଲ କିପର ମଧ୍ୟ ରହିଥିଲେ। ତେବେ ବାମ ପାଦରେ ଏକ କ୍ରସ କରିବା ସହିତ ସିଜନର ପ୍ରଥମ ଗୋଲ ସ୍କୋର କରିଥିଲେ ମରିସିଓ। ପରବର୍ତ୍ତୀ ସମୟରେ ଓଏଫ୍‌ସି ରକ୍ଷଣାତ୍ମକ ଢଙ୍ଗରେ ଖେଳିବା ସହିତ ସିଜନର ପ୍ରଥମ ବିଜୟ ହାସଲ କରିଥିଲା। ଓଏଫ୍‌ସି କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରେ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବ।

### ଖେଳରେ ବାଧାଦେଲା ବଜ୍ରପାତ

ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଇଣ୍ଡିଆନ୍ ସୁପର୍ ଲିଗ୍‌ର ତୃତୀୟ ମ୍ୟାଚ୍‌ରେ ବଜ୍ରପାତ କାରଣରୁ ଖେଳ ୫୫ ମିନିଟ ପାଇଁ ବନ୍ଦ ରହିଥିଲା। ଶନିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ବର୍ଷାରେ ଖେଳ ହେଉଥିଲେ ମଧ୍ୟ ମ୍ୟାଚ୍‌ର ୧୫ ତମ ମିନିଟରେ ଖେଳ ବନ୍ଦ ରଖାଯାଇଥିଲା। ବର୍ଷା ଓ ବଜ୍ରପାତ କମିବା ପରେ ପୁନର୍ବାର ଖେଳ ଆରମ୍ଭ ହୋଇଥିଲା।

# ଚାପରେ ଶ୍ରେୟସ, ଅଶ୍ୱିନ

**ଭାରତ-ଅଷ୍ଟ୍ରେଲିଆ ୨ୟ ଦିନିକିଆ ଆଜି**

ଇନ୍ଦୋର, ୨୩।୯(ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ରବିବାର ସ୍ଥାନୀୟ ହୋଲ୍‌କାର ଷ୍ଟାଡିୟମରେ ଖେଳାଯିବ। ଆଶାନୁରୂପ ପ୍ରଦର୍ଶନ କରିପାରୁ ନ ଥିବାରୁ ବ୍ୟାଟର ଶ୍ରେୟସ ଆୟର ଓ ବୋଲର ଆର୍. ଅଶ୍ୱିନ ଚାପରେ ରହିବା ସ୍ୱାଭାବିକ। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସମେତ ୪ ପ୍ରମୁଖ ଖେଳାଳିଙ୍କ ବିନା ଭାରତ ଶୁକ୍ରବାର ମୋହାଲିଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ସହଜରେ ଜିତିନେଇଥିଲା। ହୋଲ୍‌କାର ଷ୍ଟାଡିୟମରେ ସାଧାରଣତଃ ହାଇସ୍କୋରିଂ ମ୍ୟାଚ ଦେଖିବାକୁ ମିଳିଥାଏ। ସହରରେ ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଇଛି। ମୋହାଲିଠାରେ ଅସ୍ୱାଭାବିକ ଉତ୍ତାପ ଓ ଆର୍ଦ୍ରତା ଅନୁଭବ କରିବା ପରେ ଏଠିକାର ଜଳବାୟୁ ସେମାନେ ପସନ୍ଦ କରିବେ। ଶୁକ୍ରବାର ମ୍ୟାଚ ଭାରତୀୟ ଦଳ ପାଇଁ ସକାରାତ୍ମକ ଥିଲା। ବିଶେଷକରି ମହମ୍ମଦ ଶାମି ଓ ସୂର୍ଯ୍ୟକୁମାର ଯାଦବଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ତଥାପି ଅକ୍ଟୋବର ୫ରୁ ଆରମ୍ଭ ହେବାକୁଥିବା ବିଶ୍ୱକପ୍ ପାଇଁ ଆହୁରି କେତୋଟି ପ୍ରଶ୍ନର ଉତ୍ତରକୁ ଅପେକ୍ଷା କରାଯାଇଛି। ଦୀର୍ଘଦିନ ପରେ ଆହତଜନିତ ସମସ୍ୟାରୁ ମୁକୁଳି ସାରିଥିଲେ ମଧ୍ୟ ଗତ ଏସିଆ କପ୍‌ରେ ଭାରତର ନମ୍ବର ୪ ବ୍ୟାଟର ଆୟରଙ୍କ ପ୍ରଦର୍ଶନ ଉପରେ ନଜର ରଖାଯାଇଥିଲା। ଭିନ୍ନ କାରଣରୁ ତାଙ୍କ ପ୍ରଦର୍ଶନ ଭଲ ରହି ନ ଥିଲା। ପିଠି ମାଂସପେଶୀରେ ସମସ୍ୟା ଦେଖାଦେବାରୁ ଏସିଆ କପ୍ ଶେଷଭାଗରେ ଖେଳିପାରି ନ ଥିଲେ। ଶୁକ୍ରବାର ସେ କ୍ରିଜ୍‌ରେ ୮ଟି ବଲ୍ ସାମ୍ନା କରିଥିଲେ। ସେ ରନ୍‌ଆଉଟ ହୋଇଥିଲେ, ଯାହାକୁ ଏଡ଼ାଇ ଦିଆଯାଇପାରିଥାନ୍ତା। ଆଗାମୀ ଦୁଇଟି ମ୍ୟାଚରେ ଆଖିଦୃଶିଆ ରନ୍ ସଂଗ୍ରହ କରିପାରିଲେ ଗ୍ଲୋବାଲ ଇଭେଣ୍ଟ ପୂର୍ବରୁ ନିଜ ଓ ତାଙ୍କ ଦଳ ପାଇଁ ଶୁଭଙ୍କର। ଅନ୍ୟପକ୍ଷରେ ଦଳକୁ ପ୍ରତ୍ୟାବର୍ତ୍ତନରେ ଅଶ୍ୱିନ ଏକ ଫ୍ଲାଟ ଟ୍ରାକ୍‌ରେ ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ସମସ୍ୟାରେ ପକାଇବାରେ ବିଫଳ ହୋଇଛନ୍ତି। ଅକ୍ଷର ପଟେଲ ଯଦି ଠିକଣା ସମୟରେ ଫିଟ୍ ନ ହୁଅନ୍ତି ତେବେ ଏହି ଚାମ୍ପିୟନ ସ୍ପିନରଙ୍କୁ ଶେଷ ମୁହୂର୍ତ୍ତରେ ଭାରତର ବିଶ୍ୱକପ୍ ଦଳରେ ସ୍ଥାନ ମିଳିପାରେ। କିନ୍ତୁ ଟିମ୍ ମ୍ୟାନେଜମେଣ୍ଟ ଏହି ୩୭ ବର୍ଷୀୟ ବୋଲରଙ୍କଠାରୁ ଗତ ଶୁକ୍ରବାର ପ୍ରଦର୍ଶନଠାରୁ ଅଧିକ କିଛି ଆଶା କରୁଛି। ଟିମ୍ ମ୍ୟାନେଜମେଣ୍ଟ ଅଶ୍ୱିନଙ୍କୁ ବିଶ୍ରାମ ଦେଇ ଅନ୍ୟ ଜଣେ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦରଙ୍କୁ ଏହି ମ୍ୟାଚରେ ଖେଳାଇବା ସମ୍ଭାବନା ମଧ୍ୟ ରହିଛି। ଶାର୍ଦ୍ଦୂଲ ଠାକୁର ଏହି ମ୍ୟାଚରେ ଉନ୍ନତ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ଗତ ମ୍ୟାଚରେ ସେ ତାଙ୍କ ୧୦ ଓଭର ବୋଲିଂରେ ୭୮ ରନ ଦେଇଥିଲେ। ଗତ ମ୍ୟାଚରେ ବ୍ୟାଟିଂ ବିଭାଗରେ ବିଶ୍ୱର ଶ୍ରେଷ୍ଠ ଟି୨୦ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ପ୍ରଦର୍ଶନ ଭଲ ରହିଛି। ତାଙ୍କ ଭଳି ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ମହଜୁଦ ରହିଲେ ମ୍ୟାଚ ଉପରେ ପ୍ରଭାବ ପଡ଼ିବ। ଭାରତ ଭଳି ଅଷ୍ଟ୍ରେଲିଆ ମଧ୍ୟ ମିଚେଲ ଷ୍ଟାର୍କ, ଗ୍ଲେନ ମ୍ୟାକ୍ସୱେଲ୍ ଓ ଜୋସ୍ ହାଜ୍‌ଲେଉଡ୍‌ଙ୍କ ଭଳି କେତେଜଣ ପ୍ରମୁଖ ଖେଳାଳିଙ୍କ ବିନା ପ୍ରଥମ ମ୍ୟାଚ ଖେଳିଥିଲା। ସେପ୍ଟେମ୍ବର ୨୭ରେ ରାଜକୋଟଠାରେ ଖେଳାଯିବାକୁ ଥିବା ତୃତୀୟ ମ୍ୟାଚରେ ସେମାନେ ଦଳକୁ ଫେରିପାରନ୍ତି ବୋଲି ଅଧିନାୟକ ପ୍ୟାଟ୍ କୁମିନ୍ସ ସୂଚନା ଦେଇଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ଭାରତରେ ସିରିଜ ଜିତିଥିଲା। ରବିବାର ଦଳ ପାଇଁ ନିଶ୍ଚିତ ବିଜୟ ପରିସ୍ଥିତି ସୃଷ୍ଟି ହୋଇଛି।



ଶ୍ରେୟସ ଆୟର ଓ ଆର୍. ଅଶ୍ୱିନ।

**ସ୍ଥାନ:** ଇନ୍ଦୋର
**ମ୍ୟାଚ୍ ଆରମ୍ଭ:** ଅପରାହ୍ନ ୩ଟା ୩୦
**ପ୍ରସାରଣ:** ସ୍ପୋର୍ଟ୍ସ-୧୮

# ପାକିସ୍ତାନ କ୍ରିକେଟ ଦଳର ଭିଜାକୁ ଅପେକ୍ଷା

**ଦିନିକିଆ କ୍ରିକେଟ ବିଶ୍ୱକପ୍**

ଇନ୍ଦୋର,୨୩।୯(ପି.ଟି.)

ଆଇସିସି ଦିନିକିଆ ବିଶ୍ୱକପ୍ ଖେଳିବାକୁ ଭାରତ ଗସ୍ତରେ ଆସିବା ଲାଗି ଭିଜା ପାଇଁ ଅପେକ୍ଷାରେ ଅଛନ୍ତି ପାକିସ୍ତାନୀ ଖେଳାଳି ଓ ଟିମ୍ ଅଫିସିଆଲ। ପାକିସ୍ତାନ ଏହାର ଓପନିଂ ୱାର୍ମଅପ୍ ଖେଳିବାର ଦୁଇ ଦିନ ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ୨୭ରେ ଭାରତରେ ପହଞ୍ଚିବ। ଦଳ ଦୁବାଇ ବାଟ ଦେଇ ହାଇଦ୍ରାବାଦ ଆସିଥାନ୍ତା ଏବଂ ସେଠାରେ ଦୁଇ ଦିନ ଅଭ୍ୟାସ କରିଥାନ୍ତା। ମାତ୍ର ଏବେ ସୁଦ୍ଧା ଭିଜା ମିଳି ନ ଥିବାରୁ ଏହା ସମ୍ଭବପର ନୁହେଁ। ବାବର ଆଜାମଙ୍କ ନେତୃତ୍ୱାଧୀନ ଦଳ ଏହାର ପ୍ରଥମ ୱାର୍ମଅପ୍ ସେପ୍ଟେମ୍ବର ୨୯ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ରୁ ମିଳିଥିବା ସୂଚନା ଅନୁସାରେ, ଖେଳାଳିମାନେ ଇସ୍‌ଲାମାବାଦସ୍ଥିତ ଭାରତୀୟ ହାଇକମିଶନରୁ ଭିଜାକୁ ଅପେକ୍ଷା କରି ରହିଥିବାରୁ ଦଳର ଦୁବାଇ ଗସ୍ତକୁ ବାତିଲ କରିଦିଆଯାଇଛି। ଏହି ଅବ୍ୟବସ୍ଥା ସମ୍ପର୍କରେ ପିସିବି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଦୃଷ୍ଟି ଆକର୍ଷଣ କରିଛି। ପାକିସ୍ତାନ ଗତଥର ୨୦୧୬ରେ ଟି୨୦ ବିଶ୍ୱକପ୍ ଖେଳିବା ଲାଗି ଭାରତ ଗସ୍ତରେ ଆସିଥିଲା। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ଯୋଗୁ ଉଭୟେ କେବଳ ଏସିଆ କପ୍ ଓ ଆଇସିସି ଟୁର୍ନାମେଣ୍ଟରେ ପରସ୍ପର ସହ ଖେଳୁଛନ୍ତି। ପିସିବି ପାସ୍‌ପୋର୍ଟ ସଂଗ୍ରହ ପାଇଁ ଶୁକ୍ରବାର ଏହାର ଅଫିସିଆଲଙ୍କୁ ଇସ୍‌ଲାମାବାଦ ପଠାଇଥିଲା। ମାତ୍ର ଭିଜା ପ୍ରକ୍ରିୟା ଏପର୍ଯ୍ୟନ୍ତ ଚାଲିଛି। ଫଳତଃ ବୋର୍ଡ ଦୁବାଇରେ ଦୁଇଦିନିଆ ଅଭ୍ୟାସ କାର୍ଯ୍ୟକ୍ରମକୁ ବାତିଲ କରିଛି। ଭିଜା ମିଳିବା ମାତ୍ରେ ପାକିସ୍ତାନ ଦୁବାଇ ବାଟ ଦେଇ ସେପ୍ଟେମ୍ବର ୨୭ରେ ହାଇଦ୍ରାବାଦରେ ପହଞ୍ଚିବ।

# ହରିୟାଣାର ବୃହତ୍ ବିଜୟ, ହାରିଲା ଓଡ଼ିଶା

**ଜାତୀୟ ଜୁନିୟର ବାଳିକା ଫୁଟ୍‌ବଲ**

ଭୁବନେଶ୍ୱର,୨୩।୯(ସରୋଜ ଜେନା)

ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଅନୁଷ୍ଠିତ ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ ୨୦୨୩ରେ ଶନିବାର ବୃହତ ବିଜୟ ହାସଲ କରିଛି ହରିୟାଣା। ଅନ୍ୟ ଦଳମାନଙ୍କ ମଧ୍ୟରେ ମଣିପୁର, ଅରୁଣାଚଳ ପ୍ରଦେଶ ଓ କେରଳ ମଧ୍ୟ ବିଜୟ ହାସଲ କରିଛନ୍ତି। ସପ୍ତମ ବାଟାଲିୟନରେ ଅନୁଷ୍ଠିତ ମ୍ୟାଚରେ ହରିୟାଣା ୧୪-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ବିପାଂଶି(୧, ୪୫+୩, ୫୩, ୬୧ ଓ ୬୬) ମିନିଟରେ ୫ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ମୁସ୍କାନ(୪୧, ୯୦+୧) ମିନିଟ, ଶ୍ୱେତା ରାଣୀ(୩୪, ୩୫) ମିନିଟ ଓ ରିତିକା(୮୮, ୯୦+୩) ମିନିଟରେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଓଡ଼ିଶାକୁ ୩-୧ ଗୋଲରେ ପରାସ୍ତ କରିଛି ଅରୁଣାଚଳ ପ୍ରଦେଶ। ୫୮ ତମ ମିନିଟରେ ରୂପଶ୍ରୀ ମୁଣ୍ଡାଙ୍କ ଗୋଲରେ ଓଡ଼ିଶା ଅଗ୍ରଣୀ ହାସଲ କରିଥିଲା। ମ୍ୟାଚ୍‌ରୁ ଶେଷ ୧୦ ମିନିଟରେ ୩ ଗୋଲ ସ୍କୋର କରି ଅରୁଣାଚଳ ମ୍ୟାଚ୍ ଛଡାଇ ନେଇଥିଲା। ଲିଙ୍ଗଡମ୍ ୟାରେ(୮୨ ମିନିଟ), ଗୁନାଇଲୁ ଟାଓସିକ୍(୮୫ ମିନିଟ) ଓ ୟୁମଲମ୍ ଲାଲି(୯୦ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ନାମେଇରାକାପମ ଆରିନା ଦେବୀଙ୍କ ଡବଲ ଗୋଲ ବଳରେ ମଣିପୁର ୨-୧ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ଆରିନା ମ୍ୟାଚ୍‌ର ୫୫ ଓ ୭୦ ମିନିଟରେ ଦୁଇଟି ଗୋଲ ଦେଇଥିଲେ। ଇଞ୍ଜୁରୀ ଟାଇମରେ ୯୦+୫ ମିନିଟରେ ଦିଲ୍ଲୀ ପକ୍ଷରୁ ବାଣୀ କାଲୁଚା ଗୋଟିଏ ଗୋଲ ପରିଶୋଧ କରିଥିଲେ। ଭାଗ୍ୟ ବିନୋଦଙ୍କ ଗୋଲ ବଳରେ କେରଳ ୧-୦ ଗୋଲରେ ଗୁଜରାଟକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିବା ବେଳେ ମ୍ୟାଚର ୮୧ ତମ ମିନିଟରେ ନିର୍ଣ୍ଣାୟକ ଗୋଲ୍‌ଟି ଦେଇଥିଲେ ଭାଗ୍ୟ ବିନୋଦ।


ଦିଲ୍ଲୀ ଓ ମଣିପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଭର୍ଷ୍ଟାପେନ୍‌ଙ୍କୁ ପୋଲ୍ ପୋଜିଶନ

ସୁଜୁକା (ଜାପାନ), ୨୩।୯ (ଏପି)

ଫର୍ମୁଲା ୱାନ୍ ଚାମ୍ପିୟନଶିପ୍ ଲିଡର ମାକ୍ସ ଭର୍ଷ୍ଟାପେନ୍ ଜାପାନିଜ ଫର୍ମୁଲା ୱାନ୍ ମୋଟର ରେସ୍ ଗ୍ରାଁ ପ୍ରି ପାଇଁ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଏଥିସହ ସେ ଫର୍ମକୁ ଫେରିଛନ୍ତି। ସପ୍ତାହ ପୂର୍ବେ ସିଙ୍ଗାପୁରରେ ସେ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଥିଲା। ମାତ୍ର ସୁଜୁକା ସର୍କିଟରେ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂରେ ସେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ରେଡ୍ ବୁଲ୍‌ର ଏହି ଡ୍ରାଇଭର ୧ ମିନିଟ୍ ୨୮.୮୭୭ ସେକେଣ୍ଡ ଟାଇମିଂରେ ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରିଙ୍କଠାରୁ ୦.୫୮୧ ସେକେଣ୍ଡ ଆଗରେ ରହି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ଟିମ୍‌ମେଟ ଲାଣ୍ଡୋ ନୋରିସ ତୃତୀୟ ହୋଇଥିଲେ। ଚଳିତ ସିଜନରେ ଭର୍ଷ୍ଟାପେନ୍‌ଙ୍କର ଏହା ହେଉଛି ୯ମ ପୋଲ୍ ପୋଜିଶନ ଏବଂ ମାସକ ପୂର୍ବରୁ ଡଚ୍ ଗ୍ରାଁ ପ୍ରି ପରେ ଏହା ପ୍ରଥମ।

# ବାରାଣସୀରେ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ଶିଳାନ୍ୟାସ

ବାରଣାସୀ (ଉତ୍ତର ପ୍ରଦେଶ), ୨୩।୯ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବାରାଣସୀଠାରେ ଏକ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଷ୍ଟାଡିୟମର ଡିଜାଇନ ଭଗବାନ ମହାଦେବଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। କାଶୀ ସହରର ନାଗରିକମାନଙ୍କ ଲାଗି ଏହା ଏକ ଗୌରବର ବିଷୟ। ସେମାନେ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଦେଖିବାର ସୁଯୋଗ ପାଇବେ। ଏହାଛଡ଼ା ଏହି ଷ୍ଟାଡିୟମରେ ଯୁବ ଆଥ୍‌ଲେଟମାନଙ୍କ ଲାଗି ଅନ୍ତର୍ଜାତୀୟ ସ୍ତରର ଟ୍ରେନିଂ ବ୍ୟବସ୍ଥା ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ନିକଟରେ ଭାରତର କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ଯୋଗୁ ଖେଳପ୍ରତି ରହିଥିବା ଧାରଣାରେ ପରିବର୍ତ୍ତନ ଘଟିଛି। ଯୁବଶ୍ରେଣୀ ଖେଳକୁ କ୍ୟାରିୟର ଭାବେ ଗ୍ରହଣ କରିବାକୁ ଆଗଭର ହେଉଛନ୍ତି। ଏହା ଫିଟ୍‌ନେସ ବ୍ୟତୀତ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରୁଛି। ଏହି ଷ୍ଟାଡିୟମଟି ୩୦ ଏକର ପରିମିତ ଅଞ୍ଚଳରେ ରାଜାତଲାବ ଅଞ୍ଚଳର ରିଙ୍ଗ୍ ରୋଡ୍ ନିକଟରେ ୪୫୦କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ। ଶିଳାନ୍ୟାସ ଉତ୍ସବରେ ପୂର୍ବତନ ଭାରତୀୟ କ୍ରିକେଟର ସୁନିଲ ଗାଭାସ୍କର, କପିଳ ଦେବ, ସଚିନ ତେନ୍ଦୁଲକର, ରବି ଶାସ୍ତ୍ରୀ, ବିସିସିଆଇ ସଭାପତି ରୋଜର ବିନ୍ନି, ଉପ ସଭାପତି ରାଜୀବ ଶୁକ୍ଲା ଏବଂ ସମ୍ପାଦକ ଜୟ ଶାହା ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ନମୋ' ଲେଖାଥିବା ଭାରତୀୟ କ୍ରିକେଟ ଜର୍ସି ପ୍ରଦାନ କରୁଛନ୍ତି କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର।

# ୨୦୧୧: ଆୟୋଜକ ଦେଶ ଭାବେ ଭାରତ ବିଜେତା

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ଦଶମ ସଂସ୍କରଣ ଭାରତରେ ଖେଳା ଯାଇଥିଲା। ବାଂଲାଦେଶ ଓ ଶ୍ରୀଲଙ୍କା ସହ ଭାରତ ଆୟୋଜକ ଦେଶ ରହିଥିବା ବେଳେ ଭାରତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଆରମ୍ଭରୁ ଭାରତ ଓ ପାକିସ୍ତାନରେ ଏହି ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ୨୦୦୯ରେ ଶ୍ରୀଲଙ୍କା ଦଳ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କାରଣରୁ ପାକିସ୍ତାନର ଆୟୋଜକ କ୍ଷମତା ପ୍ରତ୍ୟାହାର କରିଥିଲା ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ। ପାକିସ୍ତାନରେ ହେବାକୁ ଥିବା ୧୪ ମ୍ୟାଚ୍ ମଧ୍ୟରୁ ୮ ଭାରତରେ ଖେଳା ଯାଇଥିବା ବେଳେ ୪ଟି ଶ୍ରୀଲଙ୍କାରେ ଓ ଦୁଇଟି ବାଂଲାଦେଶରେ ଖେଳା ଯାଇଥିଲା। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଖେଳୁଥିବା ବେଳେ ୨୮ ବର୍ଷ ପରେ ଦିନିକିଆ କ୍ରିକେଟ ବିଶ୍ୱକପ୍ ଟ୍ରଫି ଉଠାଇବାର ସୌଭାଗ୍ୟ ହାସଲ କରିଥିଲା। ଶେଷ ଥର ପାଇଁ କପିଳ ଦେବଙ୍କ ନେତୃତ୍ୱରେ ଭାରତୀୟ ଦଳ ଦିନିକିଆ ବିଶ୍ୱକପ ଟ୍ରଫି ହାତେଇବାରେ ସକ୍ଷମ ହୋଇଥିଲା। ଅନ୍ୟ ପକ୍ଷରେ କ୍ରିକେଟର ଭଗବାନ ସଚିନ ତେନ୍ଦୁଲକରଙ୍କ ଏହା ଶେଷ ବିଶ୍ୱକପ୍ ହୋଇଥିବା ବେଳେ ସେ କ୍ୟାରିୟରରେ ପ୍ରଥମ ଟ୍ରଫି ଉଠାଇବାର ସୌଭାଗ୍ୟ ହାସଲ କରିଥିଲେ। ସେହିପରି ଏହି ବିଶ୍ୱକପ୍‌ରେ ଭାରତର ଟ୍ରମ୍ପ କାର୍ଡ ରହିଥିଲେ ଯୁବରାଜ ସିଂ। ଉଭୟ ବ୍ୟାଟ ଓ ବଲ୍‌ରେ ଚମତ୍କାର ପ୍ରଦର୍ଶନ ସହିତ ସେ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

ଭାରତରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟରେ ୧୪ ଦଳ ଅଂଶଗ୍ରହଣ କରିଥିଲେ। ଦୁଇଟି ଗ୍ରୁପ୍‌ର ଟପ୍-୪ ଦଳ ନକ୍‌ଆଉଟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଭାରତ କ୍ୱାର୍ଟର ଫାଇନାଲରେ ୪ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ସେମିରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଦଳ ଫାଇନାଲରେ ପହଞ୍ଚିଥିଲା। ଶ୍ରୀଲଙ୍କା ବିପକ୍ଷ ଫାଇନାଲକୁ ଦଳ ୬ ଉଇକେଟରେ ଜିତି ନେଇଥିଲା। ପ୍ରଥମ ଥର ପାଇଁ ଦୁଇ ଏସୀୟ ରାଷ୍ଟ୍ର ଫାଇନାଲରେ ପ୍ରବେଶ କରିଥିବା ବେଳେ ୧୯୯୨ ପରେ ପ୍ରଥମ ଥର ଫାଇନାଲ ଖେଳି ନ ଥିଲା ଅଷ୍ଟ୍ରେଲିଆ। ଏହି ବିଶ୍ୱକପ୍‌ରେ ଯୁବରାଜ ସିଂଙ୍କୁ ବାଦ୍ ଦେଲେ ଅନେକ ଖେଳାଳି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଦୁଇ ଓପନର ବୀରେନ୍ଦ୍ର ସେହ୍ୱାଗ ୩୮୦ ଓ ଗୌତମ ଗମ୍ଭୀର ୩୯୩ ରନ୍ ସ୍କୋର କରିଥିଲେ। ସେହ୍ୱାଗ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଗମ୍ଭୀର ୪ ଅର୍ଦ୍ଧଶତକ ହାସଲ କରିଥିଲେ। କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ୯ ମ୍ୟାଚ୍‌ରୁ ୨ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସହିତ ୪୮୨ ରନ୍ ସ୍କୋର କରିଥିଲେ। ଯୁବରାଜ ସିଂ ୯ ମ୍ୟାଚ୍‌ରୁ ୧ ଶତକ ଓ ୪ ଅର୍ଦ୍ଧଶତକ ସହିତ ୩୬୨ ରନ୍ ସ୍କୋର କରିଥିବା ବେଳେ ବୋଲିଂରେ ନେଇଥିଲେ ୧୫ ଉଇକେଟ। ଯୁବରାଜ ବିଶ୍ୱକପ୍ ସମୟରେ କ୍ୟାନ୍ସରରେ ଆକ୍ରାନ୍ତ ଥିଲେ ମଧ୍ୟ ଯେଉଁଭଳି ପ୍ରଦର୍ଶନ କରିଥିଲେ ତାହା ସର୍ବଦା ସ୍ମରଣୀୟ ରହିବ। ଏହି ଟୁର୍ନାମେଣ୍ଟରେ ଯୁବରାଜଙ୍କ ବ୍ୟାଟିଂ ଆଭରେଜ ୯୦.୫୦ ରହିଥିଲା। ଫାଇନାଲ ମ୍ୟାଚରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ରହିଥିବା ମହେନ୍ଦ୍ର ସିଂ ଧୋନୀଙ୍କ ୯୧ ରନ୍ ଓ ଗୌତମ ଗମ୍ଭୀରଙ୍କ ଲଢୁଆ ୯୭ ରନ୍ ଭାରତକୁ ଟାଇଟଲ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ବୋଲିଂରେ ଜାହିର ଖାନ୍ ୨୧ ଉଇକେଟ ନେଇ ଭାରତୀୟ ବୋଲିଂର ନେତୃତ୍ୱ ନେଇଥିଲେ। ଯୁବରାଜ ସିଂ ୧୫ ଓ ମୁନାଫ ପଟେଲ ୧୧ ଉଇକେଟ ସହିତ ତାଙ୍କୁ ସହାୟତା କରିଥିଲେ।

ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ଖେଳା ଯାଇଥିବା ବେଳେ ଶ୍ରୀଲଙ୍କାକୁ ୬ ଉଇକେଟରେ ପରାସ୍ତ କରିଥିଲା ଭାରତ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଅଧିନାୟକ ମାହେଲା ଜୟବର୍ଦ୍ଧନେଙ୍କ ଶତକ ବଳରେ ୬ ଉଇକେଟ ହରାଇ ୨୭୪ ରନ୍ କରିଥିଲା। ଜବାବରେ ମହେନ୍ଦ୍ର ସିଂ ଧୋନୀଙ୍କ ଅପରାଜିତ ୯୧ ଓ ଗୌତମ ଗମ୍ଭୀରଙ୍କ ୯୭ ରନ୍ ବଳରେ ଭାରତ ୧୦ ବଲ୍ ବାକିଥାଇ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଛକା ମାରି ସମ୍ପୂର୍ଣ୍ଣ ଷ୍ଟାଇଲରେ ମ୍ୟାଚ ଶେଷ କରିଥିଲେ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ଯୁବରାଜ ସିଂଙ୍କୁ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା। ତିଲକରତ୍ନେ ଦିଲସାନ୍ ୫୦୦ ରନ୍ ସହ ଟୁର୍ନାମେଣ୍ଟର ହାଇଏଷ୍ଟ ସ୍କୋରର ରହିଥିବା ବେଳେ ୨୧ ଉଇକେଟ ସହିତ ସର୍ବାଧିକ ଉଇକେଟ ହାସଲକାରୀଙ୍କ ମଧ୍ୟରେ ଯୁଗ୍ମ ପ୍ରଥମ ସ୍ଥାନରେ ଥିଲେ ଜାହିର ଖାନ୍ ଓ ଶାହିଦ ଆଫ୍ରିଦି।


ବିଶ୍ୱକପ୍ ଟ୍ରଫି ସହ ମହେନ୍ଦ୍ର ସିଂ ଧୋନୀ।

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP INDIA 2023
**ଆଉ ୧୧ ଦିନ**

## ଏ ସପ୍ତାହର ପ୍ରଶ୍ନ

୧– ଲାଡ୍‌ଲୀ ବେହେନା ସ୍କିମ୍ ............. ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି ?
୨– ନ୍ୟାଶନାଲ୍ ସ୍ପେସ୍ ଡେ' ............. ତାରିଖରେ ପାଳନ କରାଯାଏ ?
୩– ଦି ଲିଟଲ୍ ବୁକ୍ ଅଫ୍ ଜୟ ପୁସ୍ତକର ଲେଖକ ................ ?
୪– ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ହେଡ୍‌କ୍ୱାର୍ଟର .......... ଠାରେ ଅବସ୍ଥିତ ?
୫– ଭାରତର ଜାତୀୟ ସରୀସୃପ ........... ?

## ଗତ ଥରର ଉତ୍ତର

୧ କେରଳ
୨ ହଣ୍ଡୁରାସ୍
୩ ଷ୍ଟାରବକ୍ସ
୪ ମଧ୍ୟପ୍ରଦେଶ
୫ ଜୟା ବର୍ମା ସିହ୍ନା

## ଉତ୍ତରଦାତା


ଛବିଲାଲ୍ ଭାଟି, କଳାହାଣ୍ଡି


ସୁନୀଲ କୁମାର ବେହେରା ବ୍ରହ୍ମପୁର


ଶିବ ପ୍ରସାଦ ସାହୁ, ନୟାଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବଡ଼ ଫାର୍ମା କମ୍ପାନୀ




୧ ..... ଫିଜର୍
୨ ..... ଆବ୍‌ଭୀ
୩ ..... ଜନ୍‌ସନ୍ ଆଣ୍ଡ ଜନ୍‌ସନ୍
୪ ..... ମାର୍କ ଆଣ୍ଡ କୋ.
୫ ..... ନୋଭାର୍ଟିସ୍
୬ ..... ରୋଚ୍
୭ ..... ବ୍ରିଷ୍ଟଲ୍-ମ୍ୟେର୍ସ ସ୍କିବ୍
୮ ..... ସାନୋଫି
୯ ..... ଆଷ୍ଟ୍ରାଜେନେକା
୧୦ ..... ଜିଏସ୍‌କେ

## ଜାଣନ୍ତୁ ଦୁନିଆ

# ପଶୁଙ୍କ ୱାର୍ଲ୍ଡ ରେକର୍ଡ

**ପଶୁ ବି ୱାର୍ଲ୍ଡ ରେକର୍ଡ କରିପାରନ୍ତି। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଜାଣିବା ନିଜର ସ୍ୱତନ୍ତ୍ର ଗୁଣ ଲାଗି ବିଶ୍ୱ ରେକର୍ଡରେ ସ୍ଥାନ ପାଇଥିବା କେତେକ ପଶୁଙ୍କ ସମ୍ପର୍କରେ...**



**ସବୁଠୁ ଲମ୍ବା କାନ ଥିବା କୁକୁର:** ବିଭିନ୍ନ ପ୍ରଜାତିର କୁକୁର ଆପଣମାନେ ଦେଖିଛନ୍ତି। ସେମାନଙ୍କ କାନର ଲମ୍ବା ମଧ୍ୟ ଭିନ୍ନ ଭିନ୍ନ। ହେଲେ କେବେ ଭାବିଛନ୍ତି କି, ଗୋଟିଏ କୁକୁରର କାନର ଲମ୍ବା କେବେ ଏକ ଫୁଟ୍‌ରୁ ବି ଅଧିକ ହୋଇପାରେ। ହେଲେ ଏହା ସତ। ଆମେରିକାର ଇଲିଓନିସ୍‌ରେ ଥିବା ଟାଇଗର ନାମକ ଏକ କୁକୁରର ଡାହାଣ କାନର ଲମ୍ବା ୧୩.୭୫ ଇଞ୍ଚ ହୋଇଥିବା ବେଳେ ବାମ କାନର ଲମ୍ବା ୧୩.୫ ଇଞ୍ଚ। ଯେଉଁଥିପାଇଁ ପୃଥିବୀର ସବୁଠୁ ଲମ୍ବା କାନଥିବା କୁକୁର ଭାବେ ଏହାର ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରାଯାଇଛି।

**ଅଧିକ ଲୋମଯୁକ୍ତ ମେଣ୍ଢା:** ମେଣ୍ଢା ଦେହରେ ଅଧିକ ଲୋମ ଥାଏ, ଯାହାକୁ ଶୀତବସ୍ତ୍ର ପ୍ରସ୍ତୁତ କରିବା ଲାଗି ବ୍ୟବହାର କରାଯାଏ। ଏକଥା ପ୍ରାୟ ସମସ୍ତେ ଜାଣନ୍ତି। ହେଲେ ଅଧିକ ଲୋମ ପାଇଁ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବ, ଏକଥା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଅଷ୍ଟ୍ରେଲିଆର କାନ୍‌ବେରାଠାରେ ୨୦୧୫ରେ କ୍ରିସ୍ ନାମକ ଏହି ମେଣ୍ଢାକୁ ଠାବ କରାଯାଇଥିଲା ଏବଂ ଏହା ଦେହରୁ ୪୧ କିଗ୍ରା ଉଲ୍ ସଂଗ୍ରହ କରାଯାଇଥିଲା।

**ସବୁଠୁ ଛୋଟ ଗାଈ:** ବାଙ୍ଗଲାଦେଶର ଢାକାରେ ରହୁଥିବା କାଫି ସୁଫିଆନ୍ ନାମକ ବ୍ୟକ୍ତିଙ୍କ ଫାର୍ମରେ ରାଣୀ ନାମକ ଏକ ଗାଈ ଥିଲା। ଯାହାର



ଉଚ୍ଚତା ମାତ୍ର ୨୦ ଇଞ୍ଚ ହୋଇଥିବା ବେଳେ ଓଜନ ୨୬ କି.ଗ୍ରା.। ଆଉ ଏଥିପାଇଁ ତାହା ପୃଥିବୀର ସବୁଠୁ କ୍ଷୁଦ୍ର ଗାଈ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି।

**ବଡ଼ ବିଲେଇ:** ଇଟାଲୀର ପାଭିଆଠାରେ ଜନୈକ ବ୍ୟକ୍ତିଙ୍କ ଘରେ ରହିଛି ବାରିଭେଲ୍ ନାମକ ଏକ ପୋଷା ବିଲେଇ। ଏହାର ଆକାର ୩ ଫୁଟ୍, ୧୧.୨ ଇଞ୍ଚ ହୋଇଥିବାରୁ ପୃଥିବୀର ସବୁଠାରୁ ବଡ଼ ବିଲେଇ ଭାବେ ଏହା ୨୦୧୮ରେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି।






**ଆଜିର ଯୁବପିଢ଼ିଙ୍କ ଖର୍ଚ୍ଚ ତାଲିକା ଦିନକୁଦିନ ବୃଦ୍ଧିପାଉଛି। କେବେ ବ୍ରାଣ୍ଡେଡ୍ ପୋଷାକ ତ କେବେ ନୂଆ ନୂଆ ସ୍ମାର୍ଟ ଫୋନ୍, ଲାପ୍‌ଟପ୍, ଆଉ ପୁଣି କେତେବେଳେ ସେମାନଙ୍କୁ ଦରକାର ନୂଆ ଦାମୀ ଗାଡ଼ି କିମ୍ବା ଘର। କେବଳ ଏତିକି ନୁହେଁ, ସେମାନଙ୍କ ପଢ଼ାଖର୍ଚ୍ଚ ବି ଏବେ ଆକାଶଛୁଆଁ, ଯାହାକୁ ପୂରଣ କରିବା ଲାଗି କେତେକଙ୍କୁ ଲୋଡ଼ା ହୁଏ ଲୋନ୍। ହେଲେ ଯଦି ଏହି ଲୋନ୍ ଡିଜିଟାଲ୍ ମାଧ୍ୟମରେ କରାଯାଏ, ତେବେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...**

ବର୍ତ୍ତମାନ ଘରେ ବସି ଶପିଂ କରିବା, ଖାଇବା ମଗାଇବାଠୁ ପଢ଼ିବା ପର୍ଯ୍ୟନ୍ତ ପ୍ରାୟ ସବୁ କାର୍ଯ୍ୟ ଅନ୍‌ଲାଇନ୍‌ରେ ଖୁବ୍ ସହଜରେ କରାଯାଇପାରୁଛି। କେବଳ ଏତିକି ନୁହେଁ, ଆବଶ୍ୟକ ବେଳେ ବିଭିନ୍ନ ଫାଇନାନ୍ସ କମ୍ପାନୀ ପକ୍ଷରୁ ମଧ୍ୟ ଅନ୍‌ଲାଇନ୍‌ରେ ସହଜରେ ମିଳିଯାଉଛି ଲୋନ୍। ଅନ୍‌ଲାଇନ୍‌ରେ ମିଳୁଥିବା ଏହି ଲୋନ୍ ସୁବିଧାକୁ ସାଧାରଣତଃ ଡିଜିଟାଲ୍ ଲେଣ୍ଡିଙ୍ଗ୍ କୁହାଯାଇଥାଏ। ହେଲେ ଏଥିରେ ବର୍ତ୍ତମାନ ଅନେକ ଠକେଇର ଶିକାର ହେଉଥିବା ଘଟଣା ଦେଖିବାକୁ ମିଳୁଛି।

**କିଏ ଦେଇପାରିବ ଡିଜିଟାଲ୍ ଲୋନ୍:** ବର୍ତ୍ତମାନ ମୋବାଇଲ୍ ଖୋଲିବାମାତ୍ରେ ମେସେଜ୍, ଇ-ମେଲ୍ ହେଉ କିମ୍ବା କଲ୍‌ରେ ସହଜରେ କମ୍ ସୁଧରେ ଡିଜିଟାଲ୍ ଲୋନ୍ ମିଳିବା କଥା ଜାଣିବାକୁ ମିଳୁଛି। ଆଉ ଏହି ଲୋଭରେ ଅନେକେ ବିଭିନ୍ନ ଆପ୍ ଡାଉନ୍‌ଲୋଡ୍ କରି ଲୋନ୍ ଆଣି ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି। ହେଲେ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପକ୍ଷରୁ ସମସ୍ତ ବ୍ୟାଙ୍କ୍, ରାଜ୍ୟ ଏବଂ ଜିଲାର କୋଅପରେଟିଭ୍ ବ୍ୟାଙ୍କ୍, ଏନ୍‌ବିଏଫ୍‌ସି ଏବଂ ହାଉସିଂ ଫାଇନାନ୍ସ କମ୍ପାନିକୁ ଡିଜିଟାଲ୍ ଲୋନ୍ ଦେବାକୁ ଅନୁମତି ମିଳିଛି। ତେଣୁ ଲୋନ୍ ନେବା ପୂର୍ବରୁ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

**ସୁଧ ସମ୍ପର୍କରେ ଜାଣନ୍ତୁ:** ଯଦି ପ୍ରଥମ ଥର ପାଇଁ ଡିଜିଟାଲ୍ ଲୋନ୍ ନେଉଛନ୍ତି, ତେବେ ଋଣଦାତାଙ୍କଠାରୁ ଦିଆଯାଉଥିବା କି ଫ୍ୟାକ୍ଟ ଷ୍ଟେଟ୍‌ମେଣ୍ଟକୁ ଭଲ ଭାବେ ପଢ଼ନ୍ତୁ। ଲୋନ୍ ପାଇଁ ଆବଶ୍ୟକ ଆପ୍ଲିକେଶନ୍ ଫି, ପ୍ରୋସେସିଂ ଫି ସହିତ ବାର୍ଷିକ କେତେ ପ୍ରତିଶତ ସୁଧ ଏବଂ କେତେ ଲେଟ୍ ଫି ଆଦି ସମ୍ପର୍କରେ ବୁଝିନିଅନ୍ତୁ।

**କିପରି ହୁଏ ଠକେଇ...**
କେତେକ ଫେକ୍ କମ୍ପାନି ରହିଛି, ଯାହାକି ପ୍ରଥମେ କଲ୍ କିମ୍ବା ମେସେଜ୍ ଦ୍ୱାରା ବିଭିନ୍ନ ପ୍ରଲୋଭନ ଦେଖାଇ ଲୋକଙ୍କ ମନରେ ବିଶ୍ୱାସ ଜମାଇଥାଆନ୍ତି। ଲିଙ୍କ୍ ପଠାଇ ନିଜ ଆପ୍ ଡାଉନ୍‌ଲୋଡ୍ କରାଇବାକୁ କୁହନ୍ତି। ଯେତେବେଳେ ଉପଭୋକ୍ତା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ ଏଭଳି ଆପ୍ ଡାଉନ୍‌ଲୋଡ୍ କରନ୍ତି, ଇନ୍‌ଷ୍ଟଲ୍ କରିବା ବେଳେ ଫୋନ୍‌ରୁ ଫଟୋ ଗ୍ୟାଲେରି, କଣ୍ଟାକ୍ଟ ଲିଷ୍ଟ ଭଳି ପର୍ସନାଲ୍ ଡିଟେଲ୍ସ ଆକ୍ସେସ୍ ନିମନ୍ତେ ସର୍ତ୍ତ ସ୍ୱୀକାର କରିବାକୁ ହୋଇଥାଏ। ଏହାପରେ ଆପ୍ ଜରିଆରେ ଲୋନ୍ ପାଇଁ ଉପଭୋକ୍ତାଙ୍କଠାରୁ ପୂର୍ବ ତିନି ମାସର ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟ, ଆଧାର କିମ୍ବା ପ୍ୟାନ୍ କାର୍ଡ କପି ଆଦି ଜରୁରୀ ଡକ୍ୟୁମେଣ୍ଟ ନିଆଯାଇଥାଏ। କିଛି ସମୟ ଭିତରେ ବ୍ୟାଙ୍କ ଆକାଉଣ୍ଟକୁ ଲୋନ୍ ଟଙ୍କା ମଧ୍ୟ











ଆସିଯାଇଥାଏ। ହେଲେ ପରେ ଅଧିକ ସୁଧ ଟଙ୍କା ନେବା ସହ କେବେକେବେ ଦିନକୁ ହଜାର ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ହୋଇଥାଏ। ତା'ଛଡା ଅନେକ ଫେକ୍ କମ୍ପାନି ଉପଭୋକ୍ତାଙ୍କ ଆକାଉଣ୍ଟରୁ ସମସ୍ତ ଟଙ୍କା ହଡ଼ପ ବି କରିନିଅନ୍ତି।

### ଜାଣିରଖନ୍ତୁ

ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଡିଜିଟାଲ୍ ଗ୍ରୁପ୍ ପକ୍ଷରୁ ହୋଇଥିବା ଏକ ସର୍ଭେ ରିପୋର୍ଟ ମୁତାବକ ଆମ ଦେଶରେ ବର୍ତ୍ତମାନ ପ୍ରାୟ ୧୧୦୦ରୁ ଊର୍ଦ୍ଧ୍ୱ ଡିଜିଟାଲ୍ ଲେଣ୍ଡିଂ ବା ଋଣ ଦେଉଥିବା ଆପ୍ଲିକେଶନ୍ ଉପଲବ୍ଧ, ଯାହା ମଧ୍ୟରୁ ପ୍ରାୟ ୬୦୦ଟି ଆପ୍ ବେଆଇନ। ଯେଉଁମାନେ ଉପଭୋକ୍ତାଙ୍କୁ କମ୍ ସୁଧରେ ଲୋନ୍ ଯୋଗାଇ ଦେବାର ପ୍ରଲୋଭନ ଦେଖାଇ ସେମାନଙ୍କ ବ୍ୟାଙ୍କ୍ ଡାଟା ହ୍ୟାକ୍ କରି ଟଙ୍କା ଲୁଟି ନେଉଛନ୍ତି। ଏହାଦ୍ୱାରା କେବଳ ଲୁଟ୍‌ର ଶିକାର ହେଉଥିବା ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି ବରଂ ଅନ୍ୟ ଡିଜିଟାଲ୍ କମ୍ପାନିଗୁଡ଼ିକ ଉପରୁ ଜନସାଧାରଣଙ୍କ ଭରସା ତୁଟି ଯାଉଛି। ତେଣୁ ଆର୍‌ବିଆଇ ପକ୍ଷରୁ ଏଭଳି ଅଜଣା ଡିଜିଟାଲ୍ ଆପ୍‌ରୁ ଲୋନ୍ ନେବାକୁ ବାରଣ କରାଯାଇଛି। ହେଲେ ଅନେକେ ଅଳ୍ପ ସୁଧରେ ଅଧିକ ଟଙ୍କା ପାଇବା ଲୋଭରେ ଏହି ଜାଲରେ ଫସିଯାଇ ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି। ସୁରକ୍ଷା ଦୃଷ୍ଟିରୁ ଏଥିପ୍ରତି ବିଶେଷ ସଜାଗ ହେବା ଦରକାର। ଅନ୍‌ଲାଇନ୍‌ରେ ପର୍ସନାଲ୍ ଲୋନ୍‌ର ଆବଶ୍ୟକତା ଥିଲେ ବିଶ୍ୱସ୍ତ ଏବଂ ଜଣାଶୁଣା ବ୍ୟାଙ୍କ୍, କୋଅପରେଟିଭ୍ ବ୍ୟାଙ୍କ୍ କିମ୍ବା ଫାଇନାନ୍ସ କମ୍ପାନୀର ଆପ୍‌ରୁ ହିଁ ନିଅନ୍ତୁ। କୌଣସି ପ୍ରକାର ସନ୍ଦେହ ଥିଲେ ଫାଇନାନ୍ସ ଏକ୍ସପର୍ଟ କିମ୍ବା ବ୍ୟାଙ୍କ୍ ଅଧିକାରୀଙ୍କ ସହ ଭଲ ଭାବେ କଥା ହେବା ପରେ ହିଁ ନିଅନ୍ତୁ।

## ୟୁଥ୍ ଆଲର୍ଟ

# ଶିଘ୍ର ଡ୍ରାଏ ହେଉଥିଲେ ବ୍ୟାଟେରି

**ଫୋନ୍ ବିନା ଆଜିକାଲି ଗୋଟିଏ ଦିନ ରହିବା ମୁସ୍କିଲ୍। ହେଲେ ଯେତେ ଭଲ ଫୋନ୍ ହୋଇଥାଉନା କାହିଁକି ଶିଘ୍ର ଶିଘ୍ର ବ୍ୟାଟେରି ଚାର୍ଜ କମୁଥିବାରୁ ଅନେକେ ବ୍ୟସ୍ତ ହୋଇପଡ଼ନ୍ତି। ଜାଣିବା ଏହା ପଛର ବାସ୍ତବ କାରଣ କ'ଣ ଏବଂ କେଉଁସବୁ ଦିଗ ପ୍ରତି ଧ୍ୟାନ ଦେଲେ ଫୋନ୍‌ର ବ୍ୟାଟେରି ଲାଇଫ୍ ବଢ଼ାଇ ହେବ ...**

- ବ୍ରାଇଟ୍‌ନେସ୍ ଅଧିକ ରଖିବା ଦ୍ୱାରା ମୋବାଇଲ ବ୍ୟାଟେରି ସର୍ବାଧିକ ଖର୍ଚ୍ଚ ହୋଇଥାଏ। କେବଳ ଏତିକି ନୁହେଁ, ଏହାଦ୍ୱାରା ଆଖି ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଫୋନ୍‌ର ବ୍ରାଇଟ୍‌ନେସ୍ ମିଡିୟମ ରଖିବାକୁ ଚେଷ୍ଟା କରନ୍ତୁ।
- ମୋବାଇଲର ବ୍ୟାକ୍‌ଲାଇଟ୍ ଟାଇମ୍ ବା ସ୍କ୍ରିନ ଟାଇମ୍ ଯେତେ ସମ୍ଭବ କମ୍ ରଖନ୍ତୁ। ଏହାଦ୍ୱାରା ମଧ୍ୟ ଅଧିକ ଚାର୍ଜ ସରିଥାଏ।
- ଅନାବଶ୍ୟକ ସମୟରେ ଯେପରି ଶୋଇବା, କୌଣସି ମିଟିଂରେ କିମ୍ବା ଫ୍ଲାଇଟ୍ ଥିବା ବେଳେ ଫୋନ୍ ସୁଇଚ୍ ଅଫ୍ କଲ୍ ବ୍ୟାଟେରିର ଚାର୍ଜ କମ୍ ଖର୍ଚ୍ଚ ହୋଇଥାଏ।
- ଫୋନ୍‌କୁ ଭାଇବ୍ରେଶନ ମୋଡ୍‌ରେ ରଖିଲେ ବ୍ୟାଟେରି ଅଧିକ ଖର୍ଚ୍ଚ ହୋଇଥାଏ। ତେଣୁ ଆବଶ୍ୟକ ନ ଥିଲେ ଫୋନ୍‌କୁ ଭାଇବ୍ରେଶନ ପରିବର୍ତ୍ତେ ସ୍ଲୋ ରିଂ ଟୋନରେ ରଖନ୍ତୁ।
- ଫୋନ୍ ସ୍କ୍ରିନ ଉପରେ ଏକାଧିକ ଆପ୍ଲିକେଶନ ଓପନ୍ ରଖିବା ଦ୍ୱାରା ବ୍ୟାଟେରି ଅଧିକ ଖର୍ଚ୍ଚ ହୋଇଥାଏ।
- ମୋବାଇଲ୍ ଇଣ୍ଟରନେଟ୍, ୱାଇଫାଇ, ଜିପିଏସ୍ ଏବଂ ବ୍ଲୁ ଟୁଥ୍ ଆଦି ବ୍ୟବହାର କରୁ ନ ଥିବା ସମୟରେ ଏହାକୁ ବନ୍ଦ କରି ଦିଅନ୍ତୁ। କାରଣ ଏହାଦ୍ୱାରା ବ୍ୟାଟେରି ଚାର୍ଜ ଶିଘ୍ର ସରିଥାଏ। ସେହିପରି ମ୍ୟାପ୍ କିମ୍ବା ନାଭିଗେଶନ ଏବଂ ଅନ୍ୟାନ୍ୟ ଆପ୍ଲିକେଶନ ବ୍ୟବହାର କରୁ ନ ଥିବା ସମୟରେ ଏହାକୁ ସ୍କ୍ରିନ ଉପରେ ଓପନ କରି ରଖନ୍ତୁ ନାହିଁ।
- ମୋବାଇଲକୁ ସାରା ରାତି ଚାର୍ଜରେ ବସେଇବା ଦ୍ୱାରା ବ୍ୟାଟେରି ଚାର୍ଜ କ୍ଷମତା ହ୍ରାସ ହେବା ସହ ଅନେକ ସମୟରେ ଫାଟି ମଧ୍ୟ ଯାଏ। ଏଥିପ୍ରତି ସତର୍କ ରୁହନ୍ତୁ।






ଜାତୀୟ ପତାକା ସହ ଭାରତୀୟ ଆଥ୍‌ଲେଟିକ ଦଳର ନେତୃତ୍ୱ ନେଉଛନ୍ତି ହରମନ୍‌ପ୍ରୀତ୍ ସିଂ ଓ ଲଭ୍‌ଲିନା ବୋର୍ଗୋହେନ୍।


ଉଦ୍‌ଘାଟନୀ ସମାରୋହରେ ଭାରତୀୟ ମହିଳା ଆଥ୍‌ଲେଟିକ୍ସ ଦଳ।

# ଏସିଆନ୍ ଗେମ୍ସ ଉଦ୍‌ଘାଟନୀ ସମାରୋହ

**ହାଙ୍ଗଝୋ,୨୩।୯(ପି.ଟି.)**

ଚାଇନାର ହାଙ୍ଗଝୋରେ ଏସିଆନ୍ ଗେମ୍ସ ୧୯ତମ ସଂସ୍କରଣର ଆନୁଷ୍ଠାନିକ ଉଦ୍‌ଘାଟନ ଶନିବାର ସନ୍ଧ୍ୟାରେ ହୋଇଛି। ଏଥିରେ ଭାରତୀୟ କ୍ରୀଡା ଦଳର ନେତୃତ୍ୱ ନେଇଥିଲେ ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ୍ ସିଂ ଓ ଅଲିମ୍ପିକ୍ସ ପଦକ ବିଜୟିନୀ ବକ୍ସର ଲଭଲିନା ବୋର୍ଗୋହେନ୍। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ବୈଷୟିକ କୌଶଳର ବ୍ୟବହାର କରାଯାଥିଲା। ଭାରତୀୟ ଖେଳାଳିଙ୍କୁ ଭିଜା ପ୍ରଦାନକୁ ନେଇ ବିବାଦ ମଧ୍ୟରେ ଚମତ୍କାର ଲେଜର ଲାଇଟ୍ ଶୋ ମାଧ୍ୟମରେ ଆରମ୍ଭ ହୋଇଥିଲା ଶନିବାରର ସନ୍ଧ୍ୟା। 'ଟାଇଡ୍ସ ସର୍ଜିଙ୍ଗ ଇନ୍ ଏସିଆ' ଏହି କାର୍ଯ୍ୟକ୍ରମର ଥିମ୍ ରହିଥିଲା। ଏସୀୟ ଦେଶର ଜନସାଧାରଣଙ୍କ ମଧ୍ୟରେ ଭଲପାଇବା, ବନ୍ଧୁତା ଓ ଏକତ୍ୱକୁ ଦର୍ଶାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିବା ବେଳେ ଅରୁଣାଚଳ ପ୍ରଦେଶର ୩ ଭାରତୀୟ ଆଥ୍‌ଲେଟଙ୍କୁ ଭିଜା ପ୍ରଦାନ ନ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଦ୍‌ଘାଟନୀ ଉତ୍ସବରେ ଚାଇନାର ୧୦୦୦ ବର୍ଷର ସଭ୍ୟତା, କଳା ଓ ସଂସ୍କୃତିକୁ ଦର୍ଶାଇବାକୁ ପ୍ରୟାସ କରାଯାଇଥିଲା। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାରରେ ବିଭିନ୍ନ ଦେଶର ଆଥ୍‌ଲେଟମାନଙ୍କ ଫ୍ଲାଗ୍‌ମାର୍ଚ୍ଚକୁ ପ୍ରଦର୍ଶିତ କରାଯାଇଥିଲା। ୪୫ ରାଷ୍ଟ୍ରର ୧୨ ହଜାର ଆଥ୍‌ଲେଟ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ପତାକା ଦେଖାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆର ସଭାପତି ରଣଧୀର ସିଂ, ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲ୍ ମୁଖ୍ୟ ଥୋମାସ୍ ବାକ୍, ବିଭିନ୍ନ ରାଷ୍ଟ୍ରର ମୁଖ୍ୟ, ସମସ୍ତ ଜାତୀୟ ଅଲିମ୍ପିକ୍ସ କମିଟି ସଦସ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭାରତୀୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଓ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍ ମୁଖ୍ୟ ପି.ଟି. ଉଷା ଏହି କାର୍ଯ୍ୟକ୍ରମକୁ ବୟକଟ୍ କରିଥିଲେ। ଅରୁଣାଚଳ ପ୍ରଦେଶର ୩ ଉଷୁ ଖେଳାଳିଙ୍କୁ ଭିଜା ନ ମିଳିବା କାରଣରୁ ଉଭୟ ଏହି ନିଷ୍ପତ୍ତି ନେଇଥିଲେ।

ପ୍ରାରମ୍ଭିକ ଭାବରେ ଏହି ଟୁର୍ନାମେଣ୍ଟ ୨୦୨୨ରେ ଆୟୋଜିତ ହେବାର ଥିଲା। ମାତ୍ର କୋଭିଡ୍ କାରଣରୁ ଏହି ଟୁର୍ନାମେଣ୍ଟ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲା ଚାଇନା। ଭାରତ ଏହି ଟୁର୍ନାମେଣ୍ଟ ପାଇଁ ୬୫୫ ଜଣିଆ ଆଥ୍‌ଲେଟିକ୍ସ ଟିମ୍ ପଠାଇଥିଲା। ୧୦୦ରୁ ଅଧିକ ଭାରତୀୟ ଖେଳାଳି ଉଦ୍‌ଘାଟନୀ ସମାରୋହରେ ଭାଗ ନେଇଥିଲେ। ପୁରୁଷ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ୍ ସିଂ ଓ ଅଲିମ୍ପିକ୍ସ ପଦକ ବିଜୟିନୀ ବକ୍ସର ଲଭଲିନା ବୋର୍ଗୋହେନ ମିଳିତ ଭାବରେ ଭାରତୀୟ ଜାତୀୟ ପତାକା ବହନ କରିଥିଲେ। ପ୍ରଥମ ଥର ପାଇଁ ଭାରତ ଜଣେ ଲେଖାଏ ପୁରୁଷ ଓ ମହିଳା ଖେଳାଳିଙ୍କୁ ଧ୍ୱଜାବାହକ ଭାବରେ ଚୟନ କରିଥିଲା। ପୁରୁଷ ଆଥ୍‌ଲେଟମାନେ ବନ୍ଧଗଳା ଜ୍ୟାକେଟ୍ ସହିତ ଖାକି କୁର୍ତ୍ତା ପିନ୍ଧିଥିବା ବେଳେ ମହିଳା ଆଥ୍‌ଲେଟମାନେ ହାଇ ନେକ୍ ବ୍ଲାଉଜ୍ ଓ ଖାକି ରଙ୍ଗର ଶାଢି ପିନ୍ଧିଥିଲେ। ରବିବାର ଟେନିସ୍ ଦଳର ମ୍ୟାଚ୍ ରହିଥିବାରୁ କେବଳ ରାମକୁମାର ରାମନାଥନ୍ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।




କୁନି ପିଲାଙ୍କ ସହ ଏସିଆନ୍ ଗେମ୍ସର ମାସ୍କଟ୍ 'ମେମୋରିଜ୍ ଅଫ୍ ଜିଆଙ୍ଗନାନ୍'।

## ପ୍ରି-କ୍ୱାର୍ଟରରେ ଟେବୁଲ ଟେନିସ ଦଳ

**ହାଙ୍ଗଝୋ,୨୩।୯(ପି.ଟି.)**

ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ୍ ଗେମ୍ସର ୧୯ ତମ ସଂସ୍କରଣରେ ଭାରତୀୟ ଟେବୁଲ ଟେନିସ ଦଳ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଉଭୟ ପୁରୁଷ ଓ ମହିଳା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଦଳ ନେପାଳକୁ ୩-୦ରେ ହରାଇଥିବା ବେଳେ ମହିଳା ଦଳ ତାଜିକସ୍ତାନକୁ ସମାନ ବ୍ୟବଧାନରେ ପରାସ୍ତ କରିଥିଲା। ଭାରତୀୟ ମହିଳା ଦୁଇ ମ୍ୟାଚ୍‌ରେ ଦୁଇଟି ବିଜୟ ସହିତ ଗ୍ରୁପ୍ ଶୀର୍ଷରେ ରହିଥିଲା। ରାଉଣ୍ଡ ଅଫ୍ ୧୬ ମ୍ୟାଚରେ ଦଳ ଥାଇଲାଣ୍ଡକୁ ଭେଟିବ। ସମାନ ଭାବରେ ଗ୍ରୁପ୍ ଏଫ୍‌ରେ ସ୍ଥାନ ପାଇଥିବା ପୁରୁଷ ଦଳ ମଧ୍ୟ ଏହାର ଉଭୟ ମ୍ୟାଚ୍ ଜିତି ଗ୍ରୁପ୍ ଶୀର୍ଷରେ ରହିଥିଲା। ପୂର୍ବରୁ ଭାରତ ମହିଳା ଦଳ ଶୁକ୍ରବାର ସିଙ୍ଗାପୁରକୁ ହରାଇଥିଲା। ନେପାଳ ବିପକ୍ଷ ମ୍ୟାଚ୍ ପାଇଁ ଭାରତ ମନିକା ବାତ୍ରା ଓ ଶ୍ରୀଜା ଆକୁଳାଙ୍କ ପରି ଖେଳାଳିଙ୍କୁ ବିଶ୍ରାମ ଦେଇଥିଲା। ଦିୟା ଚେତାଲେ ୧୧-୧, ୧୧-୬ ଓ ୧୧-୮ରେ ସିକ୍କା ଶ୍ରେଷ୍ଠଙ୍କୁ ହରାଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଆହିକା ମୁଖାର୍ଜୀ ୧୧-୩, ୧୧-୭ ଓ ୧୧-୨ରେ ନବିତା ଶ୍ରେଷ୍ଠଙ୍କୁ ହରାଇଥିଲେ। ତୃତୀୟ ମ୍ୟାଚରେ ସୁତୀର୍ଥା ମୁଖାର୍ଜୀ ୧୧-୧, ୧୧-୫ ଓ ୧୧-୨ରେ ଏଭାନା ଥାପାଙ୍କୁ ପରାସ୍ତ କରି ଭାରତକୁ ପ୍ରି କ୍ୱାର୍ଟରରେ ପହଞ୍ଚାଇଥିଲେ।


ତାଜିକସ୍ତାନ ବିପକ୍ଷ ଟେବୁଲ ଟେନିସ୍ ମ୍ୟାଚ ଅବସରରେ ଭାରତର ହରମିତ୍ ଦେଶାଇ।





## ଲୋକକଳାକୁ ପ୍ରାଧାନ୍ୟ

**ହାଙ୍ଗଝୋ,୨୩।୯**

ବିଶ୍ୱର ଯେ କୌଣସି କ୍ରୀଡା ଇଭେଣ୍ଟରେ ନାମୀଦାମୀ ରାପର ଓ କଳାକାର ମାନଙ୍କୁ ଦେଖିବାକୁ ମିଳିଥାଏ। ମାତ୍ର ଚାଇନାରେ ଅନୁଷ୍ଠିତ ୧୯ ତମ ଏସିଆନ୍ ଗେମ୍ସରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ପ୍ରଥମ ଥର ପାଇଁ କୌଣସି ଅନ୍ତର୍ଜାତୀୟ କଳାକାରଙ୍କୁ ସ୍ଥାନ ମିଳି ନ ଥିବା ବେଳେ ଚୀନ୍‌ର ସ୍ଥାନୀୟ କଳାକାରଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା। ବିଭିନ୍ନ ଲୋକ ନୃତ୍ୟ ସହିତ ହାଙ୍ଗଝୋର ଇତିହାସକୁ ଦେଖାଇବାକୁ ପ୍ରୟାସ କରାଯାଇଥିଲା। ଏହା ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଚୀନ୍‌ର ବୈଷୟିକ ପ୍ରଗତିକୁ ପ୍ରଦର୍ଶିତ କରାଯାଇଥିଲା। ଚୀନ୍‌ରେ ପ୍ରବାହିତ ହେଉଥିବା ନଦୀ ଗୁଡିକର ଭିଜୁଆଲ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


କଲ୍ୟାଣ
ଜ୍ୱେ ଲ ର୍ସ
ଖୋଲୁଅଛି
ମାଷ୍ଟର କ୍ୟାଣ୍ଟିନ
ଭୁବନେଶ୍ୱରରେ
ଆଜି!
କଲ୍ୟାଣ
KALYAN
JEWELLERS
0%
MAKING CHARGE
ON ALL ITEMS#
FOR EVERY PURCHASE OF ₹50000, AVAIL 0% MAKING CHARGE ON HALF THE PURCHASE VALUE##.
OFFER VAILD TILL 25TH SEPTEMBER
MINIMUM PURCHASE VALUE OF ₹1 LAKH, APPLICABLE.
ଉଦଘାଟନ କରିବେ
ସୁଶ୍ରୀ ଜାହ୍ନବୀ କପୁର
ସନ୍ଧ୍ୟା 5 ଟା
KALYAN SPECIAL 1g GOLD RATE ₹5495**
SAVE ₹100 per g*
MARKET 1g GOLD RATE ₹5595**
LARGEST COLLECTION IN GOLD & DIAMOND JEWELLERY
SPACIOUS SHOWROOM
AMPLE CAR PARKING FACILITY
MASTER CANTEEN - PLOT NO. 110, KHARVELA NAGAR, UNIT 3, BHUBANESWAR. PH: 91141 96197
208 BRANCHES SPREAD ACROSS INDIA AND MIDDLE EAST | FOR MORE DETAILS CONTACT US ON TOLL FREE NUMBER: 1800 425 7333
WWW.KALYANJEWELLERS.NET | FOLLOW US ON | BUY ONLINE @ WWW.CANDERE.COM | FOR FRANCHISE ENQUIRIES WRITE TO FRANCHISEE.ENQUIRY@KALYANJEWELLERS.NET
#T&C apply. ##Applicable on metal value.
*Savings per gram may vary. **22ct gold rate for 1g on 23/09/2023 at 2:00 p.m. at Rourkela.